# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୮/୨୦୨୨ (୧୬ ପୃଷ୍ଠା) Bhubaneswar, Wednesday, May 18/2022 Page 16 ₹ 7.00 ★★★★★★

୪୮ଶ ଭାଗ ୧୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



DADLS - 20

ଓଡ଼ିଶା ସରକାର

## ଆଦି ଶକ୍ତିକ୍ଷେତ୍ର ମା' ତାରାତାରିଣୀ ପୀଠର ରୂପାନ୍ତରଣ

### ଓଡ଼ିଶାର ସ୍ଥାପତ୍ୟ, କଳା ଓ ଭାସ୍କର୍ଯ୍ୟର ଏକ ଅନୁପମ ନିଦର୍ଶନ

ନବ ନିର୍ମିତ ମନ୍ଦିର | ଯଜ୍ଞ ମଣ୍ଡପ | ସ୍ନାନ ମଣ୍ଡପ

ଦୀପ ଘର | ଭିୟୁ ପଏଣ୍ଟ | ପ୍ରଶାସନିକ ଭବନ











ଆମ ସମସ୍ତଙ୍କର ପରମ ଆରାଧ୍ୟା, ଅଧିଷ୍ଠାତ୍ରୀ ଦେବୀ
ମା' ତାରାତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ
ମେ ୧୮ ତାରିଖ ଦିବା ୧୦ ଘଟିକାରେ ଯୋଗଦେବେ

**ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ**





ଆସନ୍ତୁ, ଏହି ଶୁଭ ମୁହୂର୍ତ୍ତରେ ଭକ୍ତିପୂତ ହୃଦୟରେ ମା'ଙ୍କ ପବିତ୍ର ଧାମରେ ଏକାଠି ହେବା,
ମା' ଜଗତଜନନୀଙ୍କର ଅପାର କରୁଣା ଲାଭ କରିବା ।

OIPR-15001/13/0056/2223

ସୂଚନା ଓ ଲୋକସମ୍ପର୍କ ବିଭାଗ

## ସଂକ୍ଷେପରେ

### ସ୍କୁଲ ସମୟ ୧୦ଟା ପର୍ଯ୍ୟନ୍ତ ବଢ଼ାଇବାକୁ ପରାମର୍ଶ
**ଗଣଶିକ୍ଷା ବିଭାଗକୁ ଓଏସ୍‌ସିପିସିଆର୍‌ଙ୍କ ଚିଠି**

ଭୁବନେଶ୍ୱର, ୧୭।୫(ବ୍ୟୁରୋ): ରାଜ୍ୟ ପାଣିପାଗରେ ପରିବର୍ତ୍ତନ ହୋଇଛି। ତେଣୁ ସ୍କୁଲଗୁଡ଼ିକରେ ପାଠପଢ଼ା ସମୟ ବୃଦ୍ଧି କରିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି। ସ୍କୁଲଗୁଡ଼ିକ ଗତ ୨ ତାରିଖରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଚାଲୁଥିବାବେଳେ ଏହି ସମୟସୀମାକୁ ୧୦ଟା ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସରକାରଙ୍କୁ ଚିଠି ଲେଖି ପରାମର୍ଶ ଦେଇଛନ୍ତି। ଏହି ଅବଧି ବଢ଼ିଲେ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ର ଚାପମୁକ୍ତ ହେବେ ବୋଲି ସେ ମତ ରଖିଛନ୍ତି। ସେ ଚିଠିରେ ଦର୍ଶାଇଛନ୍ତି ଯେ, ଓଡ଼ିଶାକୁ ପ୍ରଭାବିତ ନ କରି ଘୂର୍ଣ୍ଣିବଳୟ 'ଅସାନି' ଯାଇସାରିଛି ଏବଂ ସାରା ରାଜ୍ୟରେ ତାପମାତ୍ରା ମଧ ଅପେକ୍ଷାକୃତ ହ୍ରାସ ପାଇଛି। ତେଣୁ ପିଲାଙ୍କ ଭଲ ପାଇଁ ସ୍କୁଲରେ ପାଠପଢ଼ା ସମୟ ବୃଦ୍ଧି କରିବାକୁ ଚିନ୍ତା କରାଯିବା ଉଚିତ। ସେ ଅନୁଭବ କରିଛନ୍ତି ଯେ, ଜୁନ୍ ୪ ପର୍ଯ୍ୟନ୍ତ ଶିକ୍ଷକମାନେ ୨୭ ଦିନ କାର୍ଯ୍ୟଦିବସ ମଧରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିପାରିବେ ନାହିଁ। ସମୟ ସୀମିତ ଥିବାରୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପ୍ରଭାବିତ ହେବ। ଏହାକୁ ବିଚାରକୁ ନେଇ ପାଠପଢ଼ା ସମୟ ଅତି କମ୍‌ରେ ଏକ ଘଣ୍ଟା ବୃଦ୍ଧି କରିବାକୁ ସରକାରଙ୍କୁ ଆୟୋଗ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ଯୋଗୁ ଶିକ୍ଷାଦାନରେ ବ୍ୟାଘାତ ହୋଇଥିବାରୁ ରାଜ୍ୟ ସରକାର ଚଳିତବର୍ଷ ଗ୍ରୀଷ୍ମଛୁଟି ଅବଧି କମାଇ ଦେଇଛନ୍ତି। ପୂର୍ବରୁ ପ୍ରାୟ ଦେଢ଼ମାସ ଛୁଟି ହେଉଥିବାବେଳେ ଏଥର ମାତ୍ର ୧୧ଦିନିଆ ଛୁଟି ଦିଆଯାଇଛି। ଜୁନ୍ ୬ରୁ ୧୬ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟି ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ୫ ତାରିଖ ରବିବାର ପଡୁଥିବାରୁ ସ୍କୁଲଗୁଡ଼ିକ ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

### ସିଙ୍ଗାରୀଘାଟିରେ ଓଲଟିଲା ପିକ୍‌ଅପ୍ ଭ୍ୟାନ: ୨ ମୃତ, ୯ ଗୁରୁତର

ଭବାନୀପାଟଣା,୧୭।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା କଳମପୁର-ଥୁଆମୂଳ ରାମପୁର ବ୍ଲକକୁ ସଂଯୋଗ କରୁଥିବା ସିଙ୍ଗାରୀଘାଟିରେ ମଙ୍ଗଳବାର ପିଡିଏସ୍ ଚାଉଳ ଧରି ଆସୁଥିବା ପିକଅପ୍ ଭ୍ୟାନ ଓଲଟି ପଡିଛି। ଏଥିରେ ଗାଡିରେ ଥିବା ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଥୁଆମୂଳ ରାମପୁର ବ୍ଲକ ବାର୍ଷିକୋନା ଗ୍ରାମର ଲାଲୁ ମାଝି(୨୫) ଓ ମୁଡିଚୁଆଁ ଗ୍ରାମର ଡଙ୍ଗର ମାଝି(୩୫)। ଭ୍ୟାନରେ ବସିଥିବା ଅନ୍ୟ ୯ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ନିକଟସ୍ଥ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଟ୍ରକ୍ ଧକ୍କାରେ ୨ ଭାଇ ମୃତ, ମା' ଗୁରୁତର

ଫୁଲବାଣୀ ଅଫିସ, ୧୭।୫: କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିଣ୍ଡିରାଗାଁ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ୨ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଆହତ ହୋଇଛନ୍ତି। ମୃତ ଦୁଇ ଭାଇ ହେଲେ ଫିରିଙ୍ଗିଆ ବ୍ଲକ ଯାଯେସପାଙ୍ଗା ପଞ୍ଚାୟତ ଦାମିଙ୍ଗିଆ ଗ୍ରାମର ଚନ୍ଦନ ଦିଗାଲ (୧୫) ଓ ଆୟୁଷ ଦିଗାଲ (୪)। ମା' ଜ୍ୟୋତ୍ସ୍ନା ଦିଗାଲଙ୍କୁ ପ୍ରଥମେ ଫିରିଙ୍ଗିଆ ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦାମିଙ୍ଗିଆ ଗ୍ରାମର ପ୍ରଶାନ୍ତ ଦିଗାଲଙ୍କ ବଡ଼ପୁଅ ଚନ୍ଦନ ଏକ ବାଇକ୍‌ରେ ସାନଭାଇ ଆୟୁଷ ଓ ମା'ଙ୍କୁ ଧରି ଫୁଲବାଣୀ ମେଡିକାଲକୁ ଯାଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ଜେଜେମା'ଙ୍କୁ ଦେଖି ଘରକୁ ଫେରୁଥିଲେ। ଡିଣ୍ଡିରାଗାଁ ନିକଟ ଆଦର୍ଶ ବିଦ୍ୟାଳୟ ପାଖରେ ବାଇକ୍‌ଟି ସମ୍ମୁଖରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଚନ୍ଦନ ଓ ତାଙ୍କ ସାନଭାଇ ଆୟୁଷଙ୍କ ଜୀବନ ଚାଲି ଯାଇଥିଲା। ମା' ଜ୍ୟୋତ୍ସ୍ନା ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଟ୍ରକଟି ପଳାଇଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ପ୍ରାୟ ୩ ଘଣ୍ଟା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟିଥିବାରୁ ତୁରନ୍ତ ହମ୍ପ୍‌ସ ନିର୍ମାଣ କରିବାକୁ ଲୋକେ ଦାବି କରିଥିଲେ। ଫିରିଙ୍ଗିଆ ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ନଂ.୭୬/୨୨ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ଗଣଶିକ୍ଷା ବିଭାଗର ସ୍ପଷ୍ଟୀକରଣ

## ତୃତୀୟ ଶ୍ରେଣୀ ପୁସ୍ତକରେ ତ୍ରୁଟି ପ୍ରସଙ୍ଗ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ତୃତୀୟ ଶ୍ରେଣୀର ଭାଷା ପଠନ ପୁସ୍ତିକାରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଖବର ସୋମବାର 'ଧରିତ୍ରୀ'ର ତୃତୀୟ ପୃଷ୍ଠାରେ ପ୍ରକାଶ ପାଇଥିଲା। ପୁସ୍ତକରେ ଇଂଲିଶ ଭାଷାକୁ ବ୍ୟବହାର କରାଯିବା ସହ ଚିତ୍ରରେ କମ୍ପାନୀ ବ୍ରାଣ୍ଡକୁ ପ୍ରଚାର କରାଯାଇଥିବା ଖବରରେ ଉଲ୍ଲେଖ ଥିଲା। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ପଷ୍ଟୀକରଣ ମାଧ୍ୟମରେ କୁହାଯାଇଛି, ପିଲାମାନେ ବିଦ୍ୟାଳୟ ଯିବା ପୂର୍ବରୁ ନିଜର ଆଖପାଖରେ ଦେଖୁଥିବା ପରିଚିତ ବସ୍ତୁଗୁଡ଼ିକୁ ଯେପରିକି ବିସ୍କୁଟ, ଚକୋଲେଟ୍, କ୍ଷୀର ପ୍ୟାକେଟ୍, ଥଣ୍ଡା ପାନୀୟ ଇତ୍ୟାଦିକୁ ସେଗୁଡ଼ିକର ପ୍ୟାକେଟ୍‌ରେ ଲେଖାଥିବା ଶବ୍ଦକୁ ଲକ୍ଷ୍ୟ କରି ଚିହ୍ନି କହିପାରିବାର ଦକ୍ଷତା ହାସଲ କରିଥାନ୍ତି। ସେମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଖାଦ୍ୟ ପ୍ୟାକେଟ୍‌ଗୁଡ଼ିକୁ ଦୋକାନରେ ଦେଖି ଚିହ୍ନଟ କରି କହିପାରନ୍ତି। ଅକ୍ଷର ଚିହ୍ନଟ ପ୍ରକ୍ରିୟା ଓ ପଠନ ଅଭ୍ୟାସ ପୂର୍ବରୁ ପିଲାମାନେ ନିଜର ପରିଚିତ ବସ୍ତୁର ପ୍ୟାକେଟ ଖୋଳକୁ ଜାଣିପାରି ପଢ଼ିଦେଇପାରନ୍ତି। ଏହାକୁ ଲୋଗୋଗ୍ରାଫିକ ରିଡିଙ୍ଗ (Logo-graphic Reading) କୁହାଯାଏ। ତୃତୀୟ ଶ୍ରେଣୀର ପଠନ ପୁସ୍ତିକାରେ ଏହିପରି କେତେକ ପରିଚିତ ବସ୍ତୁର ପ୍ୟାକେଟକୁ ଉଦାହରଣ ଭାବେ ନିଆଯାଇ ପିଲାମାନଙ୍କର ଲୋଗୋଗ୍ରାଫିକ ରିଡିଙ୍ଗର ପରୀକ୍ଷା କରାଯାଇଛି। ପିଲାମାନଙ୍କ ଦ୍ୱାରା ପ୍ରାୟତଃ ବ୍ୟବହୃତ ବସ୍ତୁଗୁଡ଼ିକର ଖୋଳରେ ଛପାଯାଇଥିବା ପରିଚିତ ଶବ୍ଦଗୁଡ଼ିକୁ ସେମାନେ ଚିହ୍ନିପାରି ପଢ଼ିଦିଅନ୍ତି। ଯେମିତିକି ପିଲାମାନେ ବିଭିନ୍ନ ମୁଦ୍ରା ଓ ନୋଟ୍‌ଗୁଡ଼ିକୁ ମଧ୍ୟ ଚିହ୍ନଟ କରି କହିପାରନ୍ତି। ମାନସିକ ତଥା ଭାବଗତ ଭାବେ ଜଡ଼ିତ ଥିବା ପ୍ରିୟ ବ୍ୟକ୍ତି ବିଶେଷଙ୍କ ନାମକୁ ମଧ ପିଲାମାନେ ଦେଖି ଦେଖି ପଢ଼ିପାରନ୍ତି। ଦୂରଦର୍ଶନ/ଟିଭିରେ ବିଭିନ୍ନ ବିଜ୍ଞାପନକୁ ବାରମ୍ବାର ଦେଖିଲା ପରେ ନିର୍ଦ୍ଦିଷ୍ଟ କମ୍ପାନୀ/ବ୍ରାଣ୍ଡ୍‌ର ଜିନିଷଗୁଡ଼ିକର ନାମ ପଢ଼ିଦେଇ ପାରନ୍ତି। ତେଣୁ ବିଦ୍ୟାଳୟକୁ ଆସିବା ପୂର୍ବରୁ ତଥା ରୀତିମତ ଶ୍ରେଣୀଗୃହର ପଠନ-ଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହେଲା ବେଳକୁ ପିଲାମାନେ ଦେଖି ଚିହ୍ନି ପଢ଼ିବାକୁ ସକ୍ଷମ ହୋଇସାରିଥାନ୍ତି। ଶିକ୍ଷଣତତ୍ତ୍ୱ ଓ ପରୀକ୍ଷଣର ଏହି ବିଚାରଧାରାକୁ ଆଧାର କରି ପଠନ ପୁସ୍ତିକାର ପ୍ରଥମ ପୃଷ୍ଠାରେ ଛବି ପଠନର ଅବତାରଣା କରାଯାଇଛି। ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ(Foundational Literacy and Numeracy Programme) ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟପୁସ୍ତିକା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପଠନ ସାମଗ୍ରୀ ପ୍ରସ୍ତୁତି ସହ ଭାଷାଜ୍ଞାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ଅନୁବନ୍ଧିତ ପ୍ରତିଷ୍ଠିତ ସଂସ୍ଥା ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ନିଂ ଫାଉଣ୍ଡେଶନ(Language and Learning Foundation)ର ବୈଷୟିକ ସହାୟତା ତଥା ପ୍ରାଥମିକ ଶିକ୍ଷାସ୍ତର ପାଇଁ ଉଦ୍ଦିଷ୍ଟ 'ରାଜ୍ୟ ଶିକ୍ଷା ପ୍ରାଧିକରଣ'(State Academic Authority)ଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ସମ୍ପାଦନ ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଆମ ପ୍ରତିନିଧି କୁହନ୍ତି

ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଉପରୋକ୍ତ ସ୍ପଷ୍ଟୀକରଣରେ 'ଧରିତ୍ରୀ'ରେ ପ୍ରକାଶ କରାଯାଇଥିବା ଖବରର ତଥ୍ୟକୁ କୌଣସି ଭାବେ ଖଣ୍ଡନ କରାଯାଇ ନାହିଁ। ଅର୍ଥାତ୍ ଖବର ସତ୍ୟ ଉପରେ ଆଧାରିତ ଥିଲା। ଏହାବ୍ୟତୀତ ଜନସାଧାରଣଙ୍କୁ ଲୋଗୋଗ୍ରାଫିକ ଭଳି ଶବ୍ଦ ବ୍ୟବହାର କରି ବୁଝାଇବାର ଚେଷ୍ଟା କରାଯାଇଛି। ତେବେ କେତୋଟି ଘରୋଇ କମ୍ପାନୀ ସାମଗ୍ରୀକୁ ସରକାରୀ ପୁସ୍ତକ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମୁଣ୍ଡରେ ପୂରାଇବାର ମନ୍ଦ ଉଦ୍ୟମ ସ୍ପଷ୍ଟ ଜଣାପଡୁଛି।

# ଛୁଟି ନ ମିଳିବାରୁ ଅଗ୍ନିଶମ କର୍ମଚାରୀଙ୍କ ଆତ୍ମହତ୍ୟା

## ପ୍ରଧାନମନ୍ତ୍ରୀ ୨ ପିଲାଙ୍କ ଦାୟିତ୍ୱ ନେବାକୁ ସୁଇସାଇଡ୍ ନୋଟରେ ଗୁହାରି

ଆସିକା/ଭଞ୍ଜନଗର, ୧୭।୫ (ଡି.ଏନ୍.ଏ)

ଗଞ୍ଜାମ ଜିଲା ଆସିକା ଅଗ୍ନିଶମ କେନ୍ଦ୍ରର ଜଣେ ଡ୍ରାଇଭର (ହାବିଲଦାର) ସୋମବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦୟାନିଧି ମହାନ୍ତ। ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢ଼ାକେନ୍ଦୁ ଜଙ୍ଗଲରେ ବେକରେ ରଶି ଲଗାଇ ସେ ଝୁଲି ପଡ଼ିଥିଲେ। ମଙ୍ଗଳବାର ସକାଳେ ବୁଢ଼ାକେନ୍ଦୁ ମନ୍ଦିର ଅଞ୍ଚଳର ଲୋକେ ଏହା ଜାଣିବା ପରେ ଗାଙ୍ଗପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସେଠାରୁ ଏକ ସୁଇସାଇଡ ନୋଟ ମଧ ଜବତ କରାଯାଇଥିଲା। ଛୁଟି ନ ମିଳିବାରୁ ଏଭଳି ଚରମ ନିଷ୍ପତ୍ତି ନେଲେ ବୋଲି ଦୟାନିଧି ସେଥିରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତାଙ୍କ ଝିଅପୁଅଙ୍କ ଦାୟିତ୍ୱ ନେବାକୁ ଗୁହାରି କରିବା ସହ ଆହୁରି ଅନେକ କଥା ସୁଇସାଇଡ୍ ନୋଟରେ ଲେଖାଯାଇଛି। ଭଞ୍ଜନଗର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅଗ୍ନିଶମ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏଠାରୁ ମୃତଦେହକୁ ଦୟାନିଧିଙ୍କ ନିଜ ଗ୍ରାମ କେନ୍ଦୁଝର ଜିଲା ତୁରୁମଗାଁ ଥାନା ଅନ୍ତର୍ଗତ ବୁଢ଼ିକାପୁଡ଼ିକୁ ପଠାଯିବ ବୋଲି ଜଣାପଡିଛି।



ଦୟାନିଧି ମହାନ୍ତ

ଦୟାନିଧି କନ୍ଧମାଳ ଜିଲା ରାଇକିଆରେ କାର୍ଯ୍ୟରତ ଥିବାବେଳେ ଗତ କିଛିମାସ ତଳେ ଆସିକାକୁ ଡେପୁଟେଶନରେ ଆସିଥିଲେ। ସୋମବାର ରାତି ପ୍ରାୟ ୯ଟାରୁ ଦୟାନିଧି ଅଗ୍ନିଶମ ଗାଡି ଧରି କେଉଁଆଡ଼େ ଚାଲିଯାଇଥିଲେ। ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବାରୁ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ତାଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ମଙ୍ଗଳବାର ସକାଳେ ବୁଢ଼ାକେନ୍ଦୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିଲା।

ପୋଲିସ ସେଠାରୁ ଜବତ କରିଥିବା ସୁଇସାଇଡ୍ ନୋଟରେ ଲାଞ୍ଚ ନ ଦେବାରୁ ବଦଳି ଆଦେଶ କାର୍ଯ୍ୟକାରୀ ନ ହେବା ଓ ଦୂର ସ୍ଥାନକୁ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା, ଛୁଟି ନ ମିଳିବା ଯୋଗୁ ମା'ବାପାଙ୍କୁ ହରାଇଲି ଓ ସ୍ତ୍ରୀ ଛାଡ଼ି ପଳାଇଲେ। ଛୁଟି ମାଗିଲେ ମିଳୁନି। ମୋର ୧୫ଟି ଛୁଟି ଲାପ୍ସ ହୋଇଗଲା। ଆଉ ବଞ୍ଚି କିଛି ଲାଭ ନାହିଁ। ମୋ ଆତ୍ମହତ୍ୟାରେ ଡିଜିଙ୍କ କୌଣସି ଭୁଲ ନାହିଁ। ସେ ମୋ ଗ୍ରାମକୁ ବଦଳି ପାଇଁ ଲେଖି ଦେଇଥିଲେ। କିନ୍ତୁ ଲାଞ୍ଚ ନ ଦେବାରୁ ଆଦେଶ କାର୍ଯ୍ୟକାରୀ ହେଲାନି। ସମସ୍ତଙ୍କୁ ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଶେଷ ନିଷ୍ପତ୍ତି ନେବାକୁ ବାଧ ହେଲି ବୋଲି ଦୟାନିଧି ସୁଇସାଇଡ ନୋଟରେ ଲେଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ମଙ୍ଗଳବାର ଆସିକା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଆସିକା ଥାନାରେ ଡ୍ରାଇଭର ଦୟାନିଧିଙ୍କ ନିଖୋଜ ସମ୍ପର୍କରେ ଏକ ଅଭିଯୋଗ ଦାଖଲ ଲାଗି ଉଦ୍ୟମ କରାଯାଇଥିଲା। ମୃତଦେହ ଠାବ ପରେ ନିଖୋଜ ମାମଲା କିଭଳି ରୁଜୁ ହେବ ବୋଲି କହି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ତାହା ଗ୍ରହଣ କରି ନ ଥିବା ସୂଚନା ଦେଇଛନ୍ତି। ବୁଢାକେନ୍ଦୁ ଜଙ୍ଗଲ ନିକଟରୁ ପୋଲିସ ଜବତ କରିଥିବା ଦମକଳ ଗାଡିକୁ ଅଗ୍ନିଶମକୁ ହସ୍ତାନ୍ତର କରିଛି। ସୁଇସାଇଡ ନୋଟ ସମ୍ପର୍କରେ ପଚାରିବାରେ ତଦନ୍ତ ପରେ ଏହା ସ୍ପଷ୍ଟ ହେବ ବୋଲି ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।




ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ମଙ୍ଗଳବାର ଆର୍ଟ ଅଫ୍ ଗିଭିଂର ୯ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଲୋକ ସେବକ ମଣ୍ଡଳ ଓଡ଼ିଶା ଶାଖା ସଭାପତି ତଥା ଦୈନିକ 'ସମାଜ'ର ପ୍ରକାଶକ ନିରଞ୍ଜନ ରଥ, ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# 'ଅନ୍ୟକୁ ଖୁସି ଦେବା ହିଁ ଆର୍ଟ ଅଫ୍ ଗିଭିଂ'

## ଆର୍ଟ ଅଫ୍ ଗିଭିଂର ୯ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ମଣିଷ ମଣିଷ ମଧରେ ଦିନକୁ ଦିନ ଈର୍ଷା, ଦ୍ୱେଷ, ହିଂସା, ଅସହିଷ୍ଣୁତା ବଢିବାରେ ଲାଗିଛି। ମାନବିକ ମୂଲ୍ୟବୋଧ ଧୀରେ ଧୀରେ କମିବାରେ ଲାଗିଛି। ଏପରିସ୍ଥିତିରେ ବିଶ୍ୱରେ ଲୋକଙ୍କ ମଧ୍ୟରେ ମାନବବାଦକୁ ଭାରତ ହିଁ କେବଳ ଜାଗ୍ରତ କରାଇପାରିବ। ଏହି ମାନବବାଦକୁ ଜାଗ୍ରତ କରାଇବାରେ ଆର୍ଟ ଅଫ୍ ଗିଭିଂ ସହାୟକ ହେଉଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମଙ୍ଗଳବାର ସ୍ୱସ୍ତି ପ୍ରିମିୟମ ହୋଟେଲରେ ଆର୍ଟ ଅଫ୍ ଗିଭିଂର ୯ମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ, ସ୍ୱର୍ଗକୁ ଭୂପୃଷ୍ଠକୁ ଆଣିବା ସହ ଅନ୍ୟକୁ ନିଜ ମଧରେ ଦେଖି ଖୁସି ଦେଇ ପାରିଲେ ତାହା ହିଁ ହେବ ବାସ୍ତବରେ ଆର୍ଟ ଅଫ୍ ଗିଭିଂ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକ ସେବକ ମଣ୍ଡଳ ଓଡ଼ିଶା ଶାଖାର ସଭାପତି ତଥା ଦୈନିକ 'ସମାଜ'ର ପ୍ରକାଶକ ତଥା ମୁଦ୍ରାକର ନିରଞ୍ଜନ ରଥ କହିଛନ୍ତି, କାହାକୁ କିଛି ଦେଇ ଖୁସି ହେଉଥିବା ଲୋକ ଏଠାରେ ବହୁତ କମ୍। ଆମେ ସବୁବେଳେ ଆଣିବାକୁ ପସନ୍ଦ କରିଥାଉ, କାହାକୁ ଦେବା ଆମ ପକ୍ଷେ ବହୁ କଷ୍ଟ ଦାୟକ। ଦେବାର ଗୁଣ ହେଉଛି ଈଶ୍ୱରପ୍ରଦତ୍ତ। ତେବେ ଆମ ସମସ୍ତଙ୍କୁ ଦେବାର ଗୁଣକୁ ଆପଣାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଶ୍ରୀରାମ ମନ୍ଦିର ସଭାପତି ବାବା ରାମନାରାୟଣ ଦାସ କହିଛନ୍ତି, ଦେବା କଳା ସମସ୍ତଙ୍କ ପାଖେ ରହିଛି। ସୃଷ୍ଟି ଆରମ୍ଭରୁ ଦେବା ପ୍ରଥା ରହିଛି। ଦେବାର ଅର୍ଥ କେବଳ କୌଣସି ବସ୍ତୁ କି ଟଙ୍କାରେ ସୀମିତ ନ ଥାଏ। କେହି କାହାକୁ ଭଲ ପାଇବା, ହସି ପଦେ କଥା ହେବା, କାହାର ଦୁଃଖ ଲାଘବ କରିପାରିଲେ ମଧ ତାହା ଦାନର ଅନ୍ତର୍ଭୁକ୍ତ। ଅନ୍ୟତମ ଅତିଥି ଶିବ ଚିଦାନନ୍ଦ ସରସ୍ୱତୀ କହିଛନ୍ତି, ମନୁଷ୍ୟ ଶରୀର କେବଳ ପରୋପକାର ପାଇଁ ଉଦ୍ଦିଷ୍ଟ। ତୁମେ ସମସ୍ତଙ୍କୁ ଦେଇଚାଲ ଭଗବାନ ତୁମ ପାଇଁ ନିହାତି କିଛି ରଖିଛନ୍ତି। ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ୨୦୧୩ରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନ ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ଆଶା-ଆନନ୍ଦ-ସମନ୍ୱୟ'। ଖୁସି ବାଣ୍ଟିଲେ ଅଧିକ ଖୁସି ଲାଗିଥାଏ ବୋଲି ସେ କହିଥିଲେ। ଏଥିସହ ଆର୍ଟ ଅଫ୍ ଗିଭିଂ ଦିବସକୁ ଜାତିସଂଘ ପକ୍ଷରୁ ମାନ୍ୟତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସମାଜସେବା ଜରିଆରେ ଆର୍ଟ ଅଫ୍ ଗିଭିଂର ଉଦ୍ଦେଶ୍ୟ ପୂରଣ କରୁଥିବା ସ୍ୱେଚ୍ଛାସେବୀ ରତ୍ନରାଣୀ ସାସମଲ, ଯୁବ ପରିବେଶପ୍ରେମୀ ଶୁଭ୍ରାଂଶୁ ଶତପଥୀ, ସ୍ୱେଚ୍ଛାସେବୀ ସିଲୁ ନାୟକ, ମୟୂରଭଞ୍ଜର ସବାଇଘାସ ଡିଜାଇନର ଉଷାରାଣୀ ନାୟକ ପ୍ରମୁଖଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଆର୍ଟ ଅଫ୍ ଗିଭିଂର ମୁଖପତ୍ର ଉନ୍ମୋଚନ ହୋଇଥିଲା। ଓଡ଼ିଶାର ସମସ୍ତ ଜିଲା ସମେତ ବିଭିନ୍ନ ରାଜ୍ୟ ଓ ଦେଶରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଥିବା ସୂଚନା ଦିଆଯାଇଛି।

# ବାନ୍ଧବୀଙ୍କୁ ବିବାହ କରିବେ ବିଧାୟକ ବିଜୟଶଙ୍କର




ସୁମାଳିକା ଦାଶ ଓ ବିଜୟଶଙ୍କର ଦାସ

ଜଗତ୍‌ସିଂହପୁର ଅଫିସ, ୧୭।୫

ତିର୍ତ୍ତୋଲ ବିଧାୟକ ତଥା ସ୍ଥାନୀୟ ମକୁନ୍ଦପୁର ବିଜୟଶଙ୍କର ଦାସ (୩୦) ଖୁବ୍‌ଶୀଘ୍ର ତାଙ୍କ ବାନ୍ଧବୀ ତଥା ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୁମାଳିକା ଦାଶ (୨୯)ଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏନେଇ ଉଭୟେ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ସବ୍‌ରେଜିଷ୍ଟ୍ରାର (ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିବାହ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ସହ ଉଭୟଙ୍କ ପରିବାର ଲୋକେ, ଓକିଲ, ଜିଲା ପରିଷଦ ସଭାପତି ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସ୍ୱତନ୍ତ୍ର ବିବାହ ଆଇନର ଦଫା ୫ରେ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଉଭୟଙ୍କୁ ନୋଟିସ ଜାରି କରାଯାଇଛି। ଏକ ମାସରୁ ୩ ମାସ ମଧ୍ୟରେ ସେମାନେ ଆଇନ ଅନୁଯାୟୀ ବିବାହ ପଞ୍ଜୀକରଣ ସାର୍ଟିଫିକେଟ୍ ଗ୍ରହଣ କରିପାରିବେ ବୋଲି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏହାପରେ ସାମାଜିକ ରୀତିନୀତି ଅନୁଯାୟୀ ବିବାହ ଯୋଜନା ଥିବା କୁହାଯାଇଛି।

ସୂଚନାଯୋଗ୍ୟ, ବିଜୟଶଙ୍କର ହେଉଛନ୍ତି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁଚରଣ ଦାସଙ୍କ ଏକମାତ୍ର ପୁଅ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଜୟଶଙ୍କରଙ୍କ ସହ ସୁମାଳିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୁମାଳିକା ଏହାକୁ ଭାଇରାଲ କଲାପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ସାରା ଜିଲାରେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ ବିଜୟଶଙ୍କରଙ୍କୁ ପଚାରିବାରୁ, ମା'ଙ୍କ ଦେହ ଖରାପ ଥିବାରୁ ସେ ଡାକ୍ତରଖାନା ଯିବା ପାଇଁ ବ୍ୟସ୍ତ ଥିବା କହି କୌଣସି ପ୍ରତିକ୍ରିୟା ଦେବାକୁ ରାଜି ହୋଇ ନ ଥିବାବେଳେ ସୁମାଳିକା ଖୁସି ଅନୁଭବ କରୁଥିବା କହିବା ସହ ସମସ୍ତଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

# ଯୁବତୀଙ୍କୁ ୧୦ହଜାର ଟଙ୍କାରେ ବିକ୍ରି, ବଳାତ୍କାର ଅଭିଯୋଗ

■ **ଅଭିଯୁକ୍ତଙ୍କୁ ଖସାଇବାକୁ ମିଛ ଏତଲା କରିଛି ପୋଲିସ: ଭାଜପା**

ନବରଙ୍ଗପୁର, ୧୭।୫ (ବି.ପ୍ର.)

ନବରଙ୍ଗପୁର ଜିଲାର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ୧୦ ହଜାର ଟଙ୍କାରେ ବିକ୍ରି ପରେ ବଳାତ୍କାର କରାଯାଇଛି। ଏ ଅଭିଯୋଗ ପରେ ପୋଲିସ ପୀଡିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ମାମଲାକୁ ରଫାଦଫା କରିବା ପାଇଁ ଚେଷ୍ଟା କରିଛି ବୋଲି ନବରଙ୍ଗପୁର ଜିଲା ଭାଜପା ମହିଳା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏପ୍ରିଲ ୧ରେ ଖାତିଗୁଡା ଥାନାରେ ପୀଡିତା ଏତଲା ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ଏହାପରେ ସେ ମେ ୧୦ରେ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରକୁ ଖାତିଗୁଡା ଥାନାକୁ ଏସ୍‌ପି ପ୍ରେରଣ କରି ମାମଲା ରୁଜୁ କରିବାକୁ କହିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିନାହିଁ। ବରଂ ବିଜେଡିର ୩ଜଣ ନେତାଙ୍କ ଚାପରେ ପୋଲିସ କହିବା ମୁତାବକ ଏକ ଏତଲା ଲେଖାଯାଇ ତାହାକୁ ଗତ ୧୧ ତାରିଖରେ ମାମଲା ରୁଜୁ କରାଯାଇଛି ବୋଲି ଭାଜପାର ଶର୍ମିଷ୍ଠା ଦେଓ ପୀଡ଼ିତାଙ୍କ ଉପସ୍ଥିତିରେ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। ଯୁବତୀ ଥାନାରେ ଦେଇଥିବା ଅଭିଯୋଗର ୪୧ ଦିନ ପରେ ମାମଲା ରୁଜୁ ହୋଇଛି। ଏଯାଏ ପୀଡିତାଙ୍କ ବୟାନ ରେକର୍ଡ ଓ ଡାକ୍ତରୀମାଇନା କରାଯାଇ ନାହିଁ। ଏସ୍‌ପିଙ୍କ ନିକଟରୁ ଯାଇଥିବା ଅଭିଯୋଗ ପତ୍ର ଅନୁଯାୟୀ ପୋଲିସ ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଲଛୁଗୁଡା ଗ୍ରାମର କାର୍ତ୍ତିକ ଗୌଡ଼ଙ୍କ ସହ ପୀଡିତାଙ୍କ ୩ମାସ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବୁଲିବା ବାହାନାରେ କାର୍ତ୍ତିକ ବସ୍‌ରେ ପୀଡିତାଙ୍କୁ ନବରଙ୍ଗପୁରରୁ ବ୍ରହ୍ମପୁର ନେଇଥିଲେ। ପରଦିନ ସନ୍ଧ୍ୟାରେ ରାୟଗଡ଼ାରେ ପହଞ୍ଚିବା ପରେ କାର୍ତ୍ତିକଙ୍କ ଭାଇ ପୂର୍ଣ୍ଣ ଓ ରାମେଶ୍ୱର ଯୁବତୀଙ୍କୁ ଲାଞ୍ଜିଗୁଡା ନେଇଥିଲେ। ସେଠାରେ କିଛି ଦିନ ରହିବା ପରେ କାର୍ତ୍ତିକଙ୍କ ସମ୍ପର୍କୀୟ ଭାଇ ଶିବ ଓ କାଶୀ ତାଙ୍କୁ ଲଛୁଗୁଡା ଆଣିଥିଲେ। ସେଠାରେ କାର୍ତ୍ତିକ ତାଙ୍କୁ ୧୫ ଦିନ ଧରି ବଳାତ୍କାର କରିଥିଲେ। ପରେ କାର୍ତ୍ତିକଙ୍କ ସମ୍ପର୍କୀୟମାନେ ପୀଡିତାଙ୍କୁ ହାଡିଗୁଡ଼ାର ଅକୁଳ ଗୌଡ଼ଙ୍କୁ ୧୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଅକୁଳ ତାଙ୍କୁ ନିଜ ପାଖରେ ୩ ଦିନ ରଖି ବଳାତ୍କାର କରିଥିଲେ ବୋଲି ପୀଡିତା କହିଛନ୍ତି। ହାଡିଗୁଡ଼ାରେ ଥିବା ପୀଡିତାଙ୍କ ସମ୍ପର୍କୀୟ ତାଙ୍କ ମା' ବାପାଙ୍କୁ ଖବର ଦେଇଥିଲେ। ସେମାନେ ଆସି ହାଡିଗୁଡ଼ାରୁ ପୀଡିତାଙ୍କୁ ଘରକୁ ନେଇ ଯାଇଥିଲେ। ଏହି ସମୟରେ ଅକୁଳ ଫେରାର ହୋଇଯାଇଥିଲେ ବୋଲି ପୀଡିତା ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# କିଡ୍‌ନୀ ଦେଇ ୨ଜଣଙ୍କୁ ବଞ୍ଚାଇଲେ 'ସିଦ୍ଧି'

ଭୁବନେଶ୍ୱର (ବ୍ୟୁରୋ) /କଟକ ଅଫିସ, ୧୭।୫

ନିଜେ ସିନା ଚାଲିଗଲେ କିନ୍ତୁ କିଡ୍‌ନୀ ଦାନ କରି ବଞ୍ଚାଇ ଦେଲେ ଆଉ ଦୁଇଜଣଙ୍କ ଜୀବନ। ଦଶମ ଶ୍ରେଣୀର ଛାତ୍ରୀ ସିଦ୍ଧି ସମୃଦ୍ଧିଙ୍କ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଲୋକଙ୍କ ସହମତି କ୍ରମେ ସିଦ୍ଧିଙ୍କ ଦୁଇ କିଡ୍‌ନୀ ଅନ୍ୟ ଦୁଇ ରୋଗୀଙ୍କ ଶରୀରରେ ପ୍ରତିରୋପଣ ହୋଇଛି। ମଙ୍ଗଳବାର ଗୋଟିଏ କିଡ୍‌ନୀ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ରୋଗୀଙ୍କ ଠାରେ ଏବଂ ଅନ୍ୟଟି ଭୁବନେଶ୍ୱରର ଆପୋଲୋ ହସ୍ପିଟାଲର ଜଣେ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ମିଳିଥିବା ସୂଚନାନୁସାରେ, ୧୫ବର୍ଷୀୟା ସିଦ୍ଧିଙ୍କ ଘର ବ୍ରହ୍ମପୁର ବାସୁଦେବନଗର। ମା' ସୁନୀତା ପ୍ରଧାନ ଜଗଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ବାପା ସପନ କୁମାର ବିନ୍ଧାଣି ଛତ୍ରପୁର ଟେଲିଫୋନ ଏକ୍ସଚେଞ୍ଜରେ କାର୍ଯ୍ୟ କରୁଛନ୍ତି। ଗତ ଶନିବାର ମୁଣ୍ଡବିନ୍ଧା ହେବା ସହିତ ସିଦ୍ଧିଙ୍କ ପ୍ରବଳ ବାନ୍ତି ହୋଇଥିଲା। ପରେ ସେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ସିଟି ସ୍କାନ୍ କରିବା ପରେ ତାଙ୍କର ବ୍ରେନ୍‌ରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା।



ସୋମବାର ଅପରାହ୍ନ ସାଢ଼େ ୫ଟାରେ ଡାକ୍ତରମାନେ ତାଙ୍କୁ ବ୍ରେନ୍ ଡେଡ୍ ବୋଲି ଘୋଷଣା କରିଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ସରିବା ପରେ ସୋମବାର ବିଳମ୍ବିତ ରାତିରେ ସିଦ୍ଧିଙ୍କ ଅଙ୍ଗଦାନ ପାଇଁ ପ୍ରସ୍ତୁତି ହୋଇଥିଲା। ମଙ୍ଗଳବାର ସକାଳେ ତାଙ୍କର ୨ଟି କିଡ୍‌ନୀକୁ ଅନ୍ୟ ୨ଜଣଙ୍କୁ ଦାନ କରିଥିଲେ। ସେଥିମଧ୍ୟରୁ ଗୋଟିଏ କିଡ୍‌ନୀ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ୩୪ବର୍ଷୀୟା ମହିଳାଙ୍କୁ ଏବଂ ଅନ୍ୟଟି ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ରାଉରକେଲାର ସନ୍ତୋଷ ଗୁପ୍ତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଏସ୍‌ସିବିରେ ପ୍ରତିରୋପଣ କରାଯିବା ସମୟରେ ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡା. ସ୍ୱାଇଁଙ୍କ ସମେତ ଡା. ସବ୍ୟସାଚୀ ପଣ୍ଡା, ନେଫ୍ରୋଲୋଜି ବିଭାଗର ଡା. ଶରତ ପରିଡ଼ା, ନିଶ୍ଚେତକ ଡା. କଲ୍ୟାଣୀ ପରିଡ଼ାଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଥରେ ଏସ୍‌ସିବିରେ ଏଭଳି ସଫଳ କିଡ୍‌ନୀ ପ୍ରତିରୋପଣ ହୋଇଛି। ସେପଟେ ସିଦ୍ଧିଙ୍କ ମରଶରୀରକୁ ମେଡିକାଲ ପକ୍ଷରୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସିଦ୍ଧିଙ୍କ ବଡ଼ ମା' ଶିକ୍ଷୟିତ୍ରୀ ମମତା ପ୍ରଧାନ କହିଛନ୍ତି, ସିଦ୍ଧି ଆମକୁ ଛାଡ଼ି ଚାଲିଗଲା, କିନ୍ତୁ ଅନ୍ୟ ୨ଜଣଙ୍କ ଜୀବନ ବଞ୍ଚାଇ ଦେଇଗଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର ହୋଇଛି। ସୂଚନାଯୋଗ୍ୟ, ସିଦ୍ଧି ଭଞ୍ଜନଗର ଥାନାର ପୂର୍ବତନ ପୋଲିସ ଏସ୍‌ଆଇ ତଥା ଗାଙ୍ଗପୁର ନିକଟସ୍ଥ ଗୁଡ଼ିବନ୍ଧ ଗ୍ରାମର ସ୍ୱର୍ଗତ ଗୌରହରି ପ୍ରଧାନଙ୍କ ନାତୁଣୀ।



**ରାହୁଲ ତ୍ରିପାଠୀଙ୍କ ଆକର୍ଷଣୀୟ ବ୍ୟାଟିଂ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦର ରାହୁଲ ତ୍ରିପାଠୀ ଆକର୍ଷଣୀୟ ୭୬ ରନ କରିଛନ୍ତି। ୧୪

୧୦ **ସୁପରଓମ୍ୟାନ୍ ଶିଳ୍ପା**

ହିନ୍ଦୀ ଫିଲ୍ମ 'ନିକମ୍ମା'ରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା ସୁପରଓମ୍ୟାନ୍ ଭୂମିକାରେ ନଜରକୁ ଆସିବେ।



# ୮୨ ଜଣଙ୍କ ନାଁରେ ସଙ୍ଗିନ ଅପରାଧ

## ଜିଲା ପରିଷଦ ସଦସ୍ୟଙ୍କୁ ନେଇ ଏଡିଆର୍ ରିପୋର୍ଟ

- ୯୫ ଜଣ କୋଟିପତି
- ୫୩% ମହିଳା ସଦସ୍ୟ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ବ୍ୟକ୍ତି ଜନପ୍ରତିନିଧି ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଜୟୀ ହୋଇ ଜନପ୍ରତିନିଧି ଭାବେ ପ୍ରଶାସନ କ୍ଷେତ୍ରରେ ସିଧାସଳଖ ସାମିଲ ହେଉଛନ୍ତି। ଗତ ଫେବୃୟାରୀରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସତ୍ୟପାଠ ତର୍ଜମା ପରେ ୮୨ ଜଣ ନିର୍ବାଚିତ ଜିଲା ପରିଷଦ ସଦସ୍ୟଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ରାଜ୍ୟରେ ନବନିର୍ବାଚିତ ମୋଟ ୮୫୧ ଜିଲା ପରିଷଦ ସଦସ୍ୟଙ୍କ ମଧ୍ୟରୁ ୭୨୬ଜଣଙ୍କ ସତ୍ୟପାଠକୁ ଓଡ଼ିଶା ଇଲେକ୍ସନ ୱାଚ ଆଣ୍ଡ ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମ (ଏଡିଆର୍) ଦ୍ୱାରା ଯାଞ୍ଚ କରାଯାଇଛି। ମଙ୍ଗଳବାର ପ୍ରକାଶିତ ସେ ସମ୍ପର୍କିତ ରିପୋର୍ଟରୁ ଉପରୋକ୍ତ ତଥ୍ୟ ଜଣାପଡ଼ିଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ, ୧୫ ଜଣ ଜିଲା ପରିଷଦ ସଦସ୍ୟଙ୍କ ନାମରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅପରାଧ ରହିଛି। ସେହିପରି ୬୫ ଜଣ ସଦସ୍ୟଙ୍କ ବିରୋଧରେ ହତ୍ୟା ଉଦ୍ୟମ, ମହିଳାଙ୍କ ବିରୋଧରେ ଅପରାଧ ଭଳି ସଙ୍ଗିନ ମାମଲା ରହିଛି। ୧୨ ଜଣ ଜିଲା ପରିଷଦ ସଦସ୍ୟ ସେମାନଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ଥିବା ସତ୍ୟପାଠରେ ଘୋଷଣା କରିଛନ୍ତି। ବିଜେଡିର ୬୬୧ ଜଣ ଜିଲା ପରିଷଦ ସଦସ୍ୟଙ୍କ ମଧ୍ୟରୁ ୬୬ ଜଣ(୧୦%), ଭାଜପାର ୩୭ ଜଣଙ୍କ ମଧ୍ୟରୁ୬(୧୬%), କଂଗ୍ରେସର ୨୨ଜଣଙ୍କ ମଧ୍ୟରୁ ୭ (୩୨%), ଜେଏମ୍ଏମ୍‌ର ୩ଜଣଙ୍କ ମଧ୍ୟରୁ ଜଣେ(୩୩%), ଜଣେ ସିପିଆଇଏମ୍ ସଦସ୍ୟ, ଜଣେ ସ୍ୱାଧୀନ ସଦସ୍ୟଙ୍କ ନାମରେ ଆପରାଧିକ ମାମଲା ଥିବା ରିପୋର୍ଟରେ କୁହାଯାଇଛି। ସେହିପରି ବହୁ ଜିଲା ପରିଷଦ ସଦସ୍ୟ ମଧ୍ୟ କୁବେର ଅଛନ୍ତି। ୯୫ ଜଣ ସଦସ୍ୟ କୋଟିପତି ଥିବା ଜଣାପଡ଼ିଛି। ବିଜେଡିରୁ ସର୍ବାଧିକ ୯୦ ଜଣ(୧୪%) କୋଟିପତି ☞ପୃଷ୍ଠା-୨

# ଶିବଲିଙ୍ଗ ସ୍ଥାନ ସୁରକ୍ଷିତ ରହୁ, ନମାଜ ପାଠ ବନ୍ଦ କରା ନ ଯାଉ

## ସୁପ୍ରିମକୋର୍ଟରେ 'ଜ୍ଞାନବାପି' ମାମଲା



### ୧୯ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୧୭।୫

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରସ୍ଥିତ ଶିବଲିଙ୍ଗ ସ୍ଥଳକୁ ସୁରକ୍ଷା ଦେବାର ତାତ୍ପର୍ଯ୍ୟ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ନମାଜ ପାଠ ଓ ଧର୍ମାନୁଷ୍ଠାନ କରିବା ଅଧିକାରରୁ ବଞ୍ଚିତ କରିବା ନୁହେଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଜ୍ଞାନବାପି-ଶୃଙ୍ଗାର ଗୌରୀ କମ୍ପ୍ଲେକ୍ସର ସୁରକ୍ଷା ପାଇଁ ବାରାଣସୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତରେ ଏହି ପ୍ରସଙ୍ଗରେ ଆସନ୍ତା ଗୁରୁବାର ପରବର୍ତ୍ତୀ ଶୁଣାଣି କରାଯିବ।

ବାରାଣସୀ ଜିଲା କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ସର୍ଭେକୁ ଚ୍ୟାଲେଞ୍ଜ କରି ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ ପରିଚାଳନା ☞ପୃଷ୍ଠା-୭





# ମୁଖ୍ୟମନ୍ତ୍ରୀଙ୍କ ତାରାତାରିଣୀ ଗସ୍ତ ଆଜି

- ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ
- ବ୍ୟବସ୍ଥା ଅନୁଧ୍ୟାନ କଲେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ

ପୁରୁଷୋତ୍ତମପୁର/ଛତ୍ରପୁର, ୧୭।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଯୋଗଦେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କର ୧ଘଣ୍ଟା ୧୦ ମିନିଟ୍‌ର ଗସ୍ତ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ପୂର୍ବାହ୍ନ ୯ଟା ୫୦ ମିନିଟ୍‌ରେ ତାରାତାରିଣୀଠାରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ପୂର୍ବାହ୍ନ ୧୦ଟାରେ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେଠାରେ ନୂତନ ପ୍ରସାଦସେବନ ହଲ୍, ଭିୟୁ ପଏଣ୍ଟ, ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠା, ଇଣ୍ଟରପ୍ରିଟେଶନ ହଲ୍‌କୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସେ ଉଦ୍‌ବୋଧନ ଦେବେ। ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମଙ୍ଗଳବାର ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ମା' ତାରାତାରିଣୀଙ୍କ ପୀଠ ପରିଦର୍ଶନ କରି ଆୟୋଜନ ସମ୍ପର୍କରେ ଅନୁଧ୍ୟାନ କରି ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଗତ ୧୫ ତାରିଖରୁ ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିବା ବେଳେ ୨୦ ତାରିଖରେ ଉଦ୍‌ଯାପିତ ହେବ।





ଟ୍ରଫି ଓ ପଦକ ସହ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନ ଓଡ଼ିଶା ଦଳ।

# କର୍ଣ୍ଣାଟକକୁ ହରାଇ ଓଡ଼ିଶା ଚାମ୍ପିୟନ

## ଜାତୀୟ ସିନିୟର ମହିଳା ହକି

ଭୋପାଳ (ମଧ୍ୟପ୍ରଦେଶ), ୧୭।୫

ହକି ଆସୋସିଏଶନ ଅଫ୍ ଓଡ଼ିଶା ଏଠାରେ ଚାଲିଥିବା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍ ୨୦୨୨ରେ ଟାଇଟଲ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଦଳ କର୍ଣ୍ଣାଟକ ବିପକ୍ଷରେ ୨-୦ ଗୋଲରେ ରୋମାଞ୍ଚକ ବିଜୟ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ହକି ଝାଡ଼ଖଣ୍ଡ ୩-୨ ଗୋଲରେ ହକି ହରିୟାଣାକୁ ହରାଇ ଦେଇଛି। ଫାଇନାଲ ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ଦଳର ଆରମ୍ଭ ଖୁବ୍ ଭଲ ହୋଇଥିଲା ଏବଂ ଖେଳାଳିମାନେ ବହୁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ଦୁଇ ଦଳ ଚମତ୍କାର ରକ୍ଷଣାତ୍ମକ ଖେଳିବାରୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ☞ପୃଷ୍ଠା-୨

# ନବମ ପରୀକ୍ଷାରେ ୧୪,୯୩୫ ଛାତ୍ରୀଛାତ୍ର ଅନୁପସ୍ଥିତ

- ଡିଇଓଙ୍କୁ ତଦନ୍ତ ରିପୋର୍ଟ ମାଗିଲା ବୋର୍ଡ
- ୯ ଦିନ ପରେ ବି ମିଳିଲାନି ମାଟ୍ରିକ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତ ରିପୋର୍ଟ

କଟକ ଅଫିସ, ୧୭।୫

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ୨୦୨୧-୨୨ ଶିକ୍ଷାବର୍ଷର ନବମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ମୋଟ୍ ୫ ଲକ୍ଷ ୬୬ ହଜାର ୨୬୯ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ସେଥିମଧ୍ୟରୁ ୧୪,୯୩୫ ଜଣ ପରୀକ୍ଷା ଦେଇନାହାନ୍ତି ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ତେବେ ସେମାନେ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଫର୍ମ ପୂରଣ କରି ମଧ୍ୟ କାହିଁକି ପରୀକ୍ଷା ଦେଇନାହାନ୍ତି, ସେ ସମ୍ପର୍କିତ ତଦନ୍ତ ରିପୋର୍ଟ ଆସନ୍ତା ୩୧ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ବୋର୍ଡ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ଚଳିତବର୍ଷ ମାଟ୍ରିକ ସମେଟିଭ-୨ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ନେଇ ବିବାଦ ଦେଖାଦେଇଥିଲା। ତେବେ ପ୍ରକୃତରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି, ସେ ନେଇ ବୋର୍ଡ ପାଖରେ କୌଣସି ତଥ୍ୟ ନଥିବାବେଳେ ଏହା ଆନୁମାନିକ ୪୩ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ବିବାଦ ଦେଖାଦେବା ପରେ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ୧୦ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ନିର୍ଦ୍ଦେଶକୁ ୯ ଦିନ ବିତିଯାଇଥିଲେ ମଧ୍ୟ କୌଣସି ତଥ୍ୟ ମିଳିପାରିନାହିଁ। ଏ ନେଇ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଥ୍ୟ ଆସିନି। ଏହି ପ୍ରକ୍ରିୟା ଜାରି ରହିଛି। ଅପରପକ୍ଷରେ ସେଠୀ ଦେଇଥିବା ୧୦ ଦିନର ସମୟସୀମା ବୁଧବାର ଶେଷ ହେଉଛି। ତେବେ ବୁଧବାର ପ୍ରକୃତ ତଥ୍ୟ ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପାସ୍ ହାର ୮୭.୨୦%

ଚଳିତବର୍ଷ ନବମ ଶ୍ରେଣୀ ପରୀକ୍ଷାର ପାସ୍ ହାର ୮୭.୨୦% ରହିଛି। ଏ-୧ ଗ୍ରେଡ୍‌ରେ ୯,୦୩୯ ଜଣ, ଏ-୨ ଗ୍ରେଡ୍‌ରେ ୫୮,୯୯୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବି-୧ ଗ୍ରେଡ୍‌ରେ ୧,୧୮,୭୯୨ ଜଣ, ବି-୨ ଗ୍ରେଡ୍‌ରେ ୧,୪୫,୧୬୩ ଜଣ, ସି ଗ୍ରେଡ୍‌ରେ ୧,୦୯,୫୭୩ ଜଣ, ଡି ଗ୍ରେଡ୍‌ରେ ୪୬,୯୭୦ ଜଣ, ଇ ଗ୍ରେଡ୍‌ରେ ୫,୩୧୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଚଳିତଥର ମୋଟ୍ ୫ ଲକ୍ଷ ୫୧ ହଜାର ୩୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଫ୍୧ ଗ୍ରେଡ୍‌ରେ ୨୭,୩୫୮ ଓ ଏଫ୍୨ ଗ୍ରେଡ୍‌ରେ ୩୦,୧୩୮ ଜଣ ରହିଛନ୍ତି। ଏଫ୍୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ପାସ୍ ଘୋଷଣା କରାଯାଇଛି। ସେହିପରି ଏଫ୍୨ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ର ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେବେ। ଏହି ଏଫ୍୨ ବର୍ଗକୁ ବାଦ ଦେଲେ ଅନ୍ୟ ସମସ୍ତ ଗ୍ରେଡ୍ ପାଇଥିବା ☞ପୃଷ୍ଠା-୨

**ପ୍ଲାଷ୍ଟିକ୍ ସର୍ଜରି ବେଳେ କନ୍ନଡ଼ ଅଭିନେତ୍ରୀଙ୍କ ମୃତ୍ୟୁ !**





**ଆଜିର ସମ୍ପାଦକୀୟ**

ଇତିହାସରେ ହଜିଯିବେ

# ବାଲେଶ୍ୱରରେ ୨୫ଶହ ବର୍ଷ ତଳର ସଭ୍ୟତା

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୭।୫

ବାଲେଶ୍ୱର ରେମୁଣା ବ୍ଲକର ଦୁର୍ଗାଦେବୀ ଅଞ୍ଚଳରେ ୨୫ଶହ ବର୍ଷ ତଳର ସଭ୍ୟତା ଥିବା ଅନୁମାନ କରାଯାଉଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)ର ଅନୁମତିକ୍ରମେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ସର୍ଭେ କରାଯାଇ ଖନନ ଜାରି ରହିଛି। ମଙ୍ଗଳବାର 'ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଦୁର୍ଗାଦେବୀ ରେମୁଣା' ପ୍ରକଳ୍ପ ନିର୍ଦ୍ଦେଶକ ଡ. ସୁନୀଲ କୁମାର ପଟ୍ଟନାୟକ ଏବଂ ଦୁଇ ବିଭାଗୀୟ ବିଶେଷଜ୍ଞଙ୍କ ଏଠାରେ ପହଞ୍ଚି ଖନନ କାର୍ଯ୍ୟକୁ ତଦାରଖ କରିଥିଲେ। କେଉଁ ସ୍ଥାନରେ ଓ କିପରି ଖନନ କରାଯିବ ସେ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ରହିଛି ଦୁର୍ଗାଦେବୀ ଅଞ୍ଚଳ। ୨୦୧୮-୧୯ରେ ସ୍ଥାନୀୟ ଐତିହାସିକଙ୍କ ଲେଖା ଆଧାରରେ ଏହି ଅଞ୍ଚଳରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ଚାରି ପାଖରେ ଏକ ସୁଉଚ୍ଚ ମାଟି ନିର୍ମିତ ପରିବେଷ୍ଟନୀ ଥିବା ଜଣାପଡ଼ିବା ପରେ ଉକ୍ତ ସ୍ଥାନର ୨୦ କି.ମି. ପରିଧି ମଧ୍ୟରେ ବିଶ୍ଳେଷଣ କରାଯାଇ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯-୨୦ରେ ବୁଢ଼ାବଳଙ୍ଗ ଓ ସୋନା ନଦୀର ଅବବାହିକା ଅଞ୍ଚଳରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟର ତର୍ଜମା ପରେ ଦୁର୍ଗାଦେବୀରେ ସହର ଥିଲା ବୋଲି ପ୍ରମାଣ ମିଳିଥିଲା। ଏବେ ପୁଣି ଗତ ମାର୍ଚ୍ଚ ୨୨ତାରିଖରୁ ଖନନ କାର୍ଯ୍ୟ ଚାଲିଛି। ଖନନ ସମୟରେ ଦୁର୍ଗାଦେବୀରୁ ଖ୍ରୀଷ୍ଟପୂର୍ବ ୪୦୦ବର୍ଷ ତଳର ଲାଲ, କଳା ଓ ଧୂସର ରଙ୍ଗର ମାଟିପାତ୍ର, ମାଟି ନିର୍ମିତ ଅଳଙ୍କାର, ମାଳି, ଖେଳଣା, ଚକ ଆଦି ମିଳିଛି। ମାଙ୍କଡ଼ା ପଥରରେ ନିର୍ମିତ ପ୍ରାଚୀରର ସନ୍ଧାନ ସହ ଲୌହ ସାମଗ୍ରୀ ଏବଂ ତାମ୍ରଯୁଗୀୟ ଘରର ନକ୍ସା ଆଦି ମଧ୍ୟ ମିଳିଛି। ☞ପୃଷ୍ଠା-୨





ପ୍ରତ୍ନତତ୍ତ୍ୱ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସୁନୀଲ କୁମାର ପଟ୍ଟନାୟକ ଟିମ୍ ସହ ତଦାରଖ କରୁଛନ୍ତି।

# ସିଂହମୂର୍ତ୍ତି ଗଙ୍ଗ ରାଜତ୍ୱର ହୋଇପାରେ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

- ଖନନସ୍ଥଳୀରେ ଅନୁଧ୍ୟାନ କଲା ଏଏସ୍ଆଇ
- ପୁଣି ମିଳିଲା ପ୍ରାଚୀନ କାନ୍ଥର ସନ୍ଧାନ
- ନମୁନା ସଂଗ୍ରହ ହୋଇଛି, ରିପୋର୍ଟ ପ୍ରସ୍ତୁତ ହେବ

ପୁରୀ ଅଫିସ,୧୭।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ପୁରୀ ଏମାର ମଠ ପରିସର ଖନନ ବେଳେ ମିଳିଥିବା ଭଗ୍ନ ସିଂହମୂର୍ତ୍ତି ଗଙ୍ଗ ବଂଶ ରାଜତ୍ୱ ସମୟର ହୋଇଥାଇପାରେ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ଅଧୀକ୍ଷକ ଅରୁଣ ମଲ୍ଲିକ ମଙ୍ଗଳବାର କହିଛନ୍ତି। ଯଦି ଏହା ସତ୍ୟ ହୋଇଥାଏ, ତେବେ ଏହି କୀର୍ତ୍ତିରାଜି ଅତିକମ୍‌ରେ ୮୦୦ରୁ ୧୧ଶହ ବର୍ଷ ପୁରୁଣା ହେବ ବୋଲି ଜଣାପଡ଼ିଛି। ସୋମବାର ଭଗ୍ନ ମୂର୍ତ୍ତି ମିଳିବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ପରେ ଏଏସ୍ଆଇର ଚେତା ପଶିଛି। ମଙ୍ଗଳବାର ଏହି ଖନନ ସ୍ଥଳୀରେ ଏଏସ୍ଆଇ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସେଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ସିଂହମୂର୍ତ୍ତିର ମାପଚୁପ କରିଛି। ଏଏସ୍ଆଇର ଟେକ୍ନିକାଲ୍ ଟିମ୍ ଏକ ପ୍ରାଚୀନ କାନ୍ଥ ସମ୍ପର୍କରେ ମଧ୍ୟ ଜାଣିବାକୁ ପାଇଛି। ମିଳିଥିବା ସିଂହମୂର୍ତ୍ତିଟି ପ୍ରକୃତ ପକ୍ଷେ କେତେ ପୁରାତନ ତାହା ଜାଣିବା ପାଇଁ ଅଧିକ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଖନନ ପୂର୍ବରୁ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର୍ ସର୍ଭେ (ଜିପିଆର୍ଏସ୍) କରାଗଲା ନାହିଁ, ଯାହାଫଳରେ ଐତିହ୍ୟ କୀର୍ତ୍ତିରାଜି ମାଟିରେ ମିଶିଗଲା। ☞ପୃଷ୍ଠା-୨



ଏଏସ୍ଆଇ ଟିମ୍ ସିଂହମୂର୍ତ୍ତିକୁ ଯାଞ୍ଚ କରୁଛି।

**ଆଜିର ମନ୍ତବ୍ୟ**
"ଜ୍ଞାନବାପି ବିବାଦ ପଛରେ ଭାଜପାର 'ଅଦୃଶ୍ୟ ବନ୍ଧୁ'ଙ୍କ ହାତ ରହିଛି। ଦରବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହା ଏକ ଷଡ଼ଯନ୍ତ୍ର।
– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୋଭନ
ପରିବାରବର୍ଗ


ଶ୍ରୀୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପାସ୍ ହାର...

ଛାତ୍ରୀଛାତ୍ର ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ତେବେ ଏଫ୍୨ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ୩ଟି ସୁଯୋଗ ଦିଆଯିବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ମଧ୍ୟମା ପରୀକ୍ଷା ପାଇଁ ୩,୩୯୯ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଥିବାବେଳେ ସେଥିମଧ୍ୟରୁ ୧୨୯ଜଣ ପରୀକ୍ଷା ଦେଇନାହାନ୍ତି। ଏହି ପରୀକ୍ଷାରେ ଏ୧ ଗ୍ରେଡ୍‌ରେ ୧୮ ଜଣ, ଏ୨ ଗ୍ରେଡ୍‌ରେ ୩୮୪, ବି୧ ଗ୍ରେଡ୍‌ରେ ୧୧୮୮, ବି୨ ଗ୍ରେଡ୍‌ରେ ୯୨୦, ସି ଗ୍ରେଡ୍‌ରେ ୪୫୬, ଡି ଗ୍ରେଡ୍‌ରେ ୧୩୧, ଇ ଗ୍ରେଡ୍‌ରେ ୧୨ ଜଣ ପାସ କରିଛନ୍ତି। ୧୬୧ଜଣ ଫେଲ ହୋଇଛନ୍ତି। ମୋଟ୍ ୯୧.୪୬ ପ୍ରତିଶତ ପାସ୍ ହାର ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗତ ଭବିଷ୍ୟ ଜାଣଇଁ ଯେ**
**ଗଣ୍ଠିଆ ପାଖରୁ ଟାଣଇ ସେ ।**

କୃପଣ ଲୋକଠାରୁ ଧନ ହାତେଇବା ସହଜ କଥା ହୋଇ ନ ଥାଏ। ତେବେ ଯିଏ ଅତୀତ ଭବିଷ୍ୟତ କଥା କହିପାରେ, ସେହି ବ୍ୟକ୍ତି ଅନାୟାସରେ କୃପଣ ଲୋକଠାରୁ ଧନ ବା ପାଉଣା ଆଦାୟ କରିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆପଣା ଆପଣା ରାଜି**
**କିସ କରିବ କାଜି ?**

ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବାର କିଛି ପ୍ରୟୋଜନ ପଡ଼ି ନ ଥାଏ। ଯେତେବେଳେ ଉଭୟ ଉଭୟ ମଧ୍ୟରେ ରାଜି, ସେତେବେଳେ ଆଉ କାହାରିକୁ ଭୟ କରିବାରେ ମାନେ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday
0674-2580101, 2549302




**BRIDE WANTED**

**Brahmin Girl for tall, 6ft. Handsome Engineer, Earlier in Tech-Mahindra Now having Software & Real-Estate Business. Hails from Rich Family. 8985972389, 8658095476.** D-476

**GROOM WANTED**

Brahmin/Karan Groom wanted for 32yrs. single daughter, Section Officer, Odisha Govt. settled in Bhubaneswar. Government/PSU employee preferable. Contact:9438650271. D-437

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother (IAS Faculty), Mob.: 9990161440. D-472




**SALE**

ଭୁବନେଶ୍ୱର କଳ୍ପନାଠାରୁ **10 କି.ମି.** ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4** କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft.**, ସବ୍‌ବ୍ରାଞ୍ଚ ରୋଡ୍ **25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- **9938999317, 9938015353. SUVAM CONSTRUCTION.** D-475

5Bedroom duplex in Prime location of Rabi Talkies, Tankapani Road, Bhubaneswar. Price 1.5cr. Contact: 9938362125. D-70799

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରଉପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013.** D-73247

ଘରବାଡ଼ି ସ୍ଥିତିବାନ plot 30' ରୋଡ୍ electricity, boundary, loan facilities ସହ ବିକ୍ରି ଅଛି। ନୂଆଗାଁ-2600/-, ସୁନ୍ଦରପଦା-1200/- ଜୈଶିପାଟଣା-450/-. 7978551614, 9439049194. D-72000

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

**Plot for sale, 2000sqft. (10Nos.) per sqft.-2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: - 7381564227, 8114744495.** D-446

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

Cuttack Town ରୁ 2k.m. distanceରେ plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ। Contact: 9937450545. D-438

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**PURCHASE**

Required urgently flats duplexes core houses for our esteemed clients. 6371090682. D-68292




**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**GENERAL**

**SALE**

**2, Passenger LIFT sales and service. Contact: 9692527969.** D-468




Refreshing your mind and body with the best therapy, 7873794731. D-317

Newly open SPA positively health benefit with expert. Contact: 7749976301. D-71995

**One hour any therapy by expert therapist @999 only. 9078484455.** D-73607

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

All types body massage with high profile smart Lady room service available. 9142145769. D-71345

Full body massage in homely atmosphere all therapy. Mob.- 8114881641. D-73402

Newly open SPA positively health benefits expert therapist, Kalpana. 7846814019. D-73608

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

Newly open full body massage ladies and gents. 7750077371. D-71900




Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-439




Agarbati, Paperplate, Slipper Machines ସହ କଞ୍ଚାମାଲ ମାଗଣାରେ ନେଇ ଘରେ ବସାନ୍ତୁ। 7077645763. D-73319

**ନିରୁଦ୍ଦିଷ୍ଟ**



ପୂର୍ବତନ ବାୟୁସେନା ଅଧିକାରୀ ଶ୍ରୀ ଅଜିତ କୁମାର ଖୁଣ୍ଟିଆ, ବୟସ-୫୮, ଉଚ୍ଚତା- ୫'୪'', ଗୌରବର୍ଣ୍ଣ ଗତ ମଙ୍ଗଳବାର ତା।୧୦।୦୫।୨୦୨୨ରିଖ ଅପରାହ୍ନରୁ ତାଙ୍କର ନୂଆପଲ୍ଲୀ, ବେହେରାସାହି ସ୍ଥିତ ଘରୁ ସାନ୍ଧ୍ୟ ଭ୍ରମଣରେ ଯାଇ ନିରୁଦ୍ଦିଷ୍ଟ ଅଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ବିନିତ ଅନୁରୋଧ। ୯୮୬୧୩୩୧୭୫୮ (9861331758). ଧ-୪୮୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ୮୨ ଜଣଙ୍କ ନାଁରେ...

ଥିବା ବେଳେ ଭାଜପାର ୩ ଏବଂ କଂଗ୍ରେସରୁ ୨ ଜଣ କୋଟିପତି ସଦସ୍ୟ ରହିଛନ୍ତି। ବିଜେଡି ସଦସ୍ୟ ରେବତୀ ନାୟକ, ଗୀତାରାଣୀ ମଲ୍ଲିକ ଏବଂ କୁନ୍ତି ପ୍ରଧାନ ସେମାନଙ୍କର ସମ୍ପତ୍ତି ମୂଲ୍ୟ ଯଥାକ୍ରମେ ୧୮.୬୮ କୋଟି, ୧୭.୦୬ କୋଟି ଏବଂ ୧୦.୨୧ କୋଟି ଘୋଷଣା କରିଛନ୍ତି। ଏହି ୩ଜଣ ସଦସ୍ୟ ସମ୍ପତ୍ତି ତାଲିକାର ଉପରେ ରହିଛନ୍ତି। ତେବେ ଜିଲା ପରିଷଦ ସଦସ୍ୟମାନଙ୍କର ହାରାହାରି ସମ୍ପତ୍ତି ମୂଲ୍ୟ ୫୬.୬ ଲକ୍ଷ ଟଙ୍କା ରହିଛି। ସେହିପରି ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ଜିଲା ପରିଷଦ ସଦସ୍ୟ ପଛରେ ରହିଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ୪୫୧ ଜଣ ଜିଲା ପରିଷଦ ସଦସ୍ୟ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ମଧ୍ୟରେ ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୨୫୬ ଜଣ ସଦସ୍ୟ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ଓ ତା'ଠାରୁ ଅଧିକ ଥିବା ଦର୍ଶାଇଥିବା ବେଳେ ୬ଜଣ ଡିପ୍ଲୋମାଧାରୀ ବୋଲି ଜଣାପଡ଼ିଛି। ସେହିପରି ୭ଜଣ ସଦସ୍ୟ ନାମ ଲେଖି ଜାଣିଥିବା ବେଳେ ୬ ଜଣ ସଦସ୍ୟ ସେମାନଙ୍କର କୌଣସି ଶିକ୍ଷାଗତ ଯୋଗ୍ୟତା ସତ୍ୟପାଠରେ ଦର୍ଶାଇନାହାନ୍ତି। ଜିଲା ପରିଷଦ ସଦସ୍ୟମାନଙ୍କ ବୟସ ୨୧ରୁ ୫୦ ବର୍ଷ ଭିତରେ ଦର୍ଶାଯାଇଥିବା ବେଳେ ୮୮ ଜଣ ୫୧ରୁ ୭୦ ବର୍ଷ ଭିତରେ ଦର୍ଶାଇଛନ୍ତି। ତେବେ ୩୭୩ ଜଣ ସେମାନଙ୍କର ବୟସ ଉଲ୍ଲେଖ କରି ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ପ୍ରଥମ ଥର ପାଇଁ ଜିଲା ପରିଷଦ ନିର୍ବାଚନରେ ୭୨୬ ଜଣଙ୍କ ମଧ୍ୟରୁ ୩୮୫ ଜଣ (୫୩%) ମହିଳା ସଦସ୍ୟ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ସତ୍ୟପାଠ ଦାଖଲକୁ ବାଧ୍ୟତାମୂଳକ କରିଥିଲେ। ପ୍ରାର୍ଥୀମାନେ ଆପରାଧିକ ମାମଲା ଉଲ୍ଲେଖ କରିବା ସହ ଗଣମାଧ୍ୟମରେ ପ୍ରକାଶ କରିବାକୁ କୁହାଯାଇଥିଲା।

## କର୍ଣ୍ଣାଟକକୁ ହରାଇ...

ପୁନମ ବାର୍ଲା (୩୪ତମ ମିନିଟ)ଙ୍କ ଗୋଲ ସହାୟତାରେ ଓଡ଼ିଶା ଅଗ୍ରଣୀ ଲାଭ କରିଥିଲା। ଶେଷ ମୁହୂର୍ତ୍ତରେ ଅସୀମ କାଞ୍ଚନ ବାର୍ଲା (୫୯ତମ)ଙ୍କ ଗୋଲ ଯୋଗୁ ଓଡ଼ିଶା ଦଳ ହକି କର୍ଣ୍ଣାଟକକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଟାଇଟଲ ଜିତିବା ପରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ମୁଖ୍ୟ କୋଚ୍ ଏଡ୍‌ଗାର ଯୋଶେଫ ମାସ୍କାରେନ୍‌ହାସ୍ କହିଛନ୍ତି, ଆମେ କର୍ଣ୍ଣାଟକକୁ ହାଲୁକା ଭାବେ ନେଇ ନ ଥିଲୁ। କେତୋଟି ସୁଯୋଗ ହାତଛଡ଼ା କରିଥିଲେ ମଧ୍ୟ ଆମ ଗେମ୍‌ପ୍ଲାନ ଅନୁସାରେ ବଲ୍‌କୁ ଅଧିକାଂଶ ସମୟ ନିଜ ଅକ୍ତିଆରରେ ରଖିବାକୁ ଚେଷ୍ଟା କରିଥିଲୁ। ମିଡ୍‌ଫିଲ୍ଡରେ ଆମେ ପ୍ରାଧାନ୍ୟ ବିସ୍ତାର କରିଥିଲୁ। ତୃତୀୟ କ୍ୱାର୍ଟରରେ ଗୋଲ ସ୍କୋର କରି ଆମେ ସେମାନଙ୍କୁ ଚାପରେ ରଖିଥିଲୁ। ଶେଷ ମୁହୂର୍ତ୍ତରେ ଗୋଲ ଦେଇ ଆମେ ମ୍ୟାଚକୁ ହାତେଇ ନେଇଥିଲୁ। ମ୍ୟାଚରେ ଦଳର ବରିଷ୍ଠ ଖେଳାଳିଙ୍କ ବିଶେଷ ଭୂମିକା ରହିଥିଲା। ଏଥିପାଇଁ ସେମାନେ ପ୍ରଶଂସାର ଯୋଗ୍ୟ। ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସେମାନେ ଦଳକୁ ସଂଗଠିତ ରଖିପାରିଥିଲେ।

## ବାଲେଶ୍ୱରରେ ୨୫ଶହ...

ଏ ସମ୍ପର୍କରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ କହନ୍ତି, ବାଲେଶ୍ୱର ଜିଲା ରେମୁଣା ନିକଟସ୍ଥ ସୋନ୍, ଗଙ୍ଗାହାର ଓ ବୁଢ଼ାବଳଙ୍ଗର ତ୍ରିବେଣୀ ସଙ୍ଗମଠାରେ ବୈଦିକ ସଭ୍ୟତାର ବିକାଶ ହୋଇଥିବା ନେଇ ବହୁ ପ୍ରମାଣ ରହିଛି। ଦ୍ୱିତୀୟ ଶତାବ୍ଦୀରେ ଗ୍ରୀକ୍ ପରିବ୍ରାଜକ ଟଲେମୀ ସାର ପରିଭ୍ରମଣ କରି ତାଙ୍କ ନକ୍ସାରେ ବାଲେଶ୍ୱର ଅଞ୍ଚଳକୁ କୋଶମ୍ବ ବୋଲି ଅଭିହିତ କରିଛନ୍ତି। ଦୁର୍ଗାଦେବୀରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖନନ ଦ୍ୱାରା ଆବିଷ୍କୃତ ପ୍ରାଚୀନ ସଭ୍ୟତାକୁ କୋଶମ୍ବ ସଭ୍ୟତା ବୋଲି କୁହାଯାଇପାରେ ବୋଲି ଦାସ କହିଛନ୍ତି।

ସେହିପରି ଦୁର୍ଗାଦେବୀ ପ୍ରାଚୀନ ସଭ୍ୟତା ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପଟ୍ଟନାୟକ କହନ୍ତି, କୌଣସି ଅଞ୍ଚଳର ଇତିହାସ ସମ୍ପୃକ୍ତ ରାଜ୍ୟ ଓ ଦେଶ ସାରା ବୁଲି ସମ୍ପର୍କ ଥିବା ସ୍ଥାନକୁ ନେଇ ଲେଖାଯାଇଥାଏ। କୃଷିର ତତ୍କାଳୀନ ତଥ୍ୟକୁ ନେଇ ତାମ୍ରଯୁଗ ସମ୍ପର୍କରେ ଜାଣିଥାଉ। ତେବେ ତାମ୍ରଯୁଗରେ ଘରର ନକ୍ସା ଗୋଲାକାର ସଦୃଶ। ଯାହା ଦୁର୍ଗାଦେବୀ ଅଞ୍ଚଳରେ ଦେଖିବାକୁ ମିଳିଛି। ସେହିଭଳି ସୁଆବରେଇ, ଭାରତୀଗୁଡ଼ାରେ ମଧ୍ୟ ଏଭଳି ଗୋଲାକାର ଘରର ନକ୍ସା ମିଳିଛି। ତେବେ କେବେଠୁ ଏଠାରେ ଚାଷ କାର୍ଯ୍ୟ ବଢିଥିଲା, ଚାଷର ଉପକରଣ କ'ଣ ଥିଲା, କାଠ ନା ଲୁହା। ଲୁହାର ଉଦ୍ଭାବନ କେବେ ହେଲା ଓ ବ୍ୟବହାର କେବେ ହେଲା। ବର୍ତ୍ତମାନ ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ କହିବା କଷ୍ଟକର। ଯାଜପୁର ଜିଲା ରାଧାନଗର ମହାନଦୀ ଉପକୂଳରେ କାମ କରୁଥିବା ବେଳେ ସେଠାରେ ମଧ୍ୟ ବଡ଼ ପ୍ରାଚୀର ମିଳିଥିଲା। ଏହା ମୌର୍ଯ୍ୟ ଯୁଗର ପ୍ରାଚୀର। ତା' ସହିତ ଦୁର୍ଗାଦେବୀରେ ମିଳିଥିବା ପ୍ରାଚୀରର ସାମଞ୍ଜସ୍ୟକୁ ମିଶାଇବା ପରେ ଏଠାରେ କୌଣସି ଐତିହାସିକ ଯୁଗ ରହିଥିବା ଅନୁମାନ କରାଯାଉଛି ବୋଲି ପଟ୍ଟନାୟକ କହିଛନ୍ତି।

## ସିଂହମୂର୍ତ୍ତି ଗଙ୍ଗ ରାଜତ୍ୱ...

ଏବେ ନେଡ଼ିଗୁଡ଼ କହୁଣୀକୁ ବୋହି ଯିବା ପରେ ଏଏସ୍ଆଇ ଖନନସ୍ଥଳୀକୁ ଆସି ନିଜ ଦୋଷ ଛଡ଼ାଇବାକୁ ଚାହୁଁଛି ବୋଲି ପୁରୀ ସହରର ବୁଦ୍ଧିଜୀବୀମାନେ କହିଛନ୍ତି। ଏଏସ୍ଆଇ ଅଧୀକ୍ଷକ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ପି.କେ.ନାୟକ ଏବଂ ରାହୁଲ ଶ୍ରୀବାସ୍ତବଙ୍କ ସମେତ ଟିମ୍‌ର ଅନ୍ୟ ସଦସ୍ୟମାନେ ଖନନସ୍ଥଳୀରେ ପହଞ୍ଚି ପ୍ରଥମେ ସିଂହମୂର୍ତ୍ତିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଖନନ ହୋଇଥିବା ଚଟାଣକୁ ଖୋଳି ମାପଚୁପ କରିଥିଲେ। ସେହିଭଳି ସେଠାରୁ ନମୁନା ସଂଗ୍ରହ କରିଥିଲେ। ଏହି ଅବସରରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି)ର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ସିଂହମୂର୍ତ୍ତିର ସଂରକ୍ଷଣ ପାଇଁ ଏଏସ୍ଆଇ ତାହାକୁ ସାଙ୍ଗରେ ନେବ ବୋଲି କୁହାଯାଉଥିଲା। ମାତ୍ର ମୂର୍ତ୍ତିଟି ପୂର୍ବଭଳି ଖନନସ୍ଥଳୀରେ ପଡ଼ିରହିଛି। ଏଏସ୍ଆଇ ଅଧୀକ୍ଷକ ଅରୁଣ ମଲ୍ଲିକ କହିଛନ୍ତି, ଓବିସିସିର ଅନୁରୋଧ କ୍ରମେ ଏଏସ୍ଆଇ ପକ୍ଷରୁ ସିଂହମୂର୍ତ୍ତିଟିର ଅନୁଧ୍ୟାନ କରାଯାଇଛି। ସତ୍ୟପାଠରେ ଯେଉଁ ସିଂହ ମୂର୍ତ୍ତି ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା, ଏହା ସେହି ସିଂହମୂର୍ତ୍ତି ବୋଲି ସ୍ଥିତି ଯାଞ୍ଚ ପରେ ଜଣାପଡ଼ିଛି। ଏମାର ମଠ ପରିସରସ୍ଥ ଖନନ ସ୍ଥଳୀଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯିବା ସହ ନମୁନା ସଂଗ୍ରହ କରାଯାଇଛି। ସେହିଭଳି ମିଳିଥିବା ସିଂହମୂର୍ତ୍ତିଟି ଗଙ୍ଗବଂଶ ସମୟର ହୋଇଥାଇପାରେ। ତେବେ ଏ ନେଇ ପରୀକ୍ଷା ନିରୀକ୍ଷା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି। ପୁରୀ ଏଏସ୍ଆଇ ସର୍କଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଖନନସ୍ଥଳୀରେ ଏହି କୀର୍ତ୍ତିରାଜିକୁ ସୁରକ୍ଷିତ ଭାବେ ରଖାଯାଇଛି। ସୁରକ୍ଷାକର୍ମୀମାନେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସେହିଭଳି ଖନନସ୍ଥଳୀରେ ଏକ ପ୍ରାଚୀନ କାନ୍ଥ ଦବି ରହିଥିବା ଜାଣିବାକୁ ମିଳିଛି। ଅନୁଧ୍ୟାନରେ ଯାହା ଯାହା ଜଣାପଡ଼ିଲା, ସେ ସମ୍ପର୍କରେ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯିବ। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ବିସ୍ତୃତ ଭାବେ କହିବା ସମ୍ଭବପର ନୁହେଁ। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ବ୍ୟାପକ ଖନନ ଫଳରେ ଅନେକ କୀର୍ତ୍ତିରାଜି ନଷ୍ଟ ହୋଇସାରିଛି। ଏଏସ୍ଆଇ ଟିମ୍ ଖନନ ବେଳେ ଉପସ୍ଥିତ ରହି ନ ଥିଲା। ଜିପିଆର୍‌ଏସ୍ କରାଗଲା ନାହିଁ। ଫଳରେ ନଷ୍ଟ ହୋଇଥିବା କୀର୍ତ୍ତିରାଜି ସମ୍ପର୍କରେ ଜାଣିବା କଷ୍ଟକର ହୋଇପଡ଼ିଛି। ସେହିପରି ମିଳିଥିବା ସିଂହମୂର୍ତ୍ତିକୁ ସଂରକ୍ଷଣ ପାଇଁ ନିଆଯିବା ପରିବର୍ତ୍ତେ କାହିଁକି ଖନନ ସ୍ଥଳୀରେ ଛାଡ଼ି ଦିଆଗଲା ସେ ସମ୍ପର୍କରେ ଏଏସ୍ଆଇ ମୁହଁ ଖୋଲିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ସତ କହି ବିବାଦୀୟ ହୋଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବିଭିନ୍ନ କାର୍ଯ୍ୟ ବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇପାରେ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିରତା ଆଦୌ ରହିବ ନାହିଁ। କୌଣସି ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ। ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବାର ସୂଚନା ରହିଛି।

**ମିଥୁନ**
ବନ୍ଧୁଙ୍କ କାର୍ଯ୍ୟରେ ସହଯୋଗୀ ହେବା ପ୍ରସ୍ତାବରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ଉପରିସ୍ଥ ପଦାଧିକାରୀଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ।

**କର୍କଟ**
ସାମୟିକ ପ୍ରତିବନ୍ଧକ ପ୍ରଗତିପଥରେ ଅନ୍ତରାୟ ସୃଷ୍ଟି କରିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଅପରାହ୍ନରେ ପାଇଯିବେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ,ପରିବହନରେ ସଫଳତା ହାସଲ କରିବେ। ଗଣତନ୍ତ୍ରର ପ୍ରତୀକ ଶନିଙ୍କ ସ୍ଥିତିରୁ ରାଜନୈତିକ, ସାଂଗଠନିକ ଓ ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତଫଳ ପାଇବେ।

**ସିଂହ**
ରାଜନୈତିକ କ୍ଷେତ୍ରରେ ବିରୋଧର ସମ୍ମୁଖୀନ ହେବେ। ଆର୍ଥିକ ଦୂରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରିବେ। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭୀଭୂତ କରିପାରେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ।

**କନ୍ୟା**
ଆତ୍ମୀୟଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇ ପାରନ୍ତି। ସ୍ୱାର୍ଥ ହାନି ଆଶଙ୍କାରେ ସହକର୍ମୀମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କଲେ ଦ୍ୱନ୍ଦ୍ୱରେ ପଡ଼ିବାକୁ ହେବ।

**ତୁଳା**
ଆଲୋଚନା ସମୟରେ ପୂର୍ବନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ହଠାତ୍ ବନ୍ଧୁଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ବିଛା**
ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ। ବିଗତ ଦିନମାନଙ୍କର କଥାକୁ ନେଇ ଭାବପ୍ରବଣତା ବୃଦ୍ଧି ପାଇବ। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ ଦୂରୀଭୂତ ହୋଇପାରେ।

**ଧନୁ**
ପରିବାରରେ ଅଶାନ୍ତି, ନିଜ ଲୋକମାନଙ୍କ ଅନାସ୍ଥା ଭାବ ହେତୁ ମାନସିକ ସୁସ୍ଥତା ରହିବ ନାହିଁ। ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହେବେ।

**ମକର**
କର୍ମ କ୍ଷେତ୍ରରେ କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି ହେତୁ ଜମା ଫୁରୁସତ୍ ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ସହ ମତ ପାର୍ଥକ୍ୟ କାରଣରୁ ଟେନସନରେ ରହିବେ। ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟ ମାନଙ୍କ ପରି ଖୁସୀ ହୋଇପାରିବେ ନାହିଁ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କହାନି ଦୁଶ୍ଚିନ୍ତାର କରଣ ହୋଇପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ସମସ୍ୟା ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରିବ। ଲୋକ ସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ କେତେକ ବିବାଦୀୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ।

## ପ୍ରଥମେ ରେଡିଓ ମେଟ୍ରିକ୍ ଡେଟିଂ ଟେଷ୍ଟ କରାଯାଉ

**ପୁରୀ ଅଫିସ:** ଖନନ ସ୍ଥଳୀରୁ ମିଳିଥିବା ସିଂହମୂର୍ତ୍ତି ଗଙ୍ଗବଂଶ ସମୟର ହୋଇଥିବା ଏଏସ୍ଆଇ ଅନୁମାନ କରୁଥିବା କହିଛି। ଏ ନେଇ ସାମାଜିକ କର୍ମୀ ହେକ୍ଟର ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ୧୬ ଶହ ବର୍ଷ ପୁରୁଣା ସହର ପୁରୀରେ ମିଳୁଥିବା ପଥରକୁ କେବଳ ଗଙ୍ଗବଂଶ ସମୟର ବୋଲି କିଭଳି କୁହାଯାଇପାରୁଛି। ପୁରୀରେ ଶ୍ରୀମନ୍ଦିର ପୂର୍ବରୁ ମଧ୍ୟ ଅନେକ ମଠମନ୍ଦିର ରହିଛି। ଏଏସ୍ଆଇ ଅଧିକାରୀ ରେଡିଓ ମେଟ୍ରିକ୍ ଡେଟିଂ ଟେଷ୍ଟ ନ କରି ପ୍ରତିକ୍ରିୟା ରଖିବା ଅତ୍ୟନ୍ତ ଦାୟିତ୍ୱହୀନ। ଏଣୁ ସମ୍ପୃକ୍ତ ସିଂହମୂର୍ତ୍ତି କେତେ ବର୍ଷର ପୁରୁଣା ତାହା ଜାଣିବା ପାଇଁ ପ୍ରଥମେ ଏହି ଟେଷ୍ଟ କରାଯାଉ ବୋଲି ମିଶ୍ର ଦାବି କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୩୫,୪୪,୨୦୬ | ୬୨,୯୧,୬୧୫ | ୪୯,୩୪,୮୯,୩୭୭ |
| ଭାରତ | ୪,୩୧,୨୫,୩୭୦ | ୫,୨୪,୨୬୦ | ୪,୨୫,୮୪,୭୧୦ |
| ଓଡ଼ିଶା | ୧୨,୮୮,୩୧୪ | ୯୧୨୬(+୫୩) | ୧୨,୭୯,୦୨୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପର୍ଯ୍ୟଟକଙ୍କ ଆକର୍ଷଣ ତାରାତାରିଣୀଙ୍କ ଭବ୍ୟ ଆଦିପୀଠ

**ଜିତେନ୍ଦ୍ର କୁମାର ନାୟକ**

**ତାରାତାରିଣୀ ପୀଠ, ୧୭।୫**

ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ସତୀଙ୍କ ମୃତଦେହକୁ ଶିବ କାନ୍ଧରେ ପକାଇ ସମଗ୍ର ଭାରତ ବୁଲୁଥିବା ବେଳେ ବିଭିନ୍ନ ସ୍ଥାନରେ ମା'ଙ୍କ ଶରୀରର କିଛି ଅଂଶ ପଡ଼ିଥିଲା। ସେଥିମଧ୍ୟରୁ ୪ ସ୍ଥାନକୁ ପ୍ରମୁଖ ଶକ୍ତିପୀଠ ଭାବେ ଅଭିହିତ କରାଯାଇଛି। ପୁରୀଠାରେ ମା'ଙ୍କ ପାଦ ଖଣ୍ଡ ପଡ଼ିଥିଲା ଓ ତାହା ବିମଳା ଭାବେ ପରିଚିତ। ବ୍ରହ୍ମପୁର ନିକଟସ୍ଥ ଛତ୍ରପୁରରେ ସ୍ତନଖଣ୍ଡ ପଡ଼ିଥିବାରୁ ତାରାତାରିଣୀ, ଆସାମର ଗୁଆହାଟୀର କାମାକ୍ଷାଠାରେ ଯୋନି ଖଣ୍ଡ ପଡ଼ିଥିବା ବେଳେ ପଶ୍ଚିମବଙ୍ଗର କାଳୀଘାଟରେ ମା'ଙ୍କ ମୁଖଖଣ୍ଡ ପଡ଼ି ଦକ୍ଷିଣ କାଳିକା ଭାବେ ପ୍ରସିଦ୍ଧି ଅର୍ଜନ କରିଆସିଛନ୍ତି। ତେବେ ତାରାତାରିଣୀଙ୍କ ପୀଠ ବିଷୟରେ ସପ୍ତଦଶ ଶତାବ୍ଦୀ ଯାଏ ଅଜଣା ରହିଥିଲା। ଏକ ଲୋକକଥାରୁ ଜଣାପଡ଼ିଛି, ଗଞ୍ଜାମ ଜିଲାର ଖରିଦା ବୀର ଜଗନ୍ନାଥପୁର ଗ୍ରାମରେ ବସୁ ପ୍ରହରାଜ ନାମକ ଜଣେ ବ୍ରାହ୍ମଣ ପଣ୍ଡିତ ଥିଲେ। ସେ ମା'ଙ୍କ ବଡ଼ ଭକ୍ତ ଭାବେ ପରିଚିତ। ହେଲେ ସେ ଥିଲେ ସନ୍ତାନହୀନ। ଏକଦା ମା' ତାରାତାରିଣୀ ପ୍ରହରାଜଙ୍କ ଘରେ ଦୁଇ ଭଉଣୀ ଭାବେ ଉଭା ହୋଇଥିଲେ। କିଛିବର୍ଷ ରହିବା ପରେ ସେମାନେ ଦିନେ ତାଙ୍କ ଘରୁ ଉଭାନ ହୋଇଗଲେ। ଗ୍ରାମବାସୀ କହନ୍ତି, ଦୁଇ ଭଉଣୀ କୁମାରୀ ପର୍ବତ ଆଡ଼କୁ ଯାଇଥିବା ବେଳେ କେଉଁଆଡ଼େ ଉଭାନ ହୋଇଗଲେ ତାହା କେହି ଜାଣିପାରିଲେ ନାହିଁ। ସେହି ଦୁଇ ଭଉଣୀଙ୍କୁ ପ୍ରହରାଜ ଯେତେ ଖୋଜିଲେ ମଧ୍ୟ ପାଇଲେ ନାହିଁ। ଏଥିରେ ବ୍ରାହ୍ମଣ ବିଷାଦଗ୍ରସ୍ତ ହୋଇ ଭାଙ୍ଗିପଡ଼ିଲେ। ହେଲେ ସେହିଦିନ ରାତିରେ ତାରାତାରିଣୀ ସ୍ୱପ୍ନରେ ଆସି କହିଲେ ସେମାନେ ତାଙ୍କ ଦୁଇ ଝିଅ ନ ଥିଲେ। ଉଭୟ ଥିଲେ ଆଦିଶକ୍ତି–ତାରା ଓ ତାରିଣୀ। ଏହା ପରେ ମା' ପ୍ରହରାଜଙ୍କୁ ନିର୍ଦ୍ଦେଶ ଦେଲେ ବିଷାଦମୁକ୍ତ ହୋଇ ଅତି ଭକ୍ତିର ସହ କୁମାରୀ ପର୍ବତର ଶିଖରରେ ମନ୍ଦିର ତୋଳି ଦେବୀଙ୍କୁ ସ୍ଥାପନ କରିବାକୁ। ସେହି ଅନୁଯାୟୀ ପଣ୍ଡିତ ପ୍ରହରାଜ ମା'ଙ୍କୁ ସ୍ଥାପନ କଲେ। ସେବେଠାରୁ ତାରାତାରିଣୀ ଶାନ୍ତି ଓ ଶକ୍ତିର ପ୍ରତୀକ ଭାବେ ଦିଗବିଦିଗ ହେବା ପରେ ସମଗ୍ର ଭାରତବର୍ଷରୁ ଶ୍ରଦ୍ଧାଳୁ ଏଠାକୁ ଆସିଥାଆନ୍ତି। ତେବେ ଓଡ଼ିଶା ସରକାରଙ୍କ ଦୀର୍ଘ ଦୁଇ ଦଶନ୍ଧିର ନିରବଚ୍ଛିନ୍ନ ଉଦ୍ୟମର ଫଳସ୍ୱରୂପ ଆଜି ଏହି ପୀଠ ନବ୍ୟରୂପ ଧାରଣ କରି ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଆକର୍ଷଣର ଭବ୍ୟ କେନ୍ଦ୍ର ପାଲଟିଛି।



ତାରାତାରିଣୀ ମନ୍ଦିର ପ୍ରବେଶ ପଥ।

ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୧୫ ମେ'ରୁ ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବରେ ବିଭିନ୍ନ ସ୍ଥାନରୁ ବ୍ରାହ୍ମଣ ଓ ସାଧୁସନ୍ଥଙ୍କ ସମାଗମ ହୋଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସସ୍ତ୍ରୀକ ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୧ରେ ଏଭଳି ଏକ ଭବ୍ୟ ମନ୍ଦିରର ପରିକଳ୍ପନା କରିଥିଲେ ଯେତେବେଳେ ତାଙ୍କ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅଧୀନରେ ଏହା ଆସୁଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ଏହାର ବିକାଶ ପାଇଁ ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହାକୁ ଏକ ଜାତୀୟ ସ୍ତରର ପର୍ଯ୍ୟଟନ କେନ୍ଦ୍ର କରିବା ସହ ଏଠାରେ ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କୁ ପର୍ଯ୍ୟାପ୍ତ ସୁବିଧା ଦେବା ଲାଗି ପ୍ରୟାସ କରାଯାଇଛି। ଗତ କୋଡ଼ିଏ ବର୍ଷ ମଧ୍ୟରେ ୧୧୭ କୋଟିରୁ ଅଧିକ ଟଙ୍କା ବ୍ୟୟରେ ପୀଠ ଓ ଆଖପାଖ ଅଞ୍ଚଳର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ହୋଇଛି। ସର୍ପିଳ ଗତିରେ ସଡ଼କ ଯେଭଳି ହିଲ୍‌ଟପ୍‌କୁ ଯାଇଛି ଯାତ୍ରୀ ଯାନରେ ଗଲା ବେଳେ ପାହାଡ଼ ଓ ବନାନୀଯୁକ୍ତ ମନୋରମ ଦୃଶ୍ୟକୁ ଉପଭୋଗ କରିପାରୁଛନ୍ତି। ପର୍ବତ ଶିଖରରେ ଅଧିଷ୍ଠିତ ଆଦିଶକ୍ତିଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ଏହାର ପାଦଦେଶକୁ ଚାହିଁଲେ ଋଷିକୁଲ୍ୟା ନଦୀର ଧାର ଦେଖିପାରୁଛନ୍ତି। ନୂଆକରି ଯଜ୍ଞ ମଣ୍ଡପ, ଦୀପ ଘର, ଭ୍ୟୁ ପଏଣ୍ଟ, ମେଡିଟେଶନ୍ ସେଣ୍ଟର୍, ପ୍ରଶାସନିକ ଭବନ, ମୁଣ୍ଡନ କକ୍ଷ, ବଜାର ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ବ୍ୟବସ୍ଥିତ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ତାରାତାରିଣୀ ଉନ୍ନୟନ ବୋର୍ଡ ୨୦୦୩ରେ ଗଠନ ହୋଇଥିଲା। ତତ୍କାଳୀନ ଗଞ୍ଜାମ ଜିଲାପାଳ ତଥା ବର୍ତ୍ତମାନର ୫–ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ମନ୍ଦିର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଶିଷ୍ଟ ସ୍ଥପତି ରଘୁନାଥ ମହାପାତ୍ର ଏହି ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟର ସ୍ପର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ ମେ'୨୦୨୨ରେ ମା'ଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ଓଡ଼ିଆଙ୍କୁ ଆଉ ଏକ ଭେଟି ଦେବାର କାର୍ଯ୍ୟକ୍ରମ ରହିଛି।



ଆକାଶମାର୍ଗରୁ ମନ୍ଦିର ଚତୁଃପାର୍ଶ୍ୱର ଦୃଶ୍ୟ।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ଶରତ ଚନ୍ଦ୍ର ଗୌନ୍ତିଆ

**କୁଚିଣ୍ଡା,୧୭।୫ (ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଶରତ ଚନ୍ଦ୍ର ଗୌନ୍ତିଆଙ୍କ ମଙ୍ଗଳବାର ସନ୍ଧ୍ୟା ୭ଟାରେ ପରଲୋକ ଘଟିଛି। ତାଙ୍କୁ ୧୦୬ ବର୍ଷ ହୋଇଥିଲା। ୧୯୧୬ ମସିହାରେ ଜନ୍ମିତ ଗୌନ୍ତିଆ ଜଣେ ସାଧୀନତା ସଂଗ୍ରାମୀ ଭାବେ ବେଶ୍ ଜଣାଶୁଣା ଥିଲେ। ଦୀର୍ଘଦିନ ହେଲା ସେ ଶଯ୍ୟାଶାୟୀ ଥିଲେ। ତାଙ୍କର ଦୁଇପୁଅ ଓ ଦୁଇ ଝିଅ ଅଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ଶିବନାରାୟଣ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବୁଧବାର ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ।

## ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିବ। ନିର୍ଦ୍ଦିଷ୍ଟ ଭାବେ କେଉଁ କେଉଁ ଏଜେଣ୍ଡା କ୍ୟାବିନେଟ୍ ବୈଠକରେ ରହିଛି, ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ଯାହା ଜଣାପଡ଼ିଛି, ବୁଧବାର ଅପରାହ୍ନ ୫ଟା ୩୦ ମିନିଟ୍‌ରେ ହେବାକୁ ଥିବା କ୍ୟାବିନେଟ୍‌ରେ ଆଇନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ରାଜସ୍ୱ, ଅର୍ଥ ଏବଂ ଶକ୍ତି ବିଭାଗର ପ୍ରାୟ ୧୩ଟି ପ୍ରସ୍ତାବ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି। ତେବେ ମନ୍ତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ବ୍ରଜରାଜନଗର ଉପନିର୍ବାଚନ ଦାୟିତ୍ୱରେ ଯାଇଥିବା ବେଳେ ଆଉ କେତେଜଣ ତାରାତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ କାମର ମୁଖ୍ୟମନ୍ତ୍ରୀ କରୁଥିବା ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରହ୍ମପୁରରେ ଡେରା ପକାଇଛନ୍ତି। ଯେଉଁମାନେ ଲୋକସେବା ଭବନରେ ପହଞ୍ଚି ନ ପାରିବେ ସେମାନେ ଜିଲା ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସରେ ଯୋଗଦେବେ ବୋଲି ଜଣାପଡ଼ିଛି।

# 'ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ଆଭିମୁଖ୍ୟ ବିକାଶ କର'



ନବନିଯୁକ୍ତ ଅଧ୍ୟାପକଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରୁଛନ୍ତି। ନିକଟରେ ଅଛନ୍ତି ୫–ଟି ସଚିବ ଭି.କେ. ପାଣ୍ଡିଆନ୍।

- **ନବନିଯୁକ୍ତ ଅଧ୍ୟାପକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**
- **ଖାଲି ପଦବୀରେ ନିଯୁକ୍ତି ପାଇଲେ ୯୦୮ ଅଧ୍ୟାପକ**

**ଭୁବନେଶ୍ୱର, ୧୭।୫(ବ୍ୟୁରୋ)**

ସମସ୍ୟାର ସମାଧାନ ଏବଂ ଜୀବନର ରୂପାନ୍ତରୀକରଣ କ୍ଷେତ୍ରରେ ଜ୍ଞାନର ଆବଶ୍ୟକତା ରହିଛି। ଏଥିପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ମାନସିକତାର ବିକାଶ ହେବା ଅତ୍ୟନ୍ତ ଜରୁରୀ। ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ଆଭିମୁଖ୍ୟ ବିକାଶ ଦିଗରେ ଅଧ୍ୟାପକମାନଙ୍କୁ ଧ୍ୟାନ ଦେବାକୁ ପଡ଼ିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକସେବା ଭବନ ପରିସରରେ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ନବନିଯୁକ୍ତ ଅଧ୍ୟାପକଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏଭଳି ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଇସ୍ୟୁକୁ ସମାଧାନ କରିବା ଦ୍ୱାରା ସମାଜର ବିକାଶ ହୁଏ। ଆଗକୁ ବଢ଼ିବା ଲାଗି ସୁଯୋଗ ମିଳେ। ଓଡ଼ିଶାରେ ଉଚ୍ଚଶିକ୍ଷାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟାପକ ନିଯୁକ୍ତିକୁ ତ୍ୱରାନ୍ୱିତ କରାଯାଇଛି। ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଖାଲିଥିବା ପଦବୀରେ ୯୦୮ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୬୩୯ ଜଣ ଯୋଗ ଦେଇଛନ୍ତି। ଅବଶିଷ୍ଟ ଖୁବ୍‌ଶୀଘ୍ର ଯୋଗ ଦେବେ। ପିଲାମାନଙ୍କର ଜଟିଳ ସମସ୍ୟା ସମାଧାନ କରିବାରେ ଅଧ୍ୟାପକମାନେ ଗୁରୁଦାୟିତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

୨୦୧୬ରୁ ରାଜ୍ୟ ସରକାର ୩,୭୬୮ ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଦ୍ୟାବଧି ୨,୩୨୦ ଜଣଙ୍କୁ ନିଯୁକ୍ତି ଦିଆସରିଛି। ଏବେ ୯୯୧ ଜଣ ଅଧ୍ୟାପକ ନିଯୁକ୍ତି ଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୧,୦୦୦ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହେବ। ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଭଳି କଲେଜଗୁଡ଼ିକରେ ସ୍ମାର୍ଟ କ୍ଲାସ୍‌ରୁମ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ୍ କହିଲେ, ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯାଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗରେ ପଦବୀ ପୂରଣ ପ୍ରକ୍ରିୟା ଜୋରସୋରରେ ଚାଲିଛି। ୫–ଟି ଅନୁଯାୟୀ ସ୍ୱଚ୍ଛତାର ସହ ନିଯୁକ୍ତି କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ସେ କହିଛନ୍ତି। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ପକ୍ଷରୁ ୯୭୨ରୁ ୯୩୦ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ୨୦୧୫–୧୬ରେ ୧୫୧୦ ଜଣ ଏବଂ ୨୦୨୦ରେ ୮୦୯ ଜଣ ନିଯୁକ୍ତି ପାଇଥିଲେ। ସମୁଦାୟ ୩ ହଜାର ୨୯୧ ଜଣ ନିଯୁକ୍ତି ପାଇଛନ୍ତି। ସରକାରୀ କଲେଜରେ ୬୦୬ ଜଣଙ୍କ ନିଯୁକ୍ତି ପ୍ରକ୍ରିୟା ଓପିଏସ୍‌ସି ଦ୍ୱାରା ଚାଲିଛି। ଏଥିରୁ ୧୫୦ ଜଣ ନିଯୁକ୍ତି ପାଇସାରିଲେଣି। ବିଶ୍ୱବିଦ୍ୟାଳୟସ୍ତରରେ ୫୦୪ ଆସିଷ୍ଟାଣ୍ଟ ପ୍ରାଧ୍ୟାପକ, ୩୨୦ ଆସିଷ୍ଟାଣ୍ଟ ପ୍ରଫେସର, ୧୮୩ ପ୍ରଫେସର ପଦବୀକୁ ମିଶାଇ ସମୁଦାୟ ୧,୦୦୭ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ୧୫୦ ଜଣ ନିଯୁକ୍ତି ପାଇ ସାରିଲେଣି। ବିଇଡି କଲେଜର ୩୮୫ ଜଣଙ୍କୁ ନିଯୁକ୍ତି ଦେବାକୁ ଓପିଏସ୍‌ସିକୁ କୁହାଯାଇଛି। ଅବସର ନେଉଥିବା ଅଧ୍ୟାପକଙ୍କ ତାଲିକା ଆସିବା ପରେ ବଳକା ସିଟ୍ ପୂରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।









ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୮ ମେ, ୨୦୨୨

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଇତିହାସରେ ହଜିଯିବେ

ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଏକ ଐତିହାସିକ ଘଟଣା କ୍ରମରେ ସୁପ୍ରିମକୋର୍ଟ 'ଦେଶଦ୍ରୋହ' ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଭାରତୀୟ ଦଣ୍ଡ ସଂହିତା(ଆଇପିସି) ଧାରା ୧୨୪ (ଏ) ଆଧାରରେ ୧୮୭୦ରୁ ଏହି ଆଇନ ରହିଛି ଓ ଏଭଳି ଏକ ଉପନିବେଶିକ ଆଇନକୁ ଆମେ ସ୍ୱାଧୀନତା ପରେ ମଧ୍ୟ ବାତିଲ କରିନାହୁଁ। ତେବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି.ରମନା, ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ବିଚାରପତି ଜଷ୍ଟିସ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାରା ୧୨୪ (ଏ) ରେ ହୋଇଥିବା ଅଭିଯୋଗ ଆଧାରିତ ସବୁ ମାମଲା, ଆବେଦନ ଏବଂ ବିଚାରକୁ ସ୍ଥଗିତ ଘୋଷଣା କରିଛନ୍ତି। ଏଥିସହିତ ଏହି ଆଇନ ବଳରେ ନୂଆ ମାମଲା ରୁଜୁ ନ କରିବାକୁ ମଧ୍ୟ କହିଛନ୍ତି। ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି ଯେ, ଏହି ସ୍ଥଗିତାଦେଶ ପରେ ଦେଶଦ୍ରୋହ ଆଇନ ବଳରେ କେନ୍ଦ୍ର ଅଥବା ରାଜ୍ୟ ସରକାର କୌଣସି ପ୍ରକାର ଏଫଆଇଆର ରୁଜୁ କରିବା, ତଦନ୍ତ ଜାରି ରଖିବା କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଯେ ପର୍ଯ୍ୟନ୍ତ ଏହି ଆଇନର ପୁନର୍ବିଚାର ପ୍ରକ୍ରିୟା ଶେଷ ନ ହୋଇଛି ସେ ପର୍ଯ୍ୟନ୍ତ ଅନ୍ତତଃ ପକ୍ଷେ ଏହି ଆଇନର ପ୍ରୟୋଗ ବନ୍ଦ ରଖାଯିବ। ଯେଉଁମାନେ ଏହି ଦେଶଦ୍ରୋହ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ସେମାନେ ଅଦାଲତଙ୍କ ଦ୍ୱାରା ଜାମିନ ପାଇବାର ଉପଯୁକ୍ତ ପ୍ରକ୍ରିୟା ପାଇଁ ସୁଯୋଗ ଦେବାକୁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ସେହିଭଳି ଉକ୍ତ ଆଇନ ବଳରେ ଯଦି କୌଣସି ନୂଆ ମାମଲା ରୁଜୁ କରାଯାଉଛି ତେବେ ଜାମିନ ଆବେଦନ ଲାଗି ସୁବିଧା ଦେବା ଏବଂ ଅଦାଲତଙ୍କ ଦ୍ୱାରା ଏହାର ବିଚାର କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ତୃତୀୟ ସପ୍ତାହରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ। ଅବଶ୍ୟ ନିମ୍ନ ଅଦାଲତଗୁଡ଼ିକରେ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ କେତେଦୂର ପାଳନ ହେବ ତାହା କହିବା କଷ୍ଟକର। ନିକଟ ଅତୀତରେ ଅନେକ ପ୍ରମାଣ ଦେଖିବାକୁ ମିଳୁଛି ଯେଉଁଥିରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ନିମ୍ନ କୋର୍ଟରେ ତାହା ପାଳନ କରାଯାଉନାହିଁ। ଇଂରେଜ ଶାସନ କାଳରେ ଲୋକମାନ୍ୟ ତିଳକ, ଗାନ୍ଧିଜୀ, ଭଗତ ସିଂ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଦେଶଦ୍ରୋହ ଅଭିଯୋଗ ଅଣାଯାଇଥିଲା। କିନ୍ତୁ ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଏବେ ଏହାକୁ ଯେଭଳି ଭାରତୀୟଙ୍କ ପାଇଁ ବ୍ୟବହାର କରାଯାଉଛି ତାହା ପୁନଶ୍ଚ ଉପନିବେଶ ଶାସନକୁ ସ୍ମରଣ କରିଦେଉଛି। କୌଣସି ବ୍ୟକ୍ତି ଭାରତର ପ୍ରତିଷ୍ଠିତ ଆଇନ ଓ ବ୍ୟବସ୍ଥା ପ୍ରତି ଶବ୍ଦ, ଭାଷା ତଥା ଲିଖିତ ଭାବେ ଅସମ୍ମାନ କରିବା, ଘୃଣା ସୃଷ୍ଟି ତଥା ଅବମାନନା ଉଦ୍ୟମ କରିବା, ଅଥବା ଉତ୍ତେଜିତ କରାଇବା କିମ୍ବା ଏ ନେଇ ଉଦ୍ୟମ କରିବା କ୍ଷେତ୍ରରେ ଆଇପିସିର ଧାରା ୧୨୪ (କ) ଅନୁଯାୟୀ ମାମଲା ରୁଜୁ କରାଯାଇଥାଏ। କିନ୍ତୁ ଏବେ ଦେଖାଯାଉଛି ଯେ,ଏହି ଧାରାକୁ ବାରମ୍ବାର ବ୍ୟବହାର କରାଯାଉଛି କେବଳ ଜଣେ ଦୁଇଜଣ ବ୍ୟକ୍ତିଙ୍କ ବିରୋଧରେ କେହି ଯଦି ସ୍ୱର ଉତ୍ତୋଳନ କରେ କିମ୍ବା ଗୋଟିଏ ଚିନ୍ତାଧାରାକୁ ପ୍ରତିରୋଧ କରେ। ଏହି ଧାରାର ବ୍ୟବହାର ଦେଶର ହିତ ପାଇଁ କରାଯାଉନାହିଁ।

ଏହି ଆଇନରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତଙ୍କୁ ସର୍ବନିମ୍ନ ତିନି ବର୍ଷ ଜେଲଦଣ୍ଡାଦେଶ, ଜରିମାନା ଏବଂ ସର୍ବାଧିକ ଆଜୀବନ କାରାଦଣ୍ଡାଦେଶ ତଥା ଏଥିସହ ଜରିମାନା ଭଳି କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ସ୍ୱାଧୀନ ଭାରତରେ ଉପନିବେଶବାଦର ଏଭଳି ଆଇନର ଉଚ୍ଛେଦ ପାଇଁ ବିଭିନ୍ନ ସଂଗଠନ, ମାନବାଧିକାର ସଂସ୍ଥା ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ମଧ୍ୟ ସ୍ୱର ଉଠିବାରେ ଲାଗିଛି। ସେହିପରି ଶାସନରେ ଥିବା ଦଳ ଦେଶଦ୍ରୋହ ଆଇନର ଦୁରୁପଯୋଗ କରୁଥିବା ଅଭିଯୋଗ ହୋଇଆସୁଛି। ଦେଶଦ୍ରୋହ ଆଇନ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ନିର୍ଦ୍ଦେଶକୁ ଦେଶବ୍ୟାପୀ ସ୍ୱାଗତ କରାଯାଉଛି। ଉଲ୍ଲେଖଯୋଗ୍ୟ, ଗତ କିଛି ବର୍ଷ ହେଲା ଏହି ଆଇନ ବଳରେ ସରକାର ଅନେକ ଲୋକଙ୍କୁ ବାନ୍ଧି ଜେଲରେ ପୂରାଇଛନ୍ତି। ସରକାରଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ମତ ଦେବା, ବ୍ୟଙ୍ଗଚିତ୍ର କରିବା, ଟିପ୍ପଣୀ କରିବା ଯୋଗୁ ଗିରଫ କରାଯାଉଛି। ୨୦୧୫ରୁ ୨୦୨୦ ମଧ୍ୟରେ ୩୫୬ଟି ଦେଶଦ୍ରୋହ ମାମଲା ରୁଜୁ କରାଯାଇ ୫୪୮ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ଜାତୀୟ ଅପରାଧ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ୁଛି। ଏହାକୁ ବ୍ୟବହାର କରି ଗଣତନ୍ତ୍ରର ସ୍ୱରକୁ ମଧ୍ୟ ଦବାଇ ଦିଆଯାଉଛି। ବିରୋଧୀ ଓ ସାମ୍ବାଦିକଙ୍କ ସ୍ୱରକୁ ଦବାଇବା ଲାଗି ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ଏହି ଆଇନ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରୁଛି ବୋଲି କୁହାଯାଉଛି। ୨୦୧୮ର ଭୀମା କୋରେଗାଁଓ ମାମଲାରେ ପ୍ରତିଷ୍ଠିତ କବି ବାରାବାରା ରାଓଙ୍କ ଗିରଫଦାରିଠାରୁ ଆରମ୍ଭ କରି ୨୦୨୧ରେ ବିନୋଦ ଦୁଆ, ରାଜଦୀପ ସରଦେଶାଇ, ମୃଣାଳ ପାଣ୍ଡେ ପ୍ରମୁଖ ବିଶିଷ୍ଟ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଅଣାଯାଇଥିଲା। ଏବେ ଏହି ଧାରା ଜାରି ରହିଛି। ନିକଟରେ ଗୁଜରାଟର କଂଗ୍ରେସ ବିଧାୟକ ଜିଗ୍ନେଶ ମେଭାନୀ ଓ ମହାରାଷ୍ଟ୍ରର ରାଣା ଦମ୍ପତିଙ୍କୁ ଗିରଫ କରି ଜେଲରେ ଭର୍ତ୍ତି କରିବା ଦେଶଦ୍ରୋହ ଆଇନର ନକାରାତ୍ମକ ଦିଗକୁ ସୂଚିତ କରୁଛି।

ଇଂରେଜମାନେ ଗାନ୍ଧୀ ଓ ତିଳକଙ୍କ ସ୍ୱର ଦବାଇବା ଲାଗି ଏହି କଠୋର ଆଇନକୁ ପ୍ରଥମେ ପ୍ରୟୋଗ କରିଥିଲେ। ହେଲେ ଏବେ ଆମେ ଭାରତୀୟଙ୍କୁ 'ଦେଶଦ୍ରୋହୀ' କହି ଶତ୍ରୁ ଭାବେ ଦେଖୁଛୁ। ସରକାରଙ୍କ ବିରୋଧରେ ସମାବେଶ କଲେ ଆୟୋଜକଙ୍କୁ ଦେଶଦ୍ରୋହୀ କୁହାଯାଉଛି। ଶେଷରେ କେତୋଟି କଥା ମନକୁ ଆସୁଛି। ପ୍ରଥମଟି ହେଲା, ବ୍ରିଟିଶ ଚାଲିଗଲେ କିନ୍ତୁ ଛାଡ଼ିଗଲେ ଏକ ମାଟିଆ ଚମଡ଼ା ଶାସକଗୋଷ୍ଠୀ, ଯେଉଁମାନଙ୍କର ମାନସିକତାରେ ଦମନ ରହିଛି ସର୍ବୋପରେ। ଦ୍ୱିତୀୟରେ, କୁହାଯାଇପାରେ ଯେ, ଯଦି ଭାରତ ଭଳି ଏକ ପ୍ରାଚୀନ ଦେଶକୁ କୌଣସି ବ୍ୟକ୍ତି ବିଶେଷ କିମ୍ବା ଗୋଷ୍ଠୀ ଭାଙ୍ଗି ଦେଇପାରେ ତେବେ ଏଭଳି ଦୁର୍ବଳ ଦେଶର ବଞ୍ଚିବାର କୌଣସି ଅଧିକାର ନାହିଁ। ତୃତୀୟରେ, ମନେରଖିବାକୁ ହେବ ଯେ, ଭାରତ ଉପରେ ଅନେକ ଆକ୍ରମଣକାରୀ ଦୀର୍ଘ ସମୟ ଶାସନ କରିବା ସତ୍ତ୍ୱେ ସେମାନଙ୍କର ବଂଶ ଲୋପ ଘଟିଛି, କିନ୍ତୁ ଏହି ଦେଶ ଆଜି ଏକ ସବଳ ରାଷ୍ଟ୍ର ଭାବେ ମୁଣ୍ଡ ଟେକିପାରିଛି। ଭାରତର ଏହି ସଫଳତା ପାଇଁ କୌଣସି ରାଜନୈତିକ ଦଳ, ନେତା, ଧର୍ମ କିମ୍ବା ପୂଜାସ୍ଥଳୀ ବାହାବା ନେଇପାରିବ ନାହିଁ। ଏହି ଦେଶରେ ଯାହା ହୋଇଛି ତାହା ଭାରତର ଜନସାଧାରଣ ସୃଷ୍ଟି କରିଛନ୍ତି। ଏହି ସହଜ କଥାକୁ ଯଦି କେହି ଅସ୍ୱୀକାର କରେ ତେବେ ବୁଝିବାକୁ ହେବ ଯେ, ସେହି ବ୍ୟକ୍ତି ତାହାର ନିଜ ପିତାଙ୍କୁ ଚିହ୍ନିପାରୁ ନାହିଁ। ସେହି ବ୍ୟକ୍ତି ହେଉଛି ବାସ୍ତବ ଦେଶଦ୍ରୋହୀ। ଭାରତର ସଂସ୍କୃତି କେବେହେଲେ ଏକ ନ ଥିଲା। ବିଭିନ୍ନ ଭାଷା, ପୋଷାକ, ବର୍ଣ୍ଣ, ଜାତି, ଧର୍ମ ଏବଂ ଭିନ୍ନ ସ୍ୱପ୍ନ ଦେଖୁଥିବା ସବୁ ପ୍ରାନ୍ତର ନାଗରିକ ହେଉଛନ୍ତି ଭାରତୀୟ। ଏହି ମୌଳିକ ଚିନ୍ତାଧାରାକୁ ଯଦି କୌଣସି ରାଜନେତା, ଗୁରୁ କିମ୍ବା ସଂଗଠନ ମାନିବାକୁ ପ୍ରସ୍ତୁତ ହେବେ ନାହିଁ ତେବେ ସେମାନେ ଖୁବ୍ ଶୀଘ୍ର ଇତିହାସରେ ହଜିଯିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 9 | | 8 | | | |
| | | | 2 | | | | 5 | |
| 7 | | | | | | 4 | | |
| | 4 | | | | | | | 6 |
| 3 | | | | 9 | | 7 | | |
| 2 | | | 8 | | 6 | | | |
| | | | | | 2 | | | 5 |
| | | 1 | 7 | | | 8 | 2 | |
| | | | 1 | | 3 | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 3 | 6 | 9 | 5 | 7 | 4 | 1 |
| 9 | 1 | 5 | 8 | 4 | 7 | 3 | 2 | 6 |
| 4 | 6 | 7 | 1 | 3 | 2 | 8 | 5 | 9 |
| 5 | 4 | 6 | 9 | 7 | 1 | 2 | 8 | 3 |
| 7 | 9 | 1 | 2 | 8 | 3 | 4 | 6 | 5 |
| 8 | 3 | 2 | 5 | 6 | 4 | 1 | 9 | 7 |
| 6 | 2 | 4 | 7 | 1 | 9 | 5 | 3 | 8 |
| 1 | 5 | 8 | 3 | 2 | 6 | 9 | 7 | 4 |
| 3 | 7 | 9 | 4 | 5 | 8 | 6 | 1 | 2 |

ଗତକାଲିର ଉତ୍ତର

# ସାଧାରଣଙ୍କ ପାଇଁ କରତାଳି



ନିରଞ୍ଜନ ସାହୁ

ଛୁଆଟିଏ ଶିଶୁ ଶ୍ରେଣୀରେ ନାଁ ଲେଖାଇବା ଦିନରୁ ମା'ବାପା ତା' ମୁଣ୍ଡ ଭିତରେ ପୂରାଇଲେ 'ତୁ ଫାଷ୍ଟ ହଅ'। ଆଉ ଟିକିଏ ବଡ଼ ହେଲାରୁ ସାଙ୍ଗମାନେ ତା' କାନରେ ଫୁଙ୍କିଲେ 'ତୁ ଆମ କ୍ରିକେଟ୍ ଟିମ୍‌ର କ୍ୟାପଟେନ୍ ହେବୁନି ତ ଆଉ କିଏ ହେବ?' ସ୍କୁଲ, କଲେଜରେ ତା' କାନରେ ବାରମ୍ବାର କୁହାଗଲା 'ତୋତେ ଜିତିବାକୁ ହେବ-ତୋତେ ଏକ୍‌ସେଲ କରିବାକୁ ହେବ।' ଡାରଉଇନ୍ କୁଆଡ଼େ କହିଥିଲେ - ''କେବଳ ଶକ୍ତିଶାଳୀ ହିଁ ବଞ୍ଚିବ ଆଉ ସବୁ କିଏ କେଉଁଆଡ଼େ ଯିବେ ତା'ର ପତ୍ତା ରହିବ ନାହିଁ।'' ଚାକିରି ପାଉ ପାଉ କୁହାଗଲା 'ନେତୃତ୍ୱ ନିଅ, ଫଳପ୍ରଦ ନେତୃତ୍ୱ ବଦଳେଇଦେବ ସବୁ। ତମର କାର୍ଯ୍ୟ ପରିସର, ଦେଶ ଦୁନିଆ।'

ଜୀବନଟା ସାରା ସବୁବେଳେ ଏଇ ଚାପରେ ବଞ୍ଚିବାକୁ ହେଲାବେଳକୁ ଯେତେବେଳେ ଅବସର ଜୀବନ ଉପନୀତ ହୁଏ ସେତେବେଳେ ଅନୁଭବ ହୁଏ- ମୁଁ କ'ଣ ବଞ୍ଚିଲି! ମୁଁ କ'ଣ ନିଜ ଇଚ୍ଛା ଅନୁସାରେ ଜୀବନରେ କିଛି କରିପାରିଲି! ସମସ୍ତେ କହିଲେ ସବୁବେଳେ ନେତୃତ୍ୱ ହିଁ ଗୁରୁତ୍ୱପୂର୍ଣ୍ଣ। ତା'ହେଲେ ଯେଉଁ ହଜାର ହଜାର ଲୋକ ନେତାଙ୍କ କଥାରେ ନିଆଁକୁ ଡେଇଁପଡ଼ିବାର ପ୍ରୟାସ କରନ୍ତି ସେମାନେ କ'ଣ ସବୁ ଅପଦାର୍ଥ- ଗୋଟାଏ ଦେଶକୁ ଯିଏ ନେତୃତ୍ୱ ଦେଉଛନ୍ତି ବା ଦେଇଛନ୍ତି ମୁଁ ତାଙ୍କ ବ୍ୟକ୍ତିତ୍ୱର ଅବମୂଲ୍ୟାୟନ କରୁନାହିଁ, ବରଂ ମନେପକେଇ ଦେବାକୁ ଚାହୁଁଛି- ଗୋଟିଏ ଦେଶର ଉନ୍ନତି କ'ଣ ଖାଲି ରାଜନୈତିକ ନେତୃତ୍ୱ ବା ବୈଷୟିକ ନେତୃତ୍ୱ ବଳରେ ସମ୍ଭବ ହୋଇଛି। ଜଣେ ଲୋକ କହିବ ଆଉ ତାକୁ କିଛିଲୋକ ଶୁଣିବେ। ଶୁଣିଲା ପରେ ତାଙ୍କର ହୃଦ୍‌ବୋଧ ହେବ ଯେ ଆମର ନେତା ଯାହା କହୁଛନ୍ତି ତାହା କରଣୀୟ। ତା'ପରେ ସେମାନେ କାମ କରିବେ ମନମୁନ ଚଇତନ ଲଗେଇ। ଆଉ ତା'ପରେ କାମଟି ହୋଇଯିବ। ଏତେଦିନ ଖାଲି ନେତାମାନଙ୍କର ଜୟଜୟକାର ଚାଲିଲା। ଯେଉଁ କୃଷକଟିଏ ଜୀବନସାରା କ୍ଷେତରେ ନିଜର ସବୁ ଧ୍ୟାନ ନିଗାଡ଼ିଦେଇ ଜୀବନ ବିତେଇଲା, ତାର କ'ଣ କିଛି ଯୋଗଦାନ ନାହିଁ ଆମ ସମାଜରେ! ଯେଉଁ ଶ୍ରମିକଟି କଳକାରଖାନାରେ ଖଟି ଖଟି ତା'ର ଜୀବନ ଯୌବନ ହଜେଇଦେଲା, ତା'ର ଜିଇବାର କ'ଣ କିଛି ଅର୍ଥ ନାହିଁ।

ଆମକୁ କୁହାଗଲା ଚମତ୍କାର ବକ୍ତୃତା ଦେବା ପାଇଁ। ଯେମିତି ଶ୍ରୋତାମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇ ତାହା ଶୁଣୁଥିବେ। ଆମେ କହିଚାଲିଲୁ, ଆମେ କେବେ ଲକ୍ଷ୍ୟ କଲୁ ତା' ହିଁ କେହି ଶୁଣିଲେ କି କାହିଁ। ଆମକୁ କୁହାଗଲା ଲେଖିବା ପାଇଁ। ଆମେ ଲେଖିଚାଲିଲୁ ବହୁତ କଥା । କେହି ତାକୁ ପଢ଼ିଲେ କି ନାହିଁ ତାହା କେବେ ଖୋଜିଲୁ ନାହିଁ; ମାତ୍ର ମନ ଭିତରେ ପୋଷଣ କରିଥିଲୁ ଗୋଟିଏ ଭୁଲ୍ ଧାରଣା ଯେ ଆମ ଲେଖା ଉତ୍କୃଷ୍ଟ। ଏଇମିତି ଅଦ୍ଭୁତ ଧାରଣାରେ ଜୀବନଟା ବିତିଗଲା। ଏକ ଅନୁଧ୍ୟାନରୁ ଜଣାଯାଇଛି, ଗୋଟିଏ ଜାଗାରେ ଯେତେ ଲୋକ ଥାଆନ୍ତି ସେମାନଙ୍କ ଭିତରୁ ହାରାହାରି ୧୦% ଲୋକଙ୍କ ଭିତରେ ସ୍ୱାଭାବିକ ନେତୃତ୍ୱ ନେବାର କ୍ଷମତା ରହିଛି ଏବଂ ଆଉ୨୦% ଲୋକ ଅଛନ୍ତି ଯେଉଁମାନେ କ୍ରମାଗତ ତାଲିମ ନେଲେ ସେମାନଙ୍କ ଭିତରେ ଉତ୍ତମ ନେତୃତ୍ୱ ନେବାର ଶକ୍ତି ବିକଶିତ ହୋଇପାରେ। ଅର୍ଥାତ୍ ଏକ ସାଧାରଣ ହିସାବ ଅନୁସାରେ ବାକି ସତୁରି ଭାଗ ଲୋକ ହେଉଛନ୍ତି ଅନୁଗାମୀ। ଆଜି ଆମେ ଏପରି ଅବସ୍ଥା ଆଡ଼କୁ ମୁହାଁଉଛେ ଯେତେବେଳେ ସମସ୍ତେ କହିବାକୁ ଚାହାନ୍ତି; ମାତ୍ର କେହି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ଏପରି କ୍ଷେତ୍ରରେ କହିବାର କିଛି ମୂଲ୍ୟ ଅଛି କି? ସବୁବେଳେ ଆମକୁ ସମସ୍ତେ କହିକହି ଆମ କାନରେ ପୂରେଇ ଦେଇଛନ୍ତି ଯେ ତମେ ଲେଖାଲେଖି କର କବି, ସାହିତ୍ୟିକ ହେଲେ ତମେ ଅମର ହୋଇଯିବ; ମାତ୍ର ପଢୁଥିବା ଲୋକଙ୍କର ସଂଖ୍ୟା କେତେ ଦ୍ରୁତ ଗତିରେ କମୁଛି ତାହା ଆପଣମାନେ ଜାଣନ୍ତି - ଯଦି ଖାଲି ଲେଖାହୋଇ ଚାଲିଥିବ ଅଥଚ ଗୁଣଗ୍ରାହୀ ପାଠକ ନ ଥିବେ ସେ ଲେଖାମାନ କ'ଣ ହେବ କେବଳ ସମୟକ୍ରମେ ରବି ସିଂଙ୍କ କହିବା ଭଳି ଠୁଙ୍ଗା ସାହିତ୍ୟରେ ଗଣ୍ୟ ହେବେ ସିନା!



ମୋର ଲେଖିବାର ଉଦ୍ଦେଶ୍ୟ ନୁହେଁ ନେତୃତ୍ୱ ଅଥବା ପରିଚାଳନାଗତ କ୍ଷମତାକୁ ଗୌଣ ମନେକରିବା, ବରଂ ଯେଉଁମାନେ ନେତୃମଣ୍ଡଳୀଙ୍କ ଉଚିତ ପରାମର୍ଶକୁ ଗ୍ରହଣ କରନ୍ତି, ତାକୁ କାର୍ଯ୍ୟରେ ଲଗାନ୍ତି ସେମାନଙ୍କୁ କେହି ମନେପକାନ୍ତି ନାହିଁ, ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଦେଶର ଜାତୀୟ ଦିବସରେ ଅନେକବାର ଶୁଣିଛି ସବୁତକ ପ୍ରଶଂସା ନେତୃମଣ୍ଡଳୀଙ୍କ ଉପରେ ଅଜାଡ଼ି ହୋଇ ପଡ଼ିବାର। ମାତ୍ର ଯେଉଁ କୋଟି କୋଟି କୃଷକ, ଶ୍ରମିକ, ବଣିକ, ସାଧାରଣ ଲୋକ ତାଙ୍କର କାମ କରି ଚାଲିଛନ୍ତି ସେମାନଙ୍କ ପାଇଁ ବି ତାଳି ବାଜୁ। ସେମାନେ ଦିନରାତି ମେହେନତ କଲେ ବୋଲି ଯାଇ ଆମେ ଏଇଠି ପହଞ୍ଚିଛେ।

ଆମେ ଜୀବନ ସାରା ଗୋଟିଏ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚୁଥିବାରୁ ଦୁନିଆର ଅନେକ ଦୃଶ୍ୟ ଦେଖିପାରୁ ନାହୁଁ। ମନୋଜ ଦାସଙ୍କ ଏକ କାହାଣୀ ଏଠାରେ ଆଲୋଚ୍ୟ। ଯାହାର ନାଁ 'ପର୍ଦ୍ଦା'। ଥରେ ଗୋଟିଏ କମ୍ପାନୀର ଜଣେ ନିର୍ଦ୍ଦେଶକ ଥିଲେ, ଯାହାଙ୍କର ଗୋଟିଏ ସଉକ ଥିଲା ନିଜ କୋଠରିରେ ନିୟମିତ ବ୍ୟବଧାନରେ ଅତ୍ୟନ୍ତ ମୂଲ୍ୟବାନ ପର୍ଦ୍ଦା ଲଗେଇବା। ବାରମ୍ବାର ସେ ପର୍ଦ୍ଦା ବଦଳାଉଥିଲେ ଏବଂ ଅଧିକ ଭବ୍ୟ ପର୍ଦ୍ଦାମାନ ତାଙ୍କ କୋଠରିରେ ଶୋଭାବର୍ଦ୍ଧନ କରୁଥିଲା। ପ୍ରାୟ ପାଞ୍ଚବର୍ଷର କାର୍ଯ୍ୟକାଳ ଶେଷକରି ସେ ଅବସର ନେଲେ। ଅବସର ନେବାର ପ୍ରାୟ ଛ'ମାସ ପରେ ସେ ତାଙ୍କର ଉତ୍ତରାଧିକାରୀ ନିର୍ଦ୍ଦେଶକଙ୍କ ନିକଟକୁ ଯିବାକୁ ମନସ୍ଥ କଲେ। ସେ ପୂର୍ବ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ ମଧ୍ୟ ଏକ ଆକସ୍ମିକ କାର୍ଯ୍ୟରେ ନିର୍ଦ୍ଦେଶକ ଉପସ୍ଥିତ ନ ଥିଲେ; ମାତ୍ର ଅଧଘଣ୍ଟା ଭିତରେ ଫେରିଆସିବେ ବୋଲି ଅଫିସ୍‌କୁ ନିର୍ଦ୍ଦେଶ ଦେଇଯାଇଥିଲେ। ନିର୍ଦ୍ଦେଶକଙ୍କ ପ୍ରାଇଭେଟ୍ ସେକ୍ରେଟାରି ତାଙ୍କର ପୂର୍ବତନ ଖାଉନ୍ଦଙ୍କୁ ଭାରି ସମ୍ମାନ ଜଣାଇଲେ ଓ ତାଙ୍କୁ କଫି ଓ ସ୍ନାକ୍ସରେ ଆପ୍ୟାୟିତ କଲେ ଅବଶ୍ୟ। ସେତେବେଳେ ସେ ତାଙ୍କର ପୂର୍ବ ଚୌକିରେ ନ ବସି ଅତିଥି ସ୍ଥାନରେ ଆସୀନ ହୋଇଥିଲେ। କିଛି ସମୟ ବସିବା ଭିତରେ ସେ ଲକ୍ଷ୍ୟ କରୁଥିଲେ ତାଙ୍କ ସମୟରେ ଅଫିସ୍ ଯେମିତି ଦିଶୁଥିଲା ତାଠାରୁ ବହୁଗୁଣ ସୁନ୍ଦର ଦିଶୁଛି। ବାହାରେ ଦିଶିଯାଉଛି ନିକଟସ୍ଥ ବୃକ୍ଷଗୁଡ଼ିକର ସବୁଜିମା। କାନରେ ବାଜୁଛି ପକ୍ଷୀଙ୍କର କାକଳୀ। ଅଭିଭୂତ ହୋଇଗଲେ ପୂର୍ବତନ ଖାଉନ୍ଦ। ଝରକା ପାଖରେ ଥିବା ଗୋଟିଏ ଛୋଟିଆ ବାଟ ଦେଇ ବାଲକୋନିକୁ ଚାଲିଗଲେ ଏବଂ ତାଙ୍କର ଭ୍ରମହେଲା ସେ ମେଘରେ ମିଶିଯିବେ କିମ୍ବା ପ୍ରଜାପତିଙ୍କ ସାଙ୍ଗରେ ଖେଳିବାକୁ ଲାଗିବେ। ଏତିକି ବେଳେ ଅଫିସ୍ ସହକାରୀ ତାଙ୍କୁ ସଚେତନ କରିଦେଇଛନ୍ତି, 'ସାର୍ ଆପଣ ପଡ଼ିଯାଇପାରନ୍ତି'; ମାତ୍ର ବିମର୍ଷ ଭାବରେ ସେ କହୁଥାନ୍ତି, 'ମୁଁ ଏଠାରେ ଏତେଦିନ ରହିଲି; ମାତ୍ର ଏପରି ବିଚିତ୍ର ଦୃଶ୍ୟ କେତେ ଚାଲିଗଲେ ଯାହାକୁ ମୁଁ କେବେବି ଦେଖିପାରିଲି ନାହିଁ।' ବହୁ ଚମତ୍କାର ବର୍ଣ୍ଣନା ଭିତରେ ଗଳ୍ପର ସମାପ୍ତି।

ମୋଟ୍ ଉପରେ କହିବାକୁ ଗଲେ ଆମ ସମସ୍ତଙ୍କର ବଦ୍ଧମୂଳ ଧାରଣା ସବୁବେଳେ କେବଳ ଠିକ୍ ନ ଥାଏ। ତେଣୁ ଆମକୁ ଆମର ଦୃଷ୍ଟିଭଙ୍ଗୀ ବେଳେବେଳେ ପରିବର୍ତ୍ତନ କରିବା ଦରକାର। ଅସାଧାରଣଙ୍କ ପାଇଁ ତ ଆମେ ସବୁବେଳେ ତାଳି ମାରୁ ତା' ସହିତ ସାଧାରଣଙ୍କ ପାଇଁ ହେଉ ଆଜିର କରତାଳି।

ମୋ : ୯୪୩୮୪୮୨୯୧୧

# ବ୍ୟବହାରିକ ଭାଷା



ଦ୍ୱିତୀଚନ୍ଦ୍ର ସାହୁ

କିଛିଦିନ ପୂର୍ବେ ସୁନ୍ଦରଗଡ଼ ଜିଲାର ମାତୃଭାଷାର ସ୍ଥିତି ପରଖିବାର ସୁଯୋଗ ମିଳିଥିଲା। କେତେକ ଜନଜାତିର ଲୋକେ ନିଜ ମାତୃଭାଷାରେ ଆଉ କଥାବାର୍ତ୍ତା ହେଉନାହାନ୍ତି ସେଠି। ସେମାନେ ସାଦ୍ରୀ କିମ୍ବା ଓଡ଼ିଆ ଭାଷାକୁ ମୁଖ୍ୟ ବ୍ୟବହାରିକ ଭାଷା ଭାବେ ଆପଣେଇଛନ୍ତି। ଫଳରେ ବିଦ୍ୟାଳୟକୁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନେ ନିଜର ମାତୃଭାଷା ଆଦୌ ଜାଣନ୍ତି ନାହିଁ। ଏମିତିକି ସେମାନେ ନିଜ ମାତୃଭାଷାରେ ବି କହିପାରୁ ନାହାନ୍ତି। କେବଳ ସଂଯୋଗୀ ଭାଷା ବ୍ୟବହାରର ମାଧ୍ୟମ ହୋଇଛି। ଏଥିନେଇ ସେହି ଗୋଷ୍ଠୀର ଅଭିଭାବକଙ୍କ ସହ କଥା ହେଲି। ସେମାନଙ୍କ ବିଚାର ଅଦ୍ଭୁତ। ପିଲା ବିଦ୍ୟାଳୟକୁ ଆସି ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷା ଯଦି ଶିଖିବେ ନାହିଁ, ଖାଲି ଆମ ଆଦିବାସୀ ଭାଷା ହିଁ ଶିଖିଲେ ପିଲା ମୂର୍ଖ ହେବନି କି ଆଜ୍ଞା ବୋଲି ଓଲଟା ପ୍ରଶ୍ନ କଲେ। ଏକଥାରୁ ପ୍ରତିଭାତ ହେଲା ଯେ ଅଭିଭାବକମାନେ ନିଜର ମାତୃଭାଷା ଜାଣି ନାହାନ୍ତି। ଅଭିଭାବକମାନେ ନିଜ ମାତୃଭାଷା କହିବା ଓ ବୁଝିବା ଜାଣନ୍ତି ନାହିଁ। ଏଭଳି ସ୍ତରରେ ଆଜିକା ବିଦ୍ୟାଳୟରେ ପଢୁଥିବା କିମ୍ବା ବିଦ୍ୟାଳୟକୁ ପ୍ରସ୍ତୁତ ହେଉଥିବା ପିଲା ପାଇଁ ମାତୃଭାଷା ଅଲଗା ହୋଇଯାଇଛି। ନିଜ ଭାଷାଠାରୁ ଅନ୍ୟ ଭାଷାକୁ ଅଧିକ ଉନ୍ନତ ଓ ଭଲ ବୋଲି ନିଜ ନିଜ ସ୍ତରରେ ବିଚାର କରି ନେଇଥିବାରୁ ସାମ୍ପ୍ରତିକ ସ୍ଥିତି ଜଟିଳ। ଏଇ ଅଦ୍ଭୁତ ଖିଆଲ ହେତୁ ଅନେକ ମାତୃଭାଷାର ସ୍ଥିତି ଏବେ ଗମ୍ଭୀର।

ବହୁଜନଜାତିଲୋକଙ୍କ ଏକ ପ୍ରତ୍ୟୟ ସୃଷ୍ଟିହେଉଛି ଯେ ଜନଜାତି ଭାଷା ଜାଣି ପିଲାଏ ଭବିଷ୍ୟତରେ କିଛି କରିପାରିବେନି। ଏଇ ମାନସିକତା ହେତୁ ପରବର୍ତ୍ତୀ ପିଢ଼ି ପାଇଁ ନିଜ ନିଜ ମାତୃଭାଷା ଅଲଗା ହୋଇପଡୁଛି। ଏଇ ସଂକଟ କେବଳ ଜନଜାତି ଗୋଷ୍ଠୀ ପାଇଁ ସୀମିତ ନୁହେଁ। ଊଣା ଅଧିକେ ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଛି। ଭାଷାକୁ ଯେତେବେଳେ ସେଇ ସେଇ ଗୋଷ୍ଠୀର ଲୋକେ ବ୍ୟବହାର ନ କରି ଅନ୍ୟ ଭାଷାକୁ ଆପଣେଇ ନିଅନ୍ତି ସେତେବେଳେ ମାତୃଭାଷାର ସଂକଟ ଦେଖାଦିଏ। ଆଧୁନିକତାର ପ୍ରଭାବ ହେଉ କିମ୍ବା ଅନ୍ୟ ଭାଷା ପ୍ରୀତି ଯୋଗୁ ହେଉ ଓଡ଼ିଶାରେ ଜୁଆଙ୍ଗ, କିଷାନ, ପାରେଙ୍ଗା, ଗାଦବା, ଡିଡାୟୀ, ଭୂୟାଁ, ଜାତାପୁ ସମେତ ଆଉ କିଛି ଭାଷା ସଂକଟଜନକ ସ୍ଥିତିରେ।

ମୋବାଇଲର ବହୁଳ ବ୍ୟବହାର ଓ ସାମାଜିକ ଗଣମାଧ୍ୟମର ପ୍ରଭାବରେ ଭାଷାର ପରିବର୍ତ୍ତନ ଘଟୁଛି। ଭାଷାର ସଂକ୍ଷେପଣ ହେଉଛି। ବ୍ୟବହାରିକ ଭାଷାର ଦ୍ରୁତ ବିକାଶ ହେଉଛି। ବ୍ୟବହାରିକ ଭାଷା ଓ ବାସ୍ତବ ଭାଷା ମଧ୍ୟରେ ବିରାଟ ତଫାତ୍ ସୃଷ୍ଟି ହୋଇଛି। ଔପଚାରିକ ଭାଷା- ଅନୌପଚାରିକ ଭାଷା ମଧ୍ୟରେ କ୍ରମଶଃ ବଢ଼ି ଚାଲିଥିବା ଶୂନ୍ୟତା ମାତୃଭାଷା ସଂକଟର ଆଉ ଏକ ଦିଗ। ମାତୃଭାଷାରେ ନିଜର ଭାବକୁ କହିବା ଯେତେ କଷ୍ଟ ହେଉଛି ତାକୁ ଭାଷାର ସଂକ୍ଷେପଣ ଜରିଆରେ



ଅନ୍ୟ ଭାଷାର ଶବ୍ଦକୁ ଯୋଡ଼ି ପ୍ରକାଶ କରିବା ଏବେ ଅତି ସହଜ ଲାଗୁଛି। ଭାଷା ବ୍ୟବହାରରେ ଏଇ ସହଜପଣ ମାତୃଭାଷା ପ୍ରତି ବିପର୍ଯ୍ୟୟ ଆଣୁଛି। ଏବେ ମାତୃଭାଷା ଶିକ୍ଷା ଉପରେ ଜାତୀୟ ଶିକ୍ଷାନୀତି ଗୁରୁତ୍ୱ ଦେଇଛି। ନୂଆ ଶିକ୍ଷାନୀତିକୁ ନେଇ ରାଜ୍ୟସ୍ତରରେ ଢାଞ୍ଚାଗତ ପରିବର୍ତ୍ତନ ହେବାକୁ ପ୍ରସ୍ତୁତି ଚାଲିଛି। ଶ୍ରେଣୀ କକ୍ଷରେ ମାତୃଭାଷାଭିତ୍ତିକ ଶିକ୍ଷାଦାନ ଉପରେ ବି ଗୁରୁତ୍ୱାରୋପ କରାଯାଉଛି। ଖୁବ୍‌ଶୀଘ୍ର ନୂତନ ଜାତୀୟ ଶିକ୍ଷାନୀତି ବି ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହୋଇଯିବ। ମାତୃଭାଷାଭିତ୍ତିକ ଶିକ୍ଷାଦାନ ଲାଗି ଓଡ଼ିଆ ଭାଷାରେ ପ୍ରସ୍ତୁତ ପାଠ୍ୟପୁସ୍ତକଗୁଡ଼ିକୁ ୨୧ ଗୋଟି ଜନଜାତି ଭାଷାରେ ରୂପାନ୍ତର ହେଉଛି । ଏତେସବୁ ପ୍ରସ୍ତୁତି ଆମ ଶିକ୍ଷାର ବିକାଶ ଲାଗି ଠିକ୍ ପଦକ୍ଷେପ ହୋଇପାରେ। ଏଭଳି କିଛି ମାତୃଭାଷାଭିତ୍ତିକ ଅତିରିକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତି କର୍ମଶାଳାରେ ଯୋଗଦାନବେଳେ ଅନେକ ବ୍ୟତିକ୍ରମକୁ ଚିହ୍ନଟ କରିପାରିଛି ଏ ଲେଖକ। ନିଜ ନିଜ ମାତୃଭାଷାରେ ପୋଖତ ଜନଜାତିର ବ୍ୟକ୍ତିଗଣ ପୁସ୍ତକ ପ୍ରସ୍ତୁତିବେଳେ ଅନେକ ଶବ୍ଦ ନିକଟରେ ଝୁଣ୍ଟୁଥିଲେ। ବହୁ ଶବ୍ଦର ନିଜ ମାତୃଭାଷାରେ ଆକ୍ଷରିକ ଶବ୍ଦ ପାଇପାରୁ ନ ଥିଲେ। ସେଇସ୍ଥଳରେ ବ୍ୟବହାରିକ ଶବ୍ଦ ପ୍ରୟୋଗ କରାଯିବାକୁ ବାଧ୍ୟ ହେଉଥିଲେ। କର୍ମଶାଳା ସହ ଜଡିତ ଅନେକ ଜନଜାତିର ଭାଷା ବିଶାରଦଙ୍କ ମତ ଓ ମନ୍ତବ୍ୟ ହେଲା - 'ଆଜ୍ଞା! ଆମ ଭାଷାର ଶବ୍ଦ ଖୋଜିବା ଆମକୁ ହିଁ କଷ୍ଟ ହେଉଛି । ମୋବାଇଲ ହୋଇଯିବାରୁ ଏସବୁ ଭାଷା ଆମ ପିଲା ମଧ୍ୟ ଆଉ ଜାଣୁ ନାହାନ୍ତି। ଆମ ଭାଷା ଧୀରେ ଧୀରେ ଲୋକ କହୁ ନାହାନ୍ତି ।'

ଓଡ଼ିଶାରେ ୬୨ ପ୍ରକାର ଜନଜାତି ଗୋଷ୍ଠୀ ବ୍ୟବହାର କରୁଥିବା ୨୧ପ୍ରକାର ଭାଷାରେ ପୁସ୍ତକ ପ୍ରସ୍ତୁତି ଓ ପରବର୍ତ୍ତୀ ଶିକ୍ଷକ ତାଲିମ ଦେଲେ ଯେ ମାତୃଭାଷାଭିତ୍ତିକ ଶିକ୍ଷାଦାନରେ ସଫଳତା ଆସିବ ଏଇ ଆଶା ହୁଏତ ବୃଥା ପ୍ରମାଣିତ ହୋଇପାରେ। କାରଣ ଅଦ୍ୟାବଧି ପିଲାର ବ୍ୟବହାରିକ ଭାଷା ପ୍ରତି ଆମେ ନୀରବ ରହିଆସିଛୁ । ଆଜିର ଭାଷା ହେଉଛି ବ୍ୟବହାରିକ ଭାଷା। ମାତୃଭାଷା ସହ ଅନେକ ଭାଷାର ସମାହାରରେ ବ୍ୟବହୃତ ଓ ପରିବର୍ତ୍ତିତ ହୋଇଛି। ନିଜ ମାତୃଭାଷା ବ୍ୟତିରେକ ପିଲା ବ୍ୟବହାର କରୁଥିବା ବ୍ୟବହାରିକ ଭାଷା ଆକଳନ କରିବା ସହ ସେହିକ୍ରମରେ ଶିକ୍ଷାଦାନ ବ୍ୟବସ୍ଥା ପିଲା ପାଇଁ ଶିକ୍ଷା ଆହରଣ ଅଧିକ ସହଜ ହେବ। ବିଦ୍ୟାଳୟକୁ ପ୍ରବେଶ ପୂର୍ବରୁ ଯେଉଁ ବ୍ୟବହାରିକ ଭାଷା ସହିତ ପିଲାଟି ପରିଚିତ ତାକୁ ଛାଡି ଯଦି ମାତୃଭାଷାକୁ ଆଧାର କରି ଶିକ୍ଷାଦାନର ବ୍ୟବସ୍ଥା ଆରମ୍ଭ ହେବ ଆମ ଶିକ୍ଷା ବ୍ୟବସ୍ଥା ପୁଣି ପିଲା ପାଇଁ ସେଇ ସେଇ ଅଡୁଆ ସୂତାର ଖିଅ ଭଳି ହୋଇପାରେ। ଯେଉଁ ଯେଉଁ ମାତୃଭାଷା ସଂକଟଜନକ ସ୍ଥିତିରେ ପହଞ୍ଚିଛି, ସେଠି ସେଇ ସେଇ ମାତୃଭାଷାରେ ପୁସ୍ତକ ପ୍ରସ୍ତୁତି କରି ପିଲାଙ୍କୁ ଶିକ୍ଷାଦାନର ବ୍ୟବସ୍ଥା ପିଲାଟି ପାଇଁ ନିଜ ମାତୃଭାଷା ବି ବୈଦେଶିକ ଭାଷା ଭଳି କଷ୍ଟକର ମନେହେବ । ମାତୃଭାଷାଭିତ୍ତିକ ଶିକ୍ଷାଦାନ ପରିକଳ୍ପନା ଖୁବ୍ ସୁଖଦ କଥା । କିନ୍ତୁ ବ୍ୟବହାରିକ ଭାଷାରେ ବହୁଳ ବ୍ୟବହୃତ ଶବ୍ଦପୁଞ୍ଜକୁ ଅକୁଣ୍ଠ ଚିତ୍ତରେ ସାମିଲ କରି ମାତୃଭାଷାକୁ ପରିପୁଷ୍ଟ କଲେ ଏହା ସମୃଦ୍ଧ ହୋଇପାରିବ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ -୯୪୩୭୯୦୯୬୭୧

## ଏଇ ଭାରତରେ

ଶସ୍ୟ, ମୁଖ୍ୟତଃ ଧାନ ଓ ନଡ଼ା ଖୁଣ୍ଟା ପୋଡ଼ିରୁ ପରିବେଶ ପ୍ରଦୂଷିତ ହେଉଛି। ପ୍ରତିବର୍ଷ ଏହି ସମସ୍ୟା ଦିଲ୍ଲୀ-ଏନ୍‌ସିଆର୍ ଶୀତଋତୁରେ ସାମ୍ନା କରିଆସୁଛି। ଏହା ଉପରେ ନ୍ୟାୟିକ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ତେବେ ଖୁଣ୍ଟାର ପୁନଃ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି; ଯେଉଁଥିପାଇଁ ସେଥିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିରେ ଯେଉଁ କେତେଜଣ ପ୍ରୟାସ କରିଛନ୍ତି ସେମାନଙ୍କ ମଧ୍ୟରେ ଦିଲ୍ଲୀର ଶୁଭମ୍ ସିଂ ଅନ୍ୟତମ। ଶୁଭମ୍ ପେସାରେ ଜଣେ ଇଞ୍ଜିନିୟର। ସେ ଏକ ମେଶିନ ଆବିଷ୍କାର କରିଛନ୍ତି; ଯେଉଁଥିରେ ଶସ୍ୟଖୁଣ୍ଟାରୁ ବିକଳ୍ପ କାଠ (କାଠ ସଦୃଶ ଦ୍ରବ୍ୟ) ପ୍ରସ୍ତୁତ କରୁଛନ୍ତି, ଯାହାର ଚାହିଦା ବଢ଼ିବାରେ ଲାଗିଛି। ଏହି କାଠକୁ ଘରେ ଜାଳେଣି ଭାବେ ବ୍ୟବହାର କରାଯାଉଛି। ଏହି ମେଶିନରେ ଖୁଣ୍ଟାରୁ କୃଷକମାନେ ଘରେ ମଧ୍ୟ ଜାଳେଣି ପ୍ରସ୍ତୁତ କରିପାରୁଛନ୍ତି। ଏହାର ବ୍ୟାପକ ଉତ୍ପାଦନ ହେଲେ ଗଛକଟା ହ୍ରାସ ପାଇବା ସହ ପ୍ରଦୂଷଣ ହ୍ରାସ ପାଇବ ବୋଲି କହନ୍ତି ଶୁଭମ୍। ସେ 'କ୍ରାଷ୍ଟେ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରିବା ସହ କୃଷକମାନଙ୍କୁ ଅତିରିକ୍ତ ଆୟର ପନ୍ଥା ଯୋଗାଇ ଦେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୭

- ଜାଇରେର ବିଦ୍ରୋହୀନେତା ଲରେଣ୍ଟ କାବିଲା ନିଜକୁ ଦେଶର ରାଷ୍ଟ୍ରମୁଖ୍ୟ ଭାବେ ଘୋଷଣା କରିଛନ୍ତି।
- ପୁଞ୍ଜିନିବେଶ ଓ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ କିରଗିଜ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ୧୩୩ କୋଟି ଟଙ୍କାର ୟୁରିଆ ଦୁର୍ନୀତିରେ ଅଭିଯୁକ୍ତ ତୁର୍କୀର କାରସନ୍ କମ୍ପାନୀର ଦୁଇଜଣ ବରିଷ୍ଠ ଅଫିସରଙ୍କୁ ପ୍ରତ୍ୟର୍ପଣ ପାଇଁ ସିବିଆଇର ଅନୁରୋଧକୁ ସୁଇସ୍ ସରକାରଙ୍କ ଅନୁମୋଦନ।
- ବିଶିଷ୍ଟ ସାମ୍ବିଧାନ ବିଶେଷଜ୍ଞ ଏବଂ କଲିକତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦୁର୍ଗାଦାସ ବସୁଙ୍କ ୮୭ ବଶର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ।
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜଳକର ଆଦାୟରେ ଅଜବନୀତି

ମହାଶୟ,

ସରକାରଙ୍କ ମୁଖ୍ୟ ଆୟ ରାଜସ୍ୱ। ସେଥିପାଇଁ ତହସିଲଦାର ଓ ଆର୍‌ଆଇମାନେ ତତ୍ପର ହେବା ଆବଶ୍ୟକ। କିନ୍ତୁ ରାଜସ୍ୱ ବିଭାଗ ଅଜବ ନୀତି ଯୋଗୁ ଜଳକର ଦେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ ଜଣେ ଚାଷୀ ମାଲିକଠାରୁ କିଣିଥିବା ଜମି ଉପରେ ଜଳକର ଦେଇପାରିବ ନାହିଁ। ଯଦି ସେ ଜଳକର ଦିଏ ପୂରା ପ୍ଲଟ ଉପରେ ଜଳକର ଦେବ। ଏଠାରେ ଉଦାହରଣ ଦିଆଯାଇପାରେ କି ମାଲିକର ଜମି ଏକ ଏକର। ଜଣେ ଚାଷୀ ଅର୍ଥାତ୍ ଲେଖକ ୧୧ ଗୁଣ୍ଠ ଜମି ୨୦, ୨୫ ବର୍ଷ ପୂର୍ବେ କିଣି ଥିଲା। ଏକ ଛପାଯାଇଥିବା ଜଳକର ପାଉତି ୧୧ ଗୁଣ୍ଠ ଉପରେ ଜଳକର ଦେଇ ପାଉତି ନେଉଥିଲୁ। କିନ୍ତୁ ଛପା ପାଉତି ଉଠିଗଲା। ବର୍ତ୍ତମାନ ଅନ୍‌ଲାଇନ ପେମେଣ୍ଟ ଚାଲିଛି। ଠିକ୍ ଅଛି ଅଯଥା ଆର୍‌ଆଇ ଅଫିସ୍ ନ ଯାଇ ଅନ୍‌ଲାଇନ୍ ପେମେଣ୍ଟ କରିବା ସୁବିଧା। କିନ୍ତୁ ବର୍ତ୍ତମାନ ଆମେ ୧୧ ଗୁଣ୍ଠ ଉପରେ ଜଳକର ଦେଇପାରିବୁ ନାହିଁ। ପୂରା ଏକ ଏକର ଅର୍ଥାତ୍ ପୂରା ପ୍ଲଟ ଉପରେ ଜଳକର ଦେବାକୁ ପଡ଼ିବ। ଏହା କିପରି ନ୍ୟାୟ ଓ ଯୁକ୍ତିସଙ୍ଗତ? ବର୍ତ୍ତମାନ ଜମି ମାଲିକ ବାକିଥିବା ୧୪ ଗୁଣ୍ଠ ଜମି ଦୁଇ ଲୋକଙ୍କୁ ବିକ୍ରି କରିଦେଇଛି। ତେଣୁ ନା ଆମେ ୧୧ ଗୁଣ୍ଠ ଉପରେ ଜଳକର କାଟି ପାରୁଛୁ ନା ଅନ୍ୟ ଜଣେ କ୍ରେତା ୧୪ ଗୁଣ୍ଠ ଉପରେ ଜଳକର କାଟି ପାରୁଛନ୍ତି। ଯିଏ ଜଳକର ଦେବ ୧ ଏକର ବା ପୂରା ପ୍ଲଟ ଉପରେ ଜଳକର ଦେବ। ଏହା ଏକ ଅବାସ୍ତବ ନିୟମ ନୁହେଁ କି। ଏହାଦ୍ୱାରା ଜଳକର ଆଦାୟ ହୋଇପାରିବ ନାହିଁ। ତେଣୁ ସରକାରଙ୍କ ଏ ଅଜବ ନୀତି ଅବିଳମ୍ବେ ଠିକ୍ କରିବା ଆବଶ୍ୟକ।

-ବିବେକ ଚନ୍ଦ୍ର ସାମଲ, ବନ୍ଧଟିଆ, ଧାମନଗର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଢ଼ୁଛି ପାରିବାରିକ ହତ୍ୟା

- ରକ୍ତ ବୁହାଉଛି ରକ୍ତର ସମ୍ପର୍କ
- ଦେଢ଼ ମାସରେ ୧୦ରୁ ଅଧିକ ଘଟଣା

ସତ୍ୟଜିତ୍ ରାଉତ
ଭୁବନେଶ୍ୱର, ୧୭।୫(ବ୍ୟୁରୋ)



ପରିବାରରେ ପରସ୍ପର ମଧ୍ୟରେ ଭଲପାଇବା ଓ ସ୍ନେହଶ୍ରଦ୍ଧା ରହିଲେ ସମ୍ପର୍କ ଦୃଢ଼ ହୋଇଥାଏ। କେହି କୌଣସି ସମସ୍ୟାରେ ପଡ଼ିଲେ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ପାଖରେ ଛିଡ଼ା ହୋଇ ସହଯୋଗର ହାତ ବଢ଼ାନ୍ତି। ହେଲେ ଏବେ ଭଲ ପାଇବା ବଦଳରେ ପରିବାରରେ ଅଶାନ୍ତି ଓ ହିଂସା ଦେଖାଦେଉଛି। ରକ୍ତର ସମ୍ପର୍କ ରକ୍ତ ବୁହାଉଛନ୍ତି। କିଏ କ୍ଷଣିକ ସ୍ୱାର୍ଥ ପାଇଁ ତ ଆଉ କିଏ ମାନସିକ ଭାରସାମ୍ୟ ହରାଇ ସମ୍ପର୍କକୁ ଭୁଲିଯାଉଛନ୍ତି। ପରିବାରରେ ମୁଣ୍ଡ ପରେ ମୁଣ୍ଡ ଗଡ଼ୁଛି। କେତେବେଳେ ମା'ଙ୍କୁ ପୁଅ ହତ୍ୟା କରୁଛନ୍ତି ତ ଆଉ କେତେବେଳେ ସାନ ଭାଇ ବଡ଼ ଭାଇର ପରିବାରକୁ ସମ୍ପୂର୍ଣ୍ଣ ପୋଛି ଦେଉଛନ୍ତି। ବିଗତ କିଛିଦିନ ମଧ୍ୟରେ ଏପରି ଘଟଣା ବଢ଼ି ଚାଲିଥିବାବେଳେ ଏହା ସାଧାରଣ ଲୋକଙ୍କୁ ବିଚଳିତ କରି ପକାଇଛି। ଅତୁଟ ସମ୍ପର୍କ ବେଳେବେଳେ କିପରି ଏତେ ଅସହିଷ୍ଣୁ ହୋଇଯାଉଛି ତାହା ସମସ୍ତଙ୍କୁ ବ୍ୟଥିତ କରୁଛି।

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୦ରେ ଓଡ଼ିଶାରେ ପାରିବାରିକ ହିଂସାରୁ ୨୭୪ଟି ହତ୍ୟାକାଣ୍ଡ ଘଟିଥିଲା। ଦେଶର ସର୍ବାଧିକ ପାରିବାରିକ ହତ୍ୟାକାଣ୍ଡ ଘଟିଥିବା ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଥିଲା। ତେବେ ଗତ ଦେଢ଼ ମାସ ମଧ୍ୟରେ ଘଟିଥିବା ୧୦ରୁ ଅଧିକ ପାରିବାରିକ ହତ୍ୟାକାଣ୍ଡକୁ ଦେଖିଲେ ରାଜ୍ୟର ସ୍ଥିତି କେତେ ଭୟଙ୍କର ହୋଇପଡୁଛି ତାହା ଜଣାପଡୁଛି। ଏପ୍ରିଲ ୧୧ ବିଳମ୍ବିତ ରାତିରେ କଟକ ଜିଲା ମାହାଙ୍ଗା ଥାନା କୁଶୁପୁର ଗ୍ରାମର ଏକ ପରିବାରରେ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିଲା। ସମ୍ପତ୍ତି ବିବାଦକୁ ନେଇ ସାନଭାଇ ଶିବ ପ୍ରସାଦ ସାହୁ ତାଙ୍କ ବଡ଼ ଭାଇ ଅଲେଖ ଚନ୍ଦ୍ର ସାହୁ, ଭାଉଜ, ଝିଆରୀ ଓ ୨ ପୁତୁରାଙ୍କ ସମେତ ୫ ଜଣଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ଏପ୍ରିଲ ୨୩ରେ ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅନ୍ତର୍ଗତ ହାଟପଡ଼ିଆ ଅଞ୍ଚଳରେ ୧୦୦ ଟଙ୍କା ପାଇଁ ପୁଅ ସରୋଜ ନାଏକ ତାଙ୍କ ମା' ସାଳନ୍ଦୀ ନାଏକଙ୍କୁ ଠେଙ୍ଗାରେ ତାଙ୍କୁ ପିଟି ହତ୍ୟା କରିଥିଲେ। ଏହି ପାରିବାରିକ କଳହକୁ ନେଇ ଏପ୍ରିଲ ୨୪ରେ ରାଜଧାନୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ସନ୍ତାନ ହେଉ ନ ଥିବାରୁ ନପୁଂସକ କହି ସ୍ତ୍ରୀ ଓ ଶାଳୀ ନିର୍ଯାତନା ଦେଉଥିଲେ। ଏଥିରେ ବ୍ୟଥିତ ହୋଇ କେନ୍ଦ୍ରାପଡ଼ା ପାଟକୁରା ଅଞ୍ଚଳର ବିଜୟକେତନ ସେଠୀ ତାଙ୍କ ସ୍ତ୍ରୀ ଗାୟତ୍ରୀ ଓ ଶାଳୀ ସରସ୍ୱତୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପୈତୃକ ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ରାଜଧାନୀର ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳରେ ଏପ୍ରିଲ ୨୭ ବିଳମ୍ବିତ ରାତିରେ ଏକ ହୃଦୟ ବିଦାରକ ଘଟଣା ଘଟିଥିଲା। ମାଲିକଙ୍କ ଘରେ ରହୁଥିବା ଲଜ୍ କର୍ମଚାରୀ ମହାରାଷ୍ଟ୍ରର ତୁଷାର ରାଜେନ୍ଦ୍ର ଜଗତାପ ଓ ସ୍ତ୍ରୀ ନିଳା ଦେଢ଼ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା ପରେ ଉଭୟ ଆତ୍ମହତ୍ୟା କରିଥିଲେ। ଘର ସ୍କାଏ ଲାଇଟ୍‌ରେ ଝୁଲନ୍ତା ଅବସ୍ଥାରେ ୩ ମୃତଦେହ ଜବତ ହୋଇଥିଲା। ସେପଟେ ଏପ୍ରିଲ ୩୦ରେ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ସାନରେଙ୍ଗାଲି ଗ୍ରାମରେ ବିଦ୍ୟୁତ କଟିବା କାରଣକୁ ନେଇ ଏକ ପରିବାରରେ ଗଣ୍ଡଗୋଳ ହୋଇଥିଲା। ସାନଭାଇ ସଞ୍ଜୟ ମୁଣ୍ଡାଙ୍କୁ ଦୁଇ ବଡ଼ଭାଇ ଶିବୁ ମୁଣ୍ଡା ଓ ଆନନ୍ଦ ମୁଣ୍ଡା ଠେଙ୍ଗାରେ ପିଟି ହତ୍ୟା କରିଥିଲେ। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା କଖାରୁଣୀ ଗ୍ରାମରେ ମେ ୪ରେ ଏକ ଦୁଃଖଦ ଘଟଣା ଘଟିଥିଲା। ବାପ ଘରୁ ବାଇକ ନ ଆଣିବାରୁ ସୁଭଦ୍ରାଙ୍କୁ ତାଙ୍କ ସ୍ୱାମୀ ଚିତ୍ତ ମଲିକ ଏକ ଲୁହା ପାଇପ୍‌ରେ ପିଟି ହତ୍ୟା କରିଥିଲେ। ପାରିବାରିକ ହିଂସାରୁ ଏଭଳି ପ୍ରାୟ ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ହତ୍ୟା, ଆତ୍ମହତ୍ୟା ଓ ଆକ୍ରମଣ ଭଳି ଘଟଣା ଘଟୁଥିବା ନଜରକୁ ଆସିଛି। ତେବେ ସୁଖ, ଶାନ୍ତି, ପ୍ରେମ, ମୈତ୍ରୀ ବଦଳରେ ଜଣେ ସାମାଜିକ ମଣିଷ କାହିଁକି ଏତେ କ୍ରୂର ଓ ନୃଶଂସ ହୋଇପଡୁଛି? ଏହାର ସମାଧାନର ବାଟ କ'ଣ? ଏହା ଆମ ସମସ୍ତଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି।

## ମାନବିକ ମୂଲ୍ୟବୋଧ ବୃଦ୍ଧି, ଶାସନଗତ ଅନ୍ୟାୟକୁ କମାଇବା ଦରକାର



ପାରିବାରିକ ହିଂସାକୁ ସମାଜର ଏକ ବୃହତ୍ତର ହିଂସା ଅଂଶର ଗୋଟେ ଅଂଶବିଶେଷ ଭାବେ ଦେଖିବା ଉଚିତ। ସମାଜରେ ବର୍ତ୍ତମାନ ଘୃଣା, ହିଂସା, ବାଦବିବାଦ ବଢ଼ୁଛି। ସାମାଜିକସ୍ତର ତଥା ଗାଁ ଗଣ୍ଡାରେ ଯେତେବେଳେ ଲୋକଙ୍କର କିଛି ସମସ୍ୟା ହେଉଛି, ତାହାର ସମାଧାନ ଦିଗକୁ ସେମାନେ ଯାଇପାରୁନାହାନ୍ତି। ନିଶା ସେବନ, ଦାରିଦ୍ର୍ୟ, ଶାସନଗତ ବ୍ୟବସ୍ଥା ଓ ସାମାଜିକ ବୈଷମ୍ୟ ଆଦି ଏପରି ହିଂସା ଓ ଅନ୍ୟାୟର ବଡ଼ କାରଣ। ମଣିଷଟିଏ ମର୍ଯ୍ୟାଦାର ସହ ବଞ୍ଚିବା ପାଇଁ ବ୍ୟବସ୍ଥା କରିବା ଦରକାର। ଲୋକଙ୍କ ପାଖରେ ଜୀବିକା ନ ଥିଲେ ହତାଶବୋଧରୁ ହିଂସା ସୃଷ୍ଟି ହେଉଛି। ଧର୍ମରେ ଲୋକେ ବିଶ୍ୱାସ କରୁଛନ୍ତି, ହେଲେ ସେଥିରୁ ସ୍ନେହ, ମମତା ପ୍ରେମ ଆଦି ଗ୍ରହଣ କରୁନାହାନ୍ତି। ଏହି ସମସ୍ୟାକୁ କମାଇବା ପାଇଁ ସମାଜରେ ସମସ୍ତଙ୍କର ଦାୟିତ୍ୱ ରହିଛି। ମାନବିକ ମୂଲ୍ୟବୋଧକୁ ବଢେଇବା ସହ ଗାନ୍ଧୀ ଓ ବୁଦ୍ଧଙ୍କ କଥାକୁ ପ୍ରଚାର କରିବା ଓ ଶାସନଗତ ଅନ୍ୟାୟକୁ କମାଇ ପାରିଲେ ପାରିବାରିକ ହିଂସା ବନ୍ଦ ହୋଇପାରିବ।

– ବିଶ୍ୱପ୍ରିୟ କାନୁନ୍‌ଗୋ, ମାନବାଧିକାର କର୍ମୀ

## କାଉନ୍‌ସେଲିଂ ବ୍ୟବସ୍ଥା କରାଯାଉ



ପାରିବାରିକ ହିଂସାକାଣ୍ଡ ସବୁବେଳେ ଥିଲା, ଅଛି ଓ ରହିଥିବ। ଏହାକୁ ରୋକିବା ପାଇଁ ସରକାର ଏକ ପ୍ରିଭେନ୍‌ଶନ ଅଫ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ ନାମରେ ଏକ ଆଇନ ତିଆରି କରିଛନ୍ତି। ମହିଳାଙ୍କ କ୍ଷେତ୍ରରେ ମା'ଙ୍କୁ କେବଳ ପରିବାରରେ ସମ୍ମାନ ଦିଆଯାଉଥିବାବେଳେ ସ୍ତ୍ରୀ, ଭଉଣୀ ଓ ଅନ୍ୟମାନଙ୍କୁ ସେପରି ମିଳୁନାହିଁ। ଯୌତୁକପ୍ରଥା ପାରିବାରିକ ହିଂସାର ଅନ୍ୟତମ ପ୍ରମୁଖ କାରଣ। ନ୍ୟାୟିକ ବ୍ୟବସ୍ଥା ପ୍ରତି ବିଶ୍ୱାସ ତୁଟିବା ସହ ଡର ମଧ୍ୟ କମିଯାଉଛି। ଲୋକମାନେ କୌଣସି କାରଣ ପାଇଁ ମାନସିକ ଅଶାନ୍ତି ଦେଇ ଗତି କଲେ ସେମାନଙ୍କୁ ବୁଝେଇବା ପାଇଁ କେହି ନାହାନ୍ତି। ସରକାରଙ୍କ ପକ୍ଷରୁ କାଉନ୍‌ସେଲିଂର ବ୍ୟବସ୍ଥା ନିହାତି ହେବା ଦରକାର। ଯିଏ ଆତ୍ମହତ୍ୟା କରେ କିମ୍ବା ହତ୍ୟା କରେ, ସେ ମଧ୍ୟ ତାହା ଆଗରୁ କିଛି ଚିନ୍ତା କରେ। ଶରୀର ଖରାପ ହେଲେ ଦେଖାଯାଉଛି, ହେଲେ ମନ ଖରାପ ହେଲେ କେହି ବୁଝୁନାହାନ୍ତି। ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ଫୋନ-ଇନ୍ ବ୍ୟବସ୍ଥା ହେବା ଦରକାର। ମାନସିକ ବିଷାଦ ଦେଇ ଲୋକଟି ଗତି କଲେ ସେ ଫୋନ୍ କରି ମନସ୍ତତ୍ତ୍ୱବିତ୍‌ଙ୍କ ପାଖରୁ ସାହାଯ୍ୟ ନେଇପାରିବ।

– ପ୍ରଫେସର ପ୍ରତାପ ରଥ, ମନସ୍ତତ୍ତ୍ୱବିତ୍

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସସ୍ମିତା



@ ଦେବୁ



@ ସୌମ୍ୟ



@ ଶଶୀ



@ ଶୁଭକାନ୍ତ



@ ସିଲୁ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ନାଗରିକ ମଞ୍ଚ ପକ୍ଷରୁ ବିଚ୍ଛିନ୍ନାଞ୍ଚଳ ଦିବସ ପାଳିତ, ବୁଦ୍ଧ ମନ୍ଦିର ସଭାଗୃହ, ଅପରାହ୍ଣ ୫ଟା।

**ବାଲିଅନ୍ତା**

- ଶ୍ରୀ ବକ୍ରେଶ୍ୱର ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ନାଟକ 'ସୁଖ ଆସିଥିଲା ଭଗାରୀ ହୋଇ', ଭିଙ୍ଗାରପୁର ମଧ୍ୟଇଂରାଜୀ ସ୍କୁଲ ପଡ଼ିଆ, ରାତି ୧୧ଟା।
- ବାର୍ଷିକ ଯଜ୍ଞ ମହୋତ୍ସବ ପାଳନ ଅବସରରେ ଫ୍ରି-ସେଲ୍ ନାଟକ ପରିବେଷଣ, ଗଡ଼ ନହରକଣ୍ଠା, ରୁଦ୍ରେଶ୍ୱର ମନ୍ଦିର ପଡିଆ, ରାତି ୧୧ଟା।

**କଟକ**

- ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବରେ ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିସଭା, ପଣ୍ଡିତଙ୍କ ବାସଭବନ, ବ୍ରାହ୍ମଣ ସାହି, ଚାନ୍ଦିନୀଚୌକ, ସକାଳ ୮ଟା ୩୦।
- ଏଆଇଡିଏସ୍‌ଓ ପକ୍ଷରୁ ଶୈଳବାଳା ମହିଳା ମହାବିଦ୍ୟାଳୟ ଜମି ବିବାଦ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ଣ ୧୦ଟା ୩୦।
- ତୃତୀୟ ଜିଲା ପରିଷଦ ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ଣ ୧୧ଟା।



**ରାଜଧାନୀରେ ଶୋଷ:** ମଙ୍ଗଳବାର ପ୍ରବଳ ଖରା ସମୟରେ ଭିଏସ୍‌ଏସ୍‌ନଗର ରାସ୍ତା ପାର୍ଶ୍ୱରେ ଥିବା ଏକ ଟ୍ୟାପ୍‌ରୁ ଜଣେ ବ୍ୟକ୍ତି ପାଣି ପିଉଛନ୍ତି।

## ନାବାଳିକାଙ୍କୁ ବଳାତ୍କାର

ନିମାପଡ଼ା, ୧୭।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୬/୨୨)ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବା ବେଳେ ଉକ୍ତ ଅଞ୍ଚଳର ଜଣେ ଯୁବକ ଘରେ ପଶିବା ସହ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଯୁବକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ପିସିସିଏଫ୍ ବନ୍ୟପ୍ରାଣୀଙ୍କ ଇସ୍ତଫା ଦାବି ତେଜିଲା

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

### 'ନନ୍ଦ' ହାତୀ ମୃତ୍ୟୁ ଘଟଣା

ଚନ୍ଦକାରେ ନନ୍ଦନକାନନର ପୋଷା ହାତୀ 'ନନ୍ଦ'ର ମୃତ୍ୟୁକୁ ନେଇ ଥମୁନି ବିବାଦ। ପରିଚାଳନାଗତ ତ୍ରୁଟି ଯୋଗୁ ହାତୀଟିର ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ ପିସିସିଏଫ୍ ବନ୍ୟପ୍ରାଣୀଙ୍କ ଇସ୍ତଫା ଦାବି କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ। ନନ୍ଦକୁ ମସ୍ତ ଆସିଲେ ଟ୍ରାଙ୍କୁଲାଇଜ କରି ଇଞ୍ଜେକ୍ସନ ଦେଇ ସମ୍ଭାଳିବା ପାଇଁ ଚେଷ୍ଟା କରାଯାଉଥିଲା। କିନ୍ତୁ ଏହାକୁ ନେଇ ଓଡ଼ିଶାରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଟ୍ରାଙ୍କୁଲାଇଜେଶନ ଭାର ସମ୍ଭାଳି ଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କମଳ ଲୋଚଣ ପୁରୋହିତ କହିଛନ୍ତି, ୧୯୯୭ ନଭେମ୍ବର ୧୧ରେ 'ନନ୍ଦ'କୁ ପ୍ରଥମଥର ପାଇଁ ମୁଁ ହିଁ ଟ୍ରାଙ୍କୁଲାଇଜ କରିଥିଲି। ସେଦିନ ମୋ ଆଖି ସାମ୍ନାରେ ସେ ମାହୁନ୍ତ ରାଧାରଞ୍ଜନଙ୍କୁ ମାରିଦେଇଥିଲା। ସେଇଟା ନନ୍ଦ ଜୀବନରେ ପ୍ରଥମଥର ମସ୍ତ ଆସୁଥିଲା। କିନ୍ତୁ ୧୯୯୭ ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ ଭିତରେ ନନ୍ଦନକାନନରେ ଥିବା ଯାଏ 'ନନ୍ଦ'ର ମସ୍ତ ମ୍ୟାନେଜମେଣ୍ଟ ପାଇଁ ଥରୁଟିଏ ବି ଟ୍ରାଙ୍କୁଲାଇଜ କରାଯାଇ ନ ଥିଲା। କିନ୍ତୁ ଚନ୍ଦକାରେ କାହିଁକି ସେମାନେ ସେପରି ବାରମ୍ବାର ଟ୍ରାଙ୍କୁଲାଇଜ୍ କରୁଥିଲେ, ତାହା କରିବା ଲୋକ ନଚେତ୍ ଚନ୍ଦକା ଡିଏଫ୍‌ଓ ହିଁ କହିପାରିବେ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରମରେ 'ନନ୍ଦ' ହାତୀର ମୃତ୍ୟୁ ପାଇଁ ସିଧାସଳଖ ବନବିଭାଗକୁ ଦାୟୀ କରି ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଇସ୍ତଫା ଦାବୀ କରିଛନ୍ତି ଆନିମଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ରର ମୁଖ୍ୟ ପୁରବୀ ପାତ୍ର। ସେ ଆଜି ଫେସ୍‌ବୁକରେ ନନ୍ଦର ଅକାଳ ମୃତ୍ୟୁ ପାଇଁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ତୀବ୍ର ସମାଲୋଚନା କରିବା ସହ ଇସ୍ତଫା ଦେବା ପାଇଁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି।

## ଜମି ଦେବା ନାଁରେ ୬ ଲକ୍ଷ ଠକେଇ, ବିଲ୍ଡର ଗିରଫ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଜମି ଦେବାକୁ କହି ୬ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ବିଲ୍ଡରଙ୍କୁ ଗିରଫ କରିଛି। ସେ ହେଲେ ପଳାଶୁଣୀ ସୁଭଦ୍ରା ଏନ୍‌କ୍ଲେଭ୍‌ର ଫ୍ଲାଟ୍ ନଂ.୨୦୩ରେ ରହୁଥିବା ଯାଜପୁରର ବିଭୂତି ଭୂଷଣ ବେହେରା(୩୬)। ଠକେଇର ଶିକାର ହୋଇଥିବା ମହମ୍ମଦ ମୁସ୍ତାକ ଅଲ୍ଲୀ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୧୧୫/୨୨ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଭୂତି ଏମ୍/ଏସ ବି ଆର୍ ତନ୍‌ଭି ଇନଫ୍ରା ଷ୍ଟ୍ରକଚର୍ ନାମକ ଏକ ବିଲ୍ଡର ସଂସ୍ଥାର ନିର୍ଦ୍ଦେଶକ। ସେ କଳିଙ୍ଗନଗର ଅଞ୍ଚଳରେ ୫୦ଲକ୍ଷରେ ଏକ ଜମି ଦେବାକୁ ମୁସ୍ତାକଙ୍କ ସହ ଡିଲ୍ କରିଥିଲା। ପରେ ଜମି ବାବଦକୁ ୬ ଲକ୍ଷ ଟଙ୍କା ଚେକ୍ ଆକାରରେ ନେଇଥିଲା। ହେଲେ ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏମିତିକି ମାରିଦେବାକୁ ଧମକ ଦେଇଥିଲା। ଶେଷରେ ବାଧହୋଇ ମୁସ୍ତାକ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।



ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁସାଗରରେ ପ୍ରଭୁ ଲିଙ୍ଗରାଜ ଚାପଖେଳୁଛନ୍ତି।




ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ହଲ୍‌ରେ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ବକ୍ତୃତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।




ନିୟମିତ ଦରମା, ଚାକିରି ସୁରକ୍ଷା ଦାବି ସହ ଭିଟିପିର ଅତ୍ୟାଚାର ବିରୋଧରେ ଭୋକେଶନାଲ ଟ୍ରେନର ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଓସେପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ପରିବାର ଉପରେ ବଜ୍ରପାତ: ଜଣେ ମୃତ, ୭ ଗୁରୁତର**

କୋରାପୁଟ/ଲମତାପୁଟ,୧୭।୫(ସ୍ୱ.ପ୍ର/ଡି.ଏନ.ଏ.): ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାବେଳେ କୋରାପୁଟ ଜିଲାର ଲମତାପୁଟ ବ୍ଲକର ସିଲପଣ୍ଡି ଗ୍ରାମରେ ବଜ୍ରପାତ ଘଟି ଗୋଟିଏ ପରିବାରର ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଦୁର୍ଗା କିରସାନି (୩୮)। ପରିବାରର ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଗୁରୁତରଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ମେ' ସୁଦ୍ଧା ଅଧିକ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୭।୫(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ଏନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଛନ୍ତି। ମେ ମାସ ଶେଷ ସୁଦ୍ଧା ଯଥାସମ୍ଭବ ଅଧିକରୁ ଅଧିକ ସଂଖ୍ୟକ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଦ୍ୟାଳୟରେ ଲଗାଯାଉଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ଜରୁରିକାଳୀନ ବ୍ୟବହାର ଓ ପୁନଃଭରଣ ବିଷୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବିଦ୍ୟାଳୟ କର୍ମଚାରୀଙ୍କୁ ତାଲିମ ଦେବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ରୂପାନ୍ତରଣ କାର୍ଯ୍ୟକ୍ରମରେ ସୃଷ୍ଟି କରାଯାଇଥିବା ସମ୍ପତ୍ତି ଏବଂ ସୁବିଧାର ଉପଯୋଗକରି ବିଦ୍ୟାଳୟରେ ଶୈକ୍ଷିକ ପରିବେଶର ଗୁଣାତ୍ମକମାନ ବଢ଼ାଇବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପର୍ଯ୍ୟାୟରେ ୪୫୩୬ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ପ୍ରମୁଖ ଶାସନ ସଚିବ କହିଛନ୍ତି, ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୧୦୭୬ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ସରିଛି।

### ନାବାଳିକା ବଳାତ୍କାର, ଅଭିଯୁକ୍ତଙ୍କୁ ୧୪ବର୍ଷ ଜେଲ

କଟକ ଅଫିସ୍, ୧୭।୫: ଜଣେ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର କରିବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ୧୪ବର୍ଷ ଜେଲ ଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଦେବାରେ ବିଫଳ ହେଲେ ତାଙ୍କୁ ଅଧିକ ୩ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ କହିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ହେଲେ ସନି ଓରଫ ଅର୍ଜୁନ ପୂର୍ତ୍ତି। ମିଳିଥିବା ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲା ଜାମଡା ଥାନା ଅନ୍ତର୍ଗତ ଗିରିଆ ଗ୍ରାମର ସୁନାରାମ ହେମ୍ବ୍ରମ ପରିବାର ସହ କଟକ ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ ଜଜ୍ ପଠାରେ ରହୁଥିଲେ। ଅଭିଯୁକ୍ତ ଅର୍ଜୁନଙ୍କ ଘର ମଧ ମୟୂରଭଞ୍ଜ ଜିଲା ଗିରିଆ ଅଞ୍ଚଳରେ ହୋଇଥିବାବେଳେ ସେ ମଧ କଟକରେ ରହୁଥିଲେ। ୨୦୧୮ ଅକ୍ଟୋବର ୨୦ରେ ନାବାଳିକା ଝିଅକୁ ଅଭିଯୁକ୍ତ ଅପହରଣ କରିଥିବା ନେଇ ୨୦୧୮ ନଭେମ୍ବର ୮ରେ ସିଡିଏ ଥାନାରେ ସୁନାରାମ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅର୍ଜୁନଙ୍କୁ ଗିରଫ କରିଥିଲା। ଅପହରଣ କରି ନାବାଳିକାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିବା ଜଣାପଡ଼ିଥିଲା। ଏହି ମାମଲାର ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ସୁବାସ କୁମାର ବିହାରୀ ଅଭିଯୁକ୍ତଙ୍କୁ ଆଇପିସିର ଅପହରଣ, ବଳାତ୍କାର ଏବଂ ପୋକ୍‌ସୋ ଆଇନର ଦଫା ୬ରେ ଦଣ୍ଡିତ କରିଛନ୍ତି। ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

# ଫାଇଦା ଉଠାଉଛି ଆନ୍ଧ୍ର


ଆନ୍ଧ୍ର ପକ୍ଷରୁ ଆଧାର, ସ୍ୱାସ୍ଥ୍ୟସେବା କାର୍ଡ ପାଇଥିବା ଗ୍ରାମବାସୀ ଦେଖାଉଛନ୍ତି।

**ସୀମାନ୍ତ ଗ୍ରାମରେ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁନି**

- ମନ୍ଥର ଗତିରେ ଚାଲିଛି ଅଙ୍ଗନୱାଡି ଗୃହ ନିର୍ମାଣ
- ତାଟମାମାଡ଼ି ନଦୀରେ ଓଡ଼ିଶାର ବ୍ରିଜ୍ ନିର୍ମାଣରେ ରୋକ ଲଗାଇଛି ଆନ୍ଧ୍ର
- ଓଡ଼ିଶା ପକ୍ଷରୁ ୧୦ ଜଣଙ୍କୁ ମିଳିଛି ଆବାସ ଗୃହ

ପଟ୍ଟାଙ୍ଗୀ,୧୭।୫(ଡି.ଏନ.ଏ.)

ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ପ୍ରଶାସନିକ ଅଧିକାରୀମାନଙ୍କ ପାଦ ପଡୁନି। ଫଳରେ ଏହାର ଫାଇଦା ଉଠାଇ ଚାଲିଛି ପଡୋଶୀ ଆନ୍ଧ୍ର। ଏପରି ଅଭିଯୋଗ ଆଣିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ସୀମାନ୍ତ ଗ୍ରାମବାସୀ। ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଳଗୋଲୁର ପଞ୍ଚାୟତର ୧୦ନଂ ୱାର୍ଡର ବାଙ୍ଗାରଗୁଡି ଗ୍ରାମ ପଡୋଶୀ ରାଜ୍ୟ ଆନ୍ଧ୍ର ସୀମାକୁ ଲାଗି ରହିଛି। ଉକ୍ତ ଗ୍ରାମରେ ୩୫ଟି ଘର ରହିଥିବା ବେଳେ ଜନସଂଖ୍ୟା ୧୨୦ ରହିଛି। ବ୍ଲକ ପ୍ରଶାସନ ଦ୍ୱାରା ପାନୀୟଜଳଠାରୁ ଆରମ୍ଭ କରି ରାସ୍ତା, ଶିକ୍ଷା ଅଙ୍ଗନୱାଡ଼ି, ଭତ୍ତା ଓ ଚାଉଳ ଆଦି ସୁବିଧା ଗ୍ରାମବାସୀଙ୍କୁ ମିଳୁଛି। ତେବେ ଏହି ଗ୍ରାମରେ ବିଧାୟକ କିମ୍ବା ବିଡିଓ ଏବଂ ଶିଶୁ ବିକାଶ ଅଧିକାରୀଙ୍କ ପାଦ କେବେ ପଡିନାହିଁ ବୋଲି ଗ୍ରାମବାସୀ ପ୍ରକାଶ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ଗ୍ରାମରେ ଗତ ଦୁଇ ବର୍ଷ ତଳେ ପଟ୍ଟାଙ୍ଗୀ ବ୍ଲକ ପକ୍ଷରୁ ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଅର୍ଦ୍ଧନିର୍ମିତ ଏହି ଗୃହରେ ଗ୍ରାମର ଗୋରୁଗାଈଙ୍କୁ ରଖା ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଓଡ଼ିଶା ସରକାରଙ୍କ ପକ୍ଷରୁ ୧୦ ଜଣଙ୍କୁ ଆବାସ ଗୃହ ମିଳିଛି। ତେବେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀମାନଙ୍କ କେତେକ ମାତ୍ରାରେ ଅବହେଳା ଆନ୍ଧ୍ର ସରକାରଙ୍କୁ ଫାଇଦା ଦେଉଛି। ବାଙ୍ଗାରଗୁଡି ଗ୍ରାମକୁ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ପାସପେଣ୍ଡା ବ୍ଲକ ଅଧୀନରେ ରଖିଛି। ଏହି ଗ୍ରାମ ମଦୁକୁ ପଞ୍ଚାୟତର ୮ନଂ. ୱାର୍ଡରେ ରହିଥିବା ଦର୍ଶାଇ ୨୫ ଜଣଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେଇଛି। ୫ ଜଣଙ୍କୁ ଭତ୍ତା ଦେଉଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମାତ୍ର ୨ ଜଣଙ୍କୁ ଭତ୍ତା ମିଳୁଛି। ସେହିପରି ଏହି ଗ୍ରାମ ନିକଟରେ ଥିବା ତାଟମାମାଡି ନଦୀ ଉପରେ ଓଡ଼ିଶା ସରକାର ଏକ ବ୍ରିଜ୍ ନିର୍ମାଣ ଲାଗି ପଦକ୍ଷେପ ନେଉଥିବା ବେଳେ ଉକ୍ତ ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ର ପକ୍ଷରୁ ବନ୍ଦ କରାଯାଇଛି। ଏହି ବ୍ରିଜ୍ ନିର୍ମାଣ ହେଲେ ବାଙ୍ଗାରଗୁଡି ଗ୍ରାମଠାରୁ ଆନ୍ଧ୍ରର ପାସପେଣ୍ଡା ବ୍ଲକ ୧୪ କିଲୋମିଟର ହେବ ବୋଲି ଗ୍ରାମର ଗେମେଲ ଆପାରାଓ ଏବଂ ମାମିଡି ଚିନା ଏଣ୍ଡାୟା କହିଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ବର୍ଷକୁ ୧୫ ହଜାର ଟଙ୍କା ମିଳୁଥିବା ବେଳେ ଓଡିଶା ପକ୍ଷରୁ ଖାଲି ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇ ପାଠ ପଢାଇବାକୁ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ଆନ୍ଧ୍ର ଭତ୍ତା, ଚାଉଳ ଏବଂ ବିଦ୍ୟୁତ୍ ସେବା ଯୋଗାଇ ଦେଇଛି। ଅଟକି ରହିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ଆପାରାଓ ଏବଂ ଏଣ୍ଡାୟା ଦାବି କରିଛନ୍ତି।

## ସ୍ୱପ୍ନ ଦେଖି ଚୋର ଫେରାଇଦେଲେ କୋଟିଏ ମୂଲ୍ୟର ମୂର୍ତ୍ତି

ନୂଆଦିଲ୍ଲୀ: ଚୋର ଲୁଟ କରିଥିବା ଜିନିଷ ଫେରାଇବା କଥା ବିରଳ। ତା' ପୁଣି ଚୋର ଯଦି ସ୍ୱପ୍ନ ଦେଖି ଏପରି କରିଛି ତେବେ ଏହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। ଖବରଟି ପଢ଼ିଲାବେଳେକୁ ଅଜବ ଲାଗିଲେ ମଧ ଏହା ସତ। ଏଭଳି ଅଦ୍ଭୁତ ଘଟଣା ଉତ୍ତର ପ୍ରଦେଶରେ ଘଟିଛି। ଜଣେ ଚୋର ଦୁଃସ୍ୱପ୍ନ ଦେଖିବା ପରେ ମନ୍ଦିରରୁ ଚୋରି କରିଥିବା କୋଟିଏ ଟଙ୍କାର ମୂର୍ତ୍ତି ଫେରାଇ ଦେଇଛନ୍ତି। ଚିତ୍ରକୂଟରେ ଥିବା ୩୦୦ ବର୍ଷ ପୁରୁଣା ବାଲାଜୀ ମନ୍ଦିରରୁ ଚୋରଗ୍ୟାଙ୍ଗ୍ ଅଷ୍ଟଧାତୁରେ ନିର୍ମିତ ୧୪ଟି ମୂର୍ତ୍ତି ଚୋରି କରିଥିଲେ। କିନ୍ତୁ ରାତିରେ ଦୁଃସ୍ୱପ୍ନ ଦେଖି ସେମାନେ ଏହି ମୂର୍ତ୍ତି ଫେରାଇଥିବା ଏକ ଚିଠି ଜରିଆରେ କହିଛନ୍ତି। ମେ ୯ ତାରିଖରେ ବାଲାଜୀ ମନ୍ଦିରରୁ ଅଷ୍ଟଧାତୁରେ ନିର୍ମିତ ୧୬ଟି ମୂର୍ତ୍ତି ଚୋରି ହୋଇଥିଲା। ମନ୍ଦିର ମହନ୍ତ ରାମବାଲକ ଚୋରି ସମ୍ପର୍କିତ ଅଭିଯୋଗ ସ୍ଥାନୀୟ ପୋଲିସ ଷ୍ଟେସନରେ କରିଥିଲେ। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଥିବାବେଳେ ରବିବାର ରାତିରେ ମନ୍ଦିର ମହନ୍ତଙ୍କ ଘର ବାହାରେ ଏକ ଓଜନିଆ ବସ୍ତା ମିଳିଥିଲା। ବସ୍ତା ଫିଟାଇ ଦେଖିଲାବେଳକୁ ସେଥିରେ ମନ୍ଦିରରୁ ଚୋରି ହୋଇଥିବା ୧୬ଟି ମୂର୍ତ୍ତି ମଧ୍ୟରୁ ୧୪ଟି ମୂର୍ତ୍ତି ଥିବା ସହ ସେଠାରେ ଏକ ଚିଠି ରଖାଯାଇଥିଲା। ଚିଠିରେ ଚୋରମାନେ ଉକ୍ତ ସ୍ୱପ୍ନ ବିଷୟରେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ଏହି ମୂର୍ତ୍ତିଗୁଡ଼ିକ ପୋଲିସ ଅଧୀନରେ ଥିବାବେଳେ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।



## ତଦନ୍ତ ପାଇଁ ଭିଜିଲାନ୍ସକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**କୃଷି ଯନ୍ତ୍ରାଂଶ ସବ୍‌ସିଡି ହଡପ ମାମଲା**

- ରେମୁଣା ବିଧାୟକଙ୍କ ପାଇଁ ବଢ଼ିଲା ଅଡୁଆ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

କୃଷି ଯନ୍ତ୍ରାଂଶ ସବ୍‌ସିଡି ହଡ଼ପ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଜୁଲାଇ ୧୫ ମଧ୍ୟରେ ଆବଶ୍ୟକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ଗତ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ନିର୍ଦ୍ଦେଶ ପରେ ନିଗମାନନ୍ଦ ଆସୋସିଏଟ୍‌ସର ମାଲିକ ତଥା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ପାଇଁ ଅଡୁଆ ବଢ଼ିଛି। ସୂଚନା ଅନୁଯାୟୀ, ନିଗମାନନ୍ଦ ଆସୋସିଏଟ୍‌ସ ଧାନକଟା ଯନ୍ତ୍ର, ଟ୍ରାକ୍ଟର ଓ ପାୱାରଟିଲର ଆଦି କୃଷି ଯନ୍ତ୍ରାଂଶ ବିକ୍ରୟ କରିଥାଏ। ଏହି କୃଷି ଯନ୍ତ୍ରାଂଶ ବାବଦକୁ ସରକାରଙ୍କ ପକ୍ଷରୁ ଡିବିଟି ସ୍କିମ୍ ଜରିଆରେ ଚାଷୀଙ୍କୁ ସବ୍‌ସିଡି ମିଳିଥାଏ। ତେବେ ବିଧାୟକ ଆଦିବାସୀ ଚାଷୀଙ୍କ ନାଁ ରେ ଚଞ୍ଚକତା କରି କୋଟି କୋଟି ଟଙ୍କା ସବ୍‌ସିଡି ଅର୍ଥକୁ ହଡପ କରିଥିବା ଅଭିଯୋଗ ହୋଇ ଆସୁଛି। ମୟୂରଭଞ୍ଜ ଓ ବାଲେଶ୍ୱରର କେତେଜଣ ଚାଷୀ ନାଁରେ ଏହି ସବ୍‌ସିଡ଼ି ଅର୍ଥ ହଡପ କରାଯାଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ ନିଗମାନନ୍ଦ ଆସୋସିଏଟ୍‌ସ ୨୫ ଲକ୍ଷ ଟଙ୍କା ଜମା କରି ପୁଣି ସେହି ଅର୍ଥକୁ ସଂସ୍ଥା ଜମାଖାତାକୁ ଟ୍ରାନ୍ସଫର କରିଛି। ହିତାଧିକାରୀଙ୍କୁ ଧାନକଟା ଯନ୍ତ୍ର ନ ଦେଇ କାଗଜପତ୍ରରେ ବିକ୍ରୟ କରାଯାଇଥିବା ଦର୍ଶାଇ ଉକ୍ତ ସଂସ୍ଥା ନିର୍ଦ୍ଦିଷ୍ଟ ଦଲାଲଙ୍କ ମାଧ୍ୟମରେ ପ୍ରତ୍ୟେକ ଯନ୍ତ୍ର ବାବଦକୁ ୬ଲକ୍ଷ ଟଙ୍କା ଲେଖାଏ ସବ୍‌ସିଡି ଅର୍ଥକୁ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏପରି ଭାବେ ନିଗମାନନ୍ଦ ଆସୋସିଏଟ୍‌ର ମାଲିକ ରେମୁଣା ବିଧାୟକ ୨୦୧୭-୧୮,୨୦୧୮-୧୯ ଓ ୨୦୧୯-୨୦ରେ ଜାଲ ହିତାଧିକାରୀଙ୍କ ଜରିଆରେ କୋଟି କୋଟି ଟଙ୍କା ସବ୍‌ସିଡି ଅର୍ଥ ହଡପ କରିଥିବା ନେଇ ଫେବୃୟାରୀ ୪ରେ ବାଲେଶ୍ୱର ରଣାସାହିର ତନୟ ମହାନ୍ତି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ।

## ପୁଣି ବଢ଼ିଲା ଅଶୋଧିତ ତୈଳ ମୂଲ୍ୟ

ନୂଆଦିଲ୍ଲୀ,୧୭।୫

ଅନ୍ତର୍ଜାତୀୟ ବଜାରରେ ପୁଣି ଥରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଇଛି। ଏପରିକି ୟୁରୋପୀୟ ୟୁନିୟନ ଦ୍ୱାରା ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ଉପରେ କଟକଣା ଲଗାଇବା ଦାବି ପରେ ତୈଳର ମୂଲ୍ୟ ଗତ ୭ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବ୍ରେଣ୍ଟ କ୍ରୁଡ୍ ଅଏଲର ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୧୧୪ ଡଲାରରେ ପହଞ୍ଚିଛି। ଏହା ଚଳିତ ବର୍ଷ ମାର୍ଚ୍ଚ ୨୮ ପରେ ସର୍ବାଧିକ ବୋଲି କୁହାଯାଉଛି। ଏହା ପୂର୍ବରୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ୨୦୦୮ ପରେ ପ୍ରଥମ ଥର ପାଇଁ ୧୧୯ ଡଲାର ପ୍ରତି ବ୍ୟାରେଲର ଉଚ୍ଚତମ ସ୍ତରରେ ରହିଥିଲା। ନିକଟରେ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ଉପରେ କଟକଣା ଲଗାଇବା ଦାବି ପରେ ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି। ଅପରପକ୍ଷରେ ଚାଇନାରେ କରୋନା ଯୋଗୁ ଲାଗୁ ହୋଇଥିବା ଲକ୍‌ଡାଉନ କୋହଳ ହେବା ଖବର ପରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଉଥିବା ଜଣାପଡ଼ିଛି।

## ପ୍ରଥମ ୫-ଜି ଟେଷ୍ଟବେଡ୍ ଉଦ୍‌ଘାଟିତ

**୧୦ ବର୍ଷରେ ଆସିବ ୬-ଜି: ମୋଦି**

ନୂଆଦିଲ୍ଲୀ, ୧୭।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶର ପ୍ରଥମ ୫-ଜି ଟେଷ୍ଟବେଡ୍ ଉଦ୍‌ଘାଟନ କରିଛନ୍ତି। ଉଦ୍ୟୋଗୀ ତଥା ଷ୍ଟାର୍ଟଅପ୍ ନିର୍ମାତାଙ୍କ ଉତ୍ପାଦର ବୈଧତା ଯାଞ୍ଚ ଏବଂ ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତା କମାଇବାରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୨୨୦ କୋଟି ଟଙ୍କା ବ୍ୟୟରେ ଏହି ଟେଷ୍ଟବେଡ୍ ପ୍ରସ୍ତୁତ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦିଗରେ ଆତ୍ମନିର୍ଭରଶୀଳତା ପାଇଁ ୫ଜି ଟେଷ୍ଟବେଡ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ମୋଦି କହିଛନ୍ତି। ମାଡ୍ରାସ ଆଇଆଇଟି ନେତୃତ୍ୱରେ ଦିଲ୍ଲୀ, ହାଇଦ୍ରାବାଦ, ବମ୍ବେ, କାନପୁର ଆଇଆଇଟି, ବାଙ୍ଗାଲୋର ଆଇଆଇଏସ୍‌ସି ସମେତ ଏସ୍‌ଏଏମ୍‌ଇଇଆର୍ ଏବଂ ସିଇଡବ୍ଲ୍ୟୁଆଇଟି ଦ୍ୱାରା ଏହି ଟେଷ୍ଟବେଡ୍ ପ୍ରସ୍ତୁତ କରିଛି। ଦେଶର ୫ ପ୍ରଥମ ସ୍ଥାନରେ ଏହି ଟେଷ୍ଟବେଡ୍ ସୁବିଧା ଉପଲବ୍ଧ ହେବ। ଏଥିସହ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ୬-ଜି ଟେକ୍ନୋଲୋଜି ଆସିଯିବ ଏବଂ ଏଥିପାଇଁ ଏକ ଟାକ୍ସ ଫୋର୍ସ କାମ ଆରମ୍ଭ କରିଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଲ-କଲେଜରେ ଆର୍ଥିକ ଅନିୟମିତତା | ଏସ୍‌ୟୁ କୁଳପତିଙ୍କ ନାଁରେ ଏତଲା

ସମ୍ବଲପୁର,୧୭।୫(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ନାମରେ ମଙ୍ଗଳବାର ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ଲଜପତ୍ ରାୟ ଆଇନ କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ କଲେଜର ଆଲୁମ୍ନି ସଂଘ ଓ ଜିଲା ଓକିଲ ସଂଘ ପକ୍ଷରୁ କୁଳପତି ମିତ୍ତଲଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ଉଭୟ ସଂଘର କର୍ମକର୍ତ୍ତାଙ୍କ ଅଭିଯୋଗ କ୍ରମେ କିଛିମାସ ପୂର୍ବରୁ କୁଳପତି ମିତ୍ତଲ କଲେଜ ଟଙ୍କା ବିଶ୍ୱବିଦ୍ୟାଳୟ ଜମାଖାତାକୁ ଟ୍ରାନ୍ସଫର ଉଦ୍ୟମ କରିଥିଲେ। ଏହାକୁ ପୂର୍ବତନ କଲେଜ ଅଧ୍ୟକ୍ଷ ବିରୋଧ କରିବାରୁ ତାଙ୍କୁ ବଦଳି କରି ଆଉ ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଥିଲେ। ନୂତନ ଅଧ୍ୟକ୍ଷ ନିଯୁକ୍ତି ପରେ କଲେଜର ୬୨ ଲକ୍ଷ ୭୦ ହଜାର ଟଙ୍କା ବିଶ୍ୱବିଦ୍ୟାଳୟ ଜମାଖାତାକୁ ଟ୍ରାନ୍ସଫର କରିନେଇଛନ୍ତି। ପୋଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଥାନାରେ ଏତଲା ଦେବା ସମୟରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଆଲୁମ୍ନି ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ଆଇନ କଲେଜରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ହୋଇଥିବା ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ କୁଳପତି ମିତ୍ତଲଙ୍କୁ ପଚାରିବାରୁ ସେ କହିଥିଲେ, କୌଣସି ଅନିୟମିତତା ହୋଇନାହିଁ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏସ୍‌ୟୁକୁ ବଦ୍‌ନାମ କରିବାକୁ ଚେଷ୍ଟା କରୁଛନ୍ତି। ଅବହେଳିତ ଆଇନ କଲେଜର ବିକାଶ ପାଇଁ ଦାବି ହୋଇଆସୁଥିଲା। ତେଣୁ କଲେଜରେ ଥିବା ୬୨ ଲକ୍ଷ ଟଙ୍କା ଏସ୍‌ୟୁ ଖାତାରେ ଜମା କରିଛି। ଏସ୍‌ୟୁର ମଧ ୧ କୋଟି ୫୦ ଲକ୍ଷ ଟଙ୍କା ଜମା କରିଛି। ପ୍ରଶାସନିକ କୋଠା ଓ ଭିତ୍ତିଭୂମି ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଶୀଘ୍ର କାମ ଆରମ୍ଭ ହେବ। ଏପରି ସମୟରେ ବିରୋଧ କରିବା ଆଶ୍ଚର୍ଯ୍ୟ ଲାଗୁଛି। ଏହା ହେଲେ ବିକାଶ କାମ ହୋଇପାରିବ ନାହିଁ ବୋଲି ମିତ୍ତଲ କହିଥିଲେ।

## ଜୁଆର ମାଡ଼ରେ ଗାଁ ବନ୍ଧରେ ୩୦ ଫୁଟର ଘାଇ



ମହାକାଳପଡ଼ା,୧୭।୫(ଡି.ଏନ୍.ଏ.)

ସୋମବାର ପୂର୍ଣ୍ଣିମା ତିଥିରେ ସମୁଦ୍ରରେ ଉଚ୍ଚ ଜୁଆର ଉଠିଥିଲା। ଫଳରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଜୁରା ପଞ୍ଚାୟତ ଅଧୀନ ପାଣିଖିଆ ସାନ୍ତାଳପଡ଼ା ଗାଁର ମୁଖ୍ୟ ବନ୍ଧରେ ୩୦ଫୁଟର ଖାଇ ସୃଷ୍ଟି ହୋଇଛି। ପାଣିଖିଆ ଗ୍ରାମ ସମୁଦ୍ର ଜଳ ଘେରରେ ରହିଛି। ସାନ୍ତାଳପଡ଼ାର ମୁଗୁଲୁ ସୋରେନ, ରାଧେଶାମ କିସ୍କୁଙ୍କ ପରିବାର ସମେତ ବହୁ ଲୋକଙ୍କ ଘର ଭିତରେ ଆଣ୍ଠୁଏ ଉଚ୍ଚର ଲୁଣି ପାଣି ଜମି ରହିଛି। ଏଥିପାଇଁ ସେମାନଙ୍କ ଘରେ ଗତ ୨ ଦିନ ହେବ ଚୂଲି ଜଳି ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏହି ପଡ଼ାରେ ୫୦ରୁ ଊର୍ଦ୍ଧ୍ୱ ସାନ୍ତଳ ପରିବାର ବସବାସ କରନ୍ତି। ସେହି ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ ସୃଷ୍ଟି ହୋଇଥିବା ଘାଇ ତୁରନ୍ତ ମରାମତି କରିବାକୁ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଶିବଲିଙ୍ଗ ସ୍ଥାନ ସୁରକ୍ଷିତ...

କମିଟି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଛି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ଜ୍ଞାନବାପି ମସ୍‌ଜିଦ ପରିସରରେ ସର୍ଭେ ବେଳେ ମିଳିଥିବା ଶିବଲିଙ୍ଗର ସୁରକ୍ଷା ପାଇଁ ବାରାଣସୀ ସିଭିଲ ଜଜ୍ ସିନିୟର ଡିଭିଜନ ଦେଇଥିବା ନିର୍ଦ୍ଦେଶ ମୁସଲମାନ ସମ୍ପ୍ରଦାୟର ମସ୍‌ଜିଦ ପ୍ରବେଶ ଏବଂ ଧାର୍ମିକ ଅନୁଷ୍ଠାନ କରିବା ଅଧିକାର ଆଗରେ ପ୍ରତିବନ୍ଧକ ସାଜିବ ନାହିଁ। ଯେଉଁ ସ୍ଥାନରେ ଶିବଲିଙ୍ଗ ମିଳିଛି ବୋଲି ଦର୍ଶାଯାଇଛି ତାକୁ ସୁରକ୍ଷା ଦିଆଯାଉ। କିନ୍ତୁ ମସ୍‌ଜିଦ ଭିତରକୁ ନମାଜ ପାଠ ପାଇଁ ଯିବା ଲାଗି ଇଚ୍ଛୁକ ମୁସଲମାନମାନଙ୍କ ଉପରେ କୌଣସି କଟକଣା ରହିବା ଅନୁଚିତ। ତଳ କୋର୍ଟ ଶିବଲିଙ୍ଗର ସୁରକ୍ଷା ସହ ସମ୍ପୃକ୍ତ ଅଞ୍ଚଳକୁ ଲୋକଙ୍କ ପ୍ରବେଶ ନିଷେଧ ଉଦ୍ଦେଶ୍ୟରେ ରାୟ ଦେଇଥିବା ମନେକରି ବିଭ୍ରାନ୍ତିକର ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଖଣ୍ଡପୀଠ ଏହା ସ୍ପଷ୍ଟ କରିଛନ୍ତି। ନମାଜ ପାଠ ପାଇଁ ମସ୍‌ଜିଦକୁ ପ୍ରବେଶ କରିବାକୁ ଚାହୁଁଥିବା ମୁସଲମାନଙ୍କ ସଂଖ୍ୟା ସୀମିତ କରା ନ ଯାଉ ବୋଲି ମସ୍‌ଜିଦ ପରିଚାଳନା କମିଟି ପକ୍ଷରୁ ଦାଏର ପିଟିଶନରେ ନିବେଦନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହୁଜେଫା ଅହମଦି ଯୁକ୍ତି ବାଢ଼ିଥିଲେ ଯେ, ୱୁଜୁଖାନା (ନମାଜ ପାଠ ପୂର୍ବରୁ ହାତ, ଗୋଡ଼ ଓ ମୁହଁ ଧୋଇବା ସ୍ଥାନ)କୁ ସିଲ୍ କରିବା ପାଇଁ ତଳ କୋର୍ଟ ଦେଇଥିବା ନିର୍ଦ୍ଦେଶ ଯଥାର୍ଥ ନୁହେଁ। ପୂଜାର୍ଚ୍ଚନା ସ୍ଥଳ ଆଇନର ଅବତାରଣା କରି ସେ କହିଥିଲେ, ୱୁଜୁଖାନା ଆବହମାନ କାଳରୁ ବ୍ୟବହୃତ ହୋଇଆସୁଥିବାରୁ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆସିଛି। ନମାଜ ପାଠ ପାଇଁ ଉକ୍ତ ସ୍ଥାନର ବ୍ୟବହାର ଜରୁରୀ। ତେଣୁ ୱୁଜୁଖାନା ବ୍ୟବହାର ପାଇଁ ଅନୁମତି ଦିଆଯାଉ ବୋଲି ସେ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ତେବେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ୱୁଜୁ ସମୟରେ ଯଦି କେହି ଶିବଲିଙ୍ଗ ଉପରେ ଗୋଡ଼ ରଖିଦିଅନ୍ତି ତା'ହେଲେ ଆଇନଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି ହେବ। ତେଣୁ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରି ରଖାଯାଉ ବୋଲି ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନରେ ଶିବଲିଙ୍ଗ ଠାବ ହୋଇଛି ବୋଲି ସଲିସିଟର ଜେନେରାଲଙ୍କୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଶ୍ନ କରିଥିଲେ। ସଲିସିଟର ଜେନେରାଲ କହିଥିଲେ, ସେ ରିପୋର୍ଟ ଦେଖିନାହାନ୍ତି। ସମ୍ପୂର୍ଣ୍ଣ ବିବରଣୀ ଅନୁଧାନ କରି ବୁଧବାର ରିପୋର୍ଟ ଦାଖଲ କରିବେ। ମୁସ୍‌ଲିମ ପକ୍ଷ କହିଥିଲେ, ଏହା ଶିବଲିଙ୍ଗ ନୁହେଁ, ଏକ ଝରଣା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଶିବଲିଙ୍ଗ ସ୍ଥଳକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାରାଣସୀ ଜିଲା କୋର୍ଟରେ ଚାଲିଥିବା ମାମଲାର ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ଆସନ୍ତା ୧୯ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଏଥିଲାଗି ହିନ୍ଦୁ ପକ୍ଷଙ୍କୁ ନୋଟିସ ଜାରି କରାଯାଇଛି।

### ତଥ୍ୟ ପ୍ରଘଟ କରି ଅଜୟ ମିଶ୍ରା ହଟିଲେ

**ବାରାଣସୀ:** ୫ ଜଣ ମହିଳା ଜ୍ଞାନବାପି ମସ୍‌ଜିଦରେ ହିନ୍ଦୁ ଦେବଦେବୀଙ୍କ ସଙ୍କେତ ଥିବା ଦାବି କରି ପୂଜାର୍ଚ୍ଚନା ପାଇଁ ବାରାଣସୀ ଜିଲା କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ଏହି ପ୍ରସଙ୍ଗରେ ଜିଲା କୋର୍ଟ ମସ୍‌ଜିଦ ଭିତରେ ସର୍ଭେ କରାଇବା ପାଇଁ ଅନୁମତି ଦେଇଥିଲେ। ଏଥିସହ ସର୍ବେକ୍ଷଣ ବେଳର ଭିଡିଓଗ୍ରାଫି କରାଇ ମେ' ୧୭ (ମଙ୍ଗଳବାର) ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ କାର୍ଯ୍ୟର ତଦାରଖ ପାଇଁ ଅଜୟ ମିଶ୍ରାଙ୍କୁ ଆଡ୍‌ଭୋକେଟ କମିଶନର ଭାବେ ନିଯୁକ୍ତ କରିଥିଲେ। ସର୍ଭେ ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ ବୋଲି ଜିଲା କୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ମସ୍‌ଜିଦ ପରିସରରେ ଶିବଲିଙ୍ଗ ଠାବ ହୋଇଥିବା ବିଷୟ ସୋମବାର ଗଣମାଧ୍ୟମରୁ ଜଣାପଡ଼ିଥିଲା। ଏ ସମ୍ପର୍କରେ ହିନ୍ଦୁ ପକ୍ଷ ଓକିଲ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ କୋର୍ଟ ଉକ୍ତ ସ୍ଥାନକୁ ସିଲ୍ କରିବା ଲାଗି ଅଦାଲତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଭିଡିଓଗ୍ରାଫି କରାଯାଇଥିବା ତଥ୍ୟ ପ୍ରଘଟ ହୋଇଥିବାରୁ କୋର୍ଟ ଅଜୟଙ୍କୁ ହଟାଇ ତାଙ୍କ ସ୍ଥାନରେ ବିଶାଳ ସିଂଙ୍କୁ ନୂଆ ଆଡ୍‌ଭୋକେଟ୍ କମିଶନର ନିଯୁକ୍ତ କରିଛନ୍ତି। ଏଥିସହ ସର୍ଭେର ଭିଡିଓଗ୍ରାଫି ରିପୋର୍ଟ ଦାଖଲ ପାଇଁ ଆଉ ୨ ଦିନ ସମୟ ଦେଇଛନ୍ତି। ଇତିମଧ୍ୟରେ ହିନ୍ଦୁ ପକ୍ଷ ଶିବଲିଙ୍ଗ ଓ ନନ୍ଦୀ ମୂର୍ତ୍ତି ମଝିରେ ଥିବା ପ୍ରାଚୀରକୁ ଭାଙ୍ଗିବା ପାଇଁ ଆଉ ଏକ ପିଟିଶନ ଦାଖଲ କରିଛନ୍ତି।

# ୫ ହାଇକୋର୍ଟରେ ନାହାନ୍ତି ମହିଳା ବିଚାରପତି

**ମାଡ୍ରାସ୍ ଉଚ୍ଚ ଅଦାଲତରେ ସର୍ବାଧିକ ୧୩**

ନୂଆଦିଲ୍ଲୀ,୧୭।୫

ନିକଟରେ ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ପାଇଁ ନାମ ସୁପାରିସ କରାଯାଇଥିଲା। କିନ୍ତୁ ନୂଆ ଜଷ୍ଟିସ୍ ନିଯୁକ୍ତି ସକାଶେ ଜଣେ ହେଲେ ମହିଳାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ବର୍ତ୍ତମାନ ଦେଶର ୨୫ ହାଇକୋର୍ଟରେ ମୋଟ ୭୧୩ ବିଚାରପତି ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୯୪ ଜଣ (୧୩.୧୮%) ହେଉଛନ୍ତି ମହିଳା। ସେହିପରି ୫ଟି ହାଇକୋର୍ଟରେ ଜଣେ ହେଲେ ମହିଳାଙ୍କୁ ବିଚାରପତି ଭାବେ କାର୍ଯ୍ୟ କରିବା ସୁଯୋଗ ମିଳିନାହିଁ। ଭାରତୀୟ ନ୍ୟାୟପାଳିକା ଲିଙ୍ଗଗତ ଅନୁପାତକୁ ଧ୍ୟାନଦେବା ଏକପ୍ରକାର ଭୁଲିଯାଇଥିବା ଏଥିରୁ ଅନୁମାନ କରାଯାଉଛି।

ସୂଚନାନୁସାରେ ମାଡ୍ରାସ୍ ହାଇକୋର୍ଟରେ ସର୍ବାଧିକ ୧୩ ମହିଳା ବିଚାରପତି ଅଛନ୍ତି। ସେହିପରି ଦିଲ୍ଲୀ ହାଇକୋର୍ଟରେ ୧୨ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ଏହି କ୍ଷେତ୍ରରେ ତେଲଙ୍ଗାନା ହାଇକୋର୍ଟ ୧୦ ମହିଳା ବିଚାରପତିଙ୍କୁ ନେଇ ତୃତୀୟ ସ୍ଥାନରେ ରହିଛି। କେରଳ ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ୭ ଜଣ ଲେଖାଏ ମହିଳା ବିଚାରପତି କାର୍ଯ୍ୟରତ। ତେବେ ସମ୍ପୂର୍ଣ୍ଣ ଚିତ୍ରକୁ ଦେଖିଲେ ଉପରୋକ୍ତ ହାଇକୋର୍ଟଗୁଡ଼ିକରେ ମହିଳାଙ୍କ ନିଯୁକ୍ତି ବିଶେଷ ଉତ୍ସାହଜନକ ମନେହେଉ ନାହିଁ। ଦେଶର ଅଧିକାଂଶ ହାଇକୋର୍ଟ ଖଣ୍ଡପୀଠରେ ଅନ୍ୟୁନ ଜଣେ ଲେଖାଏ ମହିଳା ବିଚାରପତିଙ୍କୁ ସାମିଲ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ ୨୫ ଉଚ୍ଚ ଅଦାଲତ ମଧ୍ୟରୁ ୫ଟିରେ ଜଣେ ହେଲେ ମହିଳାଙ୍କୁ ପ୍ରତିନିଧିତ୍ୱର ସୁଯୋଗ ମିଳିନାହିଁ। ପାଟନା ହାଇକୋର୍ଟରେ ମୋଟ ୨୭ ବିଚାରପତି ଥିବାବେଳେ ସେମାନଙ୍କ ମଧ୍ୟରୁ କେହି ମହିଳା ନୁହନ୍ତି। ମହିଳା ବିଚାରପତିଶୂନ୍ୟ ଅନ୍ୟ ହାଇକୋର୍ଟଗୁଡ଼ିକ ମଣିପୁର, ମେଘାଳୟ, ତ୍ରିପୁରା ଓ ଉତ୍ତରାଖଣ୍ଡ। ଓଡ଼ିଶା ହାଇକୋର୍ଟରେ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ସୁଯୋଗ ମିଳିଥିବାବେଳେ ରାଜସ୍ଥାନ, ସିକିମ୍, ଛତିଶଗଡ଼, ଝାଡ଼ଖଣ୍ଡ ହାଇକୋର୍ଟରେ ମଧ ଜଣେ ଲେଖାଏ ମହିଳାଙ୍କୁ ବିଚାରପତି ରୂପେ ନିଯୁକ୍ତ କରାଯାଇଛି।


ଉତ୍ତରାଖଣ୍ଡ ହାଇକୋର୍ଟ

୨୦୨୧ ସେପ୍ଟେମ୍ବରରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଥିଲେ, ମହିଳାମାନେ ଚାରିଟି ପାଇଁ ନୁହେଁ, ବରଂ ନିଜ ଅଧିକାର ସାବ୍ୟସ୍ତ ଲାଗି ୫୦% ସଂରକ୍ଷଣ ଦାବି କରିବା ଜରୁରୀ। ସେ ବିବିଧତା ପାଇଁ ନିଜ ପ୍ରତିଶ୍ରୁତିବଦ୍ଧତାକୁ କଲେଜିୟମ୍‌ରେ ଉଠାଇବେ ବୋଲି ଦୋହରାଇଥିଲେ। ସିଜେଆଇଙ୍କ ପ୍ରତିଶ୍ରୁତି ପରେ ସୁପ୍ରିମକୋର୍ଟରେ ୨ ଜଣ ମହିଳା ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ସର୍ବୋଚ୍ଚ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୪କୁ ଛୁଇଁଛି, ଯାହାକି ଅଦ୍ୟାବଧି ସର୍ବାଧିକ। ଗତ ମାର୍ଚ୍ଚ ୮ରେ ସୁପ୍ରିମକୋର୍ଟରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ମହିଳ ବିଚାରପତି ଦିବସ' ପାଳନ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ପୁରୁଷ ପ୍ରଧାନ ନ୍ୟାୟପାଳିକାରେ ମହିଳାଙ୍କୁ ଉପଯୁକ୍ତ ସୁଯୋଗ ଦେବା। ନିକଟରେ କେରଳ ହାଇକୋର୍ଟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କେବଳ ମହିଳା ବିଚାରପତିମାନଙ୍କୁ ନେଇ ପୀଠ ଗଠନ କରି ଇତିହାସ ରଚିଥିଲା। ତେବେ ସବୁ ହାଇକୋର୍ଟରେ ମହିଳାଙ୍କୁ ସମାନ ଅନୁପାତରେ ପ୍ରତିନିଧିତ୍ୱ ସୁଯୋଗ ନ ମିଳିବା ଦୁର୍ଭାଗ୍ୟର କଥା।

## ଗ୍ୟାସ ଚୁଲାରୁ ନାଗ ଉଦ୍ଧାର

ବାରଙ୍ଗ,(ଡି.ଏନ୍.ଏ.): ଚନ୍ଦକା ଥାନା ଅନ୍ତର୍ଗତ ଭୋଳା ଗ୍ରାମର ଚନ୍ଦନ ବେହେରାଙ୍କ ଗ୍ୟାସ ଚୁଲାରେ ପଶିଥିବା ଏକ ନାଗସାପକୁ ମଙ୍ଗଳବାର ରାତିରେ ଉଦ୍ଧାର କରାଯାଇଛି। ୫ଫୁଟ ଲମ୍ବର ଏହି ନାଗ ଗ୍ୟାସ ଚୁଲାରେ ପଶି ରହିଥିବା ବେଳେ ପରିବାର ଲୋକେ ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ। ଏନେଇ ମେଣ୍ଢାଶାଳ ଗ୍ରାମର ସାପଧରାଳି ସଞ୍ଜୁକ୍ତ ପାତ୍ରଙ୍କୁ ଖବର ଦିଆଯାଇଥିଲା। ସାପଧରାଳି ପାତ୍ର ଘଟଣାସ୍ଥଳରେ ପହଞ୍ଚି ନାଗକୁ ଉଦ୍ଧାର କରି ଚନ୍ଦକା ଜଙ୍ଗଲରେ ଛାଡ଼ିଦେଇଛନ୍ତି।



## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୫୦ତମ ଇ-ସତ୍‌ସଙ୍ଗ

ଭୁବନେଶ୍ୱର,୧୭।୫(ବ୍ୟୁରୋ): ଓଡ଼ିଶା ସତ୍‌ସଙ୍ଗ, ଭୁବନେଶ୍ୱର ଆନୁକୂଲ୍ୟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୫୦ତମ ଇ-ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକା କାଲିଫର୍ନିଆରୁ ଇଂ. ମନୋଜ ପାତ୍ର (ସପୁର) ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କରୋନା ମହାମାରୀ ଯୋଗୁ ଏହା ୨୦୨୦ ନଭେମ୍ବର ୧ରୁ ଭକ୍ତ ସୁବାସ ଚନ୍ଦ୍ର ସାହୁଙ୍କ ଉଦ୍ୟମରେ ଆରମ୍ଭ ହୋଇ ମଙ୍ଗଳବାର ୫୫୦ତମ ଦିବସରେ ଉପନୀତ ହୋଇଥିଲା। ଏକ ସୁସ୍ଥ ସମାଜ ଗଠନରେ ମଣିଷର କର୍ତ୍ତବ୍ୟ, ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥାଏ। ପ୍ରତ୍ୟେକ ଦିନ ସକାଳ ୬ଟା ୧୫ରୁ ଇ-ସତ୍‌ସଙ୍ଗ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଚାଲେ। ବିଭିନ୍ନ ସାମାଜିକ ସମସ୍ୟା ସମ୍ପର୍କରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥାଏ। ପ୍ରତ୍ୟେକ ବୁଧବାର ୫ରୁ ୧୫ ବର୍ଷ ବୟସର ପିଲାମାନଙ୍କୁ ନେଇ 'ଶିଶୁ ସତ୍‌ସଙ୍ଗ' ଓ ପ୍ରତ୍ୟେକ ରବିବାର ଅପରାହ୍ନ ୨ଟା ୩୦ରୁ ୪ଟା ପର୍ଯ୍ୟନ୍ତ ମା'ମାନଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ଇ-ସତ୍‌ସଙ୍ଗରେ ଜୟନ୍ତୀ ବାସାକ୍, କେଶବ ଚନ୍ଦ୍ର ସାହୁ, ପ୍ରିୟଙ୍କା ବର୍ମନ ରାୟ, ଦେବେନ୍ଦ୍ର କର, ପ୍ରଜ୍ଞାନ ମହାଭୋଇ, ପଟେଲ କୁମାର ମହନ୍ତ ଓ ଦୈତାରି ମୁଦୁଲି ପ୍ରମୁଖ ଭଜନ, କୀର୍ତ୍ତନ ଓ କୋରସ୍ ଗାନ କରିଥିବାବେଳେ ବିପିନ୍ ବିହାରୀ ମିଶ୍ର ଏବଂ ଇଂ. ବିପିନ ବିହାରୀ ମିଶ୍ର ଠାକୁରଙ୍କ ସଦଗ୍ରନ୍ଥ ପାଠ କରିଥିଲେ।

### ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, ୧୭।୫

ଆଚାର୍ଯ୍ୟ ବିହାର ପରିଷଦଠାରେ ଏକ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଓ ସମ୍ପାଦକ ଶିଶିର ମହାପାତ୍ର ଯୋଗଦେଇ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ଫଟୋ ଚିତ୍ରରେ ମଲ୍ୟାର୍ପଣ କରିଥିଲେ। ଏହି ଅବସରରେ ୱାର୍ଡ ନଂ. ୨୮, ୩୫ ଓ ୩୬ର କର୍ପୋରେଟର ଝରଣାରାଣୀ ପତି, ମଞ୍ଜୁଲତା ରାୟ ଓ ଅଲିଅଳି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ଉପସଭାପତି ଯଦୁମଣି ସ୍ୱାଇଁ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର କୁଣ୍ଡୁ, ବରିଷ୍ଠ ନାଗରିକ ବିମଳ ଦାସ, ଅଜିତ ରଥ, ଡ. ଅମ୍ବରିଶ ଶତପଥୀ, ସତ୍ୟଜିତ୍ ମହାନ୍ତି, ଅମଲେସ ଦାସ, କୁମାର ଦେବବ୍ରତ, ସଂଯୁକ୍ତା ମହାନ୍ତି, ଭି. ଶ୍ୟାମଳା, ରୁବି ସଙ୍ଗୀତା ଦାସ, ଶେଫାଳି ମହାନ୍ତି, ବସନ୍ତ କୁମାର ପଣ୍ଡା, ସନ୍ତୋଷ ରଥ, ସୟଦ ଅବ୍ଦୁଲ, ଚିତ୍ତତୋଷ ତ୍ରିପାଠୀ, ହରପ୍ରସାଦ ମିଶ୍ର, ଜେ. ଭଗବାନ୍‌ଲୁ, ପ୍ରତାପ ମହାପାତ୍ର ଓ ସ୍ଥାନୀୟ ଅଞ୍ଚଳର ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ବିଧାୟକ ଓ କର୍ପୋରେଟରଙ୍କୁ ଦାବିପତ୍ର ଦିଆଯାଇଥିଲା। ବରିଷ୍ଠ ନାଗରିକଙ୍କୁ କମିଶନରେଟ ପୋଲିସ ଦ୍ୱାରା ପ୍ରସ୍ତୁତ ପୁସ୍ତିକା ପ୍ରଦାନ କରାଯାଇଥିଲା।

### ମେଡିକାଲ ଶିଡ଼ିରୁ ଖସି ଛାତ୍ର ଆହତ

ପୁରୀ ଅଫିସ,୧୭।୫:

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଛାତ ଶିଡ଼ିରୁ ଜଣେ ଡାକ୍ତରୀ ଛାତ୍ର ଖସିପଡ଼ି ଆହତ ହୋଇଛନ୍ତି। ସେ ହେଲେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ର ବିଶାଲ କୁମାର। ତାଙ୍କ ଘର ବିହାର ଚମ୍ପାଗଡ଼ରେ। ମଙ୍ଗଳବାର ସକାଳେ ବିଶାଳ କ୍ଲାସ ସାରି ଫେରିବା ବେଳେ ତାଙ୍କୁ ମାଙ୍କଡ଼ ଗୋଡାଇଥିଲା। ତେବେ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ଶିଡ଼ିରୁ ପଡିଯାଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା କଲେଜ ଅଧୀକ୍ଷକ କୌଶିକ ମିଶ୍ର କହିଛନ୍ତି।

# ବାରବାଟୀ ମ୍ୟାଚ୍ ନେଇ ଅନିଶ୍ଚିତତା

## ଅଗ୍ନି ନିରାପତ୍ତା ସମ୍ପର୍କିତ ତଥ୍ୟ ମାଗିଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୧୨ତାରିଖରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ଏବଂ କଟକ ଡିସିପିଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଆସନ୍ତା ୨୬ତାରିଖ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଓଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଓଏଚ୍‌ଆର୍‌ସିଙ୍କ ନୋଟିସ ହସ୍ତଗତ ହୋଇ ନ ଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଏହା ପୂର୍ବରୁ ୨୬ରୁ ଊର୍ଦ୍ଧ୍ୱ ଅନ୍ତରାଷ୍ଟ୍ରୀୟ ମ୍ୟାଚ୍ ହୋଇସାରିଛି। ସରକାରଙ୍କ ସହଯୋଗ ଏବଂ ସମସ୍ତଙ୍କ ଅନୁମତିରେ ମ୍ୟାଚ୍ ହୁଏ ଏବଂ ଅଗ୍ନି ନିରାପତ୍ତା ନେଇ ସମସ୍ତ ସୁବିଧା କରାଯାଇଥାଏ ବୋଲି ସେ କହିଛନ୍ତି।

ଆବେଦନକାରୀ ମିଶ୍ରଙ୍କ କହିବା ଅନୁସାରେ, ୪୪ହଜାର ଦର୍ଶକ କ୍ଷମତା ବିଶିଷ୍ଟ ବାରବାଟୀ ଷ୍ଟାଡିୟମ୍‌ରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଏପରି କି ଷ୍ଟାଡିୟମ ବିଲ୍ଡିଂର ନିୟମିତ ସେଫ୍ଟି ଯାଞ୍ଚ ମଧ୍ୟ କରାଯାଉ ନାହିଁ। ରାଜ୍ୟ ଅଗ୍ନିଶମ ନିର୍ଦ୍ଦେଶାଳୟ ଅଗ୍ନି ସୁରକ୍ଷା ସମ୍ପର୍କିତ ପ୍ରମାଣପତ୍ର ଜାରି କରିଥାନ୍ତି। ହେଲେ ଷ୍ଟାଡିୟମ କର୍ତ୍ତୃପକ୍ଷ ଏହି ପ୍ରମାଣପତ୍ର ହାସଲ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି।



ଏନେଇ ଓଏଚ୍‌ଆର୍‌ସିଙ୍କ ସମେତ ସେଣ୍ଟ୍ରାଲ୍ ରେଞ୍ଜ୍ ଫାୟାର ଅଫିସରଙ୍କ ମଧ୍ୟ ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା ନିୟମ, ୨୦୧୭ ଏବଂ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା (ସଂଶୋଧିତ) ଆଇନ୍-୨୦୧୯ ଅନୁଯାୟୀ ଓସିଏ ପକ୍ଷରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବା ନେଇ ସେ ଆବେଦନ କରିଛନ୍ତି। ମିଶ୍ରଙ୍କ ଆବେଦନକୁ ଗୁରୁତ୍ୱର ସହିତ ଗ୍ରହଣ କରି କ୍ରିକେଟ୍ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଗ ପକ୍ଷରୁ କୁହାଯିବା ସହ ଆସନ୍ତା ୨୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଓସିଏ ଏବଂ କଟକ ଡିସିପିଙ୍କୁ କୁହାଯାଇଛି। ନିକଟରେ ଦିଲ୍ଲୀରେ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ଅଗ୍ନିସେବା ନିର୍ଦ୍ଦେଶାଳୟ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏପରି କି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସଂସ୍ଥା ବା ଅନୁଷ୍ଠାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ତେଣୁ ବାରବାଟୀ ଷ୍ଟାଡିୟରେ ମ୍ୟାଚ୍ ସମୟରେ ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେବାକୁ ଥିବାରୁ ଏହାର ଅଗ୍ନି ନିରାପତ୍ତା ସମ୍ବନ୍ଧିତ ପ୍ରମାଣପତ୍ର ଜରୁରୀ ବୋଲି କୁହାଯାଉଛି।

## ମାଲିକଙ୍କ ଘରୁ ଚୋରି, ଭଉଣୀଭାଇ ଗିରଫ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ମାଲିକଙ୍କ ଘରୁ ସୁନା ଅଳଙ୍କାର ଚୋରି କରି ଫେରାର ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ ଭଉଣୀଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳରେ ରହୁଥିବା ଯମୁନା ଓରଫ ତୁଳସୀ ସାହୁ (୩୩) ଓ ତାଙ୍କ ଭାଇ ସଞ୍ଜୟ ଶ୍ରୀଚନ୍ଦନ (୩୬)। ସେମାନଙ୍କ ନିକଟରୁ ୨ ହଳ ସୁନା କାନଫୁଲ ଓ ଚେନ ଜବତ କରାଯାଇଛି । ପୋଲିସ ଏକ ମାମଲା (ନଂ.୧୨୨/୨୨) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

ସୂଚନାନୁଯାୟୀ, ଏୟାରଫିଲ୍ଡ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ଯମୁନା କାମ କରନ୍ତି। ମାଲିକ ନ ଥିବା ସମୟରେ ସେ ତାଙ୍କୁ ଘରୁ ଗୋଟିଏ ସୁନାଚେନ, ୨ ହଳ କାନଫୁଲ, ୨ ଗ୍ରାମ ଓଜନର ୫ଟି ସୁନା ମୁଦ୍ରା ଚୋରି କରି ନେଇଥିଲେ। ଏହାପରେ ଯମୁନା ଆଉ ସେଠାକୁ କାମ କରିବାକୁ ଯାଇ ନ ଥିଲେ। ଏନେଇ ଘର ମାଲିକ ଯମୁନାଙ୍କୁ ପଚାରିବାରୁ ସେ ଗହଣା ଚୋରି କରି ଭାଇ ଶ୍ରୀଚନ୍ଦନଙ୍କୁ ବିକ୍ରି କରିବା ନିମନ୍ତେ ଦେଇଥିବା ସ୍ୱୀକାର କରିଥିଲେ। ଏଥିସହ ସେସବୁକୁ ଫେରାଇ ଦେବାକୁ କହି ଆଉ ଦେଇ ନ ଥିଲେ। ଫଳରେ ଘର ମାଲିକ ଥାନାରେ ଅଭିଯୋଗ କରିଥିଲେ।

## ଭିତର ସେବାୟତ ପରିବାରଙ୍କୁ ମିଳିବ ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା

- ହାଇଟେକ୍ ସହ ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗର ରାଜିନାମା
- ଶ୍ରୀମନ୍ଦିର ସମ୍ମୁଖରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପ୍ରସ୍ତାବ

ପୁରୀ ଅଫିସ,୧୭।୫

ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ମଧ୍ୟରେ ମଙ୍ଗଳବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେବାୟତ ନିଯୋଗର ପରିବାର ସଦସ୍ୟମାନଙ୍କୁ ହାଇଟେକ୍ ମେଡିକାଲ କଲେଜ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବ। ଫାର୍ମାସିଷ୍ଟ ଓ ବିଜ୍ଞାନରେ ୧୦ଜଣ ଲେଖାଏ, ଯୁକ୍ତ୨ ବିଜ୍ଞାନ ଓ ଇଞ୍ଜିନିୟରିଂରେ ୧୫ ଜଣ ଲେଖାଏଙ୍କ ସମେତ ଅନ୍ୟ ବିଭାଗରେ ସେବାୟତ ଛାତ୍ରୀଛାତ୍ରଙ୍କୁ ଆଡମିଶନ ମିଳିବ। ହାଇଟେକ୍ କଲେଜ ପ୍ରତିବର୍ଷ ୫୦ ଜଣ ଭିତର ସେବାୟତ ନିଯୋଗର ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବ। ସେହିଭଳି ସ୍ୱାସ୍ଥ୍ୟକ୍ଷେତ୍ରରେ ବୀମା ସେବା ଯୋଗାଇ ଦିଆଯିବ। ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ କହିଛନ୍ତି, ବୀମା ପାଇଁ ସମ୍ପ୍ରତି ସେବାୟତମାନଙ୍କର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ଥିବାବେଳେ ଏହାର ସିଂହଭାଗ ଅର୍ଥ ଖର୍ଚ୍ଚ



କରିପାରୁନାହାନ୍ତି। ହାଇଟେକ୍ ଏହାର ସମାଧାନ କରୁଛି। ବୀମାର ସମ୍ପୂର୍ଣ୍ଣ ବ୍ୟବହାର କରାଯିବ। ଯାହା ଫଳରେ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ସ୍ୱାସ୍ଥ୍ୟବୀମା ଅଭାବ ସେବାୟତମାନଙ୍କ କ୍ଷେତ୍ରରେ ଦେଖାଯିବ ନାହିଁ। ସେହିଭଳି ଗରିବ ମେଧାବୀ ସେବାୟତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସୁବିଧା ଯୋଗାଇବାରେ ହାଇଟେକ୍ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସେବାୟତ କମିଟି ଛାତ୍ରୀଛାତ୍ରଙ୍କ ନାମ ସୁପାରିସ କରିବା ପରେ ଶିକ୍ଷା ସୁବିଧା ମିଳିପାରିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସମ୍ମୁଖରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବା ପାଇଁ ପୁରୀ ଜିଲାପାଳଙ୍କୁ ହାଇଟେକ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଶ୍ରୀମନ୍ଦିର ଶ୍ରଦ୍ଧାଳୁଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏଭଳି ବ୍ୟବସ୍ଥା ସହାୟକ ହେବ। ଆମ୍ବୁଲାନ୍ସ ସେବା ସହ ଡାକ୍ତରମାନେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବେ। ଏହି ପ୍ରସ୍ତାବକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କୁ ଜଣାଯିବ ଓ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ, ହାଇଟେକ୍ ଅଧ୍ୟକ୍ଷ, ପରିଚାଳନା କମିଟି ସଦସ୍ୟ ଓ ସେବାୟତ ନିଯୋଗର ପ୍ରମୁଖମାନେ ଉପସ୍ଥିତ ଥିଲେ।

## ଜବତ ୯୨ ମୋବାଇଲ ମାଲିକଙ୍କୁ ପ୍ରଦାନ

**କମିଶନରେଟ ପୋଲିସର ମୋବାଇଲ ହସ୍ତାନ୍ତର ମେଳା**

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ଓ ଲୁଟ୍ ହୋଇଥିବା ୯୨ଟି ମୋବାଇଲ ଫୋନ୍‌କୁ ପୋଲିସ ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ଭୁବନେଶ୍ୱର ଡିସିପି ଅଫିସ୍‌ରେ ଏକ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ଗୀତା ସିଂ ଉପସ୍ଥିତ ରହି ଲୋକଙ୍କୁ ସେମାନଙ୍କ ମୋବାଇଲ ଫେରାଇଛନ୍ତି। ମୋବାଇଲ ପାଇବା ପରେ ମାଲିକମାନେ ଖୁସି ବ୍ୟକ୍ତ କରିବା ସହ କମିଶନରେଟ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ରାଜଧାନୀରେ ଘଟୁଥିବା ଷ୍ଟ୍ରିଟ୍ କ୍ରାଇମକୁ ରୋକିବାକୁ ଡିସିପିଙ୍କ ତତ୍ତ୍ୱାବଧାନରେ ଟିମ୍-୬୦ କାର୍ଯ୍ୟ କରୁଛି। ଏହି ଟିମ୍ ଶହୀଦନଗର, କ୍ୟାପିଟାଲ, ଖଣ୍ଡଗିରି, ଭରତପୁର, ଚନ୍ଦକା, ଧଉଳି, ବଡଗଡ, ଲକ୍ଷ୍ମୀସାଗର, ମଞ୍ଚେଶ୍ୱର, ଏୟାରଫିଲ୍ଡ, ଜଟଣୀ, ଚନ୍ଦ୍ରଶେଖରପୁର, ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଲୁଟ୍ ଓ ଚୋରିର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୋବାଇଲଗୁଡ଼ିକ ଜବତ କରିଥିଲା। ପରେ ଏକ ମେଳା ଆୟୋଜନ କରାଯାଇ ମୋବାଇଲ ଗୁଡ଼ିକୁ ହସ୍ତାନ୍ତର କରାଯାଇଛି। ତେବେ ମୋବାଇଲ୍ ଚୋରି, ଛିନତାଇ କିମ୍ବା ହଜି ଯାଇଥିଲେ ସହାୟତା ନଂ. ୭୦୭୭୭୯୮୧୧୧ରେ ଆଇଏମ୍‌ଇଆଇ ନମ୍ବର ସହ ନାମ ଓ ଠିକଣା ଦେଇ ହ୍ୱାଟସ୍‌ଆପ୍ କରିବାକୁ କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

## ଖବରଦାତାଙ୍କୁ ଆକ୍ରମଣ କରି ସୁନାଚେନ, ଟଙ୍କା ଲୁଟ୍

ବଳଙ୍ଗା,୧୭।୫(ଡି.ଏନ୍.ଏ.)

ବଳଙ୍ଗା ଥାନା ଅଲାରପୁର ଗ୍ରାମ ଛକଠାରେ କେତେଜଣ ଦୁର୍ବୃତ୍ତ ଖବରଦାତା ରାକେଶ ରୋଶନ ମହାନ୍ତିଙ୍କୁ ଆକ୍ରମଣ କରି ସୁନାଚେନ ଓ ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାକେଶ ଓ ତାଙ୍କ ସାଙ୍ଗମାନେ ସୋମବାର ରାତିରେ ବିବାହ ଭୋଜିକୁ ଯାଇଥିବା ବେଳେ ଏକ କାରରେ ଘରକୁ ଫେରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଅଲାରପୁର ଗ୍ରାମ ନିକଟରେ ସେମାନଙ୍କୁ ମାରଣାସ୍ତ୍ର ଦେଖାଇବା ସହ ରାକେଶଙ୍କୁ କାରରୁ ଟାଣି ଆଣି ତଳେ ପକାଇ ମାଡ଼ ମାରିଥିଲେ। ପରେ ଦୁର୍ବୃତ୍ତମାନେ ରାକେଶଙ୍କ ସୁନାଚେନ ଓ ୭ହଜାର ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ନୀଳାଦ୍ରିବିହାରଠାରେ ମଙ୍ଗଳବାର ଇନ୍‌ଡୋର ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## ନୀଳାଦ୍ରିବିହାର ଇନ୍‌ଡୋର ଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳାଦ୍ରିବିହାରଠାରେ ହେବାକୁ ଥିବା ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ମଙ୍ଗଳବାର ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସଙ୍କ ଦ୍ୱାରା ହୋଇଯାଇଛି। ଏଥିପାଇଁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ୨୦୨୩ରେ ହେବାକୁ ଥିବା ହକି ୱାର୍ଲ୍ଡ କପକୁ କିଭଳି ବିଶ୍ୱସ୍ତରୀୟ ଭାବେ ଆୟୋଜନ କରାଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ତତ୍ପରତା ପ୍ରକାଶ କରିଛନ୍ତି ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ମୋନାଲିସା ସାହୁ, ନେତା ସୁବାସ ଚନ୍ଦ୍ର ପାତ୍ର, ଯୁବନେତା ମନୋଜ ସାହୁ, ପିଡ୍‌ବ୍ଲୁଡିର ଅଧିକାରୀ ଲଡୁ କେଶର ସ୍ୱାଇଁ ଓ ରାଜ କିଶୋର ଜେନା ଉପସ୍ଥିତ ଥିଲେ।

## ମୁହଁ ଖୋଲିଲେ ନବବିବାହିତା

**ସ୍ୱାମୀଙ୍କୁ ମାଡ଼ ମାରି ଫେରାର ଘଟଣା**

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ସର୍ବସମ୍ମୁଖରେ ସ୍ୱାମୀଙ୍କୁ ଚାପୁଡା ମାରି ଭିଣୋଇଙ୍କ ସହ ଜଣେ ନବବିବାହିତା ଫେରାର ହେବା ଘଟଣା ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିବାବେଳେ ସ୍ୱାମୀ ବଳରାମ ସାହୁ ସ୍ତ୍ରୀ ଓ ତାଙ୍କ ଭିଣୋଇଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ମହିଳା ମଙ୍ଗଳବାର ମୁହଁ ଖୋଲିଛନ୍ତି। ସେ ସ୍ୱାମୀଙ୍କ ନାମରେ ଗଣମାଧ୍ୟମରେ ପାଲଟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବାହାଘର ରାତିରେ ସେ ଓ ତାଙ୍କ ସ୍ୱାମୀ ବଳରାମ ଏକାଠି ଥିଲେ। ସ୍ୱାମୀ ତାଙ୍କ ପରିବାର ବିଷୟରେ ରାତି ସାରା କହିବା ସହ ଆହୁରି ଯୌତୁକ ଦାବି କରିଥିଲେ। ପୂର୍ବରୁ ତାଙ୍କ ବଡ଼ଭାଇଙ୍କ ସ୍ତ୍ରୀ ମଧ୍ୟ ଏଭଳି ଚାଲିଯାଇଛନ୍ତି। ସେମାନେ ତାଙ୍କୁ ନିର୍ଯାତନା ଦେଇଥାନ୍ତେ। ତେଣୁ ସେ ଘର ଛାଡି ପଳାଇଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ କୌଣସି ପୁରୁଷ ବନ୍ଧୁ ସହ ସେ ବିବସ୍ତ୍ର ଅବସ୍ଥାରେ ଭିଡ଼ିଓ କଲ୍ କରିନାହାନ୍ତି। ଏଭଳି ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭରତପୁର ଥାନା ଅଞ୍ଚଳରେ ବଳରାମ ଗତ ୧୨ ତାରିଖରେ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କୁ ସେ ବିବାହ କରିଥିଲେ। ପରଦିନ ସ୍ତ୍ରୀ ଏପରି କାଣ୍ଡ ଘଟାଇ ଫେରାର ହୋଇଥିଲେ।

## ରେଳ ଷ୍ଟେଶନରୁ ୭ ନାବାଳକ ଉଦ୍ଧାର

ଜଟଣୀ,୧୭।୫(ଡି.ଏନ୍.ଏ.)

ଖୋର୍ଦ୍ଧା ରୋଡ୍ (ଜଟଣୀ) ରେଳ ଷ୍ଟେଶନରୁ ମଙ୍ଗଳବାର ସକାଳେ ୭ଜଣ ନାବାଳକଙ୍କୁ ରେଳ ସୁରକ୍ଷା ବଳ ଏବଂ ହମରା ବଚପନ ଚାଇଲ୍ଡ ଲାଇନର ସଦସ୍ୟ ଉଦ୍ଧାର କରିଛନ୍ତି। ଏଥିସହ ୨ ଚାଲାଣକାରୀଙ୍କୁ ଧରିଥିଲେ। ଉଦ୍ଧାର ନାବାଳକମାନେ ବିହାର ଓ ବାଙ୍ଗାଲୋର ମଦ୍ରାସାକୁ ପାଠ ପଢ଼ିବା ଉଦ୍ଦେଶ୍ୟରେ ଯାଉଥିବା ପ୍ରାଥମିକ ତଦନ୍ତ ବେଳେ ସୁରକ୍ଷା ଅଧିକାରୀଙ୍କୁ କହିଥିଲେ। ସୂଚନା ମୁତାବକ, କେତେଜଣ ନାବାଳକ ମୁଜାଫରପୁର-ଯଶବନ୍ତପୁର ଏକ୍ସପ୍ରେସରେ ବିହାରକୁ ଚାଲାଣ ହେଉଥିବା ନେଇ ରେଳ ସୁରକ୍ଷା ବଳ ଇଣ୍ଟେଲିଜେନ୍ସ ଇନପୁଟ ଏବଂ ହମରା ବଚପନ ଚାଇଲ୍ଡ ଲାଇନକୁ କୋଲକାତା ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ମିଳିଥିଲା। ପରେ ଆରପିଏଫ ଓ ଚାଇଲ୍ଡ ଲାଇନର କର୍ମଚାରୀ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ମୁଜାଫରପୁର -ଯଶବନ୍ତପୁର ଏକ୍ସପ୍ରେସ ଟ୍ରେନ ଜଟଣୀ ରେଳ ଷ୍ଟେଶନରେ ପହଞ୍ଚିବା ପରେ ୭ନାବାଳକ ଉଦ୍ଧାର କରିବା ସହ ୨ ଚାଲାଣକାରୀଙ୍କୁ କାବୁ କରିଥିଲା ରେଳ ସୁରକ୍ଷା ବଳ। ସମସ୍ତଙ୍କୁ ଭୁବନେଶ୍ୱର ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ରେଳ ସୁରକ୍ଷାବଳ ଥାନା ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି।

## କୁଆଖାଇରେ ବୃହତ୍ ଆନିକଟ ନିର୍ମାଣ ହେଉ

**ଦାବି ରଖିଲା ଭୁବନେଶ୍ୱର ଉନ୍ନୟନ ପରିଷଦ**

- ଶୁଷ୍କ ହେଉଛି ଭୁବନେଶ୍ୱର
- ଛତିଶଗଡ ୫୧୬ ଆନିକଟ କରିଥିବାବେଳେ ଓଡ଼ିଶା କାହିଁକି ନୁହେଁ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

ମିଳିତ ଜାତିସଂଘ ପକ୍ଷରୁ ୨୦୧୪-୧୫ରେ ହୋଇଥିବା ଏକ ଅଧ୍ୟୟନରୁ ଭୁବନେଶ୍ୱର ଚତୁଃପାର୍ଶ୍ୱରେ ମରୁଭୂମିର ଆଭାସ ସ୍ପଷ୍ଟ ହେଉଛି। ଏଠାରେ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ମାଟି ଉପରୁ ୫ରୁ ୬ଫୁଟ ତଳ ପର୍ଯ୍ୟନ୍ତ ଜଳୀୟ ଅଂଶ ଆଦୌ ନାହିଁ। ଫଳରେ ବିଭିନ୍ନ ଅଞ୍ଚଳରେ ଲାଗୁଥିବା ଛୋଟ ବୃକ୍ଷଲତା ନିରନ୍ତର ଜଳ ସିଞ୍ଚନ ନ ହେଲେ ବଞ୍ଚୁନାହିଁ। ଏହି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଏକ ବୃହତ ଜଳଭଣ୍ଡାରର ଆବଶ୍ୟକତା ରହିଛି। ତେଣୁ କୁଆଖାଇ ନଦୀରେ ବାଲିଅନ୍ତାଠାରେ ଏକ ବୃହତ୍ ଆନିକଟ ନିର୍ମାଣ କରିବା ପାଇଁ ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି।

ପରିଷଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ପ୍ରଭାତ ଦାଶ କହିଛନ୍ତି, ନଦୀର ଧାରେ ଧାରେ ଦୃଢ ଭାବେ ସୁଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରାଯିବା ଆବଶ୍ୟକ। ଯେପରି କୁଆଖାଇର ଜଳସ୍ତର ଯଥେଷ୍ଟ ଉପରେ ରହିବ ଓ କୌଣସି ଅବସ୍ଥାରେ ବନ୍ଧର କ୍ଷତି ହେବନାହିଁ। ସେହିଭଳି ୩୦ ରୁ ୩୫ ଫୁଟ ପର୍ଯ୍ୟନ୍ତ ଖୋଳି ନଦୀର ଶଯ୍ୟାକୁ ଗଭୀର କରାଯିବା ଉଚିତ। ଏହାଦ୍ୱାରା ଯଥେଷ୍ଟ ଜଳ ସଂରକ୍ଷଣ କରାଯାଇ ପାରିବ ଓ ଭୁବନେଶ୍ୱର ନିକଟରେ ଏକ ବିରାଟ ଜଳଭଣ୍ଡାର ସୃଷ୍ଟି ହେବ। ନଦୀ ସମ୍ମୁଖ ରାସ୍ତା ମଧ୍ୟ ନିର୍ମାଣ କରାଯିବା ଫଳରେ ଏହା ନଦୀକୁ ସୁରକ୍ଷା ଦେବା ସହିତ ନଦୀର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହେବ। ତେବେ ପରିଷଦ ପକ୍ଷରୁ ଏ ସମ୍ପର୍କରେ





ଖବରଦାତା ସମ୍ମିଳନୀରେ ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦର କର୍ମକର୍ତ୍ତା।

୨୦୧୦ରୁ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ଦିଆଯାଉଥିଲେ ବି ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ସଭାପତି ଦାଶ କ୍ଷୋଭର ସହ କହିଛନ୍ତି।

୨୦୧୧ରେ ବାଲିଅନ୍ତାଠାରେ ଗୋଟିଏ ବ୍ୟାରେଜ ନ କରି କୁଶଭଦ୍ରା ଓ କୁଆଖାଇ ନଦୀରେ ୨ଟି ଆନିକଟ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଗୋଟିଏ ଆନିକଟରେ ପ୍ରାୟ ୧୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚହେବ ଏବଂ ଏହାଦ୍ୱାରା କୁଆଖାଇ ନଦୀର ମୂଳ ଉତ୍ସ ପର୍ଯ୍ୟନ୍ତ ଜଳ ପରିପୂର୍ଣ୍ଣ ହୋଇ ରହିବ ବୋଲି କୁହାଯାଇଥିଲା। ମାତ୍ର ଏବେ ଉଭୟ ନଦୀରେ ଛୋଟ ଛୋଟ ଆନିକଟ କରାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ପ୍ରତି ଚେକ୍ ଡ୍ୟାମ୍ ପିଛା ୧୦୦ ରୁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଆନିକଟ ପାଖରେ ଅତି ବେଶିରେ ୩ ମିଟର ପର୍ଯ୍ୟନ୍ତ ଜଳ ସଂରକ୍ଷଣ ହୋଇପାରିବ। ଏହାଦ୍ୱାରା ବିନା ବାଲି ବନ୍ଧରେ ପଳାଶୁଣି ଜଳ ବିଶୁଦ୍ଧୀକରଣ ଛଡା କୁଆଖାଇକୁ ନେଇ ଅନ୍ୟ ଆବଶ୍ୟକତା ପୂରଣ ନେଇ ସରକାରଙ୍କର କୌଣସି ଲକ୍ଷ୍ୟ ନ ଥିବା ସ୍ପଷ୍ଟ ହେଉଛି। ଛତିଶଗଡ ନିଜର ଦୃଢ ନିଷ୍ପତ୍ତି ଫଳରେ ୫୧୬ଟି ବୃହତ ଏବଂ ମଧ୍ୟମ ଧରଣର ଆନିକଟ କରିପାରିଥିବାବେଳେ ଓଡିଶା ସରକାର କେବଳ ବାହାନାରେ ସମୟ ନଷ୍ଟ କରୁଛନ୍ତି। ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟ କରିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି।



ନବୀନ ଶ୍ରୀବାସ୍ତବଙ୍କୁ ନେପାଳରେ ଭାରତର ନୂଆ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀବାସ୍ତବ ଏସିଆ ଡିଭିଜନ୍‌ର ମୁଖ୍ୟ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନେପାଳ ଗସ୍ତ କରିଥିଲେ। ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କ ସହ ମୋଦି ଦ୍ୱିପାକ୍ଷିକ ଆଲୋଚନା ସାଙ୍ଗକୁ ଦୁଇ ଦେଶ ମଧ୍ୟରେ ୬ ଗୋଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

## ସଂକ୍ଷେପରେ

### ୨ ଆଇନଜୀବୀଙ୍କୁ ୮ ଲକ୍ଷ ଟଙ୍କା ଜରିମାନା

**ନୂଆଦିଲ୍ଲୀ,୧୭।୫:** ଟ୍ରାଫିକ୍ ଭିଡ଼, ବାୟୁ ପ୍ରଦୂଷଣ ଓ ନିର୍ଗମନ ନିୟମ ପ୍ରସଙ୍ଗରେ ଆବେଦନ କରିଥିବା ୨ ଆଇନଜୀବୀଙ୍କ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ଦୃଷ୍ଟାନ୍ତମୂଳକ ଭାବେ ୮ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଜଷ୍ଟିସ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହା ବିବାଦାସ୍ପଦ କୋର୍ଟ ପ୍ରତିଯୋଗିତା ନୁହେଁ କହି ଆବେଦନକୁ ଖାରଜ କରିଦେଇଛନ୍ତି। ଆପଣମାନେ ଏନ୍‌ଜିଟି ଓ ଅନ୍ୟ କୋର୍ଟ ରାୟ ଦେଖିବା ସତ୍ତ୍ୱେ ପିଟିଶନ ଦାଏର କରିଛ। ଏନେଇ ଆପଣମାନେ ନିଶ୍ଚିତ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟରେ ପ୍ରାକ୍ଟିସ୍ କରୁଥିବା ଦୁଇ ଆଇନଜୀବୀ ଏଭଳି ପ୍ରସଙ୍ଗରେ ଆଗେଇବା ଦୁର୍ଭାଗ୍ୟଜନକ କହି ଖଣ୍ଡପୀଠ ସେମାନଙ୍କୁ ଚେତାବନୀ ଦେଇଛନ୍ତି। ଆଇନଜୀବୀଙ୍କ କୌଣସି ରିଟ୍ ପିଟିଶନ ରେଜିଷ୍ଟ୍ରି ଗ୍ରହଣ ନ କରିବାକୁ ଖଣ୍ଡପୀଠ କହିଛନ୍ତି।

### ଚଣ୍ଡିଗଡ଼-ମୋହାଲି ସୀମାରେ ଚାଷୀଙ୍କ ଧାରଣା

**ଚଣ୍ଡିଗଡ଼,୧୭।୫ (ପି.ଟି.):** ଗହମ ଉପରେ ବୋନସ ସମେତ ବିଭିନ୍ନ ଦାବି ନେଇ ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି ସରକାର ଉପରେ ଚାପ ପକାଇବାକୁ ରାଜଧାନୀ ଚଣ୍ଡିଗଡ଼ ଅଭିମୁଖେ ଯାଉଥିବା ଚାଷୀଙ୍କୁ ଅନୁମତି ନ ମିଳିବାରୁ ମଙ୍ଗଳବାର ସେମାନେ ଚଣ୍ଡିଗଡ଼-ମୋହାଲି ସୀମାରେ ଧାରଣାରେ ବସିଛନ୍ତି। ସେମାନେ ରାଜ୍ୟ ସରକାରଙ୍କ ସହ ମୁହାଁମୁହିଁ ହେବାକୁ ଚାହୁଁନାହାନ୍ତି। ତେବେ ସେମାନଙ୍କ ଦାବି ପୂରଣ ନ ହେଲେ ବ୍ୟାରିକେଡ୍ ଭାଙ୍ଗି ଚଣ୍ଡିଗଡ଼ ଅଭିମୁଖେ ଆଗେଇବେ ବୋଲି ଚାଷୀନେତା କହିଛନ୍ତି। କେନ୍ଦ୍ରର କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନ ଚାଲିଥିଲା। ଚଣ୍ଡିଗଡ଼ରେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ଚଳାଇବାକୁ ବିଭିନ୍ନ କୃଷକ ସଂଗଠନ ଆହ୍ୱାନ ଦେଇଛନ୍ତି।

### ହାଇକୋର୍ଟ ମୁଖ୍ୟ ବିଚାରପତି ପଦ ପାଇଁ ୫ ନାମ ସୁପାରିସ

**ନୂଆଦିଲ୍ଲୀ,୧୭।୫:** ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀକୁ ପଦୋନ୍ନତି ନିମନ୍ତେ ୫ ବିଚାରପତିଙ୍କ ନାମ ସୁପାରିସ କରିଛନ୍ତି।


ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ

ମଙ୍ଗଳବାର କଲେଜିୟମ ବୈଠକ ବସି ଏହି ନିଷ୍ପତ୍ତି ନିଆଯିବା ସହ ପ୍ରସ୍ତାବ ସୁପ୍ରିମକୋର୍ଟ ୱେବ୍‌ସାଇଟରେ ଅପ୍‌ଲୋଡ୍ ହୋଇଛି। ଦିଲ୍ଲୀ ହାଇକୋର୍ଟ ବିଚାରପତି ବିପିନ ସାଙ୍ଗିଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟ, ବମ୍ବେ ହାଇକୋର୍ଟର ଅମଜାଦ ଏ. ସୟେଦଙ୍କୁ ହିମାଚଳପ୍ରଦେଶ ହାଇକୋର୍ଟ, ବମ୍ବେ ହାଇକୋର୍ଟର ଏସ୍.ଏସ୍. ସିନ୍ଦେଙ୍କୁ ରାଜସ୍ଥାନ ହାଇକୋର୍ଟ, ଗୁଜରାଟର ରଶ୍ମିନ ଏମ୍. ଛାୟାଙ୍କୁ ଗୌହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ ହୋଇଛି। ସେହିପରି ତେଲଙ୍ଗାନା ହାଇକୋର୍ଟ ବିଚାରପତି ଥିବା ଉଜ୍ଜଳ ଭୂୟାଙ୍କୁ ସେଠାରେ ମୁଖ୍ୟ ବିଚାରପତି କରିବାକୁ କଲେଜିୟମ ସୁପାରିସ କରିଛନ୍ତି। ଏହା ବ୍ୟତୀତ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି ଲାଗି ସୁପାରିସ କରାଯାଇଛି।

# ଏଲିଜାବେଥ୍ ବର୍ନ ଫ୍ରାନ୍ସ ପ୍ରଧାନମନ୍ତ୍ରୀ



ଗତ ଏପ୍ରିଲରେ ଫ୍ରାନ୍ସ ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ଇମାନୁଏଲ ମାକ୍ରୋଁ ଏଲିଜାବେଥ୍ ବର୍ନଙ୍କୁ ପ୍ରଧାନମନ୍ତ୍ରୀ ବାଛିଛନ୍ତି। ମାକ୍ରୋଁଙ୍କ ପୂର୍ବ ସରକାରରେ ଏଲିଜାବେଥ ଶ୍ରମ ମନ୍ତ୍ରୀ ଥିଲେ। ଆସନ୍ତା ଜୁନରେ ପାର୍ଲାମେଣ୍ଟରେ ନିର୍ବାଚନ ହେବାକୁ ଥିବାବେଳେ ମାକ୍ରୋଁ ଏହି ପଦକ୍ଷେପ ନେଇଛନ୍ତି। ଫଳରେ ୩୦ ବର୍ଷ ପରେ ଫ୍ରାନ୍ସରେ ଜଣେ ମହିଳା ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଛନ୍ତି। ଏହା ପୂର୍ବରୁ ଜିନ୍ କାସ୍‌ଟେକ୍ସ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୯୦ ଦଶକରେ ଫ୍ରାଙ୍କୋଇସ୍ ମିତେରାଁ ରାଷ୍ଟ୍ରପତି ଥିବାବେଳେ ଏଡିଥ୍ କ୍ରେସନ୍ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏଡିଥ୍‌ଙ୍କ ପରେ ୬୧ ବର୍ଷୀୟା ଏଲିଜାବେଥ୍ ଏହି ପଦ ପାଇବାରେ ଦ୍ୱିତୀୟ ମହିଳା। ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଭାଷଣରେ ସେ ନିଜ ପଦକୁ ଛୋଟ ଝିଅଙ୍କ ସ୍ୱପ୍ନ ସାକାର ପାଇଁ ଉତ୍ସର୍ଗ କରିବେ ବୋଲି କହିଛନ୍ତି।

# 'ନାଲାୟକ' କହିବାରୁ ଛାତ୍ରଙ୍କ ଆତ୍ମହତ୍ୟା

ମହାରାଷ୍ଟ୍ର କୋହ୍ଲାପୁରର ଜଣେ ସ୍କୁଲ ଚେୟାରମ୍ୟାନ୍‌ଙ୍କ ଆଗୁଆ ଜାମିନ ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସିମ୍ବଲିକ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ୍ ଗଣପତରାଓ ପାଟିଲ ଗତ ମାସରେ ଦଶମ ଶ୍ରେଣୀର ଜଣେ ଛାତ୍ରଙ୍କୁ ନାଲାୟକ (ଅଯୋଗ୍ୟ) ଏବଂ ବସ୍ତି ପିଲା କହି ଗାଳି ଦେଇଥିଲେ। ଏହାର କିଛି ସମୟ ପରେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ଅଭିଯୋଗରେ କୋହ୍ଲାପୁର ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଗିରଫରୁ ବର୍ତ୍ତିବା ଲାଗି ପାଟିଲ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଜଷ୍ଟିସ୍ ବିନୟ ଜୋଷୀ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ଛାତ୍ରଙ୍କୁ ଅତ୍ୟନ୍ତ କଟୁ ଶବ୍ଦରେ ଗାଳିଦେବାରୁ ସେ ନିରାଶ ହୋଇ ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ଅନୁଧ୍ୟାନରୁ ସ୍ପଷ୍ଟ ହେଉଛି ବୋଲି ଅଦାଲତ କହିଛନ୍ତି।

ସ୍କୁଲ୍ ଚେୟାରମ୍ୟାନଙ୍କୁ ମିଳିଲାନି ଜାମିନ



# ୟୁଏଫ୍‌ଓ ବାସ୍ତବ, ତଦନ୍ତ ଜରୁରୀ




ୱାଶିଂଟନ୍, ୧୭।୫

■ଆମେରିକା କଂଗ୍ରେସରେ ଅଜଣା ଉଡ଼ନ୍ତା ବସ୍ତୁର ଶୁଣାଣି
■ଜାତୀୟ ସୁରକ୍ଷା ପ୍ରତି ବିପଦ କହିଲେ ସିନେଟର

ଏଲିଅନ୍ ଏବଂ ଅନ୍‌ଆଇଡେଣ୍ଟିଫାଏଡ୍ ଫ୍ଲାଇଂ ଅବ୍‌ଜେକ୍ଟ(ୟୁଏଫ୍‌ଓ) ବାବଦରେ କାହିଁକେବେଠୁ ନାନା ଚର୍ଚ୍ଚା ଲାଗିରହିଛି। ଅନେକ ସମୟରେ ଲୋକଙ୍କ ମୋବାଇଲ କ୍ୟାମେରାରେ କଏଦ ୟୁଏଫ୍‌ଓ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥାଏ। ଏହି ଅଜଣା ଉଡ଼ନ୍ତା ବସ୍ତୁ ଏଲିଏନ୍‌ଙ୍କ ସ୍ପେସ୍‌କ୍ରାଫ୍ଟ ବୋଲି ମଧ୍ୟ ଅନେକେ ଦାବି କରନ୍ତି। ହେଲେ ଅଦ୍ୟାବଧି ଏହାର ସତ୍ୟତା ରହସ୍ୟ ଘେରରେ ରହିଛି। ବିଶେଷକରି ଆମେରିକାରେ ବାରମ୍ବାର ୟୁଏଫ୍‌ଓ ଦେଖାଯିବା ଘଟଣା ସାମ୍ନାକୁ ଆସୁଥିବାବେଳେ ୟୁଏସ୍ ହାଉସ୍ ଇଣ୍ଟେଲିଜେନ୍ସ କମିଟି ନିକଟରେ ଅଜଣା ଉଡ଼ନ୍ତା ବସ୍ତୁ ସମ୍ପର୍କିତ ତଥ୍ୟ ଉପରେ ମଙ୍ଗଳବାର ଶୁଣାଣି ହୋଇଛି। ପ୍ରାୟ ୫ ଦଶନ୍ଧି ପରେ ପ୍ରଥମ ଥର ପାଇଁ ଆମେରିକା ୟୁଏଫ୍‌ଓ ଉପରେ ହାସଲ ସୂଚନା ସାର୍ବଜନୀନ କରିଛି। ସରକାର ୟୁଏଫ୍‌ଓ ସମ୍ପର୍କରେ କ'ଣ ଜାଣିଛନ୍ତି ସେ ନେଇ ଆମେରିକା ପ୍ରତିରକ୍ଷା ଗୋଇନ୍ଦାର ୨ ପ୍ରମୁଖ ଅଧିକାରୀ କ୍ୟାପିଟୋଲ୍ ହିଲ୍‌ରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ପ୍ରାୟ ୧୧ ମାସ ପୂର୍ବରୁ ୟୁଏଫ୍‌ଓ ସମ୍ପର୍କିତ ୧୪୦ରୁ ଊର୍ଦ୍ଧ୍ୱ ମାମଲାର ଦସ୍ତାବିଜ ସଂକଳନ କରାଯାଇଥିଲା। ସରକାରୀ ଭାବେ ୟୁଏଫ୍‌ଓକୁ ଅନ୍‌ଏକ୍ସପ୍ଲେନଡ୍ ଏରିଅଲ୍ ଫେନୋମେନା(ୟୁଏପି) କୁହାଯାଉଛି। ୨୦୦୪ରୁ ଆମେରିକୀୟ ମିଲିଟାରି ପାଇଲଟମାନେ ଏହାକୁ ନିରୀକ୍ଷଣ କରିଆସୁଛନ୍ତି।

ଡେମୋକ୍ରାଟିକ ପାର୍ଟିର ଆଣ୍ଡ୍ରେ କାର୍ସନ ଆମେରିକା କଂଗ୍ରେସରେ ଶୁଣାଣିବେଳେ ଅଧ୍ୟକ୍ଷତା କରିଥିଲେ। ଏହି ଅସ୍ପଷ୍ଟ ତଥା ଅଦ୍ଭୁତ ଘଟଣା ବିଷୟରେ ଆମେରିକୀୟମାନେ ବିସ୍ତୃତ ଭାବେ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ୟୁଏଫ୍‌ଓ ଜାତୀୟ ସୁରକ୍ଷା ପାଇଁ ବିପଦ ବୋଲି ଅଭିହିତ କରିଥିଲେ। କୌଣସି ଏଲିଅନ୍ ପୃଥିବୀ ଭ୍ରମଣରେ ଆସିବା ଚିନ୍ତାଜନକ ନୁହେଁ, ବରଂ ରୁଷିଆ, ଚାଇନା କିମ୍ବା ଅନ୍ୟ ଶତ୍ରୁ ରାଷ୍ଟ୍ର ଆମେରିକାକୁ କୌଣସି ବିପଦପୂର୍ଣ୍ଣ ବସ୍ତୁ ଛାଡ଼ିବା ବିଷୟ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଅଦ୍ୟାବଧି ୟୁଏଫ୍‌ଓକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ମିଳି ନ ଥିଲେ ମଧ୍ୟ ଏହା ବାସ୍ତବ। ତାହାର ତଦନ୍ତ ଆବଶ୍ୟକ। ଏହା ଦ୍ୱାରା ଆଗକୁ କୌଣସି ସଙ୍କଟ ଏଡ଼ାଇବା ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି କାର୍ସନ କହିଥିଲେ। ଗୋଇନ୍ଦା ଅଧିକାରୀ ରୋନାଲ୍ଡ ମୌଟ୍ରି ଏବଂ ସ୍କଟ୍ ବ୍ରେ କଂଗ୍ରେସ ସଦସ୍ୟଙ୍କ ପ୍ରଶ୍ନର ଜବାବ ରଖିଥିଲେ। ତଥ୍ୟ ପ୍ରଦାନ ବେଳେ ସ୍କଟ୍ ବ୍ରେ ୟୁଏପି ସମ୍ପର୍କିତ କିଛି ଭିଡିଓ ଏବଂ ଫଟୋ କଂଗ୍ରେସରେ ଦେଖାଇଥିଲେ। ଭିଡିଓରେ ଏକ ଉଜ୍ଜ୍ୱଳ ତିନିକୋଣିଆ ବସ୍ତୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ କୌଣସି ମାନବ ନ ଥିବା ଦେଖାଯାଇଥିଲା। ତେଣୁ ବସ୍ତୁଟି କ'ଣ ସେ ବିଷୟରେ ସେପରି କୌଣସି ଠୋସ୍ ପ୍ରମାଣ ମଧ୍ୟ ହାତରେ ଲାଗି ନ ଥିବା ଜଣାପଡ଼ିଛି। କିଛି ବର୍ଷ ତଳେ ଆମେରିକା ଉପକୂଳରେ ତାହାକୁ ଦେଖିବାକୁ ମିଳିଥିଲା। ବିସ୍ତୃତ ଆଲୋଚନା ପରେ କମିଟି ଏକ ରୁଦ୍ଧଦ୍ୱାର ବୈଠକ କରିଛି। ତେବେ ଏହି ଗୋପନୀୟ ବୈଠକର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବ ନାହିଁ ବୋଲି ଜଣାଯାଇଛି।

## ୧୨,୬୦୦ ତାଲିକା କରିଥିଲା ବ୍ଲୁ ବୁକ୍

ବାରମ୍ବାର ୟୁଏଫ୍‌ଓ ଦୃଶ୍ୟମାନ ହେବା ଆମେରିକାର ଜାତୀୟ ସୁରକ୍ଷା ଉପରେ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଗତ ବର୍ଷ ନ୍ୟାଶନାଲ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକ ୟୁଏପି ଉପରେ ପ୍ରସ୍ତୁତ ପ୍ରାଥମିକ ରିପୋର୍ଟ ଆମେରିକା କଂଗ୍ରେସକୁ ପ୍ରଦାନ କରିଥିଲେ। ୧୯୬୯ରେ ଆମେରିକାର ବାୟୁସେନା ୟୁଏଫ୍‌ଓ ପ୍ରୋଗ୍ରାମ କୋଡ୍ ପ୍ରୋଜେକ୍ଟ ବ୍ଲୁ ବୁକ୍ ବନ୍ଦ କରିଦେବା ପରେ ପ୍ରଥମ ଥର ପାଇଁ ଏହା ଉପରେ ଖୋଲାଖୋଲି ଶୁଣାଣି ହୋଇଛି। ୧୭ ବର୍ଷ ମଧ୍ୟରେ ବ୍ଲୁ ବୁକ୍ ମୋଟ ୧୨,୬୧୮ ୟୁଏଫ୍‌ଓର ତାଲିକା ପ୍ରସ୍ତୁତ କରିଥିଲା। ସେଥିମଧ୍ୟରୁ ୭୦୧ ୟୁଏଫ୍‌ଓକୁ ସରକାରୀ ଭାବେ 'ଅଜଣା' ବୋଲି କୁହାଯାଇଥିଲା। ପରେ ୟୁଏଫ୍‌ଓ ଯୋଗୁ ଜାତୀୟ ସୁରକ୍ଷା ଉପରେ କୌଣସି ବିପଦ ନ ଥିବା ସେତେବେଳେ ବାୟୁସେନା କହିଥିଲା।

## ବିସ୍ମୟକର ବେଗ

ଆମେରିକା ଆକାଶରେ ୟୁଏଫ୍‌ଓ ଦେଖାଯିବାକୁ ନେଇ ପୂର୍ବତନ ସିନେଟର ହ୍ୟାରି ଏମ୍. ରେଡ୍ ଚିନ୍ତା ପ୍ରକଟ କରିଥିଲେ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ପେଣ୍ଟାଗନ୍ ଏହା ଉପରେ ତଦନ୍ତ କରିବା ଜରୁରୀ ବୋଲି ୨୦୦୭ରେ ହ୍ୟାରି ଦାବି କରିଥିଲେ। ଏହା ପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ମଧ୍ୟ ୟୁଏଫ୍‌ଓ ଦେଖିଥିବା କହିଥିଲେ। ୧୯୬୯ରେ ପ୍ରୋଜେକ୍ଟ ବ୍ଲୁ ବୁକ୍ ଦ୍ୱାରା ଯାଞ୍ଚ ପ୍ରକ୍ରିୟା ବନ୍ଦ ହେବା ପରେ ୧୯୭୭ରେ ନାସା ମଧ୍ୟ ତଦନ୍ତ ଅନାବଶ୍ୟକ ବୋଲି କହିଥିଲା। କିନ୍ତୁ ଅନେକ ସାଇନ୍ସ ଫିକ୍ସନ ମୁଭିରେ ଦେଖାଯାଇଥିବା ୟୁଏଫ୍‌ଓ ସଦୃଶ ଫଟୋ ଓ ଭିଡିଓ ଲୋକେ ସେମାନଙ୍କ କ୍ୟାମେରାରେ କଏଦ କରିବା ପରେ ଅନ୍ତର୍ଜାତୀୟ ସ୍ତରରେ ତାହା ଚର୍ଚ୍ଚାର ପରିସରରେ ରହିଛି। ବାୟୁସେନା ଓ ନୌସେନା ପାଇଲଟ ୟୁଏଫ୍‌ଓର ଏକାଧିକ ଭିଡିଓ କରିଛନ୍ତି। ଏହି ଅଜଣା ଉଡ଼ନ୍ତା ବସ୍ତୁକୁ ରାଡାର ଚିହ୍ନଟ କରିପାରିବା ସହ ଏହାର ବେଗ ଅସ୍ୱାଭାବିକ ରହିଥିବା ସେମାନେ ଦାବି କରିଛନ୍ତି, ଯାହା କି କୌଣସି ଅତ୍ୟାଧୁନିକ ବିମାନ ତୁଳନାରେ ବିସ୍ମୟକର। ଇଣ୍ଟେଲିଜେନ୍ସ ଅଥରାଇଜେଶନ ଆକ୍ଟ ଅନୁସାରେ ୨୦୨୧ରେ ୟୁଏପି ଟାସ୍କଫୋର୍ସକୁ ଏଭଳି ଉଡ଼ନ୍ତା ବସ୍ତୁ ସମ୍ପର୍କରେ କଂଗ୍ରେସରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶତାଧିକ ୟୁଏଫ୍‌ଓ ସମ୍ପର୍କିତ ଫଟୋ, ଭିଡିଓରୁ ତଥ୍ୟ ସଂଗ୍ରହ କରି ଟାସ୍କଫୋର୍ସ ଅଫିସରମାନେ ଏହାର ଯାଞ୍ଚ କରିଥିଲେ।



### ଗ୍ରେନେଡ୍ ମାଡ଼ରେ ଜଣେ ମୃତ

ବାରମୁଲ୍ଲା,୧୭।୫

ଜମ୍ମୁ-କଶ୍ମୀରର ବାରମୁଲ୍ଲାରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ଜଣେ ପ୍ରାଣ ହରାଇବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବାରମୁଲ୍ଲାର ଦେୱାନବାଗ୍‌ରେ ନୂଆ ଖୋଲିଥିବା ଏକ ମଦ ଦୋକାନରେ ଆତଙ୍କବାଦୀ ଗ୍ରାହକ ବେଶରେ ପହଞ୍ଚି ଗ୍ରେନେଡ ଫିଙ୍ଗିଥିଲେ। ଆହତ ୫ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଜଣକର ମୃତ୍ୟୁ ଘଟିଛି। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଦନ୍ତ ଚଳାଇଛି।

### ମୁମ୍ବାଇ ବିସ୍ଫୋରଣ: ୪ ଆତଙ୍କବାଦୀ ଗିରଫ

ଗାନ୍ଧୀନଗର,୧୭।୫

ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୧୯୯୩ ମୁମ୍ବାଇ ସିରିଜ୍ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅବୁ ବକର, ସୟଦ୍ କୁରେଶି, ମହମ୍ମଦ ଶୋଏବ କୁରେଶି ଏବଂ ମହମ୍ମଦ ୟୁସୁଫ ଇସମେଲ। ୨୯ ବର୍ଷ ଧରି ଏହି ଆତଙ୍କବାଦୀ ଠିକଣା ବଦଳାଇ ରହୁଥିଲେ। ସେମାନଙ୍କଠାରୁ ଜାଲ୍ ପାସ୍‌ପୋର୍ଟ ଓ ନକଲି ଦସ୍ତାବିଜ୍ ମିଳିଛି। ୧୯୯୦ରେ ଏମାନେ ଗୋଲ୍ଡ ସ୍ମଗ୍‌ଲର୍ ମହମ୍ମଦ ଦୋସା ଏବଂ ବିସ୍ଫୋରଣ ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍ ପାଇଁ କାମ କରୁଥିବା ଏଟିଏସ୍ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୧୯୯୩ରେ ମୁମ୍ବାଇରେ ୧୨ଟି ସିରିଜ୍ ବିସ୍ଫୋରଣ କରାଯାଇଥିବାବେଳେ ଏଥିରେ ୨୫୭ ଜଣଙ୍କ ପ୍ରାଣହାନି ଘଟିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଘଟଣାର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍ ଏବଂ ଟାଇଗର ମେମନ୍ ବର୍ତ୍ତମାନ ସୁଦ୍ଧା ଫେରାର୍ ଅଛନ୍ତି।



ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଉଦୟଗିରିକୁ ମୁମ୍ବାଇର ମାଜଗାଓଁ ଡକରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ଜଳାବତରଣ କରାଉଛନ୍ତି।

# କାର୍ତ୍ତି ଚିଦାମ୍ବରମ୍‌ଙ୍କ ୯ ସ୍ଥାନରେ ସିବିଆଇ

ନୂଆଦିଲ୍ଲୀ/ଝାରସୁଗୁଡ଼ା,୧୭।୫

ଭିଜା ପାଇଁ ଲାଞ୍ଚ ମାମଲା
■ଝାରସୁଗୁଡ଼ାରେ ୭ଜଣିଆ ଟିମ୍‌ର ଚଢ଼ାଉ



ଭିଜା ପାଇଁ ଲାଞ୍ଚ ଗ୍ରହଣ ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ ତଥା କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ ସମ୍ପୃକ୍ତ ଥିବା ଅଭିଯୋଗରେ ଓଡ଼ିଶା ସମେତ କର୍ଣ୍ଣାଟକ, ମୁମ୍ବାଇ, ଦିଲ୍ଲୀ ଓ ଚେନ୍ନାଇର ୯ଟି ସ୍ଥାନରେ ସିବିଆଇ ମଙ୍ଗଳବାର ଚଢ଼ାଉ କରିଛି। ଏହାର ଲିଙ୍କ୍ ଝାରସୁଗୁଡ଼ାରେ ଥିବା ସୂଚନା ପାଇ ସିବିଆଇର ୭ଜଣିଆ ଟିମ୍ ପୂର୍ବାହ୍ନରେ ଜିଲାର ବେଦାନ୍ତ ଆଲୁମିନା ପ୍ରକଳ୍ପରେ ଚଢ଼ାଉ କରିଥିଲା। ଏ ନେଇ ବେଦାନ୍ତ ପ୍ରକଳ୍ପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଚାନ୍ଦ କହିଛନ୍ତି, ଓଡ଼ିଶା ଓ ପଞ୍ଜାବରେ ରହିଥିବା କମ୍ପାନୀର ୨ ପ୍ରକଳ୍ପରେ ସିବିଆଇ ଚଢ଼ାଉ କରିଛି। ଚାଇନା କମ୍ପାନୀ ସେପ୍‌କୋ ଭାରତରେ କେତେକ ପ୍ରକଳ୍ପର ନିର୍ମାଣ କାମ କରିଥିଲା। ଉପା ସରକାର ସମୟରେ ୨୦୧୧ରେ କାର୍ତ୍ତି ପଞ୍ଜାବର ମନସାଠାରେ ଥିବା ତଲୱାନ୍ଦି ସବୋ ପାୱାର ଲିମିଟେଡ୍‌ରେ ୨୫୦ ଚାଇନା କର୍ମଚାରୀଙ୍କୁ ନିୟୋଜିତ କରିବା ନିମନ୍ତେ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜା ବ୍ୟବସ୍ଥା କରାଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସେତେବେଳେ ମନ୍ତ୍ରୀ ଥିବା ପି. ଚିଦାମ୍ବରମ୍ ନିୟମ ଉଲ୍ଲଂଘନ କରି ଚାଇନା ନାଗରିକଙ୍କୁ ଭିଜା ଦେବାରେ ସହାୟତା କରିଥିଲେ ବୋଲି ଅଭିଯୋଗ ହୋଇଛି।

# ଆସାମ ବନ୍ୟାରେ ୮ ମୃତ, ୨ ଲକ୍ଷ ପ୍ରଭାବିତ

ଗୁଆହାଟୀ,୧୭।୫

ପ୍ରାକ୍ ମୌସୁମୀ ବର୍ଷାରେ ଆସାମର ବିଭିନ୍ନ ନଦୀରେ ପ୍ରବଳ ବନ୍ୟା ଆସି ୨୪ ଜିଲା କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଜନିତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଚାଚରରେ ଅନ୍ୟ ୬ ଜଣ ନିଖୋଜ ଅଛନ୍ତି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏଏସ୍‌ଡିଏମ୍‌ଏ) ସୂଚନା ଦେଇଛନ୍ତି। ୨୪ ଜିଲାର ୮୧୧ ଗ୍ରାମରେ ୬,୫୪୦ ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାଙ୍ଗିଛି। ୭୨ ରିଲିଫ୍ କ୍ୟାମ୍ପରେ ୩୩,୩୦୦ରୁ ଅଧିକ ଲୋକ ଆଶ୍ରୟ ନେଇଛନ୍ତି। ଡିମା-ହସାଓ ଜିଲାରେ ଥିବା ହିଲ୍ ଷ୍ଟେଶନ ଅତ୍ୟନ୍ତ ସଙ୍କଟାପନ୍ନ ସ୍ଥିତିରେ ରହିଛି। ପ୍ରବଳ ବର୍ଷା ଯୋଗୁ ଲୁମଡିଙ୍ଗ-ବଦରପୁର ସିଙ୍ଗଲ୍ ରେଲଲାଇନ କ୍ଷତିଗ୍ରସ୍ତ ହୋଇଛି।


ଜଳସ୍ରୋତରେ ଓଲଟିଲା ଟ୍ରେନ୍

ଏହି ରେଲଲାଇନ ଆସାମ ସମେତ ତ୍ରିପୁରା, ମିଜୋରାମ ଓ ମଣିପୁରକୁ ଦେଶର ଅନ୍ୟ ଭାଗ ସହ ଯୋଡୁଥିବାବେଳେ ବନ୍ୟା ଯୋଗୁ ୪ ଦିନ ହେଲା ରେଳ ଚଳାଚଳ ବନ୍ଦ ରହିଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଛି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ହାଫ୍‌ଲଙ୍ଗ ଷ୍ଟେଶନ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ପ୍ରବଳ ଜଳସ୍ରୋତରେ ଉକ୍ତ ଷ୍ଟେଶନରେ ଅଟକିଥିବା ଏକ ଟ୍ରେନ୍‌ର କେତେକ ବଗି ଓଲଟି ପଡ଼ିଛି।

# ୬୪% ଭାରତୀୟଙ୍କୁ ଦୈନିକ ୩ରୁ ଅଧିକ ସ୍ପାମ୍ କଲ୍

ନୂଆଦିଲ୍ଲୀ,୧୭।୫



ଲୋକାଲସର୍କଲ୍ସ ସର୍ଭେ

ଭାରତୀୟମାନେ ସର୍ବାଧିକ ବିରକ୍ତିକର ଫୋନ୍ କଲ୍ ପାଉଛନ୍ତି। କେହି ଫୋନ୍ ଯୋଗେ ସୁବିଧାରେ ଋଣ ନେବା କିମ୍ବା ସମ୍ପତ୍ତି ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଲୋକାଲସର୍କଲ୍ସ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ରାୟ ୬୪ ପ୍ରତିଶତ ଭାରତୀୟ ଦୈନିକ ୩ କିମ୍ବା ତଦୂର୍ଦ୍ଧ୍ୱ ଏଭଳି ସ୍ପାମ୍ ଫୋନ୍ କଲ୍ ପାଉଛନ୍ତି। ବ୍ୟାଙ୍କ, ବୀମା ଦଲାଲ, କାର୍ ଡିଲର, ସ୍ପା ସର୍ଭିସ, ଜମିଜମା କାରବାର କରୁଥିବା ଏଜେଣ୍ଟଗୁଡ଼ିକ ସ୍ପାମ୍ ଏସ୍‌ଏମ୍‌ଏସ୍ ପଠାଇଥାନ୍ତି। ଏପରିକି ବିଭିନ୍ନ ଆୟ ସୁଯୋଗ ନେବା ଲାଗି ମଧ୍ୟ ସ୍ପାମ୍ ମେସେଜ ପଠାଯାଇ ଲୋକଙ୍କୁ ବିରକ୍ତ କରାଯାଉଛି। ସ୍ୱାସ୍ଥ୍ୟସେବା କିମ୍ବା ପାଥୋଲୋଜି ସେବା ନେବା ଲାଗି କଲ୍ ଆସୁଥିବା ୮% ଭାରତୀୟ ଅଭିଯୋଗ କରିଥିବାବେଳେ ନିଯୁକ୍ତି/ରୋଜଗାର ଅଫର ସମ୍ପର୍କରେ ୩ ପ୍ରତିଶତ କହିଛନ୍ତି। ସେହିପରି ସ୍ପା, ବିୟୁଟି ପାର୍ଲର ଇତ୍ୟାଦିରେ ଚାକିରି ଦେବା ପାଇଁ କଲ୍ ଆସୁଥିବା ୧ ପ୍ରତିଶତ କହିଛନ୍ତି। ୩%ଙ୍କ କହିବା ଅନୁଯାୟୀ ମୋବାଇଲ ନମ୍ବର, ଅଧିକ ଟକ୍‌ଟାଇମ/ଡାଟା ପ୍ଲାନ୍ ଦେବା ନେଇ ମଧ୍ୟ ଏସ୍‌ଏମ୍‌ଏସ୍ ଆସିଥାଏ। ସର୍ବାଧିକ ୫୧ ପ୍ରତିଶତଙ୍କ ପାଖକୁ ଆର୍ଥିକ ସେବା ବିକ୍ରି ଏବଂ ୨୯ ପ୍ରତିଶତଙ୍କ ନିକଟକୁ ରିଅଲ ଇଷ୍ଟେଟ୍ ବିକ୍ରି ଲାଗି ଫୋନ୍ କଲ୍ ଆସିଥାଏ ବୋଲି ସର୍ଭେରେ କୁହାଯାଇଛି। ନାଗରିକଙ୍କ ପାଖକୁ ଅବାଞ୍ଛିତ ବିରକ୍ତିକର ଫୋନ୍ କଲ୍ କିମ୍ବା ଏସ୍‌ଏମ୍‌ଏସ୍ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ୨୦୨୧ ଜୁଲାଇରେ ଟେଲି ଯୋଗାଯୋଗ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ହେଁ ଏଭଳି କଲ୍ ଓ ଏସ୍‌ଏମ୍‌ଏସ୍ ସଂଖ୍ୟା ବଢ଼ିଚାଲିଛି। ଗତ ୯ ମାସ ମଧ୍ୟରେ ଲୋକାଲସର୍କଲ୍ସ ଏନେଇ ବହୁସଂଖ୍ୟାରେ ଅଭିଯୋଗ ପାଇଥିବା କହିଛି। ଭାରତରେ ପ୍ରତି ଫୋନ୍ ଉପଭୋକ୍ତା ମାସକୁ ହାରାହାରି ୧୭ ସ୍ପାମ୍ କଲ୍ ପାଇଥାନ୍ତି, ଯାହା ବିଶ୍ୱରେ ସର୍ବାଧିକ ବୋଲି ଟ୍ରୁକଲର ନାମକ ଏକ କଲର ଆଇଡି ଆପ୍ ପକ୍ଷରୁ କୁହାଯାଇଛି। ଲୋକାଲସର୍କଲ୍ସ ୩୭୭ ଜିଲାର ୩୭,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ସର୍ଭେ କରିଥିଲା। ଏପରିକି ଡୁ ନଟ୍ ଡିଷ୍ଟର୍ବ ତାଲିକାରେ ପଞ୍ଜୀକୃତ କରି ମଧ୍ୟ ୯୫ ପ୍ରତିଶତ ମୋବାଇଲ ଉପଭୋକ୍ତା ଅବାଞ୍ଛିତ ଫୋନ୍ କଲ୍ ପାଉଥିବା କହିଛନ୍ତି।

**୬ ଆବେଦକ ଲାଇସେନ୍ସ ପାଇବାକୁ ଯୋଗ୍ୟ ନୁହେଁ**

**ନୂଆଦିଲ୍ଲୀ:** ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ମଙ୍ଗଳବାର ୬ଟି ଆବେଦନକାରୀଙ୍କୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲାଇସେନ୍ସ ଏବଂ ୟୁନିଭର୍ସାଲ ବ୍ୟାଙ୍କ୍ ଲାଇସେନ୍ସ ଦେବାକୁ ଯୋଗ୍ୟ ମନେକରି ନ ଥିବା ସୂଚନା ଦେଇଛି। ଆର୍‌ବିଆଇର ଯାଞ୍ଚ ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୟୁନିଭର୍ସାଲ ବ୍ୟାଙ୍କ ପରମିଟ୍ ପାଇଁ ଯୋଗ୍ୟ ମନେ କରାଯାଇ ନ ଥିବା ଆବେଦନକାରୀଙ୍କ ମଧ୍ୟରେ ୟୁଏଇ ଏକ୍ସଚେଞ୍ଜ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍, ଦି ରିପାଟ୍ରିଏଟ୍ସ କୋଅପ୍‌ରେଟିଭ୍ ଫାଇନାନ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ଲିମିଟେଡ୍ (ରେପ୍‌କୋ ବ୍ୟାଙ୍କ୍), ଚୈତନ୍ୟ ଇଣ୍ଡିଆ ଫିନ୍ କ୍ରେଡିଟ୍ ପ୍ରାଇଭେଟ୍ ଲିମିଟେଡ୍, ଶ୍ରୀ ପଙ୍କଜ ବୈଶ୍ୟ କମ୍ପାନୀଗୁଡ଼ିକ ରହିଛନ୍ତି।

# ରେକର୍ଡ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୭।୫



■ଏପ୍ରିଲରେ ୧୫.୦୮%ରେ ଡବ୍ଲ୍ୟୁପିଆଇ ଆଧାରିତ ମୁଦ୍ରାସ୍ଫୀତି
■କ୍ରମାଗତ ୧୩ତମ ମାସ ପାଇଁ ୨ଅଙ୍କ ବିଶିଷ୍ଟ

ପାଇକାରୀ ଦର ଆଧାରିତ ମୁଦ୍ରାସ୍ଫୀତି ହାର ଏପ୍ରିଲରେ ଲଗାତର ୧୩ତମ ମାସ ପାଇଁ ୨ଅଙ୍କ ସ୍ତରରେ ରହିଛି। ଖାଇବା ଜିନିଷ ସମ୍ପର୍କିତ ଦରବୃଦ୍ଧକୁ ନେଇ ଚଳିତ ବର୍ଷ ଏପ୍ରିଲରେ ହୋଲ୍‌ସେଲ୍ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ୧୫.୦୮%ରେ ପହଞ୍ଚିଛି। ପୂର୍ବ ମାସ ଅର୍ଥାତ୍ ମାର୍ଚ୍ଚରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୪.୫୫% ଏବଂ ୨୦୨୧ ଏପ୍ରିଲରେ ଏହା ୧୦.୭୪% ରହିଥିଲା। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସୂଚନା ଅନୁସାରେ ଗତ ଏପ୍ରିଲରେ ଖଣିଜ ତୈଳ, ବେସିକ୍ ମେଟାଲ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ଖାଦ୍ୟ ପଦାର୍ଥ ଏବଂ ରସାୟନ ଇତ୍ୟାଦିର ବଜାର ଦର ଉଚ୍ଚା ରହିଥିବା କାରଣରୁ ଗତ ଏପ୍ରିଲରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତିରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ଗତ ୧୩ ମାସ ହେଲା ଲଗାତର ଭାବରେ ପାଇକାରୀ ମୁଦ୍ରାସ୍ଫୀତି ୨ ଅଙ୍କ ବିଶିଷ୍ଟ ରହି ଆସୁଛି। ୨୦୨୧ ଏପ୍ରିଲଠାରୁ ଗତ ଏପ୍ରିଲ ପର୍ଯ୍ୟନ୍ତ ଏହି ହାର ଦେଖିବାକୁ ମିଳି ଆସୁଛି। ଏପ୍ରିଲରେ ପନିପରିବା, ଗହମ, ଫଳ ଏବଂ ଆଳୁ ଦର ବାର୍ଷିକ ଆଧାରରେ ବୃଦ୍ଧି ପାଇଥିଲା। ଫଳରେ ଗତ ଏପ୍ରିଲରେ ଖାଇବା ପଦାର୍ଥର ମୁଦ୍ରାସ୍ଫୀତି ୮.୩୫% ରହିଛି। ସେହିପରି ତେଲ ଏବଂ ବିଦ୍ୟୁତ୍‌ରେ ୩୮.୬୬% ମୁଦ୍ରାସ୍ଫୀତି ଦେଖାଦେଇଛି। ମାନୁଫ୍ୟାକ୍‌ଚର୍ଡ ସାମଗ୍ରୀ ପାଇଁ ୧୦.୮୫% ଏବଂ ତୈଳବୀଜରେ ୧୬.୧୦% ମୁଦ୍ରାସ୍ଫିତି ଦେଖାଦେଇଛି। ଏହାଛଡ଼ା ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ପାଇଁ ଏପ୍ରିଲରେ ମୁଦ୍ରାସ୍ଫୀତି ୬୭.୭% ରହିଛି। ସେହିପରି ଗତ ଗୁରୁବାର ସରକାରଙ୍କ ପକ୍ଷରୁ ଏପ୍ରିଲ ମାସ ପାଇଁ ଜାରି ହୋଇଥିବା ଖୁଚୁରା ମୁଦ୍ରାସ୍ଫୀତି ୭.୭୯%ରେ ପହଞ୍ଚିଛି। ବିଭିନ୍ନ ଖାଇବା ତେଲ ଏବଂ ଇନ୍ଧନ ଦରରେ ବୃଦ୍ଧି କାରଣରୁ ମୁଦ୍ରାସ୍ଫୀତି ଏତେ ମାତ୍ରାରେ ବୃଦ୍ଧି ପାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୨୧ ଏପ୍ରିଲରେ ଏହି ହାର ୪.୨୩% ରହିଥିଲା। ୨୦୨୨ ଏପ୍ରିଲ ମୁଦ୍ରାସ୍ଫୀତି ହାର ମେ' ୨୦୧୪ ପରଠାରୁ ସର୍ବାଧିକ ରହିଥିଲା। ମେ' ଆରମ୍ଭରେ ଆର୍‌ବିଆଇ ପକ୍ଷରୁ ହୋଇଥିବା ବୈଠକରେ ମହଙ୍ଗା ସ୍ଥିତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରେପୋ ରେଟ୍‌ରେ ୦.୪୦% ଏବଂ ସିଆର୍‌ଆର୍‌ରେ ୦.୫୦% ବୃଦ୍ଧି କରାଯାଇଥିଲା। ତେବେ ଏହି ସ୍ଥିତିକୁ ନଜରରେ ରଖିଲେ ଜୁନ୍ ୬ରୁ ୮ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏମ୍‌ପିସିର ଆଗାମୀ ବୈଠକରେ ମଧ୍ୟ ରେପୋ ରେଟ୍ ବୃଦ୍ଧି ହେବା ଆଶଙ୍କା ଦେଖାଦେଇଛି।

## ଏପ୍ରିଲ-ଜୁନ୍‌ରେ ଜିଡିପି ଅଭିବୃଦ୍ଧି ୧୨-୧୩% ରହିବ

**ନୂଆଦିଲ୍ଲୀ,୧୭।୫:** ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଅର୍ଥାତ୍ ଏପ୍ରିଲ-ଜୁନ୍‌ରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୧୨-୧୩% ରହିବା ନେଇ ରେଟିଂ ଏଜେନ୍ସି ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍ମେଶନ ଆଣ୍ଡ କ୍ରେଡିଟ୍ ରେଟିଂ ଏଜେନ୍ସି (ଆଇସିଆର୍‌ଏ) ପକ୍ଷରୁ ଅନୁମାନ କରାଯାଇଛି। ଆଇସିଆର୍‌ଏ ତଥ୍ୟ ଅନୁସାରେ ଏପ୍ରିଲରେ ବିଜ୍‌ନେସ୍ ଆକ୍ଟିଭିଟି ଇଣ୍ଡେକ୍ସ ରେଟିଂ ୧୩ ମାସ ମଧ୍ୟରେ ୨ୟ ସର୍ବାଧିକ ରହିଥିଲା। ତେବେ ଆର୍‌ବିଆଇର ଦୃଢ଼ ମୁଦ୍ରାନୀତି ଏବଂ ଦର ବୃଦ୍ଧି ମଧ୍ୟରେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୨% ରହିବ ବୋଲି ଆଇସିଆର୍‌ଏ ପକ୍ଷରୁ ଅନୁମାନ କରାଯାଇଛି। ଆଇସିଆର୍‌ଏର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟାର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ, ଏପ୍ରିଲରେ ବିଜ୍‌ନେସ୍ ଆକ୍ଟିଭିଟି ମନିଟର ୧୧୫.୭ ସ୍ତରରେ ରହିଥିଲା। ଫଳରେ ବିଭିନ୍ନ କଠିନ ପରିସ୍ଥିତି ସତ୍ତ୍ୱେ ବିଜ୍‌ନେସ୍ ଆକ୍ଟିଭିଟି ବାର୍ଷିକ ଆଧାରରେ ୧୬%ରୁ ଅଧିକ ରହିବା ନେଇ ସଙ୍କେତ ମିଳିଛି। ମେ' ମାସରେ ମଧ୍ୟ ବ୍ୟବସାୟ ଭଲ ରହିବ ବୋଲି ନାୟାର କହିଛନ୍ତି।

## ଓରିଏଣ୍ଟ ଇଲେକ୍ଟ୍ରିକ ପକ୍ଷରୁ ଡିଲର ମିଟ୍



ଭୁବନେଶ୍ୱର,୧୭।୫

ଦେଶର ପ୍ରମୁଖ ବିଦ୍ୟୁତ୍ ସାମଗ୍ରୀ ଉତ୍ପାଦନକାରୀ କମ୍ପାନୀ ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ (ଓଇଏଲ୍) ପକ୍ଷରୁ ନିକଟରେ ଏକ ବ୍ୟବସାୟିକ କାର୍ଯ୍ୟପନ୍ଥା ନିର୍ଣ୍ଣୟ ପାଇଁ ଏକ ଡିଲର ମିଟ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ଏମ୍‌ଡି ଓ ସିଇଓ ରାକେଶ ଖାନ୍ନା ଏବଂ ଓଇଏଲ୍‌ର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଅତୁଲ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ପ୍ରାୟ ୨୦୦ ଡିଲର ଓ ରିଟେଲର ଯୋଗଦେଇଥିଲେ। କମ୍ପାନୀ ନିକଟରେ ଗ୍ରାହକଙ୍କ ପାଇଁ ସମସ୍ତ ପ୍ରକାର ପଙ୍ଖା ଉପଲବ୍ଧ। ସେଥିରେ କମ୍ ମୂଲ୍ୟର ପଙ୍ଖା, ଡିଜାଇନର ଓ ପ୍ରିମିୟମ ପଙ୍ଖା ଆଦି ସାମିଲ ରହିଛି। କମ୍ପାନୀର ପଙ୍ଖାଗୁଡ଼ିକର ଆସେସରିଜ୍ ରେଞ୍ଜ୍ ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି ବୋଲି ଅତୁଲ କହିଛନ୍ତି। ସେହିପରି କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ପଙ୍ଖା ସମ୍ପର୍କରେ ଜୈନ କହିଥିଲେ, ଏହି ପଙ୍ଖାଗୁଡ଼ିକର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କମ୍ପାନୀ ନିକଟରେ ବିଏଲ୍‌ଡିସି ଟେକ୍ନୋଲୋଜି ଯୁକ୍ତ ପଙ୍ଖାର ଏକ ବିସ୍ତୃତ ଶୃଙ୍ଖଳା ରହିଛି ଏବଂ ଉକ୍ତ ପଙ୍ଖା ୫୦% ପର୍ଯ୍ୟନ୍ତ ବିଜୁଳି ସଞ୍ଚୟ କରୁଛି। କମ୍ପାନୀ ଗ୍ରାହକଙ୍କୁ ବିଏଲ୍‌ଡିସି ଟେକ୍ନୋଲୋଜି ସମ୍ପର୍କରେ ସଚେତନ କରିବା ଏବଂ ଉଚିତ ଦର ବିଶିଷ୍ଟ ଶକ୍ତି ଦକ୍ଷ ପଙ୍ଖା ବଜାରକୁ ଆଣିବା ପାଇଁ ଲକ୍ଷ୍ୟ ରଖିଛି।

## ଅକ୍ଷୟ ଶକ୍ତିରେ ଭାରତର ସବୁଜୀକରଣ

ଭୁବନେଶ୍ୱର,୧୭।୫

ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଲିମିଟେଡ୍ (ଇରେଡା) ସହଯୋଗରେ ରାଜ୍ୟର ବୃହତ୍ତମ ଶିଳ୍ପ ବାଣିଜ୍ୟ ସଂଗଠନ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇଏଲ୍) ପକ୍ଷରୁ ନିକଟରେ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ 'ଅକ୍ଷୟ ଶକ୍ତି ଜରିଆରେ ଭାରତର ସବୁଜୀକରଣ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ।

ଏହି ପରିପ୍ରେକ୍ଷୀରେ ଇରେଡା ସିଏମ୍‌ଡି ପ୍ରଦୀପ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ଓଡ଼ିଶା ସମେତ ଦେଶର ସମସ୍ତ ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ପାଇଁ ସଂସ୍ଥା ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଏପରିକି ଭୁବନେଶ୍ୱରରେ ନିଜର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ପରେ ଇରେଡା ୬୯୩, ୧୫ କୋଟି ଟଙ୍କା ଅର୍ଥରାଶି ମଧ୍ୟ ମଞ୍ଜୁର କରିଥିବା ବେଳେ ସେଥିମଧ୍ୟରୁ ୩୫୪,୪୭ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ଗତ ଦୁଇ ଆର୍ଥିକ ବର୍ଷରେ ସଂସ୍ଥାର ସମସ୍ତ ବିଭାଗର ମିଳିତ ଉଦ୍ୟମ ଯୋଗୁ ଇରେଡା ଆର୍ଥିକ କ୍ଷେତ୍ରରେ ଐତିହାସିକ ସଫଳତା ହାସଲ କରିପାରିଛି ବୋଲି ଦାସ ମତବ୍ୟକ୍ତ କରିଛନ୍ତି। ସେହିପରି ଉକ୍ତ କର୍ମଶାଳାରେ ସଭାପତିତ୍ୱ କରି ୟୁସିସିଆଇଏଲ୍‌ର ସଭାପତି ବ୍ରହ୍ମା ମିଶ୍ର କହିଥିଲେ, ଓଡ଼ିଶା ଦେଶର ସର୍ବାଧିକ ଇସ୍ପାତ ଓ ଆଲୁମିନିୟମ ଉତ୍ପାଦନ କରୁଥିବାରୁ ଏସବୁ ଶିଳ୍ପରେ ବିପୁଳ ପରିମାଣର କୋଇଲା ବ୍ୟବହୃତ ହେଉଛି।

## ୨୦ରୁ ୬ଷ୍ଠ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳା

ଭୁବନେଶ୍ୱର,୧୭।୫




ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ (ଜେଇଏମ୍) ପକ୍ଷରୁ ଗତ ୨୦୧୫ଠାରୁ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳାର ଆୟୋଜନ କରାଯାଉଛି। ଗତ ବର୍ଷ କୋଭିଡ୍ କଟକଣା ଯୋଗୁ ଉକ୍ତ ମେଳା ବନ୍ଦ ରହିଥିଲା। ଚଳିତ ବର୍ଷ ଉଭୟ ସଂକ୍ରମଣ ଓ ସରକାରଙ୍କ କୋଭିଡ୍ କଟକଣା ଏକ ପ୍ରକାର ନ ଥିବାରୁ ଜେଇଏମ୍ ଚଳିତ ବର୍ଷ ମେ ୨୦ରୁ ୬ଷ୍ଠ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳାର ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ସଂସ୍ଥା ମଙ୍ଗଳବାର ସ୍ଥାନୀୟ ରୋଟାରି ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ମେଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମେଳାର ଉପଦେଷ୍ଟା ରଶ୍ମିରଞ୍ଜନ କାନୁନ୍‌ଗୋ,ଜେଇଏମ୍‌ର ଏମ୍‌ଡି ସୁଜିତ ଗୁପ୍ତା, ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ ଗୁପ୍ତା ଓ ସଞ୍ଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ମେଳା ମେ ୨୦ରୁ ଆରମ୍ଭ ହୋଇ ୩୦ ମେ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ୧୦ ଦିନିଆ ମେଳାରେ ଭାରତରୁ ୨୦ଟି ରାଜ୍ୟ ସାଙ୍ଗକୁ ୧୦ଟି ଦେଶର ବ୍ୟବସାୟୀମାନେ ସେମାନଙ୍କର ସାମଗ୍ରୀ ଓ କଳାକୃତିକୁ ମେଳା ଜରିଆରେ ପ୍ରଦର୍ଶିତ କରିବେ ବୋଲି ସୂଚନା ମିଳିଛି। ଏପରିକି ପ୍ରତିଦିନ ସନ୍ଧ୍ୟାରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ରହିଛି ବୋଲି ଜେଇଏମ୍ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ମେଳାକୁ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସହ ଅନେକ ଘରୋଇ ସଂସ୍ଥାର ସହଯୋଗରେ ଆୟୋଜନ କରାଯାଉଛି।

## ପୁଞ୍ଜିବଜାରରେ ଏଲ୍‌ଆଇସିର ପ୍ରଥମ ଦିନ

ନୂଆଦିଲ୍ଲୀ,୧୭।୫




ପ୍ରଥମ ଥର ପାଇଁ ପୁଞ୍ଜିବଜାରରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପଞ୍ଜୀକୃତ ସହ ମଙ୍ଗଳବାର ଶେୟାର ବଜାରରେ କାରବାର ଆରମ୍ଭ କରିଛି। ପ୍ରଥମ ଦିନରେ ଷ୍ଟକ୍ ମାର୍କେଟ୍‌ରେ କମ୍ପାନୀର ଶେୟାର ପିଛା ଇସ୍ୟୁ ପ୍ରାଇସ୍‌ର ପ୍ରାୟ ୯% ରିହାତି ସହିତ ବିଏସ୍‌ଇରେ ୮୬୭.୨୦ ଟଙ୍କାରେ ଏବଂ ୮% ଡିସ୍‌କାଉଣ୍ଟ ସହିତ ଏନ୍‌ଏସ୍‌ଇରେ ୮୭୨ ଟଙ୍କାରେ ତାଲିକାଭୁକ୍ତ ହୋଇଛି। ତେବେ ତାଲିକାଭୁକ୍ତ ହେବାପରେ ପଲିସି ହୋଲ୍ଡର୍ସଙ୍କ ସମେତ କୌଣସି ବିଭାଗର ନିବେଶକଙ୍କୁ ଲାଭ ମିଳିନାହିଁ। ଏହାଛଡ଼ା ଏଥିରୁ ଅଧିକ ଲାଭ ଆଶା ରଖୁଥିବା ଖୁଚୁରା ନିବେଶକଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଏଲ୍‌ଆଇସି ଶେୟାର ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ତାଲିକାଭୁକ୍ତ ହୋଇଥିଲା। ଲିଷ୍ଟିଂ ହେବାର କିଛି ସମୟ ମଧ୍ୟରେ ଇସ୍ୟୁ ପ୍ରାଇସ୍‌ରେ ୮%ରୁ ଊର୍ଦ୍ଧ୍ୱ ହ୍ରାସ ସହିତ ଷ୍ଟକ୍‌ର ମାର୍କେଟ୍ କ୍ୟାପ୍ ୫,୫୭,୬୭୫.୦୫ କୋଟି ହୋଇଯାଇଥିଲା। ଫଳରେ ନିବେଶକମାନେ ଅଳ୍ପ କିଛି ସମୟ ମଧ୍ୟରେ ୪୨,୫୦୦ କୋଟି ଟଙ୍କା ହରାଇଥିଲେ। ସୂଚନାଯୋଗ୍ୟ, କମ୍ପାନୀର ମୋଟ୍ ମାର୍କେଟ୍ କ୍ୟାପିଟାଲାଇଜେଶନ ୬ଲକ୍ଷ କୋଟି ଟଙ୍କା ରହିଛି।

**ଫୁରସତ୍**

## ସଭ୍ୟତାର କାହାଣୀ କୁହେ ସଂଗ୍ରହାଳୟ



**ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**

ପୃଥିବୀର ପୁରାତନ ସଭ୍ୟତା ଅବା ନାନା ପ୍ରକାର ଶିଳ୍ପାୟନ ବିକାଶ ଏବଂ ଅନ୍ୟାନ୍ୟ କ୍ଷେତ୍ର ସମ୍ପର୍କରେ ଇତିହାସକୁ ସଂରକ୍ଷିତ ରଖିବା ପାଇଁ ସଂଗ୍ରହାଳୟ ସ୍ଥାପନ କରାଯାଇଥାଏ। ସଂଗ୍ରହାଳୟ ସଭ୍ୟତାର ମୂକ ସାକ୍ଷୀ ଭାବେ କାହାଣୀର ପୃଷ୍ଠା ଓଲଟାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସଂଗ୍ରହାଳୟର ଗୁରୁତ୍ୱ ଏବଂ ଏହା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମେ' ୧୮ରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ସଂଗ୍ରହାଳୟ ପରିଷଦ ଦ୍ୱାରା ଆୟୋଜିତ ହୋଇଥାଏ। ଏହି ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ପ୍ରତିବର୍ଷ ଅନ୍ତର୍ଜାତୀୟ ସ୍ତରରେ ସଂଗ୍ରହାଳୟ ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରତିଫଳିତ କରିଥାଏ। ମ୍ୟୁଜିୟମ ପ୍ରଫେଶନାଲମାନଙ୍କୁ ଜନସାଧାରଣଙ୍କୁ ଭେଟିବା ଏବଂ ସଂଗ୍ରହାଳୟର ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ସେମାନଙ୍କୁ ସଚେତନ କରିବା ଏବଂ ସମାଜର ବିକାଶରେ ସଂଗ୍ରହାଳୟର ଭୂମିକା ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ଏହି ଦିବସ ସୁଯୋଗ ପ୍ରଦାନ କରିଥାଏ। ଏହା ସଂଗ୍ରହାଳୟର ବୃତ୍ତିଗତମାନଙ୍କ ମଧ୍ୟରେ କଥାବାର୍ତ୍ତାକୁ ମଧ୍ୟ ପ୍ରୋତ୍ସାହିତ କରେ। ପ୍ରଥମ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ୧୯୭୭ରେ ପାଳିତ ହୋଇଥିଲା। ମ୍ୟୁଜିୟମର ସୃଜନଶୀଳ ଆକାଂକ୍ଷା, ପ୍ରୟାସକୁ ଏକୀଭୂତ କରିବା ଏବଂ କାର୍ଯ୍ୟକଳାପ ପ୍ରତି ବିଶ୍ୱସ୍ତରରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ଏକ ଅନ୍ତର୍ଜାତୀୟ ପୋଷ୍ଟର ପ୍ରଥମେ ୧୯୯୭ରେ ବିକଶିତ ହୋଇଥିଲା ଏବଂ ସେହି ବର୍ଷ ୨୮ ଟି ଦେଶ ଦ୍ୱାରା ଏହା ଆଦୃତ ହୋଇଥିଲା। ୨୦୦୯ରେ ୯୦ରୁ ଅଧିକ ଦେଶରେ ଇଭେଣ୍ଟ ଆୟୋଜନ କରୁଥିବା ୨୦ ହଜାରରୁ ଅଧିକ ସଂଗ୍ରହାଳୟ ଏଥିରେ ସାମିଲ ହୋଇଥିଲେ। ୨୦୧୦ରେ, ୯୮ଟି ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ୨୦୧୧ରେ ୧୦୦ଟି ଦେଶ ଏବଂ ୨୦୧୨ରେ ୧୨୯ଟି ଦେଶର ୩୦ ହଜାରରୁ ଅଧିକ ସଂଗ୍ରହାଳୟ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୧୧ରେ, ଏହାର ପୋଷ୍ଟର ୩୭ଟି ଭାଷାରେ ଅନୁବାଦ କରାଯାଇଥିଲା। ୨୦୧୪ସୁଦ୍ଧା, ୧୪୦ଟି ଦେଶର ୩୫ ହଜାରରୁ ଅଧିକ ସଂଗ୍ରହାଳୟ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସୁପରଓମ୍ୟାନ୍ ଶିଳ୍ପା



**ମୁମ୍ବାଇ:** ଦୀର୍ଘ ଦିନର ବ୍ୟବଧାନ ପରେ ବଲିଉଡ୍‌ର ଫିଟ୍ ନାୟିକା କୁହାଯାଉଥିବା ଶିଳ୍ପା ସେଟ୍ଟୀ କୁନ୍ଦ୍ରା ବଡ଼ ପରଦାକୁ କମ୍‌ବ୍ୟାକ୍ କରିଛନ୍ତି। ଜୁନ୍ ୨୨ରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ 'ନିକମ୍ମା'ରେ ଶିଳ୍ପାଙ୍କୁ ଦେଖିପାରିବେ ତାଙ୍କ ଫ୍ୟାନ୍ସ। ମଙ୍ଗଳବାର ଏହାର ଟ୍ରେଲର ରିଲିଜ୍ ହୋଇଯାଇଛି। ତେବେ ପ୍ରଥମ ଥର ପାଇଁ ଏହି ନାୟିକା ଜଣଙ୍କ ଫିଲ୍ମରେ ସୁପରଓମ୍ୟାନ୍ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ ଆକ୍ସନ, କମେଡ଼ି, ରୋମାନ୍ସ ଭରି ରହିଥିବା ଫିଲ୍ମ ନିର୍ମାଣକାରୀ ସଂସ୍ଥା କହିଛି। ଏଥିରେ ଅଭିମନ୍ୟୁ ଦଶାନି ନାୟକ ସାଜିଥିବାବେଳେ ତାଙ୍କ ରିଲ୍ ଲାଇଫ୍ ପ୍ରେମିକା ସାଜିଛନ୍ତି ଶିରଲି ସେତିଆ। ଅଭିମନ୍ୟୁ ଏହି ଫିଲ୍ମରେ ଜଣେ ବେକାର ଯୁବକ ଭୂମିକାରେ ଦେଖାଯିବେ। ୯୦ ଦଶକର ବଲିଉଡ୍ ନାୟିକା ଭାଗ୍ୟଶ୍ରୀଙ୍କ ପୁଅ ଅଭିମନ୍ୟୁଙ୍କ ଏହା ବଲିଉଡ୍ ଡେବ୍ୟୁ। ଫିଲ୍ମକୁ ନେଇ ୨୦୨୦ରୁ ଚର୍ଚ୍ଚା ଜୋର୍ ଧରିଥିବାବେଳେ କରୋନା ମହାମାରୀ କାରଣରୁ ଏହାର ରିଲିଜ୍‌ରେ ବିଳମ୍ବ ହେଉଥିଲା। ଶବିର ଖାନ୍ ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।

## ପ୍ରତିଷେଧକ ହିଁ ସର୍ବୋତ୍ତମ

**ବିଶ୍ୱ ଏଡ୍‌ସ ଟିକାକରଣ ଦିବସ**

କୌଣସି ଶାରୀରିକ ସମସ୍ୟା ସୃଷ୍ଟି ହେବାପୂର୍ବରୁ ଏହାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ହିଁ ସର୍ବୋତ୍ତମ। ମହାମାରୀ ଏଡ୍‌ସରୁ ଦୂରେଇ ରହିବା ଲାଗି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମେ' ୧୮ରେ ବିଶ୍ୱ ଏଡ୍‌ସ ଟିକାକରଣ ଦିବସ ପାଳନ କରାଯାଇଥାଏ। ଏଚ.ଆଇ.ଭି. ଟିକା ସଚେତନତା ଦିବସ ଭାବରେ ମଧ୍ୟ ଜଣାଯାଏ। ହଜାର ହଜାର ସ୍ୱେଚ୍ଛାସେବୀ, ସାମାଜିକ ସଦସ୍ୟ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ସମର୍ଥକ ଏବଂ ବୈଜ୍ଞାନିକ ଏକ ନିରାପଦ ଏବଂ ପ୍ରଭାବଶାଳୀ ଏଡ୍‌ସ ଟିକା ଖୋଜିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ନୂତନ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶ୍ୱ ଏଡ୍‌ସ ଟିକାକରଣ ଦିବସ ପାଳନ ପାଇଁ ୧୯୯୭ ମେ ୧୮ରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଦ୍ୱାରା ମୋର୍ଗାନ ଷ୍ଟେଟ ୟୁନିଭର୍‌ସିଟିରେ ଘୋଷଣା କରାଯାଇଥିଲା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଯୁଗରେ ନୂତନ ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ଆଗାମୀ ଏକ ଦଶନ୍ଧି ମଧ୍ୟରେ ଏଡ୍‌ସ ଟିକା ବିକଶିତ କରିବାକୁ କ୍ଲିଣ୍ଟନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ ଯେ, କେବଳ ପ୍ରକୃତ ପ୍ରଭାବଶାଳୀ, ପ୍ରତିଷେଧକ ଏଚ.ଆଇ.ଭି. ଟିକା ଏଡ୍‌ସର ବିପଦକୁ ସୀମିତ କରିପାରେ ଏବଂ ଶେଷରେ ଏହାକୁ ଦୂର କରିପାରିବ। କ୍ଲିଣ୍ଟନଙ୍କ ଭାଷଣର ବାର୍ଷିକୀ ପାଳନ ପାଇଁ ୧୮ ମେ ୧୯୯୮ରେ ପ୍ରଥମ ବିଶ୍ୱ ଏଡ୍‌ସ ଟିକାକରଣ ଦିବସ ପାଳନ କରାଯାଇଥିଲା ଏବଂ ଏହି ପରମ୍ପରା ଏବେ ମଧ୍ୟ ଜାରି ରହିଛି। ପ୍ରତିବର୍ଷ ସମଗ୍ର ବିଶ୍ୱରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ଏଡ୍‌ସ ଟିକାକରଣ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏଡ୍‌ସ ଟିକାକରଣ ପାଇଁ ସଚେତନତା ସୃଷ୍ଟି କରିବା, ଏଚ.ଆଇ.ଭି. ମହାମାରୀକୁ ରୋକିବା ପାଇଁ ଅନ୍ତର୍ଜାତୀୟ ପ୍ରୟାସ ଉପରେ ଏହି ଦିବସ ପାଳନ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ।

## ପ୍ଲାଷ୍ଟିକ୍ ସର୍ଜରି ନେଲା ଅଭିନେତ୍ରୀଙ୍କ ଜୀବନ



**ବେଙ୍ଗାଲୁରୁ:** ଫ୍ୟାଟ୍ ରିମୁଭାଲ୍ ଅସ୍ତ୍ରୋପଚାର କାରଣରୁ କନ୍ନଡ଼ ସିରିଏଲ ଜଗତର ଶୁଣାଶୁଣା ଅଭିନେତ୍ରୀ ଚେତନା ରାଜଙ୍କ ମୃତ୍ୟୁ ହୋଇଛି। ଅଭିନେତ୍ରୀଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ସର୍ଜରି କରିଥିବା ଡାକ୍ତରଙ୍କୁ ଦାୟୀ କରିଛନ୍ତି। ସିରିଏଲ ହେଉ ଅବା ଫିଲ୍ମ ଅଭିନେତା ହୁଅନ୍ତୁ କି ଅଭିନେତ୍ରୀ ସବୁବେଳେ ଫିଟ୍ ଓ ସୁନ୍ଦର ଦେଖାଯିବାକୁ ସେମାନେ ଚାହିଁଥାନ୍ତି। ଶରୀରକୁ ଆକର୍ଷଣୀୟ କରିବା ପାଇଁ କେତେଜଣ ଜିମ୍, ବ୍ୟାୟାମ ଆଦି କରୁଥିବାବେଳେ କେତେଜଣ ସହଜ ପନ୍ଥା ଆପଣାଇଥାନ୍ତି। ଯେମିତି ପ୍ଲାଷ୍ଟିକ୍ ସର୍ଜରି। ଦେଶରେ ଚିକିତ୍ସା ବିଜ୍ଞାନର ଉନ୍ନତି ଫଳରେ ବହୁ ଦୁସାଧ୍ୟ ରୋଗ ଭଲ ହେବାରେ ଲାଗିଛି। ସେହିପରି ସର୍ଜରି ଜରିଆରେ ଆଜିକାଲି ମେହବହୁଳତାକୁ ମଧ୍ୟ କମାଇ ହେଉଛି। ବେଙ୍ଗାଲୁରୁର ଏକ ଘରୋଇ ଡାକ୍ତରଖାନାରେ ଚେତନା ଫ୍ୟାଟ୍ ରିମୁଭାଲ ପାଇଁ ଅସ୍ତ୍ରୋପଚାର କରିଥିଲେ। ସର୍ଜରି ପରେ ତାଙ୍କ ଶରୀର ଅଧିକ ଖରାପ ହୋଇଥିଲା। ଚେତନାଙ୍କ ପରିବାର ପକ୍ଷରୁ ଡାକ୍ତର ସେଟ୍ଟୀଙ୍କ ବିରୋଧରେ ଅଭିଯୋଗ ଦାଏର କରିଛନ୍ତି। ମେ ୧୬ରେ ଏହି ୨୧ ବର୍ଷୀୟା ଅଭିନେତ୍ରୀ ଜଣକ ବେଙ୍ଗାଲୁରୁ ରାଜାଜିନଗରରେ ଥିବା କ୍ଲିନିକ୍‌ରେ ପ୍ଲାଷ୍ଟିକ୍ ସର୍ଜରି ପାଇଁ ଆଡ୍‌ମିଟ୍ ହୋଇଥିବାବେଳେ ସେ ଘର ଲୋକଙ୍କୁ ଏ ବିଷୟରେ ଜଣାଇ ନ ଥିଲେ। ସର୍ଜରି ପରେ ଚେତନାଙ୍କ ଫୁସ୍‌ଫୁସ୍‌ରେ ବାରମ୍ବାର ଫ୍ଲୁଇଡ୍ (ତରଳ ପଦାର୍ଥ) ଜମି ରହୁଥିଲା। ସୋମବାର ଦିନ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତରଖାନାରେ ଉତ୍ତମମାନର ଚିକିତ୍ସା ବ୍ୟବସ୍ଥା ନ ଥିବାବେଳେ ଚେତନାଙ୍କ ଜଣେ ବନ୍ଧୁ ବଣ୍ଡ ପେପରରେ ହସ୍ତଖତ କରିଥିବା ଅଭିନେତ୍ରୀଙ୍କ ବାପା ଭାରଦାରାଜୁ କହିଛନ୍ତି। ଦୀର୍ଘ ୪୫ ମିନିଟ କାଳ ସିପିଆର୍ ପଦ୍ଧତି ଜରିଆରେ ଡାକ୍ତର ଚେତନାଙ୍କ ଜୀବନ ରକ୍ଷା କରିବାକୁ ଉଦ୍ୟମ କରିଥିଲେ ହେଁ ସେମାନେ ଏଥିରେ ବିଫଳ ହୋଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ଚେତନାଙ୍କୁ କାଢ଼େ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା।

## ପଲିଥିନ୍ ଥଳିରେ ମା' କ୍ଷୀର

**ୱାଶିଂଟନ:** ଆମେରିକାରେ ଶିଶୁ ଖାଦ୍ୟ ସଙ୍କଟ ଦେଖାଯିବା ପରେ ୟୁଟାର ଆଲିସା ମା' କ୍ଷୀର ବିକ୍ରି କରିବା ଆରମ୍ଭ କରିଛନ୍ତି। ଶିଶୁମାନଙ୍କ ପାଇଁ ମା' କ୍ଷୀରର ବିଶେଷ ଗୁରୁତ୍ୱ ଥିବାବେଳେ ଏହା ସେମାନଙ୍କ ଶରୀରକୁ ଠିକ୍ ପୋଷଣ ଯୋଗାଇଥାଏ। ଏଭଳି ସ୍ଥଳରେ ଶିଶୁଙ୍କ ଖାଦ୍ୟାଭାବକୁ ଏକ ବଡ଼ ବିପଦ ବୋଲି ଆଲିସା କହିଛନ୍ତି। ଶିଶୁଙ୍କ ଖାଦ୍ୟ ପାଇଁ ଦେଖାଯାଇଥିବା ସମସ୍ୟାରୁ ଅଭିଭାବକଙ୍କୁ ବାହାର କରିବା ପାଇଁ ଅଲିସା ନିଜ ମା' କ୍ଷୀର ବିକ୍ରି କରିବାର ଏକ ନିଆରା ସହଯୋଗ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଲିସା ୧୧୮ ଲିଟର କ୍ଷୀର ବିକ୍ରି କରିସାରିଥିବା କହିଛନ୍ତି। ୨୮.୩୫ ଗ୍ରାମ କ୍ଷୀରର ମୂଲ୍ୟ ୧ ଡଲାର ରହିଛି। ପ୍ରଥମେ ସେ କ୍ଷୀରକୁ ମିଲ୍କ ବ୍ୟାଙ୍କ ଜରିଆରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚାହୁଁଥିବାବେଳେ ଏ ନେଇ ଏକ ଦୀର୍ଘ ପ୍ରକ୍ରିୟା ଲାଗୁଥିବାରୁ ସେ ନିଜେ କ୍ଷୀର ବିକ୍ରି ପାଇଁ ନିଷ୍ପତ୍ତି ନେଇଥିଲେ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କ୍ଷୀର ଉପଭୋକ୍ତା କିଣୁଛନ୍ତି।

## ଅଦା-ହଳଦୀ ପାଇଁ ପଟାଳି ପ୍ରସ୍ତୁତି



ସୂର୍ଯ୍ୟମୁଖୀ ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦେଲେ ଭଲ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଏବଂ ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କଲେ ଭଲ ।

## ଚିନାବାଦାମ ଦୁଇ ସପ୍ତାହର ହୋଇଥିଲେ..

ଚିନାବାଦାମ ବୁଣିବାର ଦୁଇ, ତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ବେଳେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇ ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଜଉପୋକ ଦମନ ଲାଗି ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍ / ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍/ ଲିଟର ପାଣି ସିଞ୍ଚନ କରନ୍ତୁ।



## ମାଛଙ୍କୁ ଦାନା ଦେଉଥିଲେ...

ଆଜିକାଲି ମାଛଚାଷ ଅନେକଙ୍କ ପାଇଁ ରୋଜଗାରର ଅନ୍ୟତମ ଉତ୍ସ ପାଲଟିଛି। ଲାଭଜନକ ମାଛଚାଷ ପାଇଁ ପ୍ରଥମେ ଉନ୍ନତ କିମସର ମାଛ ଯାଆଁଳ ଚୟନ କରନ୍ତୁ। ଏହି ଚାଷ ବିଷୟରେ ମତ୍ସ୍ୟ ବିଶେଷଜ୍ଞଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ। ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ। ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରନ୍ତୁ। ମାଛଚାଷ କରୁଥିଲେ ଯଦି ପୋଖରୀର ପାଣି ସ୍ତର କମିଯାଏ, ତେବେ ବିଳମ୍ବ ନ କରି ପାଣି ଭର୍ତ୍ତି କରନ୍ତୁ ।



# ଜଳବାୟୁ ପରିବର୍ତ୍ତନ ଓ କୃଷି



ପ୍ର. ସୁବୋଧ କୁମାର ସାହୁ

ଜଳବାୟୁ କହିଲେ ଋତୁ ପରିବର୍ତ୍ତନ ସହ ଉତ୍ତାପ, ଗ୍ରୀଷ୍ମ ପ୍ରବାହ, ବର୍ଷା ଓ ଶୀତ ଆଦିକୁ ବୁଝାଏ । ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସକୁ ଗ୍ରୀଷ୍ମଋତୁ କୁହାଯାଏ। ଗ୍ରୀଷ୍ମଋତୁରେ ଉତ୍ତାପ ବଢ଼େ । ଏହି ସମୟରେ ଭୂପୃଷ୍ଠର ଉତ୍ତାପ ୩୫° ରୁ ୪୦° ମଧ୍ୟରେ ରହିବା କଥା । କିନ୍ତୁ ଜଳବାୟୁର ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳର ଉତ୍ତାପ ପୂର୍ବୋକ୍ତ ସୀମା ମଧ୍ୟରେ ନ ରହି ଏହାଠାରୁ ଅଧିକ ଉତ୍ତପ୍ତ ହେଉଛି । ଉତ୍ତାପ ବୃଦ୍ଧିର ମୁଖ୍ୟ ଏକ କାରଣ ହେଉଛି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧି । ବାୟୁମଣ୍ଡଳର ସ୍ୱାଭାବିକ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ୦.୦୩ ଶତକଡ଼ା । ଏହି ପରିମାଣଠାରୁ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ଅଧିକ ହେଲେ ଭୂପୃଷ୍ଠର ଉତ୍ତାପ



ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବଢ଼ିବା ମୁଖ୍ୟତଃ ଭୂପୃଷ୍ଠରେ ବୃକ୍ଷର ଅବସ୍ଥିତି ଉପରେ ନିର୍ଭରକରେ । ବୃକ୍ଷ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପକୁ ଶୋଷଣକରି ନିଜ ପାଇଁ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି କରେ ଓ ଜୀବନ ରକ୍ଷାକାରୀ ଅମ୍ଳଜାନ ଛାଡ଼େ । ବର୍ତ୍ତମାନ ଭୂପୃଷ୍ଠରେ ଗଛ ସଂଖ୍ୟା କମିବାରେ ଲାଗିଛି । ଜଙ୍ଗଲ ଧ୍ୱଂସ, ବୃକ୍ଷ କଟା ଆଦି ଅଧିକ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧିର ମୁଖ୍ୟ କାରଣ । ଅନ୍ୟପକ୍ଷେ ଜଙ୍ଗଲ ପୋଡ଼ି ଯୋଗୁ ଏଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପ ବଢାଏ। ଏତଦ୍‌ବ୍ୟତୀତ ବର୍ତ୍ତମାନ ଚାଷୀ ଫସଲର ଅବଶିଷ୍ଟାଂଶକୁ କ୍ଷେତରେ ପୋଡ଼ି ଅଧିକ ଧୂଆଁ ଯୋଗ କରୁଛନ୍ତି। ଆମେ ବ୍ୟବହାର କରୁଥିବା ଯାନବାହନ ବହୁ ସଂଖ୍ୟାରେ ବଢ଼ି ଚାଲିଛି । ଯାନବାହନରେ ବ୍ୟବହୃତ ଇନ୍ଧନ ପୋଡ଼ି ଅଧିକ ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି ହେଉଛି । ଅଧିକ ସଂଖ୍ୟାରେ କଳକାରଖାନା ପ୍ରତିଷ୍ଠା ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ଟନ୍ ଟନ୍ କୋଇଲା ପୋଡ଼ି ବାୟୁମଣ୍ଡଳକୁ ପର୍ଯ୍ୟାପ୍ତ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ଛାଡୁଛନ୍ତି । ଗ୍ରୀଷ୍ମଋତୁରେ ଭୂପୃଷ୍ଠର ଉତ୍ତାପ ବଢ଼ିବା ସହ ପ୍ରଖର ସୂର୍ଯ୍ୟତାପ ମଧ୍ୟ ଅସହ୍ୟ ଉତ୍ତାପ ସୃଷ୍ଟିକରେ । ଏହାସହ ଜଳକଷ୍ଟ ଅନୁଭବ କୃଷି କାର୍ଯ୍ୟରେ ବାଧା ସୃଷ୍ଟିକରେ।

ଏହିସବୁ ବାଧା ସତ୍ତ୍ୱେ ଚାଷୀକୁ କୃଷି କାମରେ ଆଗେଇବାକୁ ପଡ଼ିବ। ଗ୍ରୀଷ୍ମ ଋତୁରେ ସ୍ୱଳ୍ପ ଜଳରେ ବିବିଧ ଫସଲ ଚାଷ କରିବାକୁ ପଡ଼ିବ। ସେଥିମଧ୍ୟରୁ ଧାନ ଏକ ମୁଖ୍ୟ ଫସଲ। ଏହି ଋତୁରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଅଧିକ ଧାନ ଅମଳ ହୁଏ । ତେଣୁ ଚାଷୀ ସୂର୍ଯ୍ୟତାପ, ଉତ୍ତାପ ସହନୀୟ ଓ ସ୍ୱଳ୍ପ ଜଳରେ ଚାଷ ହୋଇପାରୁଥିବା ଛୋଟ କିସମ ଯଥା ହୀରା, ରୁଦ୍ର, ଶଙ୍କର, ସୁଭଦ୍ରା, ପଥରା, ପାରିଜାତ, ସହଭାଗୀ, ଖଣ୍ଡଗିରି, ଘଣ୍ଟେଶ୍ୱରୀ ପ୍ରଭୃତି ୯୦ରୁ ୧୦୦ ଦିନିଆ ଧାନ ବାଛିବାକୁ ପଡ଼ିବ । ଏହିସବୁ ଧାନ କିସମ ପରିବର୍ତ୍ତିତ ଜଳବାୟୁ ଏବଂ ପ୍ରତିକୂଳ ପରିସ୍ଥିତିରେ ଭଲ ବଢ଼ନ୍ତି। ଏହି ସବୁ ଧାନ କିସମ ବାଙ୍ଗରା। ଗ୍ରୀଷ୍ମ ଋତୁର ଝାଞ୍ଜିପବନରେ ଭାଙ୍ଗି ପଡ଼ନ୍ତି ନାହିଁ । ଧାନ ଫସଲ ଉଭୟେ ଉତ୍ତାପ ଏବଂ ଜଳ ସହଣୀ ଫସଲ । କିନ୍ତୁ ଧାନ ଫସଲରେ ଅଧିକ ଜଳ ରଖିବା ଅନୁଚିତ । ଧାନ କ୍ଷେତରେ ବେଶି ଦିନ ଠିଆପାଣି ରହିଲେ ମିଥେନ ବାଷ୍ପ ସୃଷ୍ଟି ହୁଏ । ମିଥେନ ବାଷ୍ପ ବାୟୁମଣ୍ଡଳର ଉତ୍ତାପ ବଢ଼ାଇଥାଏ।

ଧାନ ବ୍ୟତୀତ କେତେକ ଫସଲ ଯଥା ଆଖୁ, ମକା ଓ ତରଭୁଜ ବାୟୁମଣ୍ଡଳର ଦୂଷିତ ଅଙ୍ଗାରକାମ୍ଳ ବାଷ୍ପକୁ ଶୋଷଣକରି ଶ୍ୱେତସାର ଜାତୀୟ ଖାଦ୍ୟ ପ୍ରସ୍ତୁତ କରିବା ସହ ବାୟୁମଣ୍ଡଳର ୩୫° ରୁ ୪୦° ପର୍ଯ୍ୟନ୍ତ ସୂର୍ଯ୍ୟତାପ ସହିପାରନ୍ତି । ନଳିତା ଓ ମେସ୍ତା ଉତ୍ତାପ ଓ ମରୁଡ଼ି ସହଣୀ । ଉକ୍ତ ଫସଲ ମାଟିର ସ୍ୱଳ୍ପ ଜଳରେ ବଢ଼ି ଅଧିକ ଉତ୍ତାପ ଓ ସୂର୍ଯ୍ୟତାପରେ ଝାଉଁଳିଲେ ମଧ୍ୟ ବର୍ଷାକୁ ଅପେକ୍ଷାକରି ବଞ୍ଚିରହନ୍ତି । ମୌସୁମୀ ବର୍ଷା ହେଲେ ଶୀଘ୍ର ବଢ଼ି ଜଟିଳ ଶ୍ୱେତସାର ଅର୍ଥାତ୍ ତନ୍ତୁଜାତୀୟ ପଦାର୍ଥ ସୃଷ୍ଟି କରନ୍ତି । କେତେକ ଶାଗଜାତୀୟ ପରିବା ଯଥା ଖଡ଼ା, ଲେଉଟିଆ, କଳମ୍ବ, ପୋଇ ଆଦି ଅଧିକ ଉତ୍ତାପ ସହନୀୟ, କିନ୍ତୁ ପାଣି ପାଇଲେ ଦ୍ରୁତ ବେଗରେ ବଢ଼ନ୍ତି ।

ଆଷାଢ଼, ଶ୍ରାବଣ ଓ ଭାଦ୍ରବ ମାସ ବର୍ଷାଋତୁ । ଏହି ଋତୁରେ ସ୍ୱାଭାବିକ ବର୍ଷା ୧୪୦୦ରୁ ୧୫୦୦ ମିଲିମିଟର ମଧ୍ୟରେ ହୋଇଥାଏ । ଜଳବାୟୁ ପରିବର୍ତ୍ତନ ଘଟିଲେ କେତେକ ସମୟରେ ସ୍ୱଳ୍ପ ବର୍ଷା ହୋଇ ମରୁଡ଼ି ଆସେ ତ କେତେକ ସମୟରେ ମାତ୍ରାଧିକ ବର୍ଷାହୋଇ ବନ୍ୟା ଆସେ । ଏହାଦ୍ୱାରା ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ । ଫସଲକୁ ମରୁଡ଼ିରୁ ରକ୍ଷା ପାଇଁ ଡିପ ଜମିରେ ସ୍ୱଳ୍ପ ଦିନର ମୁଗ, ବିରି, ହରଡ଼ ଆଦି ଚାଷ କରିବା ଆବଶ୍ୟକ । ମଧ୍ୟମ ଓ ଖାଲ କିସମ ଜମିରେ ବର୍ଷାପାଣି ଜମୁଥିବାରୁ ଧାନ ମୁଖ୍ୟ ଫସଲ । ମଧ୍ୟମ କିସମ ଜମିରେ ସମୟେ ସମୟେ



ମରୁଡ଼ି ବାଧେ । ମରୁଡ଼ି ତଥା ସ୍ୱଳ୍ପ ବର୍ଷାରେ ହୋଇପାରୁଥିବା ଧାନ ଯଥା ପାରିଜାତ, ପଥରା, ସହଭାଗୀ, ଖଣ୍ଡଗିରି, ଉଦୟଗିରି ଓ ବାଣେଶ୍ୱରୀ କିସମ ବାଛିବା ଭଲ। ସ୍ୱାଭାବିକ ବର୍ଷାର ପୂର୍ବାନୁମାନ ଥିଲେ ଅଧିକ ଅମଳକ୍ଷମ ଧାନ ଲଳାଟ, କୋଣାର୍କ, କାଞ୍ଚନ, ଗଜପତି, ସୁରେନ୍ଦ୍ର ଆଦି ୧୩୫ରୁ ୧୪୫ ଦିନର ଧାନ ଚାଷ କରାଯାଇପାରେ । ସ୍ୱାଭାବିକ ବର୍ଷାଠାରୁ ଅଧିକ ବର୍ଷା ହେଲେ ମଧ୍ୟମ ଖାଲ ଜମିରେ ସୋନାମଣି, ପୂଜା, ପଦ୍ମିନୀ, ତୁଳସୀ ଆଦି ୧୪୫ରୁ ୧୬୦ ଦିନର ଧାନ ବାଛିବା ଆବଶ୍ୟକ । ପାଣିପାଗ ପ୍ରବାହରୁ ପ୍ରବଳ ବର୍ଷା ସହ ବନ୍ୟା ଆଶଙ୍କା ଥିଲେ ବନ୍ୟା ସହନୀୟ ଧାନ ଜଳଧି, ପଙ୍କଜ, ଗାୟତ୍ରୀ, ସାବିତ୍ରୀ, ଏଫ୍‌ଆର୍ ୨୬ ବି ଧାନ ଚାଷ କରିବା ଭଲ ।

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ସହ ବାତ୍ୟା ଏକ ସାଧାରଣ ଘଟଣା। ଏହାଦ୍ୱାରା ବହୁ ଧନ ଜୀବନ ନଷ୍ଟ ହୁଏ। ପାଣିପାଗ ସୂଚନାରୁ ବାତ୍ୟା ହେବାର ସୂଚନା ଥିଲେ ଗୃହପାଳିତ ପ୍ରାଣୀ ଏବଂ ଅମଳ ଫସଲ ଆଦିକୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଜରୁରୀ । ପାଣିପାଗର ପରିବର୍ତ୍ତନ ଯୋଗୁ ଗ୍ରୀଷ୍ମଋତୁରେ ସମୟେ ସମୟେ ଆକାଶରେ ଘନୀଭୂତ ବାଦଲ ଶୀତଳ ହେଲେ କୁଆପଥର ବୃଷ୍ଟି ହୁଏ । କୁଆପଥର ବୃଷ୍ଟି ପରିବା ଏବଂ ଆମ୍ବ ଫସଲ ପାଇଁ କ୍ଷତିକାରକ। ଏହା ଏକ ପ୍ରାକୃତିକ ବିପଦ । ଏ ପ୍ରକାର କ୍ଷତିରୁ ରକ୍ଷାପାଇଁ ଫସଲରେ ଅଧିକ ଯବକ୍ଷାରଜାନ, ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସହ ଅଧିକ ପଟାସ ସାର ପ୍ରୟୋଗ କରିବା ଆବଶ୍ୟକ। ଘୂର୍ଣ୍ଣିବାୟୁ ବାୟୁ ପ୍ରବାହର ଅନ୍ୟ ଏକ ରୂପ । ନିର୍ଦ୍ଦିଷ୍ଟ ଏକ ସ୍ଥାନର ବାୟୁ ମାତ୍ରାଧିକ ଉତ୍ତପ୍ତ ହେଲେ ସେ ସ୍ଥାନର ବାୟୁ ଘୂର୍ଣ୍ଣିତ ଅବସ୍ଥାରେ ବାୟୁମଣ୍ଡଳକୁ ଉଠେ। ସେହି ସ୍ଥାନରେ ଥିବା ସାଇତା ଫସଲ ସ୍ଥାନାନ୍ତରିତ ହୋଇ ନଷ୍ଟ ହୁଏ। ଏ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ଶସ୍ୟକୁ ଖୋଲାସ୍ଥାନରେ ନ ରଖି ଛାତ ଥିବା ଖଳାରେ ରଖିବା ଆବଶ୍ୟକ ।



କାର୍ତ୍ତିକ, ମାର୍ଗଶିର ଓ ପୌଷ ମାସ ଶୀତଋତୁ । ଏହି ସମୟରେ ସର୍ବନିମ୍ନ ଉତ୍ତାପ ୮ ଡିଗ୍ରୀରୁ ୧୫ ଡିଗ୍ରୀ ଏବଂ ସର୍ବାଧିକ ୨୦ ଡିଗ୍ରୀରୁ ୨୪ ଡିଗ୍ରୀ ମଧ୍ୟରେ ରହିବା କଥା । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଶୀତଋତୁରେ ସର୍ବନିମ୍ନ ଏବଂ ସର୍ବୋଚ୍ଚ ଉତ୍ତାପ ଯଥାକ୍ରମେ ୧୫ଡିଗ୍ରୀ ଏବଂ ୩୦ଡିଗ୍ରୀ ମଧ୍ୟରେ ରହୁଛି । ଏ ପ୍ରକାର ପରିବର୍ତ୍ତନ କେବଳ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପର ବୃଦ୍ଧି ଯୋଗୁ ହେଉଛି। ଏଥିପାଇଁ ଶୀତଦିନିଆ ଫସଲର ଅମଳ କମୁଛି । ଏଭଳିସ୍ଥିତିରେ ଶୀତଋତୁରେ ଅଧିକ ଉତ୍ତାପ ସହୁଥିବା ପରିବା ଫସଲ ବର୍ତ୍ତମାନ ବାହାରିଲାଣି । ଫୁଲକୋବି ପାଇଁ ଅମରାବତୀ, ସ୍ନୋବଲ ଓ କୋଏମ୍ବାରୁ-୧ କିସମ, ବନ୍ଧାକୋବି ପାଇଁ ପ୍ରାଇଡ୍ ଅଫ୍ ଇଣ୍ଡିଆ, ପୁଷାଡ୍ରମ୍ ହେଡ୍ ବାଛିବା ଦରକାର। ବିଲାତି ବାଇଗଣ ପାଇଁ ଉତ୍କଳ ପଲ୍ଲବୀ, ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ ଭଲ । ବିନ୍ କିସମ କଣ୍ଟେଣ୍ଡର ଓ ଫୁଲବାଣୀ ସ୍ଥାନୀୟ କମ୍ ଶୀତ ସହିପାରେ। ମୂଳା ମଧ୍ୟରେ ପୁଷା ଚେ଼ତକୀ ଓ ପୁଷା ହେମାନୀ କମ୍ ଶୀତରେ ଭଲ ହୁଏ । କୁଫ୍ରି ସୁନ୍ଦରୀ ଆଳୁ କମ୍ ଶୀତରେ ଭଲ ବଢେ ।

ଆଧୁନିକ ଯୁଗରେ ଜଳବାୟୁ ପରିବର୍ତ୍ତନ ମନୁଷ୍ୟକୃତ । ଏହାକୁ ରୋକିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି, ଉଜୁଡ଼ା ଜଙ୍ଗଲର ଉଦ୍ଧାର, ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ, ବାଡ଼ି ବଗିଚାକୁ ବୃକ୍ଷ ଦ୍ୱାରା ସବୁଜିମା କରିବା ଆବଶ୍ୟକ। ଜଙ୍ଗଲ ପୋଡ଼ି ନିଷେଧ ଆଇନକୁ ସମସ୍ତେ ମାନିବା ଜରୁରୀ । ଏହାଛଡା କଳକାରଖାନାକୁ ଧୂମହୀନ କରିବା ସହ କୋଇଲା ପୋଡ଼ିକୁ ନିଷେଧ କରାଯିବା ଦରକାର । ଯାନବାହନ ବ୍ୟବହାରରୁ ନିର୍ଗତ ଧୂଆଁକୁ ରୋକିବା ପାଇଁ ଇ-ଯାନକୁ ବହୁଳ ଭାବେ ବ୍ୟବହାର କରିବା ଆବଶ୍ୟକ ।

-ଶୈଳଶ୍ରୀବିହାର, ଭୁବନେଶ୍ୱର

## କୃଷିଜୀବୀ ମହିଳା ଓ ଖାଦ୍ୟ ପ୍ରକ୍ରିୟାକରଣ

(ଶେଷ ଭାଗ)

ଆମେ କୃଷିଜାତ ଫସଲ ଉତ୍ପାଦନରେ ଅଗ୍ରଣୀ ହେଲେ ମଧ୍ୟ ଅମଳ ପରବର୍ତ୍ତୀ ରକ୍ଷଣାବେକ୍ଷଣ, ପରିଚାଳନା ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରିପାରୁନାହୁଁ। ସେଥିପାଇଁ ଚାଷୀଭାଇ ଫସଲର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଫସଲରୁ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। କୃଷିଜୀବୀ ମହିଳାମାନେ ଯଦି ଫସଲ ଉତ୍ପାଦନ ହେଉଥିବା ନିକଟବର୍ତ୍ତୀ ସ୍ଥାନରେ ପ୍ରକ୍ରିୟାକରଣ କରନ୍ତି, ତେବେ ସେମାନେ ଅଧିକ ଲାଭାନ୍ୱିତ ହୋଇପାରିବେ, କାରଣ କଞ୍ଚାମାଲର ମୂଳ ଦାମ କମ୍ ଥାଏ ଏବଂ ଯାତାୟାତଜନିତ ଖର୍ଚ୍ଚ ମଧ୍ୟ ପଡ଼େନାହିଁ। ହିସାବକରି ଦେଖାଯାଇଛି, ଅତି କମ୍ ପୁଞ୍ଜି ବିନିଯୋଗରେ କେବଳ ପ୍ରାଥମିକ ସ୍ତରରେ ପ୍ରକ୍ରିୟାକରଣ ଦ୍ୱାରା ମଧ୍ୟ କୃଷିଜାତ ଦ୍ରବ୍ୟର ସଂରକ୍ଷଣ କ୍ଷମତା ଅଳ୍ପ ବଢ଼ିଯାଇଥାଏ। ତେଣୁ ଉପଯୁକ୍ତ ଦରରେ ବିକ୍ରିପାଇଁ କିଛି ଅଧିକ ସମୟ ମିଳିଥାଏ ଏବଂ ତାହାର ମୂଲ୍ୟବୃଦ୍ଧି ଘଟିଥାଏ । ଏଥିଲାଗି କେବଳ ଗୋଟିଏ ସଫା ଓ ଶ୍ରେଣୀକରଣ ଯନ୍ତ୍ର, ଓଜନ ମାପ କରିବା ଯନ୍ତ୍ର ଓ ପ୍ୟାକିଂ ପରେ ସିଲ୍ କରିବା ଯନ୍ତ୍ରର ଆବଶ୍ୟକତା ଥାଏ । ଏଥିରେ ଗୋଟା ଶସ୍ୟକୁ ସଫାକରି କାଠି, କୁଟା, ମାଟି ଓ ବାଲି ଇତ୍ୟାଦି ବାହାର କରିଦିଆଯାଏ । ତା'ପରେ ଶ୍ରେଣୀକରଣ ଯନ୍ତ୍ରରେ ପୃଥକ୍ ପରେ ପ୍ୟାକିଂ କରି ବିକ୍ରି କରାଯାଇପାରିବ। ଏହାବ୍ୟତୀତ ବିଭିନ୍ନ ମୂଲ୍ୟବର୍ଦ୍ଧକ ଖାଦ୍ୟ ପ୍ରସ୍ତୁତି ମଧ୍ୟ କୃଷିଜୀବୀ ମହିଳାମାନେ ଏକକ ବା ଦଳଗତ ଭାବରେ କୁଟୀରଶିଳ୍ପ ମାଧ୍ୟମରେ କରିପାରିବେ । ଏଥିପାଇଁ ଅବଶ୍ୟ ସେମାନଙ୍କୁ ଉପଯୁକ୍ତ ପ୍ରକ୍ରିୟାକରଣ ବ୍ୟବସ୍ଥା, ସଂରକ୍ଷଣ, ବଜାର ସୂଚନା ଓ ନିୟମ କାନୁନ ବାବଦରେ ଜ୍ଞାନ ଆହରଣ କରିବାକୁ ହେବ।

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ କୃଷିଜୀବୀ ମହିଳାମାନେ ଖାଦ୍ୟ ପ୍ରକ୍ରିୟାକରଣକୁ ନିଜର ଆତ୍ମନିଯୁକ୍ତି ପନ୍ଥାଭାବରେ ଗ୍ରହଣ କରିପାରିବେ। କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ ପ୍ରକ୍ରିୟାକରଣ ପାଇଁ ଉଦ୍ଦିଷ୍ଟ କିସମ ଚାଷ କଲେ ଉତ୍ପାଦ ପ୍ରସ୍ତୁତି ସହଜ ହୁଏ ଏବଂ ଏହାର ଗୁଣାତ୍ମକ ମାନ ବଜାୟ ରହିପାରେ। ଏସବୁ ଉଦ୍ୟୋଗର ସଫଳତା ପାଇଁ ଖାଦ୍ୟ ଓ ପ୍ୟାକିଂର ମାନ ନିର୍ଭର କରୁଥିବାରୁ ସେମାନେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ମାନାଙ୍କ ଓ ନିୟମାବଳୀ ସମ୍ବନ୍ଧରେ ସେମାନେ ଅବଗତ ରହିବା ବାଞ୍ଛନୀୟ।

ସରକାରୀ ସ୍ତରରେ ଭାରତ ଓ ରାଜ୍ୟ ସରକାରଙ୍କ କୃଷି ବିଭାଗ, ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ, ଶିଳ୍ପ ବିଭାଗ ଓ ଜାତୀୟ ଉଦ୍ୟାନ କୃଷି ମିଶନ ତରଫରୁ ଯନ୍ତ୍ରପାତି ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ ପ୍ରୋତ୍ସାହନର ବ୍ୟବସ୍ଥା ଅଛି। ବିଭିନ୍ନ ଅନୁଷ୍ଠାନରେ ମାଗଣା ତାଲିମ ପାଇଁ ସରକାର ବିଭିନ୍ନ ପ୍ରକଳ୍ପ ଓ ଯୋଜନା ଚାଲୁ ରଖିଛନ୍ତି । ଗ୍ରାମାଞ୍ଚଳ ଓ କୃଷିଜୀବୀ ମହିଳାଙ୍କ ପାଇଁ କିଛି ସ୍ୱତନ୍ତ୍ର ଯୋଜନା ମଧ୍ୟ ରହିଛି। ଏସବୁ ଜ୍ଞାନକୌଶଳ ବହୁତ ସହଜ ଓ ସରଳ । ଏଥିପାଇଁ ବିଶେଷ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ। ସାଧାରଣ କିଛିଦିନର ତାଲିମ ଦ୍ୱାରା ସେମାନେ ଏହି ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ନିଜେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ମଧ୍ୟ କରିପାରିବେ। ସବିଶେଷ ବୈଷୟିକ ଜ୍ଞାନ ପାଇଁ ସେମାନେ ଓୟୁଏଟି ନଚେତ୍ ନିକଟସ୍ଥ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ କିମ୍ବା ସହକାରୀ କୃଷି ଇଞ୍ଜିନିୟରଙ୍କ ସାହାଯ୍ୟ ନେଇପାରିବେ।



-ଡ. କଳ୍ପନା ରାୟଗୁରୁ
ପ୍ରଫେସର,ସିଏଇଟି, ଓୟୁଏଟି
ମୋ : ୭୭୩୫୧୮୭୫୭୮

## ପ୍ରାଣୀଙ୍କ ଯତ୍ନ



ଏବେ ତ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତେଣୁ ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ପ୍ରାଣୀଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ଚଳିତ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ଚଳିତ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଭେଣ୍ଡିଚାଷ ସମୟରେ...

ଭେଣ୍ଡିଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ। ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪।



ଧରିତ୍ରୀ
DHARITRI



## ‘ତିଳକ ବର୍ମା ସବୁ ଫର୍ମାଟ ପାଇଁ ଫିଟ୍’



**ମୁମ୍ବାଇ, ୧୭।୫ (ପି.ଟି.):** ଯୁବ କ୍ରିକେଟର ତିଳକ ବର୍ମା ଭାରତ ପାଇଁ ସମସ୍ତ ଫର୍ମାଟର ବ୍ୟାଟର ହୋଇପାରନ୍ତି ବୋଲି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଦେଇଥିବା ମତକୁ ପୂର୍ବତନ ଭାରତ ଅଧିନାୟକ ସୁନୀଲ ଗାଭାସ୍କର ସମର୍ଥନ କରିଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଯେଉଁ କେତେଜଣ ନୂଆ ଖେଳାଳି ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ସେମାନଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ତିଳକ ବର୍ମା ହେଉଛନ୍ତି ଅନ୍ୟତମ। ଆଇପିଏଲ୍‌ର ଏହି ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ଏକମାତ୍ର ତିଳକଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। ସେ ୧୨ଟି ମ୍ୟାଚରେ ୩୬୮ ରନ ସଂଗ୍ରହ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ତାଙ୍କ ବ୍ୟାଟିଂ ଖୁବ୍ ଚମତ୍କାର ଥିଲା। ଯେତେବେଳେ ତାଙ୍କ ଦଳ ଚାପରେ ରହିଥିଲା ସେତେବେଳେ ସେ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିଲେ। ଆରମ୍ଭରୁ ସିଙ୍ଗଲ ଓ ଡବଲ ରନ୍ ନେଇ ସେ ଯେପରି ଦଳର ସ୍କୋରକୁ ଆଗେଇ ନେଲେ ତାହା ବେଶ୍ ପ୍ରଭାବୀ ଥିଲା ବୋଲି ଗାଭାସ୍କର ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସେ ବିଭିନ୍ନ ପ୍ରକାର ଶଟ୍ ଖେଳି ଯେପରି ଷ୍ଟ୍ରାଇକ୍ ରୋଟେଟ୍ କରିଥିଲେ ତାହା ଦର୍ଶନୀୟ ଥିଲା। ଖରାପ ସ୍ଥିତିରେ ଦଳର ଭାର କାନ୍ଧରେ ନେବା ଦକ୍ଷତା ଏହି ଖେଳାଳିଙ୍କ ନିକଟରେ ରହିଥିବା ଦେଖିବାକୁ ମିଳିଛି ବୋଲି ଏହି କିମ୍ବଦନ୍ତୀ ଓପନର କହିଛନ୍ତି।

# ହାଇଦ୍ରାବାଦର ରୋମାଞ୍ଚକ ବିଜୟ

**ମୁମ୍ବାଇ,୧୭।୫**

ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ୩ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ଲଗାତର ୫ ପରାଜୟ ପରେ ମିଳିଥିବା ଏହି ବିଜୟ ଦ୍ୱାରା ହାଇଦ୍ରାବାଦ୍ ତା’ର ପ୍ଲେଅଫ୍ ଆଶାକୁ ଉଜ୍ଜୀବିତ କରିଛି। ୧୯୪ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**କୋଲକାତା ନାଇଟ ରାଇଡର୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ପିଛା କରୁଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ୯୫ ରନ୍‌ର ଭଲ ଆରମ୍ଭ ଦେଇଥିଲେ ଅଧିନାୟକ ରୋହିତ ଶର୍ମା (୪୮ ରନ୍, ୨ ଚୌକା ଓ ୩ ଛକା) ଓ ଇଶାନ କିଷନ (୪୩ ରନ୍, ୫ ଚୌକା ଓ ୧ ଛକା)। ମାତ୍ର ତିଲକ ବର୍ମା (୮) ଓ ତ୍ରିସ୍ତାନ ଷ୍ଟବ୍ସ (୨) ବିଫଳ ହେବାରୁ ମୁମ୍ବାଇ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରାହୁଲ ତ୍ରିପାଠୀ (୭୬)।

ଦିଗହରା ହୋଇଯାଇଥିଲା। ଶେଷ ଆଡ଼କୁ ଟିମ୍ ଡେଭିଡ୍ ୧୮ତମ ଓଭରରେ ଟି. ନଟରାଜନଙ୍କ ପ୍ରଥମ ୫ ବଲରେ ୪ ଛକା ଲଗାଇ ପ୍ରାୟତଃ ମ୍ୟାଚ୍ ଛଡ଼ାଇ ଆଣିଥିଲେ। କିନ୍ତୁ ସେ ଅନ୍ତିମ ବଲରେ ରନ୍ ଆଉଟ୍ ହୋଇଯାଇଥିଲା। ରମଣଦୀପ୍ ସିଂଙ୍କ ୧୫ ରନ୍ ଇନିଂସ୍ ସତ୍ତ୍ୱେ ମୁମ୍ବାଇ ବିଜୟ ଲକ୍ଷ୍ୟଠୁ ୪ ରନ୍ ଦୂରରେ ରହିଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦକୁ ପ୍ରିୟମ ଗର୍ଗ ଓ ରାହୁଲ ତ୍ରିପାଠୀ ଭଲ ଆରମ୍ଭ ଦେଇଥିଲେ। ଗର୍ଗ (୪୨ ରନ୍, ୪ ଚୌକା ଓ ୨ ଛକା) ଆଉଟ୍ ହେବା ପରେ ରାହୁଲଙ୍କ ସହ ଯୋଗଦେଇଥିଲେ ନିକୋଲାସ ପୁରନ(୩୮ ରନ୍, ୨ ଚୌକା ଓ ୩ ଛକା)। ଦୁଇ ବ୍ୟାଟର ୩ୟ ଉଇକେଟରେ ୭୬ ରନ୍ ଯୋଗ କରିଥିଲେ। ମାତ୍ର ୩ ରନ୍‌ରେ ୩ଟି ଉଇକେଟ ପଡ଼ିଯିବାରୁ ହାଇଦ୍ରାବାଦ୍ ୨୦୦ ଅତିକ୍ରମ କରିପାରି ନ ଥିଲା। ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ୧୯୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ତ୍ରିପାଠୀ ୪୪ ବଲରେ ୭୬ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ମୁମ୍ବାଇ ପକ୍ଷରୁ ବୋଲିଂରେ ରମଣଦୀପ ସିଂ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୯୩/୬(ତ୍ରିପାଠୀ-୭୬, ପ୍ରିୟମ-୪୨, ପୁରନ-୩୮, ରମଣଦୀପ-୩/୨୦)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୦/୭(ରୋହିତ-୪୮, ଡେଭିଡ୍-୪୬, କିଷନ-୪୩, ଉମ୍ରାନ-୩/୨୩)।

## ଆରସିବି ହଲ୍ ଅଫ୍ ଫେମ୍‌ରେ ଡି’ଭିଲର୍ସ, ଗେଲ୍

**ମୁମ୍ବାଇ, ୧୭।୫ (ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ହଲ୍ ଅଫ୍ ଫେମ୍ ତାଲିକାରେ ପ୍ରଥମ ଦୁଇ ଖେଳାଳି ଭାବେ କିମ୍ବଦନ୍ତୀ କ୍ରିକେଟର କ୍ରିସ୍ ଗେଲ୍ ଓ ଏବି ଡି’ଭିଲର୍ସଙ୍କ ନାମ ସାମିଲ କରାଯାଇଛି। ଆରସିବିର ପୂର୍ବତନ ଅଧିନାୟକ ବିରାଟ କୋହଲି ତାଙ୍କର ଦୁଇ ପ୍ରିୟ ସାଥୀ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକାର ମହାନ୍ ଖେଳାଳି ଡି’ଭିଲର୍ସ ୨୦୧୧ରୁ ୨୦୨୧ ପର୍ଯ୍ୟନ୍ତ ଆରସିବିର ଜଣେ ପ୍ରମୁଖ ଖେଳାଳି ରହିଆସିଥିଲେ। ବାମହାତୀ ବିସ୍ଫୋରକ ବ୍ୟାଟର ଗେଲ୍ ଫ୍ରାଞ୍ଚାଇଜ୍ ସହ ୭ବର୍ଷ ଧରି ସଂଶ୍ଳିଷ୍ଟ ଥିଲେ। ଡି’ଭିଲର୍ସଙ୍କ ଅଭିନବ ଶୈଳୀ କ୍ରିକେଟ ଖେଳରେ ପରିବର୍ତ୍ତନ ଆଣିଛି ବୋଲି କୋହଲି ଫ୍ରାଞ୍ଚାଇଜ୍ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୩ | ୧୦ | ୩ | ୨୦ | +୦.୩୯୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୧୬ | +୦.୩୦୪ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୩ | ୮ | ୫ | ୧୬ | +୦.୨୬୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୨୫୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | -୦.୩୨୩ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | -୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୬ | ୭ | ୧୨ | -୦.୨୩୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୪ | ୯ | ୮ | +୦.୨୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୩ | ୧୦ | ୬ | -୦.୫୭୭ |







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

ନିମାପଡ଼ା,୧୭।୫(ଡି.ଏନ୍.ଏ.): କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ନିମାପଡ଼ା ପୋଲିସ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଦାଶରଥି ବେହେରା (୪୧)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୧/୨୨) ରୁଜୁକରି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଚଉଁରପଦା ଛକ ନିକଟରେ ଶନିବାର ଚଉଁରପଦା ଗ୍ରାମର ଶଶୀ ଦାସଙ୍କୁ ଏକ କାର ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତାକଡକୁ ଖସିପଡିଥିଲା। ସ୍ଥାନୀୟ ଲୋକେ ଶଶୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଶଶୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମୃତାଙ୍କ ସ୍ୱାମୀ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ହୋଇଥିବା ଦର୍ଶାଇ ଥାନାରେ ଅଭିଯୋଗ କରିଥିଲେ। ତେବେ କାରଟି ନିମାପଡ଼ା ଅଞ୍ଚଳର ହୋଇଥିବା ଜଣାପଡିଛି।

### ଶିକ୍ଷାବିତ୍ ଶରତ ମାନସିଂହଙ୍କ ପରଲୋକ

ବାଣପୁର,୧୭।୫(ଡି.ଏନ୍.ଏ.): ଚିଲିକା ନିର୍ବାଚନମଣ୍ଡଳୀର ବିଶିଷ୍ଟ ରାଜନେତା ତଥା ଶିକ୍ଷାବିତ୍ ଶରତ ମାନସିଂହ(୭୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମାନସିଂହ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାନସିଂହ ୫ବର୍ଷ ଶିକ୍ଷକତା କରିବା ପରେ ଚାକିରୀ ଛାଡି ଆଧାତ୍ମିକ ଉନ୍ନତି ପାଇଁ ସାଧନା କରିଥିଲେ। ପରେ ମାନସିଂହ ଅଖିଳ ଭାରତୀୟ ଫରୱାର୍ଡ ବ୍ଲକ ରାଜନୈତିକ ଦଳରେ ଯୋଗଦେଇ ଚିଲିକା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାନସିଂହଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନ ପୁଅ ମୁଖାଗ୍ନି ଦେଇଥିଲେ।

# ଏଥର ଭକ୍ତଙ୍କ ଗହଣରେ ରଥଯାତ୍ରା

ଖୋର୍ଦ୍ଧା ଅଫିସ, ୧୭।୫

ଖୋର୍ଦ୍ଧା ଉପକଣ୍ଠ ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା ଚଳିତବର୍ଷ ଭକ୍ତଙ୍କ ଗହଣରେ ଆୟୋଜନ ଲାଗି ପ୍ରସ୍ତୁତି ଜାରି ରହିଛି। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି ଭକ୍ତଙ୍କ ବିନା କେବଳ ନୀତିକାନ୍ତିରେ ରଥଯାତ୍ରା ସୀମିତ ରହିଥିଲା। ତେବେ ଚଳିତବର୍ଷ ରଥଯାତ୍ରାରେ ଭକ୍ତଙ୍କୁ ସାମିଲ କରାଯିବା ନିଷ୍ପତ୍ତି ପରେ ସମସ୍ତଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ପ୍ରକାଶ ପାଇଛି। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଲାଗି ଧଉରା କାଠ ପାରମ୍ପରିକ ବିଧିରେ ଅନୁକୂଳ କରାଯାଇଥିଲା। ସ୍ନାନ ପୂର୍ଣ୍ଣିମୀ ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ମୁଖ୍ୟ ପୂଜକ ମହନ୍ତ କମଳକାନ୍ତ ମହାରାଜ ସୂଚନା ଦେଇଛନ୍ତି। ଏହି ମନ୍ଦିରର ସ୍ୱତନ୍ତ୍ରତା ହେଉଛି ଏଠାରେ ପୂର୍ଣ୍ଣବିଗ୍ରହ ଠାକୁର ଶ୍ରୀଅନନ୍ତ ପୁରୁଷୋତ୍ତମ ପୂଜା ପାଉଛନ୍ତି। କିଛିଦିନ ତଳେ ଗ୍ରାମ୍ୟ କମିଟି ବୈଠକ ବସି ବିଭିନ୍ନ ଯୋଜନା ରୂପରେଖ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ସହ ରଥଯାତ୍ରା ସମ୍ପର୍କରେ ମନ୍ଦିର କମିଟି ଆଲୋଚନା କରିବ। ରଥଯାତ୍ରା ଲାଗି ପ୍ରସ୍ତୁତି ଚାଲିଥିବା ମନ୍ଦିର କମିଟି ସମ୍ପାଦକ ବୀରେନ ଛୋଟରାୟ କହିଛନ୍ତି।



ଜାଗୁଳାଇପାଟଣାରେ ପୂଜା ପାଉଥିବା ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମ।

ଚକା ଉପରେ ବିଜେ ପୂର୍ଣ୍ଣ ବିଗ୍ରହ: ଖୋର୍ଦ୍ଧାଠାରୁ ୫କିମି ଦୂର ଜାଗୁଳିପାଟଣା ଗ୍ରାମରେ ଶ୍ରୀଅନନ୍ତ ପୁରୁଷୋତ୍ତମ ମନ୍ଦିର ରହିଛି। ଏଠାରେ ଶ୍ରୀସୁଦର୍ଶନଙ୍କ ସହ ତିନି ଠାକୁରଙ୍କ ପୂର୍ଣ୍ଣ ବିଗ୍ରହ (ହାତଗୋଡ଼ ଥାଇ) ପୂଜା ପାଉଛନ୍ତି। ଠାକୁର ଚକା ଉପରେ ବିଜେ କରିଛନ୍ତି। ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ଶ୍ରୀଚୈତନ୍ୟ, ଶ୍ରୀରଘୁନାଥ, ଶ୍ରୀଗଣେଶ, ଶ୍ରୀହନୁମାନ, ଶ୍ରୀଭୈରଭେଶ୍ୱର, ରଘୁବୀର ଦାସ ମହାରାଜଙ୍କ ସମାଧି ପୀଠ ପ୍ରଭୃତି ରହିଛି। ୧୯୮୦ ମସିହାରୁ ଏଠାରେ ଘୋଷଯାତ୍ରା ଆୟୋଜନ ହୋଇ ଆସୁଛି। ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ବିଜେ କରି ଗୁଣ୍ଡିଚା ମନ୍ଦିର ଯାଆନ୍ତି। ୧୯୮୨ରୁ ଏଣ୍ଡାଉମେଣ୍ଟ ଅଧୀନରେ ରହିଛି। ମନ୍ଦିର ପରିଚାଳନା ପାଇଁ ଗଠିତ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଖୋର୍ଦ୍ଧା ଉପଜିଲାପାଳ ରହିଛନ୍ତି।

ଐତିହ୍ୟ କହେ: ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ମତରେ ଗଜପତି ୨ୟ ଦିବ୍ୟସିଂହ ଦେବଙ୍କୁ ବ୍ରିଟିଶ ସରକାର ଚକ୍ରାନ୍ତ କରି କଳାପାଣି ଦଣ୍ଡାଦେଶ ଦେଇଥିଲେ। ମହାରାଜା ଦିବ୍ୟସିଂହ ଦେବ ମହାପ୍ରଭୁଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇ ଉଠିଲେ। ଦିନେ ସମୁଦ୍ର କୂଳରେ ବୁଲିବା ବେଳେ ମହାପ୍ରଭୁଙ୍କୁ ସ୍ମରଣ କରୁଥାନ୍ତି। ଏହି ସମୟରେ ତାଙ୍କ ଆଡ଼କୁ ଏକ ବଡ଼ କାଠପଟା ଭାସି ଆସୁଥିବା ଦେଖିଥିଲେ। ମହାପ୍ରଭୁଙ୍କ ନାମ ନେଇ ସେହି ପଟାକୁ ଆଶ୍ରୟ କରି ସମୁଦ୍ରରେ ଭାସି ଆସି ପୁରୀ ମହୋଦଧି କୂଳରେ ଲାଗିଥିଲେ। କୌଣସି ସୂତ୍ରରୁ ଖବର ପାଇ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ପୁଣି ବନ୍ଦୀ କରି କଟକ କାରାଗାରକୁ ପଠାଇ ଦେଇଥିଲେ। ସେଠାରେ ଦିନେ କାରାଗାର ସମସ୍ତ ଶୃଙ୍ଖଳ ଖୋଲିଯାଇଥିଲା। ଗଜପତି ସେଠାରୁ ବାହାରି ଆଗେଇ ଚାଲିଥିଲେ। ମନେ ହେଲା ଘନ ଅନ୍ଧକାର ମଧ୍ୟରେ ତାଙ୍କୁ କେହି ଜଣେ ବାଟ କଢ଼ାଇ ନେଉଛନ୍ତି। ଭୋର ସମୟରେ ଏକ ଜଙ୍ଗଲରେ ପହଞ୍ଚି ଚାଳଘରଟିଏ ଦେଖି ଥକ୍କା ମେଣ୍ଟାଉଥିଲେ। ବାବାଜୀ ରଘୁବୀର ଦାସଙ୍କର ଏହି କୁଡ଼ିଆଟି ଥିଲା। ଗଜପତି ନିଜ ନାମ ଗୋପନ ରଖି ତାଙ୍କୁ ବାବାଜୀ ଦୟାନିଧି ଦାସ ବୋଲି ପରିଚୟ ଦେଇଥିଲେ। ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଦୀର୍ଘଦିନ ରହିଗଲେ। ଦିନେ ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ଚାଲିବା ଦୃଶ୍ୟ ତାଙ୍କ ଆଗରେ ନାଚି ଉଠିଲା। ପରେ ସେ ଗୁପ୍ତରେ ପୁରୀରୁ କାରିଗର ଡକାଇ ବେରୁହାଁ ଗ୍ରାମରୁ ଦାରୁ ଆଣି ହାତଗୋଡ଼ ଥିବା ପ୍ରଭୁଙ୍କ ମୂର୍ତ୍ତି ନିର୍ମାଣ କରାଇଥିଲେ। ତାଙ୍କ ମନରେ ଥିବା ଛବି ଅନୁଯାୟୀ ମହାପ୍ରଭୁଙ୍କ ଅବିକଳ ମୂର୍ତ୍ତି ଗଢିଥିଲେ କାରିଗର। ପରେ ସ୍ୱପ୍ନାଦେଶ କ୍ରମେ କେରଳରୁ ବ୍ରାହ୍ମଣ ଆସି ପ୍ରାଣ ପ୍ରତିଷ୍ଠା କରିଥିଲେ। ଏକ ସ୍ୱତନ୍ତ୍ର କୁଡ଼ିଆ ଘରେ ଠାକୁର ପୂଜା ପାଇବାକୁ ଲାଗିଲେ। ଏହି ସ୍ଥାନଟି ଏବେ ଜାଗୁଳାଇ ପାଟଣା ଭାବେ ପ୍ରସିଦ୍ଧି ଲାଭ କରିଛି। କିଛି ବର୍ଷ ପରେ ତତ୍କାଳୀନ ଖଣ୍ଡପଡ଼ା ରାଜା ପୋଖରୀ ଖୋଳାଇ ଦେଇଥିଲେ। ମହାପ୍ରଭୁଙ୍କ ନାମରେ ବାବାଜୀଙ୍କ ଶିଷ୍ୟ ଅମୃତ ଲାଲ ବାନାର୍ଜୀ ଷୋଳ ଏକର ଜମି କିଣି ଦେଇଥିଲେ। ପରବର୍ତ୍ତୀ ସମୟରେ ଚାଳଛପର ଘରେ ପୂଜା ପାଉଥିବା ଶ୍ରୀବିଗ୍ରହ ଭବ୍ୟ ମନ୍ଦିରରେ ପୂଜା ପାଇଆସୁଛନ୍ତି।

### ଚାଲିଛି ପ୍ରସ୍ତୁତି, ଆୟୋଜନ ହେବ ବିଭିନ୍ନ କାର୍ଯ୍ୟକ୍ରମ

### ଖବରଦାତାଙ୍କୁ ଆକ୍ରମଣ କରି ସୁନାଚେନ, ଟଙ୍କା ଲୁଟ୍

ବଲଙ୍ଗା,୧୭।୫(ଡି.ଏନ୍.ଏ.)

ବଲଙ୍ଗା ଥାନା ଅଲାରପୁର ଗ୍ରାମ ଛକଠାରେ କେତେଜଣ ଦୁର୍ବୃତ୍ତ ଖବରଦାତା ରାକେଶ ରୋଶନ ମହାନ୍ତିଙ୍କୁ ଆକ୍ରମଣ କରି ସୁନାଚେନ ଓ ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାକେଶ ଓ ତାଙ୍କ ସାଙ୍ଗମାନେ ସୋମବାର ରାତିରେ ବିବାହ ଭୋଜିକୁ ଯାଇଥିବା ବେଳେ ଏକ କାରରେ ଘରକୁ ଫେରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଅଲାରପୁର ଗ୍ରାମ ନିକଟରେ ସେମାନଙ୍କୁ ମାରଣାସ୍ତ୍ର ଦେଖାଇବା ସହ ରାକେଶଙ୍କୁ କାରରୁ ଟାଣି ଆଣି ତଳେ ପକାଇ ମାଡ଼ ମାରିଥିଲେ। ପରେ ଦୁର୍ବୃତ୍ତମାନେ ରାକେଶଙ୍କ ସୁନାଚେନ ଓ ୭ହଜାର ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ରାକେଶ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗ୍ରାମର ସନ୍ଧ୍ୟାରାଣୀ ସାହୁ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ପୃଥକ ଭାବେ ଦୁଇଟି ମାମଲା (ନଂ.୯୩/୨୨, ୯୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହରିହର ଉପାସନାର ଆଦର୍ଶ ଉଦାହରଣ ଶ୍ରୀକ୍ଷେତ୍ର

ପୁରୀ ଅଫିସ, ୧୭।୫:

ଶ୍ରୀଧାମ ଜ୍ୟୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଏବଂ ଉତ୍କଳ ବିଦ୍ୱତ୍ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର 'ଓଡ଼ିଶାରେ ହରିହର ଉପାସନା ଓ ଶ୍ରୀ ଲୋକନାଥ' ଶୀର୍ଷକ ଆଲୋଚନାଚକ୍ର ଲୋକନାଥରୋଡସ୍ଥିତ ଥାନପତି ଆଶ୍ରମର ତିରୁପତି ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଗବେଷକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହରିହର ଉପାସନା ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ନେବଳଦାସ ମଠର ମହନ୍ତ ଡ. ରାମ ଚରଣ ଦାସ ମହାରାଜ ଏବଂ ମୁଖ୍ୟବକ୍ତା ଭାବେ ଶଙ୍କର୍ଷଣ ମଙ୍ଗରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିରେ ହରିହର ଅଭେଦ। ଏମାନଙ୍କ ମିଳିତ ଉପାସନା ଭାରତରେ ଉଦାହରଣ ପାଲଟିଛି।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଶ୍ରୀକ୍ଷେତ୍ରରେ ପଞ୍ଚମହାଦେବଙ୍କ ସମ୍ପୃକ୍ତି ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପର୍ବପର୍ବାଣି ଓ ରୀତିନୀତିରେ ପରିଲକ୍ଷିତ ହୁଏ। ତେଣୁ ଶ୍ରୀକ୍ଷେତ୍ର ହିଁ ହରିହର ଉପାସନାର ଆଦର୍ଶ ଉଦାହରଣ ବୋଲି ଅତିଥି ଦ୍ୱୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀରାଧା ଜ୍ୟୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ପଣ୍ଡିତ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ ପାଳନ ହେଉଥିବା ଶମ୍ଭୁ ଏକାଦଶୀକୁ ପୁନଃ ପ୍ରଚଳନ କରିବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡ. ଶଶିକାନ୍ତ ରଥ, ସାମାଜିକ କର୍ମୀ ଜିତେନ୍ଦ୍ର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା, ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ଦୀପ୍ତିମୟୀ ମିଶ୍ର, ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗା ଚରଣ ପତି ଧନ୍ୟବାଦ ଦେଇଥିଲେ।

# ଆର୍ଟ ଅଫ୍ ଗିଭିଂ ଡେ ପାଳିତ

ଯାଁଳା/ବୋଲଗଡ଼,୧୭।୫(ଡି.ଏନ୍.ଏ.):

ପିପୁଲସ ଫୋରମ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଯାଁଳାସ୍ଥିତ ଥିବା ମିଶନ ଆଶ୍ରାରେ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥିଭାବେ କିଟ୍ ଓ କିସ ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରିଥିଲେ। କିମ୍ସ ପକ୍ଷରୁ ପ୍ରତି ସପ୍ତାହରେ ଥରେ ସାଇକିଆଟ୍ରିକ ଡାକ୍ତରମାନେ ଏଠାରେ ରହୁଥିବା ଅନ୍ତେବାସୀଙ୍କ ଚିକିତ୍ସା କରିବେ। ସମାଜସେବୀ ମୀରା ପରିଡା, ସାଧନା ଶତପଥୀଙ୍କ ସମେତ ଅରୁନ୍ଧତୀ ଗ୍ରୁପର ଏମଡି ଉପସ୍ଥିତ ଥିଲେ। ବାଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତରେ ଆର୍ଟ ଅଫ୍ ଗିଭିଂ ଡେ ପାଳିତ ହୋଇଯାଇଛି। ଶ୍ରୀତମ ପ୍ରଧାନଙ୍କ ଆବାହକତ୍ୱରେ ଓ ଫାସିଓଦା ସମିତି ସଭ୍ୟ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ, ଚାରାରୋପଣ କରାଯାଇଥିଲା। ପ୍ରିୟ ରଞ୍ଜନ ସିଂଦେଓ, ମୁକ୍ତିକାନ୍ତ ଦିବ୍ୟ ଦର୍ଶନ, ସୁଦର୍ଶନ ସାହୁ, ରୁଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ୟାସ୍ ଚୁଲାରୁ ନାଗ ଉଦ୍ଧାର

ବାରଙ୍ଗ,୧୭।୫(ଡି.ଏନ୍.ଏ.):

ଚନ୍ଦକା ଥାନା ଅନ୍ତର୍ଗତ ଭୋଳା ଗ୍ରାମର ଚନ୍ଦନ ବେହେରାଙ୍କ ଗ୍ୟାସ ଚୁଲାରେ ପଶିଥିବା ଏକ ନାଗସାପକୁ ମଙ୍ଗଳବାର ରାତିରେ ଉଦ୍ଧାର କରାଯାଇଛି। ୫ଫୁଟ ଲମ୍ବର ଏହି ନାଗ ଗ୍ୟାସ ଚୁଲାରେ ପଶି ରହିଥିବା ବେଳେ ପରିବାର ଲୋକେ ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ। ଏନେଇ ମେଣ୍ଢାଶାଳ ଗ୍ରାମର ସାପଧରାଳି ସଞ୍ଜୁକ୍ତ ପାତ୍ରଙ୍କୁ ଖବର ଦିଆଯାଇଥିଲା। ସାପଧରାଳି ପାତ୍ର ଘଟଣାସ୍ଥଳରେ ପହଞ୍ଚି ନାଗକୁ ଉଦ୍ଧାର କରି ଚନ୍ଦକା ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

A leading Sanitary Showroom requires an **Accountant and a Marketing Executive** for their Business promotion of various products at Patia Bhubaneswar.
**Interested candidates can come for walk in interview on 22.05.2022 at below address:**
**SAI SARANAM AGENCY**
**Beside Reliance Trends, Patia, Bhubaneswar**
**Contact: 9861125927, 9438729669**

**LEPRA Urgent Requires**
**Counsellor for its Targeted Interventions Project (IDU), Bhubaneswar**
Qualification & Experience: Qualified with Post-graduate in Psychology or Social Work from any recognized institution. Should have minimum 2year of experience in HIV sector or any field level health programme.
**Salary: 12000/- per Month**
**For details visit: www.leprasociety.org**
**Apply to: hrd@leprahealthinaction.in**
**Last date: 25th May 2022**

See Career Appointment on every Wednesday & Saturday

**APPOINTMENT**
Required Lady Graduate with MS Office working knowledge for a Chartered Accountant Firm in Bhubaneswar. Lodging will be provided.
Contact Tel. No.:
9078006778 / 8249377084

**JOB OPENING**
**ENCOMS PVT. LTD., BBSR**
Requires Experienced DGPS Operator, Accounts-cum-Office Clerk, Experienced Civil Engineer using Watergems Software.
**Salary Negotiable**
**encoms.odisha@gmail.com**
**Mob.: 7205987120**

**WANTED**

| Sr. No. | Post | Qualification | Sex | Salary | Nos. |
|---|---|---|---|---|---|
| 1 | OFFICE STAFF | Graduation with PGDCA, (Tally Additional) | M/F | 11,000 | 1 |
| 2 | ELECTRICIAN | ITI (1 year experience) | M | 11,000 | 2 |
| 3 | CARE TAKER | | M | 9,000 | 2 |
| 4 | SOTRE KEEPER | | M | 9,000 | 2 |

Cont. Details: KM Convention (Wedding Hall), Bhubaneswar, Send your resume by Mail, Mail ID: kmconvention1@gmail.com, Cont. No.: 9337105335 (Cont. Between 1 P.M. to 6 P.M.)

**Large industry in JAJPUR, ODISHA requires immediately**
**Security Guards (5'7")** 10th pass, 13,500/-
**Security Supervisor** 12th pass, 15,000/-
**Computer Operator** Graduate, Skilled, 15,000/-
**ASO** 20,500/- **Ex-Serviceman** 21,500/-
Industrial Experience Compulsory, Duty 12 Hours.
Provident Fund, ESIC, Bonus extra.
Accommodation free, Canteen Facility available.
Contact **RIS Group**
033-40069640, 9830448899, 8013985668



**FORM No.- 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.NO. 665/2019**
Canara Bank (E-Syndicate), Nayapalli Branch ...Applicant
Versus
M/s K.K. Imitation & Others ...Defendant(s)
To,
(1) **M/s K.K. Imitation,** Prop: Maheswar Behera, At: Kalinga Market, Shop No.: 55, Unit-1, Infront of DIG office, Bhubaneswar, Dist.: Khurda-751009.
2) **Sri Maheswar Behera,** S/o.: Karunakar Behera, At: Plot No.: 1385/86, Brahmeswar Patna, Sabati Niwas, Bhubaneswar, Dist.: Khurda-751002.
3) **Debendra Kumar Routray,** S/o.: Dinabandhu Routray, Plot No.: 78, Mahavir Nagar, Samantraypur, Bhubaneswar, Dist.: Khurda.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No.-665/2019** in the court of the Debts of Recovery Tribunal, Cuttack for recovery of **Rs.30,52,110.22** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **27th June 2022 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this **13th day of May 2022.**
Sd/- (M. K. Patnaik)
REGISTRAR



**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 416 of 2019**
**CANARA BANK, E-Syndicate Bank, Main Branch, Kalpana Square, Bhubaneswar, Dist.: Khurda.** ...Applicant
AND
M/s. Odisha Fitness & Sports and others ...Defendants
To
1. **M/s. Odisha Fitness and Sports,** Represented through its Proprietor: Mr. Kamalakanta Biswal, At: Shop No.: 1, Biraja Complex, Bomikhal, Cuttack Road, Bhubaneswar, Dist.: Khurda, Pin-751010.
2. **Mr. Kamalakanta Biswal,** S/o.: Damodar Biswal, At: Plot No.: 368/369, Mahadev Nagar, Jharpada, Bhubaneswar, Dist.: Khurda, Pin-751006.
3. **Mr. Basant Kumar Kund,** S/o.: Mr. Natabar Kund, At: Plot No.: 155, Jharpada, Bhubaneswar, District: Khurda, Pin-751030.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted a suit in **O.A. No. 416 of 2019** in the Court of Debts Recovery Tribunal at Cuttack for a recovery of **Rs.42,22,875.18** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of June 2022 at 10.30 A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **9th day of May 2022.**
Sd/- (M. K. PATNAIK)
Registrar
Debts Recovery Tribunal


# ଆତ୍ମୀୟତା, ଭାଇଚାରା ସୃଷ୍ଟି କରେ ସ୍ୱରାଜ୍ୟ ପର୍ବ

ସାକ୍ଷୀଗୋପାଳ,୧୭।୫(ସ୍ୱ.ପ୍ର):

ସ୍ୱରାଜ୍ୟ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମର ସ୍ମାରକୀ ଭାବେ ସ୍ୱରାଜ୍ୟ ଦ୍ୱିତୀୟା ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସ୍ୱଚ୍ଛ ପରିବେଶ, ଉନ୍ନତ ଶିକ୍ଷା, ନିଶା ନିବାରଣ, ଅସ୍ପୃଶ୍ୟତା ଦୂର ତଥା ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା। ଏହି ପର୍ବରେ ଆଖପାଖ ଗ୍ରାମର ଅନେକ ଲୋକ ସାମିଲ ହୋଇଥିଲେ। ସୁସଜ୍ଜିତ ମଣି ବିମାନରେ ମା' ଜୟଦୁର୍ଗା, କନକ ଦୁର୍ଗା, ସୋମନାଥ ନୀଳକଣ୍ଠେଶ୍ୱର, ରାଧାଗୋବିନ୍ଦଙ୍କୁ ବସାଇ ଗ୍ରାମରେ ଦୁଆରି ଭୋଗ କରି ପୂଜା ବନ୍ଦାପନା କରାଯାଇଥିଲା। ପରେ ସମସ୍ତ ଠାକୁର ସ୍ୱରାଜ ମଣ୍ଡପରେ ବିଜେ ହୋଇଥିଲେ। ଆଳତୀରେ ସମସ୍ତେ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ। ପରେ ସନ୍ଧ୍ୟାରେ ଠାକୁରଙ୍କୁ ବିଭିନ୍ନ ସୁସ୍ୱାଦୁ ଫଳମୂଳକୁ ପନ୍ତି ଭୋଗ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପର୍ବ ଯୋଗୁଁ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଆତ୍ମୀୟତା ବଢିଥାଏ ବୋଲି ନୂଆଗାଁ କୋଠ ସମ୍ପାଦକ ବିଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି।




**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/22-23/ E-Tender/25,ତା.10.05.2022ରିଖ
ଟେଣ୍ଡର ସଂ.e-tender-CENTKUR-54-2022 ତା.05.05.2022ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଢେଙ୍କାନାଳ (DNKL) ଠାରୁ ବୁଢ଼ାପଙ୍କ (BDPK) ପର୍ଯ୍ୟନ୍ତ ସେକ୍ସନରେ 11 ଗୋଟି ଷ୍ଟୋନ୍ ସ୍ଲାବ୍ ବ୍ରିଜ୍‌ଗୁଡ଼ିକର RCC ବାକ୍ସ ବ୍ରିଜ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 437.76 ଲକ୍ଷ, EMD (ଟଙ୍କାରେ) : 3,68,900/-
ଶେଷ ହେବା ଅବଧି : 10(ଦଶ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.05.2022 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-112/N/22-23


# ବାରବାଟୀ ମ୍ୟାଚ୍ ନେଇ ଅନିଶ୍ଚିତତା

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୧୨ତାରିଖରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ଏବଂ କଟକ ଡିସିପିଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଆସନ୍ତା ୨୬ତାରିଖ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଓଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଓଏଚ୍‌ଆର୍‌ସିଙ୍କ ନୋଟିସ ହସ୍ତଗତ ହୋଇ ନ ଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଏହା ପୂର୍ବରୁ ୨୬ରୁ ଊର୍ଦ୍ଧ୍ୱ ଅନ୍ତରାଷ୍ଟ୍ରୀୟ ମ୍ୟାଚ୍ ହୋଇସାରିଛି। ସରକାରଙ୍କ ସହଯୋଗ ଏବଂ ସମସ୍ତଙ୍କ ଅନୁମତିରେ ମ୍ୟାଚ୍ ହୁଏ ଏବଂ ଅଗ୍ନି ନିରାପତ୍ତା ନେଇ ସମସ୍ତ ସୁବିଧା କରାଯାଇଥାଏ ବୋଲି ସେ କହିଛନ୍ତି।

ଆବେଦନକାରୀ ମିଶ୍ରଙ୍କ କହିବା ଅନୁସାରେ, ୪୪ହଜାର ଦର୍ଶକ କ୍ଷମତା ବିଶିଷ୍ଟ ବାରବାଟୀ ଷ୍ଟାଡିୟମ୍‌ରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଏପରି କି ଷ୍ଟାଡିୟମ ବିଲ୍ଡିଂର ନିୟମିତ ସେଫ୍ଟି ଯାଞ୍ଚ ମଧ୍ୟ କରାଯାଉ ନାହିଁ। ରାଜ୍ୟ ଅଗ୍ନିଶମ ନିର୍ଦ୍ଦେଶାଳୟ ଅଗ୍ନି ସୁରକ୍ଷା ସମ୍ପର୍କିତ ପ୍ରମାଣପତ୍ର ଜାରି କରିଥାନ୍ତି। ହେଲେ ଷ୍ଟାଡିୟମ କର୍ତ୍ତୃପକ୍ଷ ଏହି ପ୍ରମାଣପତ୍ର ହାସଲ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଓଏଚ୍‌ଆର୍‌ସିଙ୍କ ସମେତ ସେଣ୍ଟ୍ରାଲ୍ ରେଞ୍ଜ୍ ଫାୟାର ଅଫିସରଙ୍କ ମଧ୍ୟ ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା ନିୟମ, ୨୦୧୭ ଏବଂ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା (ସଂଶୋଧିତ) ଆଇନ୍-୨୦୧୯ ଅନୁଯାୟୀ ଓସିଏ ପକ୍ଷରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବା ନେଇ ସେ ଆବେଦନ କରିଛନ୍ତି। ମିଶ୍ରଙ୍କ ଆବେଦନକୁ ଗୁରୁତ୍ୱର ସହିତ ଗ୍ରହଣ କରି କ୍ରିକେଟ୍ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଗ ପକ୍ଷରୁ କୁହାଯିବା ସହ ଆସନ୍ତା ୨୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଓସିଏ ଏବଂ କଟକ ଡିସିପିଙ୍କୁ କୁହାଯାଇଛି।


**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**Student Academic Management System**

No. RR: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୭।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | **www.samsodisha.gov.in** ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୦୫।୦୬।୨୦୨୨ରିଖ (ମଧ୍ୟରାତ୍ର ୧୨ ଘଟିକା ପର୍ଯ୍ୟନ୍ତ) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡିମିଟ୍ କାର୍ଡ଼ ଡାଉନଲୋଡ଼ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୮।୦୬।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୦।୦୬।୨୦୨୨ରିଖରୁ ତା୨୫।୦୬।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୩୦।୦୬।୨୦୨୨ରିଖ |
| ୬. | ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ। | |

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:- ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।
OIPR-03011/11/0002/2223

## ମହାବୀର ମନ୍ଦିରରୁ ଚୋରି ଉଦ୍ୟମ

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଟାଙ୍ଗୀ ଗ୍ରାମ ମହାବୀର ଛକସ୍ଥିତ ମହାବୀର ମନ୍ଦିରରୁ ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଦେଖି ବାଇକ ଛାଡି ପଳାଇଥିଲେ। ଦୁର୍ବୃତ୍ତମାନେ ମହାବୀରଙ୍କ ରୁପା ଆଖି ଓ କିରୀଟ ତାଡ଼ି ଦେଇଥିବା ଜଣାପଡିଛି। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରାଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଥାନା ଆଗରେ ଧାରଣା, ଆତ୍ମାହୁତି ଚେତାବନୀ

**ରାଉତପଡ଼ା କେସିସିବିରୁ ୧.୫୦ କୋଟି ଆତ୍ମସାତ ଘଟଣା**

■ ଟଙ୍କା ଫେରିପାଇବା, ଦୋଷୀଙ୍କୁ ଦଣ୍ଡ ଦାବି କଲେ ଜମାକାରୀ

ଖୋର୍ଦ୍ଧା ଅଫିସ,୧୭।୫

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରୁ ଜମାକାରୀଙ୍କ ୧.୫୦ କୋଟି ଟଙ୍କା ଆତ୍ମସାତ ଘଟଣାରେ ଶତାଧିକ ଜମାକାରୀ ଟଙ୍କା ଫେରିପାଇବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ବେଗୁନିଆ ଥାନା ଆଗରେ ଧାରଣା ଦେଇଥିଲେ। ଟଙ୍କା ଫେରି ନ ପାଇଲେ, ଥାନା ଆଗରେ ଆତ୍ମାହୁତି ଦେବାକୁ ସେମାନେ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ, ଟଙ୍କା ଆତ୍ମସାତ୍ ଘଟଣାରେ କେସିସିବି ମୁଖ୍ୟ ପରିଚାଳକ (ସିଇଓ) ୩କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ତେବେ ଜମାକାରୀ କିପରି ଟଙ୍କା ଫେରିପାଇବେ ସେଥିଲାଗି ପଦକ୍ଷେପ ନେଇ ନ ଥିଲେ। ଫଳରେ ଜମାକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଏବଂ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଲାଗି ସୁପାରିସ କରିଥିଲେ। ତେବେ ବିଳମ୍ବରେ ଥାନାରେ ଏତଲା ଗ୍ରହଣ ହୋଇଥିବା ବେଳେ ଏପର୍ଯ୍ୟନ୍ତ ତଦନ୍ତ ଆରମ୍ଭ ହୋଇନାହିଁ। ସେହିପରି ବ୍ୟାଙ୍କ କର୍ତ୍ତୃପକ୍ଷ, ପ୍ରଶାସନ କିମ୍ବା ପୋଲିସ କେହି ସେମାନଙ୍କୁ ନ୍ୟାୟ ଦେବାକୁ ପଦକ୍ଷେପ ନେଉନାହାନ୍ତି ବୋଲି ଜମାକାରୀମାନେ ଅଭିଯୋଗ କରିଛନ୍ତି।



ବେଗୁନିଆ ଥାନା ଆଗରେ ଜମାକାରୀମାନେ ଧାରଣାରେ ବସିଛନ୍ତି।

ରାଉତପଡ଼ା ହେଉଛି ବୁଣାକାରଙ୍କ ଗ୍ରାମ। ଲୁଗା ବୁଣିଲେ ଗ୍ରାମବାସୀଙ୍କ ପରିବାର ଚଳେ। ମୁଣ୍ଡ ଝାଳ ତୁଣ୍ଡରେ ମାରି କଷ୍ଟ ଉପାର୍ଜିତ ଧନ ସ୍ଥାନୀୟ ବ୍ୟାଙ୍କ ଶାଖାରେ ରଖିଥିଲେ। ତେବେ ଜମାକାରୀଙ୍କ ଆଖିରେ ଧୂଳି ଦେଇ ସେମାନଙ୍କ ଲକ୍ଷାଧିକ ଟଙ୍କାକୁ କର୍ମଚାରୀ ଆତ୍ମସାତ୍ କରିଦେଲେ। ଘଟଣା ଜଣାପଡ଼ିବା ପରେ ନିଜ ଉପରୁ ଦୋଷ ଖସାଇବାକୁ ଉଦ୍ୟମ ଚାଲିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଉତପଡ଼ା ଶାଖାରେ ପୂର୍ବତନ ହିସାବ ରକ୍ଷକ ବୁଦ୍ଧିରାମ ଦାସ ଦୁଇ ବର୍ଷ ତଳେ ଏହି ବ୍ୟାଙ୍କରୁ ଅବସର ନେବା ପରେ ମଧ୍ୟ କାର୍ଯ୍ୟ କରୁଥିଲେ। ସେ ଧୀରେ ଧୀରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ସେ ବ୍ୟାଙ୍କ କାର୍ଯ୍ୟରେ ଲୋକଙ୍କୁ ସହଯୋଗ କରୁଥିଲେ। ତେବେ ଗ୍ରାମବାସୀଙ୍କ ସରଳତାର ସୁଯୋଗ ନେଇ ସେ ସ୍ଥାୟୀ ଜମା ଓ ସଞ୍ଚୟ ଜମା ପ୍ରମାଣପତ୍ର ପ୍ରଭୃତି ନବୀକରଣ ଆଳରେ ଜାଲ ପ୍ରମାଣପତ୍ର ଏବଂ ସ୍ୱାକ୍ଷର କରି ଟଙ୍କା ଆତ୍ମସାତ୍ କରିଛନ୍ତି। ତେବେ ଦୁଇମାସ ତଳେ କେତେଜଣ ଗ୍ରାମବାସୀ ଜମାପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇଥିବା ବେଳେ କୌଣସି ବିବରଣୀ ପାଇ ନ ଥିଲେ। ଏନେଇ ସେମାନେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଜମାକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣା ପଛରେ ସମ୍ପୃକ୍ତ କର୍ମଚାରୀଙ୍କ ସମେତ କେତେଜଣ ବିଭାଗୀୟ ଅଧିକାରୀ ସାମିଲ ଥିବା ଜଣାପଡ଼ିଛି। ତେଣୁ ଘଟଣାକୁ ଚାପି ଦିଆଯାଉଛି ବୋଲି ଜମାକାରୀ କହିବା ସହ ଟଙ୍କା ଫେରସ୍ତ ନିମନ୍ତେ ଦାବି କରିଛନ୍ତି।

## ମଦ ଦୋକାନକୁ ବିରୋଧ, ଜିଲାପାଳଙ୍କୁ ଦାବିପତ୍ର

ଜଟଣୀ,୧୭।୫(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ୨୨ ନମ୍ବର ୱାର୍ଡ ଅନ୍ତର୍ଗତ କୁଦିଆରୀ ବଜାରରେ ହେବାକୁ ଥିବା ସରକାରୀ ଦେଶୀ ମଦ ଦୋକାନକୁ ସ୍ଥାନୀୟ କାଉନସିଲର ଓ ଜନସାଧାରଣଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ମଙ୍ଗଳବାର କାଉନସିଲର ସୁନିତା ରାୟ ସ୍ଥାନୀୟ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ସରକାରୀ ନିୟମ ମୁତାବକ ସ୍କୁଲ, କଲେଜ, ମଠ, ମନ୍ଦିର, ମସ୍‌ଜିଦ ଏବଂ ଜନବସତି ସ୍ଥାନରେ କୌଣସି ଅବକାରୀ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। କୁଦିଆରୀ ବଜାରରେ ଖୋଲାଯିବାକୁ ଥିବା ସରକାରୀ ଦେଶୀ ମଦ ଦୋକାନକୁ ଅନୁମତି ନ ଦେବାକୁ ଉଲ୍ଲେଖ ରହିଛି। ଗତ ୭ ମାସ ପୂର୍ବେ ମଦ ଦୋକାନ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ବିରୋଧ କରାଯାଇଥିଲା। ଉକ୍ତ ସମୟରେ ଅବକାରୀ ବିଭାଗ ଅଧିକାରୀ ତଦନ୍ତ କରିବା ସହ ନିୟମ ଉଲ୍ଲଂଘନ ହେଉଥିବା ଦର୍ଶାଇ ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦେଇ ନ ଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ମଦ, ପୋଚ ନଷ୍ଟ



ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୭।୫ (ଡି.ଏନ୍.ଏ.): ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମଦ ବିକ୍ରି ଓ ରନ୍ଧା ମଦ ଭାଟି ଉପରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ୪୨୦୦ ଲିଟର ପୋଚ ସହ ୨୦୦ ଲିଟର ରନ୍ଧା ମଦ ଜବତ ହୋଇଥିବା ବେଳେ ଏହାକୁ ନଷ୍ଟ କରାଯାଇଛି। ଜବତ ମଦ ଓ ସାମଗ୍ରୀର ଆନୁମାନିକ ମୂଲ୍ୟ ୨ଲକ୍ଷ ୩୩ହଜାର ଟଙ୍କା ହେବ। ଏହି ଘଟଣାରେ କେହି ଗିରଫ ହୋଇ ନାହାନ୍ତି। ସୂଚନାଥାଉ କି, ଏହି ଥାନା ଅଧୀନ ସାମନ୍ତରାପୁର, ମଙ୍ଗରାଜପୁର,ଏକଡାଳିଆ, ବଡ଼ପଦର, କୁଶପଲ୍ଲା, କୋଲୁହାପାଟଣା, ବଡ଼ବେରଣା ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି ଓ ଦେଶି ରନ୍ଧା ମଦ ଭାଟି ରହିଛି ବୋଲି ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ଖୋର୍ଦ୍ଧା, ଜଟଣୀ ଓ ବେଗୁନିଆ ଅବକାରୀ ବିଭାଗର ମିଳିତ ଟିମ୍ ମଙ୍ଗରାଜପୁର ଓ ସାମନ୍ତରାପୁର ଅଞ୍ଚଳରେ ଥିବା ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରିଥିଲେ। ଖୋର୍ଦ୍ଧା ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁ, ଇନ୍‌ସ୍ପେକ୍ଟର(ମୋବାଇଲ)ସସ୍ମିତା ହୋତା, ଓଆଇସି ଗୀତାଞ୍ଜଳି ବେହେରା, ଓଆଇସି ବି.ମନୋଜ କୁମାରଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

### ଆହତ ଅଜଗର ଉଦ୍ଧାର

ନିରାକାରପୁର,୧୭।୫(ଡି.ଏନ୍.ଏ.): ସ୍ଥାନୀୟ ଦିବ୍ୟସିଂହପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁରସ୍ଥିତ ମଲାଗୁଣୀ ନଦୀରୁ ଆହତ ଅବସ୍ଥାରେ ମଙ୍ଗଳବାର ସ୍ଥାନୀୟ ଯୁବକମାନେ ଏକ ଅଜଗର ସାପକୁ ଉଦ୍ଧାର କରିଥିଲେ। ଏହାର ଲମ୍ବ ୭ଫୁଟ ହେବ। ଖବରପାଇ ଭୂଷଣ୍ଡପୁର ଫରେଷ୍ଟର ରାକେଶ କୁମାର ପଣ୍ଡା ପହଞ୍ଚି ଅଜଗରକୁ ନିକଟ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଲାଗୁଣୀ ନଦୀରେ ମାଛ ମାରିବା ପାଇଁ ଜଣେ ଯୁବକ ଜାଲ ବସାଇଥିଲେ। ତେବେ ଏହି ସାପ ଜାଲରେ ପଡି ଛନ୍ଦି ହୋଇ ଆହତ ହୋଇଥିଲା। ଏହି ଦେଖି ଯୁବକମାନେ ବନ ବିଭାଗକୁ ଜଣାଇଥିଲେ।

### ୨୧ ଖବରଦାତା ନେଲେ ବୁଷ୍ଟର ଡୋଜ୍




ନିରାକାରପୁର,୧୭।୫(ଡି.ଏନ୍.ଏ.): କରୋନା ସଂକ୍ରମଣ ପ୍ରତିହତ ପାଇଁ ଟାଙ୍ଗୀ ବ୍ଲକ ଖବରଦାତା ସଂଘର ୨୧ଜଣ ଖବରଦାତା ମଙ୍ଗଳବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଷ୍ଟର ଡୋଜ୍ ନେଇଛନ୍ତି। ମିଡିଆ ସେବା ସଂଘ ସଭାପତି ରବୀନ୍ଦ୍ର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀ, ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସହଯୋଗରେ ସଂଘର ସଦସ୍ୟମାନେ ଏହି ଟିକା ନେଇଛନ୍ତି। ଟାଙ୍ଗୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ ମଲ୍ଲିକ, ମେଡିକାଲ ପ୍ରୋଜେକ୍ଟ ମ୍ୟାନେଜର ତପନ ମାଣ୍ଡୁଙ୍କ ତତ୍ତ୍ୱାବଧାନରେ ଖବରଦାତା ଉମେଶ ପଟ୍ଟନାୟକ, ରଘୁନାଥ ସାହୁ, ହରିହର ରଣା, ଦେବୀ ପ୍ରସାଦ ଦାସ, ଅଶୋକ ନାୟକ, ଗୋବିନ୍ଦ ଚନ୍ଦ୍ର ଜାଲି, ଦୀପକ ପ୍ରଧାନ, କାର୍ତ୍ତିକ ସାମନ୍ତସିଂହାର, ମହେଶ ନାୟକ, ସୁଜିତ ପଟ୍ଟନାୟକ, କାହ୍ନୁ ଚରଣ ବେହେରା, ଆଲୋକ ମହାରଣା, ସତ୍ୟ ନାରାୟଣ ବଳିୟାସିଂହ, ବୀରେନ୍ ସାହୁ, ରଣଜିତ ସୁବୁଦ୍ଧି, ଯୋଗେନ୍ଦ୍ର ରାମ, ସୁଧୀର ବେହେରା, ସଂଗ୍ରାମ ରଣା ପ୍ରମୁଖ ଏହି ଟିକା ନେଇଛନ୍ତି। ପରେ ବୋଲଗଡ଼ ଖବରଦାତା ସଂଘ ସଭାପତି ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଖବରଦାତାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା।

### ଅଂଶୁଘାତରେ ମାଙ୍କଡ଼ ଗୁରୁତର

ନିରାକାରପୁର,୧୭।୫(ଡି.ଏନ୍.ଏ.): ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗୁଳୁଗୁଳି, ଗରମ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏଥିରୁ ଜୀବଜନ୍ତୁ ବି ବାଦ୍ ପଡୁନାହାନ୍ତି। ମଙ୍ଗଳବାର ଏକ ମାଙ୍କଡ଼ ଅଂଶୁଘାତରେ ଆକ୍ରାନ୍ତ ହୋଇ ପଦ୍ମପୁର ଅଞ୍ଚଳର ପ୍ରତ୍ୟୁଷ ସାମନ୍ତରାୟଙ୍କ ଘର ଆଗରେ ପଡ଼ିରହିଥିଲା। ବନବିଭାଗ କର୍ମଚାରୀ ପହଞ୍ଚି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ମାଙ୍କଡ଼ ସୁସ୍ଥ ହେବା ପରେ ନିକଟ ଜଙ୍ଗଲରେ ଛାଡିଦିଆଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ମାଙ୍କଡଟି ଅଂଶୁଘାତର ଶିକାର ହୋଇଥିଲା ବୋଲି ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି।

# କୃଷି, କୃଷକଙ୍କ ବିକାଶକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୭।୫

ଖୋର୍ଦ୍ଧା କୃଷକ ଉତ୍ପାଦକ ସଙ୍ଗଠନ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ମଙ୍ଗଳବାର ଖୋର୍ଦ୍ଧାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଖୋର୍ଦ୍ଧା ବ୍ଲକ ନିଜିଗଡ଼ ତାପଙ୍ଗ ଅଣ୍ଡା ଗ୍ରାମର ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତିନିଧି ଯୋଗଦେଇଥିଲେ। କୃଷି ଓ କୃଷକଙ୍କ ବିକାଶ ଉପରେ ଆଲୋଚନା ହୋଇଥିଲା। କୃଷକ ସମାଜ ସମୃଦ୍ଧ ହେଲେ ଦେଶର ସମୃଦ୍ଧ ଘଟିବ ବୋଲି ମତ ପ୍ରକାଶ ପାଇଥିଲା। କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଏବଂ ବଜାର ବ୍ୟବସ୍ଥା ନିମନ୍ତେ କୃଷି ଉତ୍ପାଦକ ସଂଘ ଗଠନ ନେଇ ସ୍ଥିର ହୋଇଥିଲା। ସଭାରେ ଖୋର୍ଦ୍ଧା କୃଷକ ଉତ୍ପାଦକ ସଙ୍ଗଠନର ଅଧ୍ୟକ୍ଷ ମଧୁସୂଦନ ଦାସ, ସାଧାରଣ ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ପରିଚାଳକ ମିହିର ବିଧାର, ଶୁଭାଙ୍ଗୀ ପାଲଟାସିଂ, ଗୌରୀ ତ୍ରିପାଠୀ, ବୈକୁଣ୍ଠନାଥ ମହାପାତ୍ର ଯୋଗଦେଇ ସ୍ୱୟଂ ସହାୟିକାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ କୃଷି ଉତ୍ପାଦକ ସଂଘ ଗଠନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ପ୍ରତିମା ମିଶ୍ର, ଅଞ୍ଜଳିବାଳା ମହାନ୍ତି, ବବିରାଣୀ ମହାନ୍ତି, ସ୍ୱର୍ଣ୍ଣପ୍ରଭା ମହାନ୍ତି, ମୀନତି ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ଆଶ୍ରମ ସ୍କୁଲ ପରିଦର୍ଶନ

ବାଣପୁର,୧୭।୫(ଡି.ଏନ୍.ଏ.)

ବିଦ୍ୟାଳୟ ଯାଉ ନ ଥିବା ପିଲାମାନଙ୍କୁ ପାଠପଢ଼ିବା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ତେବେ ବାଣପୁର ନୀଳାଦ୍ରିପ୍ରସାଦ ଆଶ୍ରମ ସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ୩୧୮ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଥିବା ବେଳେ ଶତାଧିକ ବିଦ୍ୟାର୍ଥୀ ଅନୁପସ୍ଥିତ ରହୁଛନ୍ତି। ଏଥିସହ ବିଦ୍ୟାର୍ଥୀଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଉନଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ମଙ୍ଗଳବାର ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ସହ ବାଣପୁର ଶିକ୍ଷାଧିକାରୀ ସନାତନ ଜାଲି ଏହି ସ୍କୁଲ ପରିଦର୍ଶନ କରି ଶିକ୍ଷାବ୍ୟବସ୍ଥା ଉପରେ ତଦାରଖ କରିଛନ୍ତି। ୩୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୮ଜଣ ଅନୁପସ୍ଥିତ ଥିବା ଏବଂ ସେମାନଙ୍କୁ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ନିମ୍ନମାନର ଦେଖି ଜିଲା ପରିଷଦ ଉପାଧ୍ୟକ୍ଷ ମହାରଣା କ୍ଷୋଭ ପ୍ରକାଶ କରିଥିଲେ। ସ୍କୁଲର ଶିକ୍ଷା ଓ ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ମହାରଣା କହିଛନ୍ତି।

## ରେଳ ଷ୍ଟେଶନରୁ ୭ ନାବାଳକ ଉଦ୍ଧାର

ଜଟଣୀ,୧୭।୫(ଡି.ଏନ୍.ଏ.)

ଖୋର୍ଦ୍ଧା ରୋଡ୍ (ଜଟଣୀ) ରେଳ ଷ୍ଟେଶନରୁ ମଙ୍ଗଳବାର ସକାଳେ ୭ଜଣ ନାବାଳକଙ୍କୁ ରେଳ ସୁରକ୍ଷା ବଳ ଏବଂ ହମରା ବଚପନ ଚାଇଲ୍ଡ ଲାଇନର ସଦସ୍ୟ ଉଦ୍ଧାର କରିଛନ୍ତି। ଏଥିସହ ୨ ଚାଲାଣକାରୀଙ୍କୁ ଧରିଥିଲେ। ଉଦ୍ଧାର ନାବାଳକମାନେ ବିହାର ଓ ବାଙ୍ଗାଲୋର ମଦ୍ରାସାକୁ ପାଠ ପଢ଼ିବା ଉଦ୍ଦେଶ୍ୟରେ ଯାଉଥିବା ପ୍ରାଥମିକ ତଦନ୍ତ ବେଳେ ସୁରକ୍ଷା ଅଧିକାରୀଙ୍କୁ କହିଥିଲେ। ସୂଚନା ମୁତାବକ, କେତେଜଣ ନାବାଳକ ମୁଜାଫରପୁର-ଯସବନ୍ତପୁର ଏକ୍ସପ୍ରେସରେ ବିହାରକୁ ଚାଲାଣ ହେଉଥିବା ନେଇ ରେଳ ସୁରକ୍ଷା ବଳ ଇଣ୍ଟେଲିଜେନ୍ସ ଇନପୁଟ ଏବଂ ହମରା ବଚପନ ଚାଇଲ୍ଡ ଲାଇନକୁ କୋଲକାତା ମୁଖ୍ୟ କାର୍ଯ୍ୟାଳୟରୁ ସୂଚନା ମିଳିଥିଲା। ପରେ ଆରପିଏଫ ଓ ଚାଇଲ୍ଡ ଲାଇନର କର୍ମଚାରୀ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ମୁଜାଫରପୁର -ଯସବନ୍ତପୁର ଏକ୍ସପ୍ରେସ ଟ୍ରେନ ଜଟଣୀ ରେଳ ଷ୍ଟେଶନରେ ପହଞ୍ଚିବା ପରେ ୭ନାବାଳକ ଉଦ୍ଧାର କରିବା ସହ ୨ ଚାଲାଣକାରୀଙ୍କୁ କାବୁ କରିଥିଲା ରେଳ ସୁରକ୍ଷା ବଳ। ସମସ୍ତଙ୍କୁ ଭୁବନେଶ୍ୱର ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ରେଳ ସୁରକ୍ଷାବଳ ଥାନା ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି।

## ହାତୀ ଉପଦ୍ରବ, ଫସଲ ନଷ୍ଟ





ହାତୀ ନଷ୍ଟ କରିଥିବା ଫସଲ ଏବଂ ଭାଙ୍ଗି ଦେଇଥିବା ପାଚେରି।

ନିରାକାରପୁର,୧୭।୫(ଡି.ଏନ୍.ଏ.)

ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଜଙ୍କିଆ, ଓଳସିଂହ, ଗୋଲବାଇ, ଟାଙ୍କୋଳ, ଅଚ୍ୟୁତପୁର, ନିରାକାରପୁର, ରାମେଶ୍ୱର, ସରପାରି, ଛଣଗିରି, ସିକୋ, ଗୋଡିପଡ଼ା ଆଦି ପଞ୍ଚାୟତ ଅଧୀନ ଗ୍ରାମଗୁଡିକରେ ଦୀର୍ଘ ୫ବର୍ଷ ହେବ ହାତୀଙ୍କ ଉତ୍ପାତ ବଢ଼ି ଚାଲିଛି। ସୋମବାର ରାତିରେ ଜଙ୍କିଆ ପଞ୍ଚାୟତର ମୁଣ୍ଡାଆମ୍ବ ଗ୍ରାମରେ ଏକ ହାତୀ ପଶି ଦିଲୀପ ମହାରଥି ଓ କେଦାରେଶ୍ୱର ବଳବନ୍ତରାୟଙ୍କ ପାଚେରି ଭାଙ୍ଗି କଦଳୀ, ଶଜନା, ଅମୃତଭଣ୍ଡା ଆଦି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛି। ଏନେଇ ଉଭୟ ପରିବାରଙ୍କ ପକ୍ଷରୁ ବନ ବିଭଗ ନିକଟରେ ଅଭିଯୋଗ କରାଯାଇଛି। ସୂଚନାଥାଉ କି, ଏହି ଅଞ୍ଚଳରେ ରହିଆସୁଥିବା ୨୨ରୁ ଊର୍ଦ୍ଧ୍ୱ ହାତୀପଲ ଏବେ ପଟିଆମାଳକୁ ପଳାଇଛନ୍ତି। ମାତ୍ର ଏକ ଦନ୍ତାହାତୀ ଏହି ଅଞ୍ଚଳରେ ରହି ଘର, ପାଚେରି ଭାଙ୍ଗିବା ସହ ଫସଲ ନଷ୍ଟ କରୁଥିବା ଜଣାପଡ଼ିଛି।

# ଆପ୍ରୋଚ୍ ରୋଡ କାର୍ଯ୍ୟ ଆରମ୍ଭ

**ଧରିତ୍ରୀ ପ୍ରଭାବ**

ଜଟଣୀ,୧୭।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ସହରର ସୀତାରାମ ଛକ ଆନ୍ଧ୍ର ବ୍ୟାଙ୍କ ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ନିର୍ମାଣାଧୀନ ଓଭରବ୍ରିଜର ଦୁଇ ପାର୍ଶ୍ୱରେ ଆପ୍ରୋଚ ରୋଡ୍ କାର୍ଯ୍ୟ ଆରମ୍ଭ ହୋଇଛି। ଆରଆଣ୍ଡବି ପକ୍ଷରୁ ସୋମବାର ରାତିରେ ରାସ୍ତାକୁ ପିଚୁ କରାଯାଇଛି। ସୂଚନାଥାଉ କି, ଏହି ଓଭରବ୍ରିଜ୍ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଛି। ଇତିମଧ୍ୟରେ ଏହି ନିର୍ମାଣ କାର୍ଯ୍ୟକୁ ପ୍ରାୟ ୭ ବର୍ଷ ପୂରିବାକୁ ବସିଥିବା ବେଳେ କାର୍ଯ୍ୟ ଶେଷ ହୋଇନାହିଁ। ଗତ ଏପ୍ରିଲ ୨୮ରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉକ୍ତ ଓଭରବ୍ରିଜ୍ ସ୍ଥଳ ପରିଦର୍ଶନ କରିଥିଲେ। ଆସନ୍ତା ନଭେମ୍ବରରେ ଏହି ଓଭରବ୍ରିଜ୍‌ରେ ଜନସାଧାରଣ ଚଳାଚଳ କରିବା ସହିତ ମେ’ ୭ ସୁଦ୍ଧା ବ୍ରିଜ୍‌ର ଉଭୟ ପାର୍ଶ୍ୱ ଆପ୍ରୋଚ୍ ରୋଡର ପିଚୁ କାର୍ଯ୍ୟ ଶେଷ ହେବା ନେଇ ପ୍ରତିଶ୍ରୁତି ଦେବା ସହ ଖୋର୍ଦ୍ଧା ଆର୍‌ଆଣ୍ଡବି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏମ୍‌ପି ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ପରେ ବି ଧାର୍ଯ୍ୟ ତାରିଖ ସୁଦ୍ଧା କାର୍ଯ୍ୟ ନ ହେବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଥିଲେ। ଏନେଇ ଗତ ୧୫ ତାରିଖରେ ଧରିତ୍ରୀରେ ‘ଏମ୍‌ପିଙ୍କ ନିର୍ଦ୍ଦେଶ ପରେ ବି ହେଉନି ଆପ୍ରୋଚ୍ ରୋଡ୍ କାର୍ଯ୍ୟ’ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ରାସ୍ତା ପିଚୁ କରାଯାଇଛି। ଏନେଇ ସ୍ଥାନୀୟ ବାସିନ୍ଦା ଏମ୍‌ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ୭୦ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

ବେଗୁନିଆ,୧୭।୫(ଡି.ଏନ୍.ଏ.)

ବେଗୁନିଆର ପ୍ରମୁଖ ଅନୁଷ୍ଠାନ ‘ଭରସା’ ପକ୍ଷରୁ ମଙ୍ଗଳବାର ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ସ୍ଥାନୀୟ ଭୂଇଁପୁର ଆଦିବାସୀ ସାହିର ୭୦ଜଣ ବିଦ୍ୟାର୍ଥୀଙ୍କୁ ଖାତା, କଲମ, ସ୍କେଲ, ପେନ ଆଦି ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁବ୍ରତ ନାୟକ, ସୋମନାଥ ସାହୁ, ଜଗଦୀଶ ଚନ୍ଦ୍ର ପାତ୍ର, ବିଦ୍ୟାଧର ମହାରଣା, ମଲ୍ଲୀ ରାଉତ, ବିଜୟ ନାୟକ, କାର୍ତ୍ତିକେଶ୍ୱର ସାହୁ, ସଦାଶିବ ମହାରଣା, ମାନସ ଦାସ, ବୁବୁ ମହାରଣା ସହଯୋଗ କରିଥିଲେ। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦିକା ପ୍ରଧାନ କହିଛନ୍ତି।

## ୨୮୪ ଅଭିଯୋଗରୁ ୨୮ ଫଇସଲା

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ଟାଙ୍ଗୀ(ଖୋର୍ଦ୍ଧା),୧୭।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍‌ପି ସିଦ୍ଧାର୍ଥ କଟରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ୍ ୨୮୪ଟି ଅଭିଯୋଗ ହୋଇଥିବା ବେଳେ ୨୮ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।




ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

# ଦଶମ ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପିତ

ବୋଲଗଡ଼,୧୭।୫(ଡି.ଏନ୍.ଏ.)

ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଦଶମ ସାମ୍ବତ୍ସରିକ ଉତ୍ସବ-୨୦୨୨ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ବିଜେଡି ନେତା ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସଂସ୍କୃତି ଗବେଷକ ଡ.ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବୋଲଗଡ଼ ବଣିକ ସଂଘ ସଭାପତି ଅରୁପ ପରିଡ଼ା, ସରପଞ୍ଚ ପୁଷ୍ପଲତା ଭଟ୍ଟ, ବ୍ୟଙ୍ଗକବି ବ୍ରଜ ସବୁଦ୍ଧି, ଅଇନଜୀବୀ ଗୌରୀ ଦେବୀ, ଅନୁଷ୍ଠାନର ଉପଦେଷ୍ଟା କୃଷ୍ଣମୋହନ ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଅନୁଷ୍ଠାନର ସମ୍ପାଦକ ଅବିନାଶ ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସହ ମୁଖ୍ୟ ଅତିଥି ସାହୁ କହିଥିଲେ, ଶୃଙ୍ଖଳିତ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ଲକ୍ଷ୍ୟ ପୂରଣରେ ସଫଳତା ମିଳିଥାଏ। ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ରଜ ସୁବୁଦ୍ଧି, ପ୍ରଶାନ୍ତ ସାମନ୍ତରାୟ, ଲିମା ଦାସ, ଗୋପବନ୍ଧୁ ବେହେରା, ରମେଶ ପଟ୍ଟନାୟକ, ବୈକୁଣ୍ଠନାଥ ସାହୁ, ନିତ୍ୟାନନ୍ଦ ସୁବୁଦ୍ଧି , ଗଦାଧର ଚମ୍ପତି, ଭୀମସେନ ସେଠୀ, ଉପସ୍ଥାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିଥିଲେ।



ଉତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

ନିମାପଡ଼ା,୧୭।୫(ଡି.ଏନ୍.ଏ.): କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ନିମାପଡ଼ା ପୋଲିସ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଦାଶରଥି ବେହେରା (୪୧)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୧/୨୨) ରୁଜୁକରି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଚଇଁରପଦା ଛକ ନିକଟରେ ଶନିବାର ଚଇଁରପଦା ଗ୍ରାମର ଶଶୀ ଦାସଙ୍କୁ ଏକ କାର ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତାକଡକୁ ଖସିପଡିଥିଲା। ସ୍ଥାନୀୟ ଲୋକେ ଶଶୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଶଶୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମୃତାଙ୍କ ସ୍ୱାମୀ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ହୋଇଥିବା ଦର୍ଶାଇ ଥାନାରେ ଅଭିଯୋଗ କରିଥିଲେ। ତେବେ କାରଟି ନିମାପଡ଼ା ଅଞ୍ଚଳର ହୋଇଥିବା ଜଣାପଡିଛି।

### ଶିକ୍ଷାବିତ୍ ଶରତ ମାନସିଂହଙ୍କ ପରଲୋକ

ବାଣପୁର,୧୭।୫(ଡି.ଏନ୍.ଏ.): ଚିଲିକା ନିର୍ବାଚନମଣ୍ଡଳୀର ବିଶିଷ୍ଟ ରାଜନେତା ତଥା ଶିକ୍ଷାବିତ୍ ଶରତ ମାନସିଂହ(୭୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମାନସିଂହ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାନସିଂହ ୫ବର୍ଷ ଶିକ୍ଷକତା କରିବା ପରେ ଚାକିରୀ ଛାଡି ଆଧ୍ୟାତ୍ମିକ ଉନ୍ନତି ପାଇଁ ସାଧନା କରିଥିଲେ। ପରେ ମାନସିଂହ ଅଖିଳ ଭାରତୀୟ ଫରୱାର୍ଡ ବ୍ଲକ ରାଜନୈତିକ ଦଳରେ ଯୋଗଦେଇ ଚିଲିକା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାନସିଂହଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନ ପୁଅ ମୁଖାଗ୍ନି ଦେଇଥିଲେ।

# ଏଥର ଭକ୍ତଙ୍କ ଗହଣରେ ରଥଯାତ୍ରା

ଖୋର୍ଦ୍ଧା ଅଫିସ, ୧୭।୫

ଖୋର୍ଦ୍ଧା ଉପକଣ୍ଠ ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା ଚଳିତବର୍ଷ ଭକ୍ତଙ୍କ ଗହଣରେ ଆୟୋଜନ ଲାଗି ପ୍ରସ୍ତୁତି ଜାରି ରହିଛି। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି ଭକ୍ତଙ୍କ ବିନା କେବଳ ନୀତିକାନ୍ତିରେ ରଥଯାତ୍ରା ସୀମିତ ରହିଥିଲା। ତେବେ ଚଳିତବର୍ଷ ରଥଯାତ୍ରାରେ ଭକ୍ତଙ୍କୁ ସାମିଲ କରାଯିବା ନିଷ୍ପତ୍ତି ପରେ ସମସ୍ତଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ପ୍ରକାଶ ପାଇଛି। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଲାଗି ଧଉରା କାଠ ପାରମ୍ପରିକ ବିଧିରେ ଅନୁକୂଳ କରାଯାଇଥିଲା। ସ୍ନାନ ପୂର୍ଣ୍ଣମୀ ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ମୁଖ୍ୟ ପୂଜକ ମହନ୍ତ କମଳକାନ୍ତ ମହାରାଜ ସୂଚନା ଦେଇଛନ୍ତି। ଏହି ମନ୍ଦିରର ସ୍ୱତନ୍ତ୍ରତା ହେଉଛି ଏଠାରେ ପୂର୍ଣ୍ଣବିଗ୍ରହ ଠାକୁର ଶ୍ରୀଅନନ୍ତ ପୁରୁଷୋତ୍ତମ ପୂଜା ପାଉଛନ୍ତି। କିଛିଦିନ ତଳେ ଗ୍ରାମ୍ୟ କମିଟି ବୈଠକ ବସି ବିଭିନ୍ନ ଯୋଜନା ରୂପରେଖ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ସହ ରଥଯାତ୍ରା ସମ୍ପର୍କରେ ମନ୍ଦିର କମିଟି ଆଲୋଚନା କରିବ। ରଥଯାତ୍ରା ଲାଗି ପ୍ରସ୍ତୁତି ଚାଲିଥିବା ମନ୍ଦିର କମିଟି ସମ୍ପାଦକ ବୀରେନ ଛୋଟରାୟ କହିଛନ୍ତି।


ଜାଗୁଳାଇପାଟଣାରେ ପୂଜା ପାଉଥିବା ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମ।

**ଚକା ଉପରେ ବିଜେ ପୂର୍ଣ୍ଣ ବିଗ୍ରହ:** ଖୋର୍ଦ୍ଧାଠାରୁ ୫କିମି ଦୂର ଜାଗୁଳିପାଟଣା ଗ୍ରାମରେ ଶ୍ରୀଅନନ୍ତ ପୁରୁଷୋତ୍ତମ ମନ୍ଦିର ରହିଛି। ଏଠାରେ ଶ୍ରୀସୁଦର୍ଶନଙ୍କ ସହ ତିନି ଠାକୁରଙ୍କ ପୂର୍ଣ୍ଣ ବିଗ୍ରହ (ହାତଗୋଡ଼ ଥାଇ) ପୂଜା ପାଉଛନ୍ତି। ଠାକୁର ଚକା ଉପରେ ବିଜେ କରିଛନ୍ତି। ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ଶ୍ରୀଚୈତନ୍ୟ, ଶ୍ରୀରଘୁନାଥ, ଶ୍ରୀଗଣେଶ, ଶ୍ରୀହନୁମାନ, ଶ୍ରୀଭୈରବେଶ୍ୱର, ରଘୁବୀର ଦାସ ମହାରାଜଙ୍କ ସମାଧି ପୀଠ ପ୍ରଭୃତି ରହିଛି। ୧୯୮୦ ମସିହାରୁ ଏଠାରେ ଘୋଷଯାତ୍ରା ଆୟୋଜନ ହୋଇ ଆସୁଛି। ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ବିଜେ କରି ଗୁଣ୍ଡିଚା ମନ୍ଦିର ଯାଆନ୍ତି। ୧୯୮୨ରୁ ଏଣ୍ଡାଉମେଣ୍ଟ ଅଧୀନରେ ରହିଛି। ମନ୍ଦିର ପରିଚାଳନା ପାଇଁ ଗଠିତ ଟ୍ରଷ୍ଟ ବୋର୍ଡର ଅଧକ୍ଷ ଖୋର୍ଦ୍ଧା ଉପଜିଲାପାଳ ରହିଛନ୍ତି।

**ଐତିହ୍ୟ କହେ:** ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ମତରେ ଗଜପତି ୨ୟ

### ଚାଲିଛି ପ୍ରସ୍ତୁତି, ଆୟୋଜନ ହେବ ବିଭିନ୍ନ କାର୍ଯ୍ୟକ୍ରମ

ଦିବ୍ୟସିଂହ ଦେବଙ୍କୁ ବ୍ରିଟିଶ ସରକାର ଚକ୍ରାନ୍ତ କରି କଳାପାଣି ଦଣ୍ଡାଦେଶ ଦେଇଥିଲେ। ମହାରାଜା ଦିବ୍ୟସିଂହ ଦେବ ମହାପ୍ରଭୁଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇ ଉଠିଲେ। ଦିନେ ସମୁଦ୍ର କୂଳରେ ବୁଲିବା ବେଳେ ମହାପ୍ରଭୁଙ୍କୁ ସ୍ମରଣ କରୁଥାନ୍ତି। ଏହି ସମୟରେ ତାଙ୍କ ଆଡ଼କୁ ଏକ ବଡ଼ କାଠପଟା ଭାସି ଆସୁଥିବା ଦେଖିଥିଲେ। ମହାପ୍ରଭୁଙ୍କ ନାମ ନେଇ ସେହି ପଟାକୁ ଆଶ୍ରୟ କରି ସମୁଦ୍ରରେ ଭାସି ଆସି ପୁରୀ ମହୋଦଧି କୂଳରେ ଲାଗିଥିଲେ। କୌଣସି ସୂତ୍ରରୁ ଖବର ପାଇ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ପୁଣି ବନ୍ଦୀ କରି କଟକ କାରାଗାରକୁ ପଠାଇ ଦେଇଥିଲେ। ସେଠାରେ ଦିନେ କାରାଗାର ସମସ୍ତ ଶୃଙ୍ଖଳ ଖୋଲିଯାଇଥିଲା। ଗଜପତି ସେଠାରୁ ବାହାରି ଆଗେଇ ଚାଲିଥିଲେ। ମନେ ହେଲା ଘନ ଅନ୍ଧକାର ମଧ୍ୟରେ ତାଙ୍କୁ କେହି ଜଣେ ବାଟ କଢ଼ାଇ ନେଉଛନ୍ତି। ଭୋର ସମୟରେ ଏକ ଜଙ୍ଗଲରେ ପହଞ୍ଚି ଚାଳଘରଟିଏ ଦେଖି ଥକ୍କା ମେଣ୍ଟାଉଥିଲେ। ବାବାଜୀ ରଘୁବୀର ଦାସଙ୍କର ଏହି କୁଡ଼ିଆଟି ଥିଲା। ଗଜପତି ନିଜ ନାମ ଗୋପନ ରଖି ତାଙ୍କୁ ବାବାଜୀ ଦୟାନିଧି ଦାସ ବୋଲି ପରିଚୟ ଦେଇଥିଲେ। ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଦୀର୍ଘଦିନ ରହିଗଲେ। ଦିନେ ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ଚାଲିବା ଦୃଶ୍ୟ ତାଙ୍କ ଆଗରେ ନାଚି ଉଠିଲା। ପରେ ସେ ଗୁପ୍ତରେ ପୁରୀରୁ କାରିଗର ଡକାଇ ବେରୁହାଁ ଗ୍ରାମରୁ ଦାରୁ ଆଣି ହାତଗୋଡ଼ ଥିବା ପ୍ରଭୁଙ୍କ ମୂର୍ତ୍ତି ନିର୍ମାଣ କରାଇଥିଲେ। ତାଙ୍କ ମନରେ ଥିବା ଛବି ଅନୁଯାୟୀ ମହାପ୍ରଭୁଙ୍କ ଅବିକଳ ମୂର୍ତ୍ତି ଗଢିଥିଲେ କାରିଗର। ପରେ ସ୍ୱପ୍ନାଦେଶ କ୍ରମେ କେରଳରୁ ବ୍ରାହ୍ମଣ ଆସି ପ୍ରାଣ ପ୍ରତିଷ୍ଠା କରିଥିଲେ। ଏକ ସ୍ୱତନ୍ତ୍ର କୁଡ଼ିଆ ଘରେ ଠାକୁର ପୂଜା ପାଇବାକୁ ଲାଗିଲେ। ଏହି ସ୍ଥାନଟି ଏବେ ଜାଗୁଳାଇ ପାଟଣା ଭାବେ ପ୍ରସିଦ୍ଧି ଲାଭ କରିଛି। କିଛି ବର୍ଷ ପରେ ତତ୍କାଳୀନ ଖଣ୍ଡପଡ଼ା ରାଜା ପୋଖରୀ ଖୋଳାଇ ଦେଇଥିଲେ। ମହାପ୍ରଭୁଙ୍କ ନାମରେ ବାବାଜୀଙ୍କ ଶିଷ୍ୟ ଅମୃତ ଲାଲ ବାନାର୍ଜୀ ଷୋଳ ଏକର ଜମି କିଣି ଦେଇଥିଲେ। ପରବର୍ତ୍ତୀ ସମୟରେ ଚାଳଛପର ଘରେ ପୂଜା ପାଉଥିବା ଶ୍ରୀବିଗ୍ରହ ଭବ୍ୟ ମନ୍ଦିରରେ ପୂଜା ପାଇଆସୁଛନ୍ତି।

### ଖବରଦାତାଙ୍କୁ ଆକ୍ରମଣ କରି ସୁନାଚେନ, ଟଙ୍କା ଲୁଟ୍

ବଳଙ୍ଗା,୧୭।୫(ଡି.ଏନ୍.ଏ.)

ବଳଙ୍ଗା ଥାନା ଅଲାରପୁର ଗ୍ରାମ ଛକଠାରେ କେତେଜଣ ଦୁର୍ବୃତ୍ତ ଖବରଦାତା ରାକେଶ ରୋଶନ ମହାନ୍ତିଙ୍କୁ ଆକ୍ରମଣ କରି ସୁନାଚେନ ଓ ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାକେଶ ଓ ତାଙ୍କ ସାଙ୍ଗମାନେ ସୋମବାର ରାତିରେ ବିବାହ ଭୋଜିକୁ ଯାଇଥିବା ବେଳେ ଏକ କାରରେ ଘରକୁ ଫେରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଅଲାରପୁର ଗ୍ରାମ ନିକଟରେ ସେମାନଙ୍କୁ ମାରଣାସ୍ତ୍ର ଦେଖାଇବା ସହ ରାକେଶଙ୍କୁ କାରରୁ ଟାଣି ଆଣି ତଳେ ପକାଇ ମାଡ଼ ମାରିଥିଲେ। ପରେ ଦୁର୍ବୃତ୍ତମାନେ ରାକେଶଙ୍କ ସୁନାଚେନ ଓ ୭ହଜାର ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ରାକେଶ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗ୍ରାମର ସନ୍ଧ୍ୟାରାଣୀ ସାହୁ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ପୃଥକ ଭାବେ ଦୁଇଟି ମାମଲା (ନଂ.୯୩/୨୨, ୯୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହରିହର ଉପାସନାର ଆଦର୍ଶ ଉଦାହରଣ ଶ୍ରୀକ୍ଷେତ୍ର

ପୁରୀ ଅଫିସ, ୧୭।୫:

ଶ୍ରୀଧାମ ଜ୍ୟୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଏବଂ ଉତ୍କଳ ବିଦ୍ୱତ୍ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର 'ଓଡ଼ିଶାରେ ହରିହର ଉପାସନା ଓ ଶ୍ରୀ ଲୋକନାଥ' ଶୀର୍ଷକ ଆଲୋଚନାଚକ୍ର ଲୋକନାଥରୋଡସ୍ଥିତ ଥାନପତି ଆଶ୍ରମର ତିରୁପତି ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଗବେଷକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହରିହର ଉପାସନା ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ନେବଳଦାସ ମଠର ମହନ୍ତ ଡ. ରାମ ଚରଣ ଦାସ ମହାରାଜ ଏବଂ ମୁଖ୍ୟବକ୍ତା ଭାବେ ଶଙ୍କର୍ଷଣ ମଙ୍ଗରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିରେ ହରିହର ଅଭେଦ। ଏମାନଙ୍କ ମିଳିତ ଉପାସନା ଭାରତରେ ଉଦାହରଣ ପାଲଟିଛି।


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଶ୍ରୀକ୍ଷେତ୍ରରେ ପଞ୍ଚମହାଦେବଙ୍କ ସମ୍ପୃକ୍ତି ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପର୍ବପର୍ବାଣି ଓ ରୀତିନୀତିରେ ପରିଲକ୍ଷିତ ହୁଏ। ତେଣୁ ଶ୍ରୀକ୍ଷେତ୍ର ହିଁ ହରିହର ଉପାସନାର ଆଦର୍ଶ ଉଦାହରଣ ବୋଲି ଅତିଥି ଦ୍ୱୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀରାଧା ଜ୍ୟୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ପଣ୍ଡିତ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ ରଥ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ ପାଳନ ହେଉଥିବା ଶମ୍ଭୁ ଏକାଦଶୀକୁ ପୁନଃ ପ୍ରଚଳନ କରିବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡ. ଶଶିକାନ୍ତ ରଥ, ସାମାଜିକ କର୍ମୀ ଜିତେନ୍ଦ୍ର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା, ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ଦୀପ୍ତିମୟୀ ମିଶ୍ର, ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗା ଚରଣ ପତି ଧନ୍ୟବାଦ ଦେଇଥିଲେ।

# ଆର୍ଟ ଅଫ୍ ଗିଭିଂ ଡେ ପାଳିତ

ଝାଁଳା/ବୋଲଗଡ଼,୧୭।୫(ଡି.ଏନ୍.ଏ.):

ପିପୁଲସ ଫୋରମ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଝାଁଳାସ୍ଥିତ ଥିବା ମିଶନ ଆଶ୍ରାରେ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥିଭାବେ କିଟ୍ ଓ କିସ ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରିଥିଲେ। କିମ୍ସ ପକ୍ଷରୁ ପ୍ରତି ସପ୍ତାହରେ ଥରେ ସାଇକିଆଟ୍ରିକ ଡାକ୍ତରମାନେ ଏଠାରେ ରହୁଥିବା ଅନ୍ତେବାସୀଙ୍କ ଚିକିତ୍ସା କରିବେ। ସମାଜସେବୀ ମୀରା ପରିଡା, ସାଧନା ଶତପଥୀଙ୍କ ସମେତ ଅରୁନ୍ଧତୀ ଗ୍ରୁପର ଏମଡି ଉପସ୍ଥିତ ଥିଲେ। ବାଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତରେ ଆର୍ଟ ଅଫ୍ ଗିଭିଂ ଡେ ପାଳିତ ହୋଇଯାଇଛି। ଶ୍ରୀତମ ପ୍ରଧାନଙ୍କ ଆବାହକତ୍ୱରେ ଓ ଫାସିଓଦା ସମିତି ସଭ୍ୟ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ, ଚାରାରୋପଣ କରାଯାଇଥିଲା। ପ୍ରିୟ ରଞ୍ଜନ ସିଂଦେଓ, ମୁକ୍ତିକାନ୍ତ ଦିବ୍ୟ ଦର୍ଶନ, ସୁଦର୍ଶନ ସାହୁ, ରୁଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ୟାସ୍ ଚୁଲାରୁ ନାଗ ଉଦ୍ଧାର

ବାରଙ୍ଗ,୧୭।୫(ଡି.ଏନ୍.ଏ.):

ଚନ୍ଦକା ଥାନା ଅନ୍ତର୍ଗତ ଭୋଳା ଗ୍ରାମର ଚନ୍ଦନ ବେହେରାଙ୍କ ଗ୍ୟାସ ଚୁଲାରେ ପଶିଥିବା ଏକ ନାଗସାପକୁ ମଙ୍ଗଳବାର ରାତିରେ ଉଦ୍ଧାର କରାଯାଇଛି। ୫ଫୁଟ ଲମ୍ବର ଏହି ନାଗ ଗ୍ୟାସ ଚୁଲାରେ ପଶି ରହିଥିବା ବେଳେ ପରିବାର ଲୋକେ ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ। ଏନେଇ ମେଣ୍ଢାଶାଳ ଗ୍ରାମର ସାପଧରାଳି ସଞ୍ଜୁକ୍ତ ପାତ୍ରଙ୍କୁ ଖବର ଦିଆଯାଇଥିଲା। ସାପଧରାଳି ପାତ୍ର ଘଟଣାସ୍ଥଳରେ ପହଞ୍ଚି ନାଗକୁ ଉଦ୍ଧାର କରି ଚନ୍ଦକା ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

A leading Sanitary Showroom requires an **Accountant and a Marketing Executive** for their Business promotion of various products at Patia Bhubaneswar.
**Interested candidates can come for walk in interview on 22.05.2022 at below address:**
**SAI SARANAM AGENCY**
Beside Reliance Trends, Patia, Bhubaneswar
Contact: 9861125927, 9438729669

**LEPRA Urgent Requires**
**Counsellor for its Targeted Interventions Project (IDU), Bhubaneswar**
Qualification & Experience: Qualified with Post-graduate in Psychology or Social Work from any recognized institution. Should have minimum 2year of experience in HIV sector or any field level health programme.
Salary: 12000/- per Month
For details visit: www.leprasociety.org
Apply to: hrd@leprahealthinaction.in
Last date: 25th May 2022

See Career Appointment on every Wednesday & Saturday

**APPOINTMENT**
Required Lady Graduate with MS Office working knowledge for a Chartered Accountant Firm in Bhubaneswar. Lodging will be provided.
Contact Tel. No.:
9078006778 / 8249377084

**JOB OPENING**
**ENCOMS PVT. LTD., BBSR**
Requires Experienced DGPS Operator, Accounts-cum-Office Clerk, Experienced Civil Engineer using Watergems Software.
**Salary Negotiable**
encoms.odisha@gmail.com
Mob.: 7205987120

**WANTED**

| Sr. No. | Post | Qualification | Sex | Salary | Nos. |
|---|---|---|---|---|---|
| 1 | OFFICE STAFF | Graduation with PGDCA, (Tally Additional) | M/F | 11,000 | 1 |
| 2 | ELECTRICIAN | ITI (1 year experience) | M | 11,000 | 2 |
| 3 | CARE TAKER | | M | 9,000 | 2 |
| 4 | SOTRE KEEPER | | M | 9,000 | 2 |

Cont. Details: KM Convention (Wedding Hall), Bhubaneswar, Send your resume by Mail, Mail ID: kmconvention1@gmail.com, Cont. No.: 9337105335 (Cont. Between 1 P.M. to 6 P.M.)

**Large industry in JAJPUR, ODISHA requires immediately**
**Security Guards (5'7")** 10th pass, 13,500/-
**Security Supervisor** 12th pass, 15,000/-
**Computer Operator** Graduate, Skilled, 15,000/-
**ASO** 20,500/- **Ex-Serviceman** 21,500/-
Industrial Experience Compulsory, Duty 12 Hours.
Provident Fund, ESIC, Bonus extra.
Accommodation free, Canteen Facility available.
Contact **RIS Group**
033-40069640, 9830448899, 8013985668

# ଆତ୍ମୀୟତା, ଭାଇଚାରା ସୃଷ୍ଟି କରେ ସ୍ୱରାଜ୍ୟ ପର୍ବ

ସାକ୍ଷୀଗୋପାଳ,୧୭।୫(ସ୍ୱ.ପ୍ର):

ସ୍ୱରାଜ୍ୟ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମର ସ୍ମାରକୀ ଭାବେ ସ୍ୱରାଜ୍ୟ ଦ୍ୱିତୀୟା ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସ୍ୱଚ୍ଛ ପରିବେଶ, ଉନ୍ନତ ଶିକ୍ଷା, ନିଶା ନିବାରଣ, ଅସ୍ପୃଶ୍ୟତା ଦୂର ତଥା ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା। ଏହି ପର୍ବରେ ଆଖପାଖ ଗ୍ରାମର ଅନେକ ଲୋକ ସାମିଲ ହୋଇଥିଲେ। ସୁସଜ୍ଜିତ ମଣି ବିମାନରେ ମା' ଜୟଦୁର୍ଗା, କନକ ଦୁର୍ଗା, ସୋମନାଥ ନୀଳକଣ୍ଠେଶ୍ୱର, ରାଧାଗୋବିନ୍ଦଙ୍କୁ ବସାଇ ଗ୍ରାମରେ ଦୁଆରି ଭୋଗ କରି ପୂଜା ବନ୍ଦାପନା କରାଯାଇଥିଲା। ପରେ ସମସ୍ତ ଠାକୁର ସ୍ୱରାଜ ମଣ୍ଡପରେ ବିଜେ ହୋଇଥିଲେ। ଆଳତୀରେ ସମସ୍ତେ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ। ପରେ ସନ୍ଧ୍ୟାରେ ଠାକୁରଙ୍କୁ ବିଭିନ୍ନ ସୁସ୍ୱାଦୁ ଫଳମୂଳକୁ ପନ୍ତି ଭୋଗ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପର୍ବ ଯୋଗୁଁ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଆତ୍ମୀୟତା ବଢିଥାଏ ବୋଲି ନୂଆଗାଁ କୋଠ ସମ୍ପାଦକ ବିଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି।



**FORM No.- 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.NO. 665/2019**
**Canara Bank (E-Syndicate), Nayapalli Branch** ...Applicant
Versus
**M/s K.K. Imitation & Others** ...Defendant(s)
To,
(1) **M/s K.K. Imitation,** Prop: Maheswar Behera, At: Kalinga Market, Shop No.: 55, Unit-1, Infront of DIG office, Bhubaneswar, Dist.: Khurda-751009.
2) **Sri Maheswar Behera,** S/o.: Karunakar Behera, At: Plot No.: 1385/86, Brahmeswar Patna, Sabati Niwas, Bhubaneswar, Dist.: Khurda-751002.
3) **Debendra Kumar Routray,** S/o.: Dinabandhu Routray, Plot No.: 78, Mahavir Nagar, Samantraypur, Bhubaneswar, Dist.: Khurda.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No.- 665/2019** in the court of the Debts of Recovery Tribunal, Cuttack for recovery of **Rs.30,52,110.22** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **27th June 2022 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this **13th day of May 2022.**
Sd/- (M. K. Patnaik)
REGISTRAR

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 416 of 2019**
**CANARA BANK, E-Syndicate Bank, Main Branch, Kalpana Square, Bhubaneswar, Dist.: Khurda.** ...Applicant
AND
**M/s. Odisha Fitness & Sports and others** ...Defendants
To
1. **M/s. Odisha Fitness and Sports,** Represented through its Proprietor: Mr. Kamalakanta Biswal, At: Shop No.: 1, Biraja Complex, Bomikhal, Cuttack Road, Bhubaneswar, Dist.: Khurda, Pin-751010.
2. **Mr. Kamalakanta Biswal,** S/o.: Damodar Biswal, At: Plot No.: 368/369, Mahadev Nagar, Jharpada, Bhubaneswar, Dist.: Khurda, Pin-751006.
3. **Mr. Basant Kumar Kund,** S/o.: Mr. Natabar Kund, At: Plot No.: 155, Jharpada, Bhubaneswar, District: Khurda, Pin-751030.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted a suit in **O.A. No. 416 of 2019** in the Court of Debts Recovery Tribunal at Cuttack for a recovery of **Rs.42,22,875.18** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of June 2022 at 10.30 A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **9th day of May 2022.**
Sd/- (M. K. PATNAIK)
Registrar
Debts Recovery Tribunal

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/22-23/ E-Tender/25,ତା.10.05.2022ରିଖ
ଟେଣ୍ଡର ସଂ.e-tender-CENTKUR-54-2022 ତା.05.05.2022ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଢେଙ୍କାନାଳ (DNKL) ଠାରୁ ବୁଢାପଙ୍କ (BDPK) ପର୍ଯ୍ୟନ୍ତ ସେକ୍ସନରେ 11 ଗୋଟି ଷ୍ଟୋନ୍ ସ୍ଲାବ୍ ବ୍ରିଜ୍‌ଗୁଡ଼ିକର RCC ବାକ୍ସ ବ୍ରିଜ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 437.76 ଲକ୍ଷ, EMD (ଟଙ୍କାରେ) : 3,68,900/-
ଶେଷ ହେବା ଅବଧି : 10(ଦଶ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.05.2022 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-112/N/22-23

# ବାରବାଟୀ ମ୍ୟାଚ୍ ନେଇ ଅନିଶ୍ଚିତତା

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୧୨ତାରିଖରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ଏବଂ କଟକ ଡିସିପିଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଆସନ୍ତା ୨୬ତାରିଖ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଓଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଓଏଚ୍‌ଆର୍‌ସିଙ୍କ ନୋଟିସ ହସ୍ତଗତ ହୋଇ ନ ଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଏହା ପୂର୍ବରୁ ୨୬ରୁ ଉର୍ଦ୍ଧ୍ୱ ଅନ୍ତରାଷ୍ଟ୍ରୀୟ ମ୍ୟାଚ୍ ହୋଇସାରିଛି। ସରକାରଙ୍କ ସହଯୋଗ ଏବଂ ସମସ୍ତଙ୍କ ଅନୁମତିରେ ମ୍ୟାଚ୍ ହୁଏ ଏବଂ ଅଗ୍ନି ନିରାପତ୍ତା ନେଇ ସମସ୍ତ ସୁବିଧା କରାଯାଇଥାଏ ବୋଲି ସେ କହିଛନ୍ତି।

ଆବେଦନକାରୀ ମିଶ୍ରଙ୍କ କହିବା ଅନୁସାରେ, ୪୪ହଜାର ଦର୍ଶକ କ୍ଷମତା ବିଶିଷ୍ଟ ବାରବାଟୀ ଷ୍ଟାଡିୟମ୍‌ରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଏପରି କି ଷ୍ଟାଡିୟମ ବିଲ୍ଡିଂର ନିୟମିତ ସେଫ୍ଟି ଯାଞ୍ଚ ମଧ କରାଯାଉ ନାହିଁ। ରାଜ୍ୟ ଅଗ୍ନିଶମ ନିର୍ଦ୍ଦେଶାଳୟ ଅଗ୍ନି ସୁରକ୍ଷା ସମ୍ପର୍କିତ ପ୍ରମାଣପତ୍ର ଜାରି କରିଥାନ୍ତି। ହେଲେ ଷ୍ଟାଡିୟମ କର୍ତ୍ତୃପକ୍ଷ ଏହି ପ୍ରମାଣପତ୍ର ହାସଲ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଓଏଚ୍‌ଆର୍‌ସିଙ୍କ ସମେତ ସେଣ୍ଟ୍ରାଲ୍ ରେଞ୍ଜ୍ ଫାୟାର ଅଫିସରଙ୍କ ମଧ ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା ନିୟମ, ୨୦୧୭ ଏବଂ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା (ସଂଶୋଧିତ) ଆଇନ୍-୨୦୧୯ ଅନୁଯାୟୀ ଓସିଏ ପକ୍ଷରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବା ନେଇ ସେ ଆବେଦନ କରିଛନ୍ତି। ମିଶ୍ରଙ୍କ ଆବେଦନକୁ ଗୁରୁତ୍ୱର ସହିତ ଗ୍ରହଣ କରି କ୍ରିକେଟ୍ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଗ ପକ୍ଷରୁ କୁହାଯିବା ସହ ଆସନ୍ତା ୨୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଓସିଏ ଏବଂ କଟକ ଡିସିପିଙ୍କୁ କୁହାଯାଇଛି।

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**Student Academic Management System**
No. RR: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୭।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୦୫।୦୬।୨୦୨୨ରିଖ (ମଧ୍ୟରାତ୍ର ୧୨ ଘଟିକା ପର୍ଯ୍ୟନ୍ତ) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡମିଟ୍ କାର୍ଡ ଡାଉନଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୮।୦୬।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୦।୦୬।୨୦୨୨ରିଖରୁ ତା୨୫।୦୬।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୩୦।୦୬।୨୦୨୨ରିଖ |
| ୬. | ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ। | |

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।
ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:- ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।
ସ୍ୱା./- ଅଧକ୍ଷ, ଉ.ସ.ମ.
ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।
OIPR-03011/11/0002/2223

## ସରପଞ୍ଚଙ୍କ କାର୍ଯ୍ୟ ସଂକ୍ରାନ୍ତ ସଚେତନତା କର୍ମଶାଳା

କଣାସ,(ସ୍ୱ.ପ୍ର.): କଣାସ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସ୍ୱଚ୍ଛ ଭାରତ ଅଭିଯାନ ଓ ନବନିର୍ବାଚିତ ସରପଞ୍ଚଙ୍କ କାର୍ଯ୍ୟ ସମ୍ପର୍କିତ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ଜିଲା ସ୍ୱଚ୍ଛ ଭାରତ ମିଶନ ଅଧିକାରୀ ଦୀପ୍ତିରଞ୍ଜନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଘଡ଼େଇ ଯୋଗଦେଇ ସରପଞ୍ଚ ଓ ଜିଆରଏସ୍‌ଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ବୁଝାଇଥିଲେ। ଏଥିସହ ସରପଞ୍ଚମାନେ କିପରି ଲୋକମାନଙ୍କୁ କେଉଁ ସେବା ଯୋଗାଇଦେବେ ଓ ଜନହିତକର କାର୍ଯ୍ୟରେ ଆଗେଇବେ ସେ ସମ୍ପର୍କରେ ବିଡିଓ ଦାସ ମତବ୍ୟକ୍ତ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୫।୨୦୨୨

| | |
|---|---|
| ୪,୩୩,୦୧୧ ଟଙ୍କା | |
| ସୁନା | ୬୮.୭୦୦ ଗ୍ରାମ୍ |
| ରୁପା | ୦.୮୦୦ ଗ୍ରାମ୍ |

# ଭିତର ସେବାୟତ ପରିବାରଙ୍କୁ ମିଳିବ ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା

- ହାଇଟେକ୍ ସହ ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗର ରାଜିନାମା
- ଶ୍ରୀମନ୍ଦିର ସମ୍ମୁଖରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପ୍ରସ୍ତାବ

ପୁରୀ ଅଫିସ,୧୭।୫

ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ମଧ୍ୟରେ ମଙ୍ଗଳବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେବାୟତ ନିଯୋଗର ପରିବାର ସଦସ୍ୟମାନଙ୍କୁ ହାଇଟେକ୍ ମେଡିକାଲ କଲେଜ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବ। ଫାର୍ମାସିଷ୍ଟ ଓ ବିଜ୍ଞାନରେ ୧୦ଜଣ ଲେଖାଏ, ଯୁକ୍ତ୨ ବିଜ୍ଞାନ ଓ ଇଞ୍ଜିନିୟରିଂରେ ୧୫ ଜଣ ଲେଖାଏଙ୍କ ସମେତ ଅନ୍ୟ ବିଭାଗରେ ସେବାୟତ ଛାତ୍ରୀଛାତ୍ରଙ୍କୁ ଆଡମିଶନ ମିଳିବ। ହାଇଟେକ୍ କଲେଜ ପ୍ରତିବର୍ଷ ୫୦ ଜଣ ଭିତର ସେବାୟତ ନିଯୋଗର ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବ। ସେହିଭଳି ସ୍ୱାସ୍ଥ୍ୟକ୍ଷେତ୍ରରେ ବୀମା ସେବା ଯୋଗାଇ ଦିଆଯିବ। ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ କହିଛନ୍ତି, ବୀମା



ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷଙ୍କ ସହ ସେବାୟତ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ପାଇଁ ସମ୍ପ୍ରତି ସେବାୟତମାନଙ୍କର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ଥିବାବେଳେ ଏହାର ସିଂହଭାଗ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ହାଇଟେକ୍ ଏହାର ସମାଧାନ କରୁଛି। ବୀମାର ସମ୍ପୂର୍ଣ୍ଣ ବ୍ୟବହାର କରାଯିବ। ଯାହା ଫଳରେ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ସ୍ୱାସ୍ଥ୍ୟବୀମା ଅଭାବ ସେବାୟତମାନଙ୍କ କ୍ଷେତ୍ରରେ ଦେଖାଯିବ ନାହିଁ। ସେହିଭଳି ଗରିବ ମେଧାବୀ ସେବାୟତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସୁବିଧା ଯୋଗାଇବାରେ ହାଇଟେକ୍ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସେବାୟତ କମିଟି ଛାତ୍ରୀଛାତ୍ରଙ୍କ ନାମ ସୁପାରିସ କରିବା ପରେ ଶିକ୍ଷା ସୁବିଧା ମିଳିପାରିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସମ୍ମୁଖରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବା ପାଇଁ ପୁରୀ ଜିଲାପାଳଙ୍କୁ ହାଇଟେକ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଶ୍ରୀମନ୍ଦିର ଶ୍ରଦ୍ଧାଳୁଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏଭଳି ବ୍ୟବସ୍ଥା ସହାୟକ ହେବ। ଆମ୍ବୁଲାନ୍ସ ସେବା ସହ ଡାକ୍ତରମାନେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବେ। ଏହି ପ୍ରସ୍ତାବକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କୁ ଜଣାଯିବ ଓ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ, ହାଇଟେକ୍ ଅଧ୍ୟକ୍ଷ, ପରିଚାଳନା କମିଟି ସଦସ୍ୟ ଓ ସେବାୟତ ନିଯୋଗର ପ୍ରମୁଖମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆର୍ଟ ଅଫ୍ ଗିଭିଂ ଡେ ପାଳିତ

କଣାସ,୧୭।୫(ସ୍ୱ.ପ୍ର.): କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆର୍ଟ ଅଫ ଗିଭିଂ ଡେ ପାଳିତ ହୋଇଯାଇଛି। ମୋ ସ୍କୁଲର ଅଭିଯାନ ଓ କ୍ରୀଡା ପରିଷଦ ସଭାପତି ସଞ୍ଜୟ କୁମାର ଛୁଆଲସିଂହଙ୍କ ଦ୍ୱାରା ପରିଚାଳିତ ଆର୍ଟ ଅଫ୍ ଗିଭିଂ ସଭାରେ ଅତିଥିଭାବେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ, ବିଭୂତି ଭୂଷଣ ମହାପାତ୍ର, ପ୍ରଫେସର ଶଶାଙ୍କ ଚୂଡ଼ାମଣି, ଅଧ୍ୟାପକ ଡମ୍ବୁରଧର ଛୁଆଲସିଂହ, ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ଆଜିର ସମାଜରେ ଦୟା, ଉଦାରତା ମାଧ୍ୟମରେ ଅନ୍ୟମାନଙ୍କୁ ଖୁସି ଦେବା ନିମନ୍ତେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜେନା ମୃତ୍ୟୁ ପରେ ନିଜ ଶରୀରକୁ ଡାକ୍ତରଖାନାକୁ ଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

### ବଟି ମାଗି ୪ ଗିରଫ

ପୁରୀ ଅଫିସ,୧୭।୫: ଦାଦାବଟି ମାଗିବା ଅଭିଯୋଗରେ ସଦର ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ରେଣ୍ଟାଗଡର କଳିଙ୍ଗ ପାତ୍ର ଏବଂ ବ୍ରହ୍ମଗିରି ଥାନା ଅନ୍ତର୍ଗତ ନହରପଦାର ନୀଳକଣ୍ଠ ସେଠୀ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଛୁରୀ ଏବଂ ନଗଦ ୭୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୫୬/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଉକ୍ତ ଅଭିଯୁକ୍ତ ଦ୍ୱୟ ରେଣ୍ଟା ଛକ ନିକଟରେ ଯାତ୍ରୀବାହୀ ବସରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ଚଢାଉ କରି ଦୁହିଁଙ୍କୁ ଗିରଫ କରିଛି। ସେହିପରି ତାଳବଣିଆ ଥାନା ପୋଲିସ ବଟି ଆଦାୟ ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନୋଦ ନଗର ଅଞ୍ଚଳର ଶୁଭ୍ରଜିତ ମହାପାତ୍ର ଓ ଦାଶରଥି ପ୍ରଧାନ। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଛୁରୀ ଏବଂ ମୋବାଇଲ ଜବତ ହୋଇଛି। ଏନେଇ ଏକ କେସ୍ (ନଂ. ୭୪/୨୨) ରୁଜୁ କରାଯାଇଛି।

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

କାକଟପୁର,୧୭।୫(ଡି.ଏନ୍.ଏ.): ଚନ୍ଦନପୁର ଗ୍ରାମର ତ୍ରିନାଥ କ୍ଷେତ୍ରରେ ପ୍ରତିଷ୍ଠିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶ୍ରୀତ୍ରିନାଥ ଦେବଙ୍କ ୨୨ତମ ବାର୍ଷିକୋତ୍ସବ ପାଳନ ହୋଇଯାଇଛି। କାଶୀ ବାବାଙ୍କ ପୌରୋହିତ୍ୟରେ ରବିବାର କଳସ ଯାତ୍ରା, ସୋମବାର ନାମ ସଂକୀର୍ତ୍ତନ, ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ସହ ଉତ୍ସବର ସମାପନ କରାଯାଇଛି। ପୂର୍ବତନ ୱାର୍ଡ ସଭ୍ୟ ଶଙ୍କର କାଣ୍ଡି ଓ ତ୍ରିନାଥ ଟ୍ରଷ୍ଟର ମ୍ୟାନେଜର ଭାସ୍କର କାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚନ୍ଦନ ଚକଡ଼ା ପରିସରରେ ମଙ୍ଗଳବାର ମୀରା ମ୍ୟୁଜିକ୍ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

## ଚନ୍ଦନ ଚକଡ଼ାରେ ପାରମ୍ପରିକ ଭକ୍ତି ସଙ୍ଗୀତ ସେବା

ପୁରୀ ଅଫିସ, ୧୭।୫

ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଚାଲିଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରତି ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ସମାରୋହଙ୍କ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମଙ୍ଗଳବାର ମୀରା ମ୍ୟୁଜିକ୍ ସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଭକ୍ତି ସଙ୍ଗୀତ ଶ୍ରୀଜଗନ୍ନାଥଙ୍କ ମାଳଶ୍ରୀ, ଗୀତଗୋବିନ୍ଦ, ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ପ୍ରଭୃତି ପରିବେଷଣ କରାଯାଇଥିଲା। ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ପ୍ରସନ୍ନ ମିଶ୍ର, ଶିକ୍ଷାବିତ୍ ପ୍ରଭାକର ମହାପାତ୍ର, ବେତାର କଣ୍ଠଶିଳ୍ପୀ ଅଭୟ କୁମାର ଜେନା, ମାଜଣା ମଣ୍ଡପର ମୁଖ୍ୟ ସଙ୍ଗୀତ ସେବକ ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ସମବେତ କଣ୍ଠରେ ଗୀତ ଗୋବିନ୍ଦରୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବାଦ୍ୟଯନ୍ତ୍ରରେ ହରିଶ ଚନ୍ଦ୍ର ଦାଶ, ଦେବାଶିଷ ଦାଶ, ଲକ୍ଷ୍ମୀଧର ମଲ୍ଲିକ, ପଞ୍ଚାନନ ମହାନ୍ତି, ଅରଣ୍ୟ ସୁନ୍ଦର, ବଟ ଗୋପାଳ, ଅହନ ବିକ୍ରମ ପ୍ରମୁଖ ସହାୟତା କରିଥିଲେ। ବେତାର କଣ୍ଠଶିଳ୍ପୀ ଅଧ୍ୟାପକ ନଳିନୀକାନ୍ତ ନାୟକ ଏବଂ ଅରବିନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାରଣାସ୍ତ୍ର ଦେଖାଇ ଗଛ କାଟିନେଲେ ଦୁର୍ବୃତ୍ତ

ଅସ୍ତରଙ୍ଗ,୧୭।୫(ଡି.ଏନ୍.ଏ.)

ଅସ୍ତରଙ୍ଗ ଥାନା ପାଟସୁନ୍ଦରପୁର ଗ୍ରାମରେ କେତେକ ବ୍ୟକ୍ତିଙ୍କ ଦଖଲରେ ଥିବା ଜମିରୁ ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଜୋରଜବରଦସ୍ତ ବାଉଁଶ, ଆମ୍ବ, ପଣସ, ଗୁଆ ଆଦି ଗଛ କାଟି ନେଇଯାଇଛନ୍ତି। ଏନେଇ ଦଖଲକାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ପାଟସୁନ୍ଦରପୁର ଗ୍ରାମର ଖାତା ନଂ ୪/୪୮୮ରେ ୨ ଏକର ୪ ଡିସିମିଲ ଶାରଦ ଦୁଇ କିସମ ଜମିରେ କେତେକ ବ୍ୟକ୍ତି ୪୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେବ ଦଖଲ କରି ଚାଷ କରି ପରିବାର ପୋଷୁଛନ୍ତି। ଗ୍ରାମରେ ରାଜନୈତିକ ଶତ୍ରୁତା ରଖି ୨୦ରୁ ଉର୍ଦ୍ଧ୍ୱ ଲୋକ ହଠାତ୍ ଆସି ବିଭିନ୍ନ ଗଛ କାଟିବାରୁ ଦଖଲକାରୀମାନେ ଏନେଇ ପ୍ରତିବାଦ କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ କାଟି ନେଇଯାଇଥିଲେ। ଏହାପରେ ଦଖଲକାରୀମାନେ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ପଚାରିବାରେ ଗଛ କଟା ବନ୍ଦ ଅଛି ବୋଲି କହିଥିଲେ।

## ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା: ୨ ଗିରଫ

- ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- ବିବାହ ଲାଗି ମନା କରିଥିବା କନ୍ୟାଘରକୁ ଯାଇଥିଲେ ମୁନା

ପୁରୀ ଅଫିସ, ୧୭।୫

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ସଦର ଥାନା ଅନ୍ତର୍ଗତ ନୂଆଗାଁଠାରେ ସଂଘବଦ୍ଧ ଆକ୍ରମଣରେ ସମଙ୍ଗରାର ମୁନା ପ୍ରଧାନ ଗୁରୁତର ଆହତ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯିବା ବାଟରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୁନାଙ୍କ ମୃତ୍ୟୁ ନେଇ ତାଙ୍କ ବାପା କୁଞ୍ଜ ପ୍ରଧାନ ସଦର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ.୧୫୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଘଟଣାରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଚଳାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୂଆଗାଁର ଭଗୁ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀ। ଉଭୟଙ୍କୁ ଥାନାରେ ରଖି ପୋଲିସ ପଚରାଉଚରା କରୁଛି। ଦୁଇ ଅଭିଯୁକ୍ତ ଭଗୁଙ୍କ ଝିଅ ଏବଂ ସେହି ଗାଁର କଣ୍ଡିଆ ପଲେଇ ଫେରାର ଥିବା ପୋଲିସ କହିଛି। ଭଗୁ ଏବଂ ତାଙ୍କ ସ୍ତ୍ରୀଙ୍କର ବୁଧବାର ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ସଦର ଥାନା ପ୍ରାରପ୍ରାପ୍ତ ଅଧିକାରୀ ସୁଶାନ୍ତ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ମୁନାଙ୍କ ବାହାଘର ନୂଆଗାଁର ଜଣେ ଯୁବତୀଙ୍କ ସହ ଠିକ୍ ହୋଇଥିଲା। ତେବେ କିଛି ମାସ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ଯୁବତୀ ଜଣଙ୍କ ବିବାହ କରିବାକୁ ମନା କରିଦେଇଥିଲେ। ଏଥିରେ ମୁନା ଉତ୍‌କ୍ଷିପ୍ତ ହୋଇ ୪ଦିନ ତଳେ ସମ୍ପୃକ୍ତ ଝିଅଘର ସମ୍ମୁଖରେ ବୋମା ମାଡ଼ କରିଥିଲେ। ତେବେ ମୁନା ସୋମବାର ଝିଅକୁ ଦେଖା କରିବାକୁ ଯାଇଥିବାବେଳେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁନାଙ୍କୁ ଉଦ୍ଧାର କରିବା ସହ ୩ଟି ବୋମା ଜବତ କରିଥିଲା। ଏ ନେଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି। ମୁନା ଅନ୍ୟ ଦୁଇଜଣ ସାଙ୍ଗଙ୍କ ସହ ବୋମା ନେଇ ନୂଆଗାଁକୁ ଯାଇଥିଲେ। ସେଠାରେ କେତେଜଣ ଯୁବକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଥିଲେ।

## ୪୨ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ବଳଙ୍ଗା, ୧୭।୫(ଡି.ଏନ୍.ଏ.)

ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବଳଙ୍ଗା ଥାନା ପରିସରରେ ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ୪୨ଜଣ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ମଞ୍ଚ ସମ୍ପାଦକ ଶଙ୍କର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଜିଲା ମହିଳା ସୁରକ୍ଷା ସେଲର ଡିଏସ୍‌ପି ମନବ୍ରତା ଶତପଥୀ, ବଳଙ୍ଗା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଯୋଗଦେଇ ୪୨ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ସହ ସମସ୍ତ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

## ରଥଖଳାରୁ

## ପଇବିନ୍ଧ, ତୀଖଗୁଜ, ଜଳଯନ୍ତ୍ର, କୁଡୁକା ନିର୍ମାଣ



ପୁରୀ ଅଫିସ, ୧୭।୫

### ଚାଲିଛି ରୂପ ଖୋଦେଇ

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ଆରୟୁକ୍ତ ପଇର କାଳସା କାମ ସରି ପନ୍ଦାରୀ ଗାଡ଼ ଠେକ କାର୍ଯ୍ୟ ଚାଲିଛି। ଏତଦ୍‌ବ୍ୟତୀତ ତିନିରଥର ଦୁଇଟି ଲେଖାଏ ଚକ ପାଇଁ ପଇବିନ୍ଧ ସହ ଜଳଯନ୍ତ୍ର, ତୀଖଗୁଜ, କୁଡୁକା ଏବଂ ରୂପ ଖୋଦେଇ କାର୍ଯ୍ୟ ଜାରି ରହିଛି। ତାଳଧ୍ୱଜ ରଥର ପଇ କଳସା ସରି ପନ୍ଦାରୀ ଗାଡ଼ ଠେକ ହେଉଛି। ଆଉ ଦୁଇଟି ଚକ ଲାଗି ୮ଟି ପଇ ବିନ୍ଧ ସହ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇଛି। ସେହିପରି ସିଙ୍ଗଡ଼ା ବାଡ଼ିଆ ପରେ ତୁମ୍ବରେ ଅଖବିନ୍ଧ, ଅରକଟା ହୋଇ ସାଲ ପରେ ପଇ ସଂଯୋଗ ଓ ପଇ କଳସା ହେଉଛି। ଏହାଛଡ଼ା ୮ଟି ତୀଖଗୁଜ ୧୨ଟି କୁଡୁକା ପାଇଁ କାଠ ଚଉପଟ ହେଉଛି। ୧୧ଟି ସାଲଗୁଜ ଓ ୯ଟି ଜଳଯନ୍ତ୍ର ତିଆରି ସରିଛି। ସେହିପରି ଦେବଦଳନ ରଥର ପଇ କଳସା ସରି ତୁମ୍ବ, ପନ୍ଦାରୀ ଗାଡ଼ ଠେକ କାମ ଚାଲିଛି। ଆଉ ଦୁଇଟି ଚକ ପାଇଁ ୮ଟି ପଇ ବିନ୍ଧ କାର୍ଯ୍ୟ ସହ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ ପରେ ଅଖ ବିନ୍ଧ ହୋଇ ଅର କଟାଯାଇ ସାଲ ପରେ ପଇ ପିନ୍ଧା କାର୍ଯ୍ୟ ସରିଛି। ଆଉ ଏକ ଚକ ପ୍ରସ୍ତୁତି ପାଇଁ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ ପରେ ଅଖ ବିନ୍ଧ ପାଇଁ ରଥଖଳାକୁ ଆସିଛି। ପନ୍ଦାରୀ, ବଳା ଲାଗି ପନ୍ଦାରୀ ଗାଡ଼ ଖୋଦେଇ ପରେ ପନ୍ଦାରୀ ଓ ବଳା ବସାଯିବ। ସେହିପରି ସାଲଗୁଜ, ଜଳ ଯନ୍ତ୍ର ନିର୍ମାଣ ସରି ତୀଖଗୁଜ, କୁଡୁକା ନିର୍ମାଣ ପାଇଁ କାଠ ଚଉପଟ ହେଉଛି। ନନ୍ଦିଘୋଷ ରଥର ୪ଟି ଚକ ପାଇଁ ୧୬ଟି ପଇ ବିନ୍ଧ ସରି ତୁମ୍ବରେ ଅର ସଂଯୋଗ ପରେ ପଇପିନ୍ଧା ସରିଛି। ଉକ୍ତ ଚକର ପଇ କଳସା ସରି ତୁମ୍ବରେ ଅଖ ଠେକ କାମ ଚାଲିଛି। ଆଉ ଦୁଇଟି ଚକ ନିମନ୍ତେ ୮ଟି ପଇ ବିନ୍ଧ ସରି ଦୁଇଟି ତୁମ୍ବରେ ଅର ସଂଯୋଗ ପରେ ଅର କଟିଙ୍ଗ ଓ ସାଲ ହୋଇ ପଇ ସଂଯୋଗ ସରି ପଇ କଳସା ଚାଲିଛି। ୯ଟି ଜଳଯନ୍ତ୍ରରୁ ୫ଟି ଶେଷ ହୋଇ ବାକି ୪ଟିର କାଠ ଚଉପଟ ହେବା ସହ ୮ ତୀଖ ଗୁଜରୁ ୩ଟି ସରି ୫ଟିର କାଠ ଚଉପଟ ହେଉଛି। ନନ୍ଦିଘୋଷ ରଥର ୧୨ଟି କୁଡୁକାରୁ ୧୧ଟି ସରିଛି। ଅପରପକ୍ଷରେ ରୂପକାରମାନେ ତିନିରଥର ୪ଟି ଲେଖାଏ ସାଲଗୁଜ ବା କୋଣଗୁଜରେ ଶ୍ରୀନୃସିଂହଦେବଙ୍କ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ କମାରସେବକମାନେ ଅରକଣ୍ଟା, ପନ୍ଦାରୀ ଓ ବଳା ତିଆରି କରୁଛନ୍ତି।

## ଜବରଦଖଲ ଉଚ୍ଛେଦ ନେଇ ଅସନ୍ତୋଷ



ସରକାରୀ ଜାଗାରେ ଥିବା ଘରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

କୋଣାର୍କ,୧୭।୫(ଡି.ଏନ୍.ଏ.)

### ୮ ଗୃହ ଭଙ୍ଗାଗଲା

ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୯ନମ୍ବର ୱାର୍ଡ ଅନ୍ତର୍ଗତ ମାଉସୀମା'ସାହିରୁ ଜବରଦଖଲ ଉଚ୍ଛେଦ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବରପାଇ କାଉନସିଲର ସୌମ୍ୟ ସୌରଭ ଦାସ ପହଞ୍ଚି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ୮ଟି ଗୃହ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବେଳେ ଗୋପ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମେନ୍ଦ୍ର ତେଜ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ରହିଥିବା ବେଆଇନ ଗୃହ ଉଚ୍ଛେଦ ହେଉ ନ ଥିବା ବେଳେ ପ୍ରଶାସନ ପକ୍ଷରୁ ଏଠାରୁ ଉଚ୍ଛେଦ ଘଟଣାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଭଙ୍ଗା ଯାଉଥିବା ଗୃହ ଜାଗା ମିଶନ ସ୍ଥିରୀକୃତ ସ୍ଥାନ ହୋଇଥିବାରୁ ନୋଟିସ ଜାରି ପରେ ଉଚ୍ଛେଦ କରାଯାଉଛି ବୋଲି ଅତିରିକ୍ତ ତହସିଲଦାର ପରିଡ଼ା କହିଛନ୍ତି।

## କୁରୁମ ପୀଠର ବିକାଶ ଜରୁରୀ

କୋଣାର୍କ,୧୭।୫(ଡି.ଏନ୍.ଏ.)

କୋଣାର୍କ ନିକଟ କୁରୁଜଙ୍ଗ ପଞ୍ଚାୟତର ବୌଦ୍ଧପୀଠ କୁରୁମଠାରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ୩ଦିନିଆ ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ବିକାଶ ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ଅଧ୍ୟାପକ ସୁଧୀର ଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଯୋଗଦେଇ କହିଥିଲେ, ଐତିହ୍ୟ, ସଂସ୍କୃତି ଓ ପ୍ରାଚୀନ ବୌଦ୍ଧପୀଠ କୁରୁମର ଉନ୍ନତି ପାଇଁ ସାମଗ୍ରିକ ଉଦ୍ୟମ ଜରୁରୀ। ପୀଠର ଉନ୍ନତୀକରଣ ପାଇଁ ଜିଲା ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ପ୍ରକଳ୍ପ ମାନ ମଞ୍ଜୁର ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ଗବେଷକ ବାବା ଶକ୍ତିଦେବ ଶତପଥୀ, କୁରୁଜଙ୍ଗ ସରପଞ୍ଚ ରୂପାଲି କାଣ୍ଡି, କୁଣ୍ଡେଇ ସମିତି ସଭ୍ୟ ପ୍ରମୋଦ କୁମାର ଦାସ, ଅବସରପ୍ରାପ୍ତ ପ୍ରଫେସର କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ମଙ୍ଗରାଜ ବିଶ୍ୱାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମହାବୀର ଭଜନଧାରାର ଗୁରୁ କପିଳ ମୁରୁଡି ଓ ସାଥୀ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପରେ ପରେ ଲିଙ୍ଗରାଜ କଳା ନିକେତନର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା। ମା' ମଙ୍ଗଳା ଘୋଡା ନାଚ ଗ୍ରୁପ ଦ୍ୱାରା ବିଲୁପ୍ତ ଘୋଡା ନାଚ ପରିବେଷଣ କରାଯାଇଥିଲା। ଶିକ୍ଷାବିତ୍ ଗନ୍ଧର୍ବ ସେନାପତି, ମେଘନାଦ ସ୍ୱାଇଁ, ନଟବର ସେନାପତି, ପ୍ରଫୁଲ୍ଲ ସେନାପତି, କପିଳ ଭୂୟାଁ ସମେତ ପରିଷଦର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ବରିଷ୍ଠରେ ଶ୍ରୀକାନ୍ତ, କନିଷ୍ଠରେ ପ୍ରକାଶ ଚାମ୍ପିୟନ

### ସର୍ବଭାରତୀୟ ଯୋଗ ଚାମ୍ପିୟନଶିପ୍

ପୁରୀ ଅଫିସ, ୧୭।୫

ବଡ଼ଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳା ପରିସରରେ ଦୁଇଦିନ ଧରି ଚାଲିଥିବା ସର୍ବଭାରତୀୟ ଯୋଗ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଜେଡି ନେତା ସୁନୀଲ କୁମାର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାସ, ଭକ୍ତଚରଣ ଦାସ ଉପସ୍ଥିତ ଥିଲେ। ବକ୍ତା ଭାବେ ଡ. ରମାକାନ୍ତ କର, ବାପିନି ଶତପଥୀ ଏବଂ ମିନା କୁମାରୀ ସାହୁ ମଞ୍ଚାସୀନ ଥିଲେ। ଏହି ଯୋଗ ଚାମ୍ପିୟନଶିପ୍‌ରେ ୧୫ଟି ରାଜ୍ୟରୁ ୨୫୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ



ଯୋଗ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

ମଧ୍ୟରୁ ସବ୍‌ଜୁନିୟର ବିଭାଗରେ ଲିପ୍‌ସା ସାହୁ ଚାମ୍ପିୟନ ଏବଂ ଗାର୍ଗୀ ଗୀତିକା ଦାସ ରନର୍ସ ଅପ୍ ଟାଇଟଲ ଜିତିଛନ୍ତି। ଜୁନିୟର (କନିଷ୍ଠ) ବିଭାଗରେ ପ୍ରକାଶ ବେହେରା ଚାମ୍ପିୟନ ଓ ପ୍ରତୀକ୍ଷା ବରାଳ ରନର୍ସ ଅପ୍ ଏବଂ ସିନିୟର (ବରିଷ୍ଠ) ବିଭାଗରେ ଆନ୍ଧ୍ରପ୍ରଦେଶର ମହାନ୍ତି ଶ୍ରୀକାନ୍ତ ଚାମ୍ପିୟନ୍ ଓ ପଦ୍ମଲୋଚନ ଦାସ ରନର୍ସଅପ୍ ଟାଇଟଲ ଜିତିଛନ୍ତି। ବିଚାରକ ଭାବେ ସସ୍ମିତା ରାୟ, ଶୀତଳା ଦାସ, ଜ୍ୟୋତିରଞ୍ଜନ ଦାସ, ନିଖିଲ କୁମାର ଦଳାଇ ଯୋଗଦେଇଥିଲେ। ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଜୟଲକ୍ଷ୍ମୀ ଦାସ, ଝରଣା ଦାସ, ବିଭୁଦତ୍ତ ପଟ୍ଟନାୟକ, ବାବୁଲା ବେହେରା, ସରୋଜ କୁମାର ମିଶ୍ର, ନୃସିଂହ ଚରଣ ମହାନ୍ତି, ମଞ୍ଜୁଶ୍ରୀ ମିଶ୍ର, ପ୍ରକାଶ କୁମାର ରଥ, ସନ୍ଦୀପ କୁମାର କର୍ମକାର, ସୁଚିସ୍ମିତା ମହାନ୍ତି ଏବଂ କ୍ରିଷ୍ଣା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଲାଲା ଅନନ୍ତ କୁମାର ସିଂହ, ଅକ୍ଷୟ ଦାଶ, ବାଦଲ କୁମାର ପଣ୍ଡା, ସସ୍ମିତା ରାୟ, ଜ୍ୟୋତିରଞ୍ଜନ ଦାସ, ନୃସିଂହ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ମେ, ୨୦୨୨



## ଟ୍ରାକ୍ଟର ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

ବାଙ୍କୀ,(ସ୍ୱ.ପ୍ର.): ଭଗୀପୁରଠାରେ ଜଣେ ବ୍ୟକ୍ତିଙ୍କୁ ଟ୍ରାକ୍ଟର ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦୁର୍ଗାପୁର ଗ୍ରାମର ଭାସ୍କର ବେହେରା (୫୩)। ଘଟଣାରୁ ପ୍ରକାଶ, ମଙ୍ଗଳବାର କଟକରୁ ବାଙ୍କୀ ଆସୁଥିବା ଟ୍ରାକ୍ଟର ଭାସ୍କରଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଭାସ୍କରଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ତେବେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ କଇମୁଣ୍ଡି ପୋଲିସ ଜବତ କରିଛି।

## ସଂକ୍ଷେପରେ

### ଜଗନ୍ନାଥ ସେବା ସଂସ୍ଥାର ସ୍ୱତନ୍ତ୍ର ବୈଠକ

ଆଠଗଡ଼,୧୭।୫(ସ୍ୱ.ପ୍ର): ଆଠଗଡ଼ ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ସେବା ସଂସ୍ଥାର ସ୍ୱତନ୍ତ୍ର ସାଧାରଣ ବୈଠକ ଯଜ୍ଞ ନାରାୟଣ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଗକୁ ହେବାକୁ ଥିବା ରଥଯାତ୍ରାରେ ସଂସ୍ଥାର ୪୧ତମ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଓଡ଼ିଶାର ରାଜ୍ୟ ସଂସ୍କୃତି ବିଭାଗର ସହାୟତା, ଗୁଣ୍ଡିଚା ଘରର ମରାମତି ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀଧର ରଥଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବନଖଣ୍ଡ ଅଧିକାରୀଙ୍କ ପ୍ରତିନିଧି, ସଂସ୍ଥାର ଉପ-ସଭାପତି ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ପାର୍ଥ ସାରଥି ପଟ୍ଟନାୟକ, ବରିଷ୍ଠ ସଭ୍ୟ ସୁବାସ ରାଉତ, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ସାଲେପୁର,୧୭।୫(ଡି.ଏନ୍.ଏ.): ସାଲେପୁର ବ୍ଲକ୍ ଅନ୍ତର୍ଗତ ମିର୍ଜାପୁର ଗ୍ରାମର କାଲୁଆ ମହାପୁରୁଷଙ୍କ ପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ଜପ କରିଥିଲେ। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ପୂଜକ ଭାବେ ଦୋଳଗୋବିନ୍ଦ ଦାଶ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଭାସ୍କର ଚନ୍ଦ୍ର ଲେଙ୍କା, ବିବେକାନନ୍ଦ ଭୂୟାଁ, ପ୍ରଲୋଭନ ଭୂୟାଁ, କିଶୋର ଭୂୟାଁ, ଶିବଚରଣ ଜେନା, ସାରସ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ପୂଜା କମିଟି ସଭାପତିଙ୍କ ସ୍ତ୍ରୀ ବିୟୋଗ

କଟକ ଅଫିସ,୧୭।୫(ବ୍ୟୁରୋ): ସ୍ଥାନୀୟ ମାନସିଂହପାଟଣା ପୂଜା କମିଟି ସଭାପତି ବଂଶୀଧର ଜେଠୀଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୫୬ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୪ଝିଅ,ଜ୍ୱାଇଁ ଓ ସ୍ୱାମୀ ଉପସ୍ଥିତି ଥିଲେ । ସେ ଜଣେ ଧର୍ମପରାୟଣା, ମେଳାପି ଓ ପରୋପକାରୀ ମହିଳା ଭାବେ ନିଜ ଅଞ୍ଚଳରେ ପରିଚିତ ଥିଲେ । ସତୀଚଉରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଖବର ପ୍ରଚାରିତ ହେଲା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

# ବାରବାଟୀ ମ୍ୟାଚ୍ ନେଇ ଅନିଶ୍ଚିତତା

## ଅଗ୍ନି ନିରାପତ୍ତା ସମ୍ପର୍କିତ ତଥ୍ୟ ମାଗିଲେ ଓଏଚ୍ଆର୍‌ସି

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୧୨ତାରିଖରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍ଆର୍‌ସି) ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ଏବଂ କଟକ ଡିସିପିଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଆସନ୍ତା ୨୬ତାରିଖ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଓଏଚ୍ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଓଏଚ୍ଆର୍‌ସିଙ୍କ ନୋଟିସ ହସ୍ତଗତ ହୋଇ ନ ଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଏହା ପୂର୍ବରୁ ୨୬ରୁ ଊର୍ଦ୍ଧ୍ୱ ଅନ୍ତରାଷ୍ଟ୍ରୀୟ ମ୍ୟାଚ୍ ହୋଇସାରିଛି। ସରକାରଙ୍କ ସହଯୋଗ ଏବଂ ସମସ୍ତଙ୍କ ଅନୁମତିରେ ମ୍ୟାଚ୍ ହୁଏ ଏବଂ ଅଗ୍ନି ନିରାପତ୍ତା ନେଇ ସମସ୍ତ ସୁବିଧା କରାଯାଇଥାଏ ବୋଲି ସେ କହିଛନ୍ତି।

ଆବେଦନକାରୀ ମିଶ୍ରଙ୍କ କହିବା ଅନୁସାରେ, ୪୪ହଜାର ଦର୍ଶକ କ୍ଷମତା ବିଶିଷ୍ଟ ବାରବାଟୀ ଷ୍ଟାଡିୟମ୍‌ରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଏପରି କି ଷ୍ଟାଡିୟମ ବିଲ୍‌ଡିଂର ନିୟମିତ ସେଫ୍ଟି ଯାଞ୍ଚ ମଧ୍ୟ କରାଯାଉ ନାହିଁ। ରାଜ୍ୟ ଅଗ୍ନିଶମ ନିର୍ଦ୍ଦେଶାଳୟ ଅଗ୍ନି ସୁରକ୍ଷା ସମ୍ପର୍କିତ ପ୍ରମାଣପତ୍ର ଜାରି କରିଥାନ୍ତି। ହେଲେ ଷ୍ଟାଡିୟମ କର୍ତ୍ତୃପକ୍ଷ ଏହି ପ୍ରମାଣପତ୍ର ହାସଲ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଓଏଚ୍ଆର୍‌ସିଙ୍କ ସମେତ ସେଣ୍ଟ୍ରାଲ୍ ରେଞ୍ଜ୍ ଫାୟାର ଅଫିସରଙ୍କ ମଧ୍ୟ ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା ନିୟମ, ୨୦୧୭ ଏବଂ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ସୁରକ୍ଷା (ସଂଶୋଧିତ) ଆଇନ୍-୨୦୧୯ ଅନୁଯାୟୀ ଓସିଏ ପକ୍ଷରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବା ନେଇ ସେ ଆବେଦନ କରିଛନ୍ତି। ମିଶ୍ରଙ୍କ ଆବେଦନକୁ ଗୁରୁତ୍ୱର ସହିତ ଗ୍ରହଣ କରି କ୍ରିକେଟ୍ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଗ ପକ୍ଷରୁ କୁହାଯିବା ସହ ଆସନ୍ତା ୨୬ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଓସିଏ ଏବଂ କଟକ ଡିସିପିଙ୍କୁ କୁହାଯାଇଛି। ନିକଟରେ ଦିଲ୍ଲୀରେ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ଅଗ୍ନିସେବା ନିର୍ଦ୍ଦେଶାଳୟ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏପରି କି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସଂସ୍ଥା ବା ଅନୁଷ୍ଠାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ତେଣୁ ବାରବାଟୀ ଷ୍ଟାଡିୟରେ ମ୍ୟାଚ୍ ସମୟରେ ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେବାକୁ ଥିବାରୁ ଏହାର ଅଗ୍ନି ନିରାପତ୍ତା ସମ୍ବନ୍ଧିତ ପ୍ରମାଣପତ୍ର ଜରୁରୀ ବୋଲି କୁହାଯାଉଛି।

# କୋର୍ଟରେ ହାଜର ହେଲେ ଡି-ବ୍ରଦର୍ସ

## ଦୀପୁ, ଓମ୍ ହତ୍ୟା ମାମଲା

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ବହୁଚର୍ଚ୍ଚିତ ଦୀପୁ ଓ ଓମ୍ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଡି-ବ୍ରଦର୍ସ ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତ ମଙ୍ଗଳବାର କଟକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ହାଜର ହୋଇଛନ୍ତି। ମାମଲାର ତଦନ୍ତକାରୀ ଅଧିକାରୀ ଥିବା ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଥାନାଧିକାରୀ ଅଜୟ ଦାସଙ୍କ ସାକ୍ଷ୍ୟଗ୍ରହଣ ହୋଇଥିଲେ ମଧ୍ୟ ତାହା ଅସମାପ୍ତ ରହିଥିବା ସୂଚନା ମିଳିଛି। ପୋଲିସ ପକ୍ଷରୁ କଡ଼ା ସୁରକ୍ଷାରେ ଡି-ବ୍ରଦର୍ସଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପୁଣି ଉଭୟଙ୍କୁ ବଲାଙ୍ଗୀର ଓ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଜୁନ୍ ୨୭ ଓ ୨୮ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ସୁଶାନ୍ତ ଓ ସୁଶୀଲଙ୍କ ଚାଉଳିଆଗଞ୍ଜ ଅଞ୍ଚଳର ମନୋଜ ମଲ୍ଲିକ ଓରଫ ଦୀପୁ ଓ ଓମପ୍ରକାଶ ସ୍ୱାଇଁ ଓରଫ ଓମ୍ ସହଯୋଗୀ ଥିଲେ। ସେମାନେ ମିଳିମିଶି ଅପରାଧ ଘଟାଉଥିଲେ। ୨୦୧୩ରେ କୌଣସି କାରଣକୁ ନେଇ ମତାନ୍ତର ହେବାରୁ ଦୀପୁ ଓ ଓମ୍‌ଙ୍କୁ ଡ୍ରି-ବ୍ରଦର୍ସ ଅପହରଣ କରିଥିଲେ। ଡ୍ରି-ବ୍ରଦର୍ସ ଉଭୟଙ୍କୁ ପଟି ମାରିବା ସହ ଝାଡ଼ଖଣ୍ଡରେ ମୃତଦେହ ପୋତିଦେଇଥିଲେ। ନିଖୋଜ ନେଇ ପରିବାର ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୬ ଜାନୁୟାରୀ ୨୯ରେ ଡି-ବ୍ରଦର୍ସଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା।

# 'ବୁଦ୍ଧ ମହୋତ୍ସବର ସ୍ୱତନ୍ତ୍ରତା ରହିଛି'



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା,୧୭।୫(ଡି.ଏନ୍.ଏ.)

ବଡ଼ମ୍ବା ମାଣିଆବନ୍ଧସ୍ଥିତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ଚାଲିଥିବା ଦଶମ ବୁଦ୍ଧ ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟା ଥିଲା। ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁଛି। ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଆ ନବବର୍ଷ କମିଟି ଅଧ୍ୟକ୍ଷ ପ୍ରସନ ନନ୍ଦ ଯୋଗଦେଇ ମାଣିଆବନ୍ଧର ଏହି ବୁଦ୍ଧ ମହୋତ୍ସବ ସ୍ୱତନ୍ତ୍ରତା ବହନ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଗବେଷକ ଗଣେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଦେବରାଜ ଦେବତା, ସମ୍ପାଦକ ଆଇନୀଜୀବୀ ଅଜିତ ପ୍ରସାଦ ଚୌଧୁରୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୁଧବାର ଏହି ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

## ଅଚଳକୋଟ ଗ୍ରାମରେ ୩ ବଖରା ଜଳିଗଲା

ତିଗିରିଆ, ୧୭।୫ (ଡି.ଏନ୍.ଏ.)

ତିଗିରିଆ ତହସିଲର ଅଚଳକୋଟ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଛପର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଲୋକେ ଜାଣିବା ପୂର୍ବରୁ ନିଆଁର ପ୍ରକୋପ ବଢ଼ିଯାଇଥିଲା। ସାହିପଡ଼ିଶା ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ତିଗିରିଆ ଦମକଳ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲା। ଏଥିରେ ଅଚଳକୋଟ ଗ୍ରାମର ଶ୍ରୀନିବାସ ଖଟୁଆ, ବିପିନ ବିହାରୀ ଖଟୁଆ ଏବଂ ସୋମନାଥ ଖଟୁଆଙ୍କ ଗୋଟିଏ ଲେଖାଏ ବଖରା ଜଳି ଯାଇଛି। ସେମାନଙ୍କ ଆସବାବପତ୍ର ସହ ଖାଦ୍ୟ ସାମଗ୍ରୀ ପୋଡ଼ିଯାଇଛି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

## କ୍ରିକେଟ: କପିଳେଶ୍ୱର ଷ୍ଟାଇଲିସ ଷ୍ଟାର୍ସ ବିଜୟୀ

ତିଗିରିଆ,୧୭।୫(ଡି.ଏନ.ଏ.)

ତିଗିରିଆ ଓ ବଡମ୍ବା ବ୍ଲକ ଅନ୍ତର୍ଗତ ମାନପୁରଠାରେ ବାବୁଲା ସ୍ମାରକୀ ୬ଷ୍ଠ ମାନପୁର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ କପିଳେଶ୍ୱର ଷ୍ଟାଇଲିସ ଷ୍ଟାର୍ସ ୨ ଉଇକେଟ୍‌ରେ ଇନ୍ଦ୍ର ରାଇଡର୍ସକୁ ପରାସ୍ତ କରିଛି । ଟସ୍ ଜିତି ଇନ୍ଦ୍ର ରାଇଡର୍ସ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ୍ ହରାଇ ୧୦୧ ରନ୍ କରିଥିଲା । ଦଳ ତରଫରୁ ରତ୍ନାକର ବେହେରା ସର୍ବାଧିକ ୧୧ ବଲ ସାମନା କରି ୧୮ ରନ କରିଥିବାବେଳେ ବୋଲିଂରେ କପିଳେଶ୍ୱର ତରଫରୁ ପିଙ୍କୁ ସ୍ୱାଇଁ ୩ ଓଭର ବୋଲିଂ କରି ୨୧ ରନ ବିନିମୟରେ ୩ ଉଇକେଟ୍ ଅକ୍ତିଆର କରିଥିଲେ । ଜବାବରେ କପିଳେଶ୍ୱର ଷ୍ଟାଇଲିସ୍ ଷ୍ଟାର୍ସ ୮ ଓଭରରେ ୮ ଉଇକେଟ୍ ହରାଇ ୧୦୩ ରନ କରି ମ୍ୟାଚ୍‌କୁ ୨ଉଇକେଟ୍‌ରେ ଜିତି ଥିଲେ । ଦଳ ତରଫରୁ ସୁରେନ୍ଦ୍ର ପ୍ରଧାନ ୨୩ ବଲକୁ ସାମନା କରି ସର୍ବାଧିକ ୨୪ ରନ କରିଥିଲେ। ବୋଲିଂରେ ଇନ୍ଦ୍ର ରାଇଡର୍ସର ବିଶକେତନ ବେହେରା ୩ ଓଭର ବୋଲିଂ କରି ୨୩ ରନ ବିନିମୟରେ ୩ ଉଇକେଟ୍ ଅକ୍ତିଆର କରିଥିଲେ। କପିଳେଶ୍ୱର ଷ୍ଟାଇଲିସ୍‌ର ସୁରେନ୍ଦ୍ର ପ୍ରଧାନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ରୂପେ ଟୁର୍ନାମେଣ୍ଟ ପରିଚାଳନା ପରିଷଦର ସମ୍ପାଦକ ମାୟାଧର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ ।

## ନବମ ଆର୍ଟ ଅଫ୍ ଗିଭିଂ ଦିବସ

ବାଙ୍କୀ,୧୭।୫(ସ୍ୱ.ପ୍ର)

ବାଙ୍କୀର ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନରେ ମଙ୍ଗଳବାର ନବମ ବିଶ୍ୱ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ 'ଆଶା-ଆନନ୍ଦ-ସମ୍ପ୍ରୀତି' ବିଷୟକୁ ଆଧାର କରି ଏହି ଦିବସ କିଟ୍ ବିଶ୍ୱବିଦ୍ୟାଳୟର ଇନ୍‌ସ୍ୟୁରାନ୍ସ ବିଭାଗ ପକ୍ଷରୁ ଗୋପାଳପୁର ପଞ୍ଚାୟତ ପାଟପୁରସ୍ଥିତ ଶିଶୁ ଯତ୍ନ କେନ୍ଦ୍ରରେ ପାଳନ କରାଯାଇଛି। ପ୍ରିୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ ଉପସ୍ଥିତ ଥିଲେ। ଶିମିଳିପୁର ବିବେକାନନ୍ଦ ସ୍କୁଲ ଅଫ୍ ଏଜୁକେଶନଠାରେ ପ୍ରିୟରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍କୀ ବାର୍ ଆସୋସିଏଶନ ସଭାପତି ଶ୍ରୀନିବାସ ମହାପାତ୍ର, ଗବେଷକ ଗଣେଶ୍ୱର ସ୍ୱାଇଁ ଏବଂ ଡମପଡା ବ୍ଲକ ପୂର୍ବତନ ଚେୟାରମ୍ୟାନ ଶଶାଙ୍କ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# 'ଖବରକାଗଜ ବିତରକ ଗଣତନ୍ତ୍ରର ମୂକ ସୈନିକ'


ଖବରକାଗଜ ବିତରକଙ୍କ ସହ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ଆଠଗଡ଼,୧୭।୫(ସ୍ୱ.ପ୍ର.)

ଖବରକାଗଜର ବିତରକମାନେ ଖବରକାଗଜ ବାଣ୍ଟିବା ମାଧ୍ୟମରେ ଛୋଟରୁ ବଡ ଖବର ଲୋକଲୋଚନକୁ ଆଣିବା ସହିତ ଗଣତନ୍ତ୍ର ରକ୍ଷା ଲାଗି ସୈନିକ ପରି କାର୍ଯ୍ୟ କରିଥାନ୍ତି । ଏଥିପାଇଁ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ତତ୍ପର ବୋଲି ଆଠଗଡ଼ ଉପ-ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ଖବରକାଗଜ ବିତରକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରିବା ଅବସରରେ ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏହା ସହିତ ରାଜ୍ୟ ସରକାର ଏହି ବିତରକମାନଙ୍କ ମହତ୍ କାର୍ଯ୍ୟକୁ ଆଖି ଆଗରେ ରଖି ସେମାନଙ୍କ ସୁରକ୍ଷା ପାଇଁ ତତ୍ପର ଅଛନ୍ତି । ଆଠଗଡ଼ ଅଞ୍ଚଳରେ ବିତରକମାନଙ୍କ ପାଇଁ ନୂଆ ବସଷ୍ଟାଣ୍ଡଠାରେ ଏକ ହକର ୱର୍କ ସେଡ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଆଠଗଡ଼ ଏନଏସି ଜରିଆରେ ଏହି କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ସରିଛି। ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଅଲେଖ ଚନ୍ଦ୍ର ଦାସ ସଂଯୋଜନା କରିଥିଲେ। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ପ୍ରାୟ ୩୦ ଜଣ ବିତରକଙ୍କୁ ପରିଚୟ ପତ୍ର ମନ୍ତ୍ରୀ ବଣ୍ଟନ କରିଥିଲେ ।

# ନଦୀ ସୁରକ୍ଷା ଦାବିରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର

ଆଠଗଡ଼, ୧୭।୫(ସ୍ୱ.ପ୍ର.)

ରାଜ୍ୟର ବିଭିନ୍ନ ନଦୀ ଅଞ୍ଚଳରୁ ବେଆଇନ ଭାବରେ ପାଣି ଓ ବାଲି ଲୁଟ୍ କରାଯାଉଥିବା ନେଇ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ନଦୀ ସୁରକ୍ଷା ସମିତି ନମାମୀ ଗଙ୍ଗେର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଠଗଡ଼ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଆଠଗଡ଼ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀରୁ ବେଆଇନ ଭାବେ ବାଲି ଓ ପାଣି ଉଠାଯାଇ ସ୍ଥାନୀୟ ଅଞ୍ଚଳର ଶିଳ୍ପ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଉଛି। ଏହାଛଡ଼ା ଶିଳ୍ପାନୁଷ୍ଠାନଗୁଡ଼ିକର ବର୍ଜ୍ୟବସ୍ତୁ ମହାନଦୀରେ ମିଶିବା ଫଳରେ ମହାନଦୀର ଜଳ ଦୂଷିତ ହେଉଛି। ଏନେଇ ବାରମ୍ବାର ପ୍ରତିବାଦ ସତ୍ତ୍ୱେ ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବାରୁ ଆଗାମୀ ଦିନରେ ଭାଜପା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ନଦୀ ସୁରକ୍ଷା ସମିତିର ସଂଯୋଜକ ମହେଶ୍ୱର ସାହୁ,ଆଠଗଡ଼ ଭାଜପା ନେତା ବଜେନ୍ଦ୍ର ରାୟ, ରାମନାରାୟଣ ମହାନ୍ତି ଓ ଶଙ୍କର୍ଷଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

FORM No.- 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A.NO. 665/2019
Canara Bank (E-Syndicate), Nayapalli Branch ...Applicant
Versus
M/s K.K. Imitation & Others ...Defendant(s)
To,
(1) **M/s K.K. Imitation,** Prop: Maheswar Behera, At: Kalinga Market, Shop No.: 55, Unit-1, Infront of DIG office, Bhubaneswar, Dist.: Khurda-751009.
2) **Sri Maheswar Behera,** S/o.: Karunakar Behera, At: Plot No.: 1385/86, Brahmeswar Patna, Sabati Niwas, Bhubaneswar, Dist.: Khurda-751002.
3) **Debendra Kumar Routray,** S/o.: Dinabandhu Routray, Plot No.: 78, Mahavir Nagar, Samantraypur, Bhubaneswar, Dist.: Khurda.
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No.-665/2019** in the court of the Debts of Recovery Tribunal, Cuttack for recovery of **Rs.30,52,110.22** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **27th June 2022 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this **13th day of May 2022.**
Sd/- (M. K. Patnaik)
REGISTRAR

NOTICE
IN THE DEBT RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 416 of 2019
CANARA BANK, E-Syndicate Bank, Main Branch, Kalpana Square, Bhubaneswar, Dist.: Khurda. ...Applicant
AND
M/s. Odisha Fitness & Sports and others ...Defendants
To
1. **M/s. Odisha Fitness and Sports,** Represented through its Proprietor: Mr. Kamalakanta Biswal, At: Shop No.: 1, Biraja Complex, Bomikhal, Cuttack Road, Bhubaneswar, Dist.: Khurda, Pin-751010.
2. **Mr. Kamalakanta Biswal,** S/o.: Damodar Biswal, At: Plot No.: 368/369, Mahadev Nagar, Jharpada, Bhubaneswar, Dist.: Khurda, Pin-751006.
3. **Mr. Basant Kumar Kund,** S/o.: Mr. Natabar Kund, At: Plot No.: 155, Jharpada, Bhubaneswar, District: Khurda, Pin-751030.
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted a suit in **O.A. No. 416 of 2019** in the Court of Debts Recovery Tribunal at Cuttack for a recovery of **Rs.42,22,875.18** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of June 2022 at 10.30 A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **9th day of May 2022.**
Sd/- (M. K. PATNAIK)
Registrar
Debts Recovery Tribunal

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

A leading Sanitary Showroom requires an **Accountant and a Marketing Executive** for their Business promotion of various products at Patia Bhubaneswar.
**Interested candidates can come for walk in interview on 22.05.2022 at below address:**
**SAI SARANAM AGENCY**
**Beside Reliance Trends, Patia, Bhubaneswar**
**Contact: 9861125927, 9438729669**

**LEPRA Urgent Requires**
**Counsellor for its Targeted Interventions Project (IDU), Bhubaneswar**
Qualification & Experience: Qualified with Post-graduate in Psychology or Social Work from any recognized institution. Should have minimum 2year of experience in HIV sector or any field level health programme.
**Salary: 12000/- per Month**
**For details visit: www.leprasociety.org**
**Apply to: hrd@leprahealthinaction.in**
**Last date: 25th May 2022**

See Career Appointment on every Wednesday & Saturday

**APPOINTMENT**
Required Lady Graduate with MS Office working knowledge for a Chartered Accountant Firm in Bhubaneswar. Lodging will be provided.
**Contact Tel. No.:**
**9078006778 / 8249377084**

**JOB OPENING**
**ENCOMS PVT. LTD., BBSR**
Requires Experienced DGPS Operator, Accounts-cum-Office Clerk, Experienced Civil Engineer using Watergems Software.
**Salary Negotiable**
**encoms.odisha@gmail.com**
**Mob.: 7205987120**

**WANTED**

| Sr. No. | Post | Qualification | Sex | Salary | Nos. |
|---|---|---|---|---|---|
| 1 | OFFICE STAFF | Graduation with PGDCA, (Tally Additional) | M/F | 11,000 | 1 |
| 2 | ELECTRICIAN | ITI (1 year experience) | M | 11,000 | 2 |
| 3 | CARE TAKER | | M | 9,000 | 2 |
| 4 | SOTRE KEEPER | | M | 9,000 | 2 |

Cont. Details: KM Convention (Wedding Hall), Bhubaneswar, Send your resume by Mail, Mail ID: kmconvention1@gmail.com, Cont. No.: 9337105335 (Cont. Between 1 P.M. to 6 P.M.)

**Large industry in JAJPUR, ODISHA requires immediately**
**Security Guards (5'7")** 10th pass, 13,500/-
**Security Supervisor** 12th pass, 15,000/-
**Computer Operator** Graduate, Skilled, 15,000/-
**ASO** 20,500/- **Ex-Serviceman** 21,500/-
Industrial Experience Compulsory, Duty 12 Hours.
Provident Fund, ESIC, Bonus extra.
Accommodation free, Canteen Facility available.
Contact **RIS Group**
**033-40069640, 9830448899, 8013985668**

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/22-23/ E-Tender/25,ତା.10.05.2022ରିଖ
ଟେଣ୍ଡର ସଂ.e-tender-CENTKUR-54-2022 ତା.05.05.2022ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଢେଙ୍କାନାଳ **(DNKL)** ଠାରୁ ବୁଢ଼ାପଙ୍କ **(BDPK)** ପର୍ଯ୍ୟନ୍ତ ସେକ୍ସନରେ **11** ଗୋଟି ଷ୍ଟୋନ୍ ସ୍ଲାବ୍ ବ୍ରିଜ୍‌ଗୁଡ଼ିକର **RCC** ବାକ୍ସ ବ୍ରିଜ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 437.76 ଲକ୍ଷ,
EMD (ଟଙ୍କାରେ) : 3,68,900/-
ଶେଷ ହେବା ଅବଧି : 10(ଦଶ) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.05.2022 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-112/N/22-23

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
**Student Academic Management System**
No. RR: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୭।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୦୫।୦୬।୨୦୨୨ରିଖ (ମଧ୍ୟରାତ୍ର ୧୨ ଘଟିକା ପର୍ଯ୍ୟନ୍ତ) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡିମିଟ୍ କାର୍ଡ଼ ଡାଉନଲୋଡ଼ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୮।୦୬।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୦।୦୬।୨୦୨୨ରିଖରୁ ତା୨୫।୦୬।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୩୦।୦୬।୨୦୨୨ରିଖ |
| ୬. | ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ। | |

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।
ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:- ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।
ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.
ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।
OIPR-03011/11/0002/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ମେ, ୨୦୨୨



## କିଶୋର ନଗର କଲେଜ କିରାଣିଙ୍କ ବିରୋଧରେ ତଦନ୍ତ

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜର ଜଣେ କିରାଣିଙ୍କ କାର୍ଯ୍ୟକଳାପ ଉପରେ ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତ ଭାର କଲେଜ ଅଧକ୍ଷ ପ୍ରଭାକର ସାହୁଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗର ଉପ ନିର୍ଦ୍ଦେଶକ ପତ୍ରସଂଖ୍ୟା ୧୯୬୯୨/୧୩।୧୪୨୨ରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସଂପୃକ୍ତ କିରାଣି ନିଜ ଦାୟିତ୍ୱ ବଦଳରେ ନିର୍ମାଣ କାମରେ ସଂଶ୍ଳିଷ୍ଟ ରହିବା, ନେମାଳ କଲେଜ ପରିଚାଳନା ମଣ୍ଡଳୀର ସଭ୍ୟ ହେବା ଓ ଜଣେ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟରଙ୍କୁ କିରାଣି କାମରେ ନିୟୋଜିତ କରିଥିବା ନେଇ ସ୍ଥାନୀୟ ଲୋକେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ମନ୍ତ୍ରୀ ସାହୁଙ୍କ ନିର୍ଦ୍ଦେଶରେ ଏହି ତଦନ୍ତ କରାଯାଉଛି। ଏ ସମ୍ପର୍କରେ କଲେଜ ଅଧକ୍ଷ ସାହୁ କହିଛନ୍ତି, ତଦନ୍ତ ଠିକ୍ ଭାବେ ଚାଲିଛି।

### ସଂକ୍ଷେପରେ

## ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଚୌଦ୍ୱାର,୧୭।୫(ଡି.ଏନ୍.ଏ.): ୫-ଟି ଅନ୍ତର୍ଗତ ଜାଗା ସମ୍ପର୍କ ମାଧମରେ ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଅନ୍ତର୍ଗତ ସୁଇପର କଲୋନୀରେ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବସ୍ତିବାସିନ୍ଦା କମିଟିର ସଭାପତି ପ୍ରକାଶ ଗୋଛାୟତଙ୍କ ପୌରୋହିତ୍ୟରେ ସୁଇପର କଲୋନୀର ପରିଚୟ ଗୃହ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ସଂଯୋଜିକା ବାସନ୍ତୀ ସାହୁ, ସୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ଜୀବନ ଧାରଣ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ବାସଗୃହ ନିର୍ମାଣ ପାଇଁ ପ୍ରାଥମିକ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ବସ୍ତିବାସିନ୍ଦାଙ୍କ ପାଇଁ ସମ୍ପର୍କ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୱାର୍ଡ ଅଫିସର ରଶ୍ମି ରଞ୍ଜନ ଦାସ, ବସ୍ତିବାସିନ୍ଦା କମିଟି ସମ୍ପାଦକ ମିଥୁନ ନାଏକ, ବ୍ରଜ କିଶୋର ଗୋଛାୟତ, ସୁବାସ ଚନ୍ଦ୍ର ବାରିକ, ରଘୁନାଥ ସ୍ୱାଇଁ, କବିତାରାଣୀ ଲେଙ୍କାଙ୍କ ସମେତ ପୌର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ

କଟକ ଅଫିସ, ୧୭।୫: ଯୁଗ୍ମ ଅଭିଯୋଗ ଶୁଣାଣି ଏକ କ୍ରିୟାଶୀଳ ପ୍ରକ୍ରିୟା। ଏଣୁ ତୁରନ୍ତ ସମାଧାନକୁ ପ୍ରାଧାନ୍ୟ ଦିଆଯାଉଛି। ଜିଲାର ଅଧିକାରୀମାନେ ଏହାକୁ ଦୃଷ୍ଟିରେ ରଖି ଗୁରୁତ୍ୱର ସହିତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୧୧ଟିର ତ୍ୱରିତ ସମାଧାନ କରାଯାଇଥିଲା। ଚିକିତ୍ସା ନିମନ୍ତେ ମାନୀଷୀ ସ୍ୱାଇଁଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ଏହି ବୈଠକରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗୋଳ କିଶୋର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଇଂ. କାଳୁଚରଣ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଖୁଣ୍ଟୁଣୀ,୧୭।୫(ଡି.ଏନ୍.ଏ.): ମହାମାରୀର ବିଲୋପ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଖୁଣ୍ଟୁଣୀ-ରଙ୍ଗେଇ ହାଟପଡିଆଠାରେ ଶ୍ରୀନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ଖୁଣ୍ଟୁଣୀ-ରଙ୍ଗେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଶୋର ସାମନ୍ତରାୟ, ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ବିଜୟ ସାହୁ, ପ୍ରିୟବ୍ରତ ପାତ୍ର, ସୁବାସ ରାଉଳ, ସଞ୍ଜୀବ ବେହେରା, ଗୋବିନ୍ଦ ବେହେରା ଓ ଯୋଗୀନାଥ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓରନ୍ଦା ରାଧାକୃଷ୍ଣ ମଠାଧିଶ ଅସିତ୍ ବାବା ପୂର୍ଣ୍ଣାହୁତିରେ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ମ୍ୟାଟ୍ରନ୍‌ଙ୍କ ପରଲୋକ

କଟକ ଅଫିସ, ୧୭।୫: ଏସ୍‌ସିବି ମେଡିକାଲ କଲେଜର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ମ୍ୟାଟ୍ରନ ଅନ୍ନପୂର୍ଣ୍ଣା ଦେବୀ(୮୬)ଙ୍କର ରାଜେନ୍ଦ୍ରନଗରସ୍ଥିତ ବାସଭବନରେ ସୋମବାର ପରଲୋକ



ହୋଇଯାଇଛି। ବାର୍ଦ୍ଧକ୍ୟଜନିକ ରୋଗରେ ପୀଡ଼ିତ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସବ୍ୟସାଚୀ ମିଶ୍ର, ବୋହୂ କଳ୍ପନା, ଭାଇ, ଭାଉଜ, ଝିଆରୀ, ପୁତୁରା ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସବ୍ୟସାଚୀ ମୁଖାଗ୍ନି ଦେଇଥିଲେ। ଅନ୍ନପୂର୍ଣ୍ଣା ଜଣେ ପରୋପକାରୀ, ଉତ୍ସର୍ଗୀକୃତ ସେବିକା ଥିଲେ। ଜୀବନର ଅଧିକାଂଶ ସମୟରେ ରୋଗୀ ସେବା କରୁଥିଲେ।

# ‘ଦୁର୍ଘଟଣାର କାରଣ ଜାଣିଲେ ନିରାକରଣ ସମ୍ଭବ’

କଟକ ଅଫିସ, ୧୭।୫

ଦୁର୍ଘଟଣା ଏଡାଇବା ପାଇଁ ପାରିପାର୍ଶ୍ୱିକ ଦିଗକୁ ଅନୁଶୀଳନ କରି ଅନୁସନ୍ଧାନ ପ୍ରକ୍ରିୟାର ଅଗ୍ରଗତି ହେବା ଆବଶ୍ୟକ। ଫଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ହେଉଥିବା ଦୁର୍ଘଟଣାକୁ ଏଡାଯାଇପାରିବ। ଏଥିସହ ସଂକ୍ଷେପରେ ଦୁର୍ଘଟଣାର କାରଣ ଜାଣିଲେ ନିରାକରଣ ସମ୍ଭବ ବୋଲି ପରିବହନ କମିଶନର ତଥା କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା କହିଛନ୍ତି। ପୋଲିସ ଏବଂ ପରିବହନ ଅଧିକାରୀଙ୍କ ପାଇଁ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ଓ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଥ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଦୁର୍ଘଟଣାର କାରଣକୁ କେବଳ ବେପରୁଆ ଗାଡିଚାଳନା, ଦାୟିତ୍ୱହୀନତା ଓ ମଦ୍ୟପାନଜନିତ ବୋଲି ନିର୍ଣ୍ଣୟ କରାଯାଉଛି। ଏଥିସହ ପୀଡିତା ବା ପୀଡ଼ିତଙ୍କୁ ସହାୟତା ଦିଗରେ ପଦକ୍ଷେପକୁ କେନ୍ଦ୍ରୀଭୂତ କରାଯାଇଆସୁଛି। ହେଲେ ଏହାର ନିରାକରଣ ଦିଗକୁ ସାଧାରଣ ଭାବେ ଅଣଦେଖା କରାଯାଉଛି। ଏଣୁ ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିପାରିଲେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ହୋଇପାରିବ। ଅନ୍ୟପକ୍ଷରେ





ସଡ଼କ ସୁରକ୍ଷା ଓ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପରିବହନ କମିଶନର ଅରୁଣ ବୋଥ୍ରା ବକ୍ତବ୍ୟ ଦେଉଛନ୍ତି।

**ସଡ଼କ ସୁରକ୍ଷା ଓ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

- ଦୁର୍ଘଟଣା ଏଡାଇବା ପାଇଁ ଅନୁସନ୍ଧାନ ପ୍ରକ୍ରିୟା ଅଗ୍ରଗତି ଆବଶ୍ୟକ
- ସଡକ ଦୁର୍ଘଟଣା ୧୦.୭%, ମୃତ୍ୟୁ ସଂଖ୍ୟା ୭.୫୫% ହ୍ରାସ ପାଇଛି

୨୦୨୨ ପ୍ରଥମାର୍ଦ୍ଧରେ ସଡକ ଦୁର୍ଘଟଣା ହାର ୧୦.୭ ପ୍ରତିଶତ ଓ ମୃତ୍ୟୁ ସଂଖ୍ୟା ୭.୫୫ ପ୍ରତିଶତ ହ୍ରାସ ପାଇଛି ବୋଲି ବୋଥ୍ରା କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଦୁର୍ଘଟଣା ଅନୁସନ୍ଧାନର ପନ୍ଥା ନିର୍ଦ୍ଧାରଣ ଦୁର୍ଘଟଣା ନିରାକରଣର ଏକ ବଳିଷ୍ଠ ମାଧ୍ୟମ। ଅନେକ ସମୟରେ ଅନୁସନ୍ଧାନକାରୀ ଦଳ ସଡକ ନିର୍ମାଣଜନିତ ତ୍ରୁଟିକୁ ମଧ ଅଣଦେଖା କରିଥାନ୍ତି। ଏଣୁ ସଡକରେ ଯାତାୟାତ, ଦିଗ ନିରୂପଣ କରିବା ପାଇଁ ସୂଚନା ଫଳକ ଏବଂ ଆଲୋକୀକରଣ ମଧ ଦୁର୍ଘଟଣା ନିରାକରଣରେ ସହାୟକ ହୋଇଥାଏ ବୋଲି ଜିଲାପାଳ ଚୟନୀ କହିଥିଲେ। ଅତିରିକ୍ତ ପରିବହନ ଆୟୁକ୍ତ ଲାଲମୋହନ ସେଠୀ ଯୋଗଦେଇ ଦୁର୍ଘଟଣାର ନିରାକରଣ ନିମନ୍ତେ ପ୍ରବର୍ତ୍ତିତ କାର୍ଯ୍ୟପନ୍ଥାଗୁଡିକୁ ଠିକ୍ ଭାବେ ଅନୁପାଳନ କଲେ ଦୁର୍ଘଟଣା ପ୍ରଶମନ ଦିଗରେ ସଫଳତା ମିଳିପାରିବ ବୋଲି ମତ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା ସଭା କାର୍ଯ୍ୟ ପରିଚାଳନା ଓ ଯୁଗ୍ମ ପରିବହନ ଆୟୁକ୍ତ ସଞ୍ଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରତିବର୍ଷ ରାଜ୍ୟରେ ସଡକ ଦୁର୍ଘଟଣାରେ ପ୍ରାୟ ୫୩୦୦ ଲୋକଙ୍କ ପ୍ରାଣହାନି ଘଟୁଛି। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ପରିବାରର ରୋଜଗାରକ୍ଷମ ବ୍ୟକ୍ତି। ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରର ଆର୍ଥିକ ମାନଦଣ୍ଡ ଭୁଶୁଡିଯାଏ।

## ଚାଲାଣବେଳେ ୨ ସ୍କୁଲ ଛାତ୍ରୀ ଉଦ୍ଧାର

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

- କଟକରୁ ଛୁରି ଦେଖାଇ ବସ୍‌ରେ ଆଣୁଥିଲେ
- ଖସିଗଲେ ୩ ଚାଲାଣକାରୀ ଯୁବକ

କଟକରୁ ଚାଲାଣ ହେଉଥିବା ୨ଜଣ ସ୍କୁଲ୍ ଛାତ୍ରୀଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରାଯାଇଛି। ଚାଇଲ୍ଡଲାଇନ୍‌ର ଏକ ଟିମ୍ କଳ୍ପନା ଛକରେ ଚଢ଼ାଉ କରି ଏକ ବସ୍‌ରୁ ସେମାନଙ୍କୁ ଉଦ୍ଧାର କରିଥିବାବେଳେ ୩ ଚାଲାଣକାରୀ ଯୁବକ ଖସି ପଳାଇଛନ୍ତି। ଉଦ୍ଧାର ଛାତ୍ରୀଦ୍ୱୟ ନବମ ଶ୍ରେଣୀରେ ପଢୁଥିବାବେଳେ ସେମାନଙ୍କ ଘର କଟକ ନୟାବଜାର ଅଞ୍ଚଳରେ ବୋଲି ଜଣାପଡିଛି। ଉଭୟଙ୍କ ବୟସ ୧୪ ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡଲାଇନ ଛାତ୍ରୀଦ୍ୱୟଙ୍କୁ କଳିଙ୍ଗବିହାରସ୍ଥିତ ବିଶ୍ୱଜୀବନ ସେବା ସଂଗଠନ (ଓପନ୍ ସେଲ୍ଟର)ରେ ଛାଡ଼ିଛି। ଅନ୍ୟପକ୍ଷରେ ଚଢ଼ାଉ ସମୟରେ ଜଣେ ଯୁବକଙ୍କୁ ଚାଇଲ୍ଡଲାଇନ ଟିମ୍ କାବୁ କରିବା ତାଙ୍କ ନିକଟରୁ ଆଧାର୍ଡ କାର୍ଡ ଜବତ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଯୁବକ ଜଣକ ଖସି ପଳାଇଥିଲେ। ତାଙ୍କ ଆଧାର୍ଡ଼ କାର୍ଡରେ ଗଞ୍ଜାମ ଜିଲା ମାଣିତରା ଅଞ୍ଚଳର ରବୀନ୍ଦ ପ୍ରଧାନ ଲେଖାଥିବା ଚାଇଲ୍ଡଲାଇନ୍ ସୂତ୍ରରୁ ଜଣାପଡିଛି। ତେବେ ଚାଇଲ୍ଡଲାଇନକୁ ଛାତ୍ରୀଦ୍ୱୟ ଦେଇଥିବା ବୟାନ ଅନୁଯାୟୀ, ସ୍କୁଲ୍ ଫେରିବା ବାଟରେ ସେମାନଙ୍କୁ ୩ ଯୁବକ ଛୁରି ଦେଖାଇ ଆଣିଥିଲେ। ସମ୍ପୃକ୍ତ ଯୁବକମାନଙ୍କୁ ଚିହ୍ନି ନ ଥିବା ସେମାନେ କହିଛନ୍ତି। ଚାଇଲ୍ଡଲାଇନ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି, ଛାତ୍ରୀଦ୍ୱୟଙ୍କ କଥାରେ ସନ୍ଦେହ କରାଯାଉଛି। କାଉନ୍‌ସେଲିଂ ଚାଲିଛି। ଏଥିସହ ତାଙ୍କ ପରିବାର ଲୋକଙ୍କୁ ମଧ ଡକାଯାଇଛି। ଏନେଇ ବରମୁଣ୍ଡା ଆଉଟ୍‌ପୋଷ୍ଟକୁ ଜଣାଇ ଦିଆଯାଇଛି। ପ୍ରକୃତ ସତ୍ୟତା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧକ୍ଷ ସେନାପତି କହିଛନ୍ତି।

ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ୩ ଯୁବକ ଛାତ୍ରୀଦ୍ୱୟଙ୍କୁ କଟକରୁ ବସ୍ ଯୋଗେ ଆଣି ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ପହଞ୍ଚିଲେ। ସେମାନେ ଭୁବନେଶ୍ୱରରୁ ପୁରୀ ଯାଉଥିବା ଆଶୁତୋଷ ବସ୍ (ଓଡ଼ି୦୨ ଏଏଫ୍ ୬୬୧୧)ରେ ବସିଥିଲେ। ଛାତ୍ରୀଦ୍ୱୟଙ୍କୁ ୩ ଯୁବକ ସନ୍ଦେହଜନକ ଅବସ୍ଥାରେ ବସ୍‌ରେ ନିଆଯାଉଥିବା ଚାଇଲ୍ଡଲାଇନ ଖବର ପାଇଥିଲା। ଚାଇଲ୍ଡଲାଇନ ଟିମ୍ ବସ୍‌କୁ ପିଛା କରି ଦିନ ପ୍ରାୟ ୧ଟା ୨୦ରେ କଳ୍ପନା ଛକରେ ବସ୍‌କୁ ଅଟକାଇ ଛାତ୍ରୀଦ୍ୱୟଙ୍କୁ ଉଦ୍ଧାର କରିଥିଲା।





ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇ କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା

କଟକ ଅଫିସ, ୧୭।୫

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକକୁ ୧ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସନ୍ଧ୍ୟା ୬ଟା ପରଠାରୁ ବନ୍ଦ କରିଦିଆଯାଉଛି। ଫଳରେ ଛତ୍ରବଜାର ନିକଟ ୪ନଂ. ଫାଟକ ଦେଇ ୨କିମିରୁ ଉର୍ଦ୍ଧ୍ୱ ବାଟ ବୁଲିକି ଯିବାକୁ ପଡୁଛି। ୪ନଂ. ଫାଟକରୁ ୯୦ମିଟର ଦୂରରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଫଳରେ ଛତ୍ରବଜାର ରାସ୍ତାରେ ଅନେକ ଅସାମାଜିକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସେମାନେ ସେହି ବାଟରେ ଯାତାୟାତ ପାଇଁ ଅସୁରକ୍ଷିତ ମନେ କରୁଛନ୍ତି। ଏ ସମ୍ପର୍କରେ ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଚାନ୍ଦା କରି ବିଦ୍ୟୁତ୍ ବିଲ୍ ପଇଠ କଲେ ଅଭିଭାବକ

କଟକ ସଦର,୧୭।୫(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ଉଚ୍ଚ ବିଦ୍ୟାଳୟର ଅଭିଭାବକମାନେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ର ବକେୟା ୧୦ ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ପଇଠ କରିଛନ୍ତି। କାରଣ ଉକ୍ତ ବିଦ୍ୟାଳୟ ପରିସରରେ ଟିଏମ୍‌ସି ଖୋଲିଥିବା ବାରଦା ପଞ୍ଚାୟତ କର୍ତ୍ତୃପକ୍ଷ ବିଲ୍ ପଇଠ ନ କରିବାରୁ ଲାଇନ୍ କଟିଯିବା ଆଶଙ୍କାରେ ଏପରି କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୦ ମେ’ ମାସରେ କରୋନା ପାଇଁ ପ୍ରତି ପଞ୍ଚାୟତରେ ଘରକୁ ଫେରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ଲାଗି ସରକାର ଟିଏମ୍‌ସି ଖୋଲିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତର ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଖୋଲାଯାଇଥିଲା। ସେହି ସମୟରେ ବିଦ୍ୟାଳୟର ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ଥିଲା। ବିଦ୍ୟାଳୟ ଲାଇନ୍‌ରୁ ବିଦ୍ୟୁତ୍ ବ୍ୟବହାର କରାଗଲା। ଉକ୍ତ ବିଦ୍ୟାଳୟ ବ୍ଲକ ଗ୍ରାଣ୍ଟ ହୋଇ ଥିବାରୁ ବିଦ୍ୟୁତ୍ ବିଲ୍ ସରକାର ଦିଅନ୍ତି ନାହିଁ। ବିଦ୍ୟାଳୟର ଉନ୍ନତି ପାଇଁ ପାଠ ପଢୁଥିବା ପିଲାଙ୍କ ଅଭିଭାବକମାନଙ୍କଠାରୁ ଟଙ୍କା ଆଦାୟ କରାଯାଇଥାଏ। ଏହି ଟଙ୍କାରେ ପ୍ରତିବର୍ଷ ବିଦ୍ୟାଳୟର ବିଦ୍ୟୁତ୍ ବିଲ୍ ଭରଣା ସହ ଅନ୍ୟ କାମରେ ଲାଗିଥାଏ। ୨୦୨୨ ମାର୍ଚ୍ଚରେ ଟିଏମ୍‌ସିର ବକେୟା ବିଦ୍ୟୁତ୍ ବିଲ୍ ପଞ୍ଚାୟତ ନ ଦେବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିଲା। ଅଭିଯୋଗ ସମ୍ପର୍କରେ ବାରଦା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେହି ସମୟରେ ସେ ନ ଥିଲେ ବୋଲି କହିଥିଲେ। ଫାଇଲ ନ ଦେଖିଲେ କିଛି କହିପାରିବି ନାହିଁ ବୋଲି ସେ ସଫେଇ ଦେଇଥିଲେ।

## ଅରବିନ୍ଦ ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ



ସମାରୋହରେ ସାହିତ୍ୟିକ ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ, ୧୭।୫

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ମଙ୍ଗଳବାର କଟକ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପସଭାପତି ତଥା ଓଡ଼ିଶା ଶାଖା ସଭାପତି ନିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ଓ ଜୀବନଧର୍ମୀ କବି। ରାଉତରାୟଙ୍କ ‘ଛୋଟ ମୋର ଗାଁଟି’ କବିତା ଏକ ଅନବଦ୍ୟ କୃତି ବୋଲି ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଇଂଲିଶ ଭାଷା ସାହିତ୍ୟ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଗୁରୁଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଉତରାୟ ଥିଲେ ସାମ୍ୟବାଦୀ ଚେତନାର ଭଗୀରଥ। ତାଙ୍କ ସାହିତ୍ୟ ପ୍ରତ୍ୟେକ ଶ୍ରେଣୀର ପାଠକଙ୍କୁ ଛୁଇଁ ପାରିଥିଲା। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ରାଉତରାୟ ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ଯେଉଁ ପରୀକ୍ଷା ନିରୀକ୍ଷା କରିଯାଇଛନ୍ତି, ତାହା ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଏହି ଅବସରରେ ସାହିତ୍ୟିକ ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ, ଡ. ବିରଞ୍ଚି କୁମାର ସାହୁ ମାନପତ୍ର ପାଠ କରିଥିଲେ। କବିଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ଏବଂ ପୁତ୍ରବଧୂ ଉଷା ଦେବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ବସ୍ତିବାସିନ୍ଦାଙ୍କ ୯ ମୌଳିକ ସମସ୍ୟା ଦୂର ହେବ

କଟକ ଅଫିସ, ୧୭।୫

**ଜାଗା ସମ୍ପର୍କ କାର୍ଯ୍ୟକ୍ରମ**

- ୩୩ ଏମ୍‌ଓୟୁ ସ୍ୱାକ୍ଷରିତ

ବସ୍ତିବାସିନ୍ଦାଙ୍କୁ ମିଳିବ ୨୪ ଘଣ୍ଟିଆ ବିଦ୍ୟୁତ୍, ପାନୀୟ ଜଳ, ପକ୍କା ରାସ୍ତା ଭଳି ସମସ୍ତ ସୁବିଧା। ଜାଗା ମିଶନ ଅନ୍ତର୍ଗତ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କରିବା ଓ ସ୍ଥାନୀୟ ଅଞ୍ଚଳରେ ଥିବା ୯ଟି ମୌଳିକ ସମସ୍ୟା ସମାଧାନ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପ୍ରତି ଅଞ୍ଚଳରେ ବସ୍ତି ଉନ୍ନୟନ ସଂଘ ଗଠନ ହୋଇଛି। ଏହି ସଂଘ ସହ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ କରାଯାଉଛି। ସିଏମ୍‌ସି ଅଞ୍ଚଳର ବସ୍ତିଗୁଡିକୁ ଆଦର୍ଶ କଲୋନୀରେ ପରିଣତ କରାଯିବ। ଏଥିରେ ୧୬୭ଟି ବସ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ପ୍ରତି ବସ୍ତି ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଛି ‘ଜାଗା ସମ୍ପର୍କ’ କାର୍ଯ୍ୟକ୍ରମ। ଏହି ଆଧାରରେ ଏମଓୟୁ ସ୍ୱାକ୍ଷର କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୩୩ଟି ସଂଘ ସହ ସିଏମ୍‌ସି ପକ୍ଷରୁ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୧୬ଟି ସଂଘର ସହ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ମଙ୍ଗଳବାର ୨ନଂ. ୱାର୍ଡର ଶତାବ୍ଦୀ ନଗର, ରାଧାକିଶୋରପୁର, ବିଡାନାସୀ ବନ୍ଧତଳ ସାହି, ୭ ନଂ. ୱାର୍ଡର ୨ଟି ସାହି, ୪୮ ନମ୍ବର ୱାର୍ଡର ୯ଟି ବସ୍ତି ଉନ୍ନୟନ ସଂଘ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଯୋଗାଇଦିଆଯିବ। ଏପରି କି ଉନ୍ନୟନ କାର୍ଯ୍ୟ ପାଇଁ ଜମିର ଆବଶ୍ୟକତା ଥିଲେ, ତାହାକୁ ପୂରଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସିଏମ୍‌ସି ଅଞ୍ଚଳରେ ଥିବା ବସ୍ତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧୬ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୦ଟି ବସ୍ତିକୁ ଆଦର୍ଶ କଲୋନୀରେ ପରିଣତ କରିବାକୁ ଯୋଜନା ହୋଇଥିଲା। ଏବେ ଉକ୍ତ ବସ୍ତିଗୁଡିକରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଏଥିପାଇଁ ବସ୍ତି ଉନ୍ନୟନ ସଂଘ ଗଠନ ହୋଇଛି। ଏହି ସଂଘର ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସିଏମ୍‌ସି ପ୍ରାଧାନ୍ୟ ଦେଇଛି। ଗତ ଜାନୁୟାରୀରୁ ପ୍ରତି ସଂଘର ସହ ଏକ ବର୍ଷ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ କରାଯାଉଛି।

## ନାବାଳିକାଙ୍କୁ ବଳାତ୍କାର, ସମ୍ପର୍କୀୟ ଗିରଫ

ଫୁଲନଖରା,୧୭।୫(ଡି.ଏନ୍.ଏ.)

କଟକ ସଦର ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ନାବାଳିକାଙ୍କ ଦୂର ସମ୍ପର୍କୀୟ ବଡବାପା ଭୁଜ ଭୋଇ(୫୫)। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜଣକ ସମ୍ପୃକ୍ତ ନାବାଳିକାଙ୍କୁ ପୂର୍ବରୁ ୨ ଥର ବଳାତ୍କାର କରିଛନ୍ତି। ରବିବାର ସେ ତାଙ୍କୁ ପଡିଶା ଘର ବାଡିରେ ବଳାତ୍କାର କରିବାବେଳେ ଗ୍ରାମର କେତେଜଣ ଲୋକ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନେ ପହଞ୍ଚିବାବେଳକୁ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ନେଇ ନିକଟସ୍ଥ ଏକ ଆଶ୍ରମର ପାଚେରି ପାଖରେ ଲୁଚାଇ ଦେଇଥିଲେ। ପରେ ସେ ପାଚେରି ଡେଇଁ ଆଶ୍ରମ ଭିତରକୁ ପଳାଇ ଯାଇଥିଲେ। ଏହାପରେ ଲୋକମାନେ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବଡବୋଉ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୬/୨୨) ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ସ୍ଥାନୀୟ ଦକ୍ଷିଣଉଷୁମା ଗ୍ରାମରୁ ଗିରଫ କରିଥିଲା। ମଙ୍ଗଳବାର କଟକ ଅତିରିକ୍ତ ଜିଲାଜଜ୍ କୋର୍ଟରେ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଏଥିସହ କଟକ ବଡ ଡାକ୍ତରଖାନାରେ ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିବା ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## କୂଅ ଉପରେ ନିର୍ଭରଶୀଳ କୃଷ୍ଣଶ୍ୟାମପୁର ଗ୍ରାମବାସୀ

ଖୁଣ୍ଟୁଣୀ,୧୭।୫(ଡି.ଏନ୍.ଏ.)

- କୃଷ୍ଣଶ୍ୟାମପୁର ଗ୍ରାମରେ ପାନୀୟ ଜଳ ସମସ୍ୟା
- ଗୋଟିଏ ନଳକୂପରୁ ବାହାରୁଛି ଗୋଳିଆ ପାଣି, ଅନ୍ୟଟି ଶୁଖିଲା
- ପାଣି ଝରିଲେ ପାଳି କରି ନେଉଛନ୍ତି



ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀ ପଞ୍ଚାୟତର କୃଷ୍ଣଶ୍ୟାମପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ପାଣି ପାଇଁ ଲୋକମାନେ ତହଳବିକଳ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୯୩୦ ମସିହାରେ ଏହି ଗ୍ରାମରେ ରାଜାଙ୍କ ଅମଳରୁ ଏକ କୂଅ ଖୋଳାଯାଇଥିଲା। ସେହି ସମୟରେ ଲୋକମାନେ ଏହି କୂଅରୁ ପାଣି ପିଇ ତୃଷ୍ଣା ମେଣ୍ଟାଉଥିଲେ। ସେତେବେଳେ ଲୋକସଂଖ୍ୟା ତୁଳନାରେ ଏବେକାର ସଂଖ୍ୟା ବଢି ୪୫୦ରେ ପହଞ୍ଚିଛି। ଏବେ ଏହି କୂଅର ଜଳସ୍ତର ପ୍ରାୟ ୬୦ ଫୁଟ ତଳେ ରହିଛି। ଏଥିରେ ମହିଳାମାନେ ଦଉଡି ସାହାଯ୍ୟରେ ପାଣି କାଢି ସମ୍ଭବ ହେଉ ନ ଥିବାରୁ ୧୫ରୁ ଉର୍ଦ୍ଧ୍ୱ ଟୁଲ୍‌ପମ୍ପ ଦ୍ୱାରା ପାଣି ଉଠାଇ ଘରକୁ ନେଉଛନ୍ତି। ଏଥିଯୋଗୁ କୂଅରୁ ଜଳସ୍ତର କମି କମି ଯାଉଛି। ଫଳରେ ଅଧଘଣ୍ଟାରେ ଥରେ ପାଳି କରି ପାଣି ନେବାକୁ ପଡୁଛି ବୋଲି ଗ୍ରାମର ରସାନନ୍ଦ ମୁଦୁଲି କହିଛନ୍ତି।

ଅପରପକ୍ଷେ ୧୯୮୫ ମସିହା ପରଠାରୁ ଏହି ଗ୍ରାମରେ ଦୁଇଟି ସରକାରୀ ନଳକୂପ ଖୋଳାଯାଇଥିଲା। ସେଥିମଧ୍ୟରୁ ଏବେ ଗୋଟିକରେ ଗୋଳିଆ ପାଣି ବାହାରୁଥିବାବେଳେ ଅନ୍ୟଟିରେ ଆଦୌ ପାଣି ଆସୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ନଳକୂପ ସଜାଡିବା ନଚେତ ଆଉ ଦୁଇଟି ନଳକୂପ ବସାଇବା ପାଇଁ ସେମାନେ ବାରମ୍ବାର ଆଠଗଡ଼ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏ ଦିଗରେ କୌଣସି ସୁଫଳ ମିଳିପାରିନାହିଁ। ଏଠାରେ ପୋଖରୀଟିଏ ନଥିବାରୁ ଶୌଚ ଓ ଗାଧୋଇବା ପାଇଁ ମହିଳାମାନଙ୍କୁ ଏହି କୂଅ ଉପରେ ନିର୍ଭର କରିବାକୁ ପଡୁଛି। ଗ୍ରାମାଞ୍ଚଳର ଲୋକମାନଙ୍କୁ ଘର ପାଖରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରୁଥିବାବେଳେ କୃଷ୍ଣଶ୍ୟାମପୁର ଗ୍ରାମବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଗ୍ରାମର ରୋହିତ କୁମାର ମୁଦୁଲି, ଛବି ସାହୁ, ସନ୍ତୋଷ ସାହାଣୀ, ସୁଶାନ୍ତ କୁମାର ହାତୀ ଓ କବି ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜିତ୍ କୁମାର ଦାସ କହିଛନ୍ତି, ଏହି ନଳକୂପ ଦୁଇଦିନ ମଧ୍ୟରେ ମରାମତି ହୋଇ କାର୍ଯ୍ୟକ୍ଷମ କରାଯିବ। ଏଥିସହ ଉକ୍ତ କୂଅରୁ ପଙ୍କୋଦ୍ଧାର କରାଯିବ।